୫୧ ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୯/୨୦୨୪ (୧୪ ପୃଷ୍ଠା) | Bhubaneswar, Monday, December 9/2024 Page 14 ₹ 7.00 | RAYAGADA


୫୧ଶ ଭାଗ ୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 16 | ମୂଲ୍ୟ₹୭/-


# ସିରିଆ ଛାଡ଼ି ପଳାଇଲେ ରାଷ୍ଟ୍ରପତି ବଶର

**ସିରିଆର ଇସ୍‌ଲାମୀୟ ବିଦ୍ରୋହୀ ରବିବାର ରାଜଧାନୀ ଡମାସ୍କସ୍ ଦଖଲ ପରେ ରାଷ୍ଟ୍ରପତି ବଶର ଅଲ୍-ଅସାଦଙ୍କୁ କ୍ଷମତାଚ୍ୟୁତ କରିଛନ୍ତି। ଫଳରେ ଅସାଦ୍ ଦେଶ ଛାଡ଼ି ପଳାୟନ କରିବାକୁ ବାଧ୍ୟ ହୋଇଛନ୍ତି। ତାଙ୍କ ପତ୍ତା ମିଳୁନାହିଁ। ସେ ପଳାୟନ କରିଥିବା ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଆଶଙ୍କା କରାଯାଉଛି। ଏଥିସହ ସିରିଆରେ ଦୀର୍ଘ ୧୩ ବର୍ଷର ଗୃହଯୁଦ୍ଧ ଭିତରେ ଅସାଦ୍ ପରିବାରର ଅର୍ଦ୍ଧଶତାବ୍ଦୀ ଧରି ଚାଲିଥିବା ଶାସନର ଅବସାନ ଘଟିଛି।**

ଡମାସ୍କସ୍,୮।୧୨
(ଏପି/ରଏଟର୍ସ/ଅଲ୍‌ଜଜିରା)

ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ରବିବାର ଜାରି ଏକ ବିବୃତିରେ କୁହାଯାଇଛି ଯେ, ସିରିଆ ରାଷ୍ଟ୍ରପତି ବଶର ଅଲ୍-ଅସାଦ୍ ସେଠାରେ ଏକ ପ୍ରଭାବଶାଳୀ କ୍ଷମତା ହସ୍ତାନ୍ତରଣର ନିର୍ଦ୍ଦେଶ ଦେବା ପରେ ଦେଶରୁ ପଳାୟନ କରିଛନ୍ତି। ତେବେ ବର୍ତ୍ତମାନ ସେ କେଉଁଠି ଅଛନ୍ତି, ସେନେଇ କୌଣସି ସୂଚନା ନାହିଁ। ସିରିଆରେ ଥିବା ରୁଷିଆର ସାମରିକ ଘାଟିଗୁଡ଼ିକରେ ହାଇ-ଆଲର୍ଟ ଜାରି କରାଯାଇଛି।



ବଶର ଅଲ୍-ଅସାଦ୍

କିନ୍ତୁ ସେଗୁଡ଼ିକ ପ୍ରତି ବର୍ତ୍ତମାନ କୌଣସି ବଡ଼ ବିପଦ ନାହିଁ। ସିରିଆର ବିରୋଧୀ ଗୋଷ୍ଠୀଗୁଡ଼ିକ ସହ ମସ୍କୋ ଯୋଗସୂତ୍ରରେ ରହିଛି। ହିଂସାରୁ ଦୂରେଇ ରହିବାକୁ ସବୁ ପକ୍ଷଙ୍କୁ ମସ୍କୋ ପରାମର୍ଶ ଦେଇଥିବା ଏଥିରେ କୁହାଯାଇଛି। ଏକଦା ଅଭେଦ୍ୟ ମନେକରାଯାଉଥିବା ଅସାଦ୍ ସାମ୍ରାଜ୍ୟର ପତନ ପରେ ସିରିଆର ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି।

ହାଫେଜ୍ ଅଲ୍ -ଅସାଦ୍ ପ୍ରାୟ ୩ ଦଶନ୍ଧି ଧରି ସିରିଆକୁ ଶାସନ କରିଥିଲେ। ହାଫେଜ୍‌ଙ୍କ ପରେ ତାଙ୍କ ପୁଅ ବଶର ଅଲ୍-ଅସାଦ୍ ୨୦୦୦ ମସିହାରେ କ୍ଷମତାସୀନ ହୋଇଥିଲେ। ବଶର ସିରିଆରେ ସଂସ୍କାର ଓ ସୁଶାସନ ☞ପୃଷ୍ଠା-୪

## ବଶରଙ୍କ ବିମାନ ଦୁର୍ଘଟଣା ଆଶଙ୍କା

ସଶସ୍ତ୍ର ବିଦ୍ରୋହୀଙ୍କ ବିରୋଧକୁ ସାମ୍ନା କରି ନ ପାରି ସିରିଆ ରାଷ୍ଟ୍ରପତି ବଶର ଅଲ୍-ଅସାଦ୍ ପ୍ରାଣ ବିକଳରେ ଦମାସ୍କସ୍‌ରୁ ପଳାୟନ କରିଛନ୍ତି। ସେ ଯେଉଁ ବିମାନରେ ସୁରକ୍ଷିତ ସ୍ଥାନକୁ ଯାତ୍ରା କରିବା ପାଇଁ ବାହାରିଥିଲେ, ତାହା ନିଖୋଜ ହୋଇଯାଇଛି। ତେଣୁ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଛି କିମ୍ବା ତାକୁ ଖସାଇ ଦିଆଯାଇଛି ବୋଲି ଆଶଙ୍କା କରାଯାଉଛି। ଅନ୍‌ଲାଇନ୍ ଟ୍ରାକର ଫ୍ଲାଇଟ୍‌ରାଡାର୨୪ଡଟ୍‌କମ୍‌ର ଡେଟା ଦର୍ଶାଉଛି ଯେ, ବିଦ୍ରୋହୀମାନେ ରାଜଧାନୀକୁ ଦଖଲ କରିବା ମାତ୍ରେ ଏକ ସିରୀୟ ଫ୍ଲାଇଟ୍ ଡମାସ୍କସ୍ ଏୟାରପୋର୍ଟରୁ ଉଡ଼ାଣ ଆରମ୍ଭ କରିଥିଲା। ଲିୟୁଶିନ୍ ଆଭିଏଶନ୍‌ର ଆଇଏଲ୍-୭୬ଟି ବିମାନ ପ୍ରଥମେ ସିରିଆର ଉପକୂଳ ଅଞ୍ଚଳ ଆଡ଼କୁ ଅଗ୍ରସର ହୋଇଥିଲା। ☞ପୃଷ୍ଠା-୪

# 'ଚାଷୀଙ୍କୁ ମିଳିଲା ପରିଶ୍ରମର ମୂଲ୍ୟ'



ସୋହେଲା ବ୍ଲକ ଇଚ୍ଛାପାଲିରେ ଅନୁଷ୍ଠିତ ଚାଷୀଙ୍କୁ ଅତିରିକ୍ତ ଇନ୍‌ପୁଟ୍ ସହାୟତା ବଣ୍ଟନ ଶୁଭାରମ୍ଭ ସମାରୋହରେ ମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖୁଛନ୍ତି।

ବରଗଡ଼/ ସୋହେଲା, ୮।୧୨
(ପ୍ରେମାନନ୍ଦ ଖମାରୀ /ଅଶ୍ୱିନୀ ପାତ୍ର)

ନୂଆ ସରକାର ତାର ପ୍ରଥମ କ୍ୟାବିନେଟ୍‌ରେ ୪ଟି ନିଷ୍ପତ୍ତି ନେଇଥିଲା। ସେଥିରେ ଚାଷୀଙ୍କୁ ଧାନ କୁଇଣ୍ଟାଲ ପ୍ରତି ୨୩୦୦ ଟଙ୍କା ଉପରେ ଅତିରିକ୍ତ ୮୦୦ ଟଙ୍କା ଇନ୍‌ପୁଟ୍ ସହାୟତା ପ୍ରଦାନ ରହିଥିଲା। ପୂର୍ବ ୩ ନିଷ୍ପତ୍ତି ସୁଭଦ୍ରା ଯୋଜନାରେ ମା'ମାନଙ୍କୁ ସହାୟତା, ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲାଯିବା, ଶ୍ରୀମନ୍ଦିର ଉନ୍ନତୀକରଣ ପାଇଁ ୫୦୦ କୋଟିର କର୍ପସ ଫଣ୍ଡ ଇତିମଧ୍ୟରେ ପୂରଣ ହୋଇସାରିଛି। ନୂଆ ସରକାର ଗଠନକୁ ୬ମାସ ପୂରିବାକୁ ଆଉ ମାତ୍ର ୫ଦିନ ବାକି ଥିବାବେଳେ ରବିବାର ଚାଷୀଙ୍କୁ ଧାନ କୁଇଣ୍ଟାଲ ପ୍ରତି ୨୩୦୦ ଟଙ୍କା ଉପରେ ଅତିରିକ୍ତ ୮୦୦ ଟଙ୍କା ଇନ୍‌ପୁଟ୍ ସହାୟତା ପ୍ରଦାନର ଶୁଭାରମ୍ଭ ହୋଇଛି। ଚାଷୀମାନେ ଏଥିରୁ ସେମାନଙ୍କର କଠୋର ପରିଶ୍ରମର ମୂଲ୍ୟ ପାଇଛନ୍ତି ବୋଲି

### ୮୦୦ ଟଙ୍କା ଇନ୍‌ପୁଟ୍ ସହାୟତା ପ୍ରଦାନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ରବିବାର ବରଗଡ଼ ଜିଲା ସୋହେଲା ବ୍ଲକ ଇଚ୍ଛାପାଲିଠାରେ ଧାନର ଇନ୍‌ପୁଟ୍ ସହାୟତା ପ୍ରଦାନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବରପାଲି ବ୍ଲକର ମହିଳା ଚାଷୀ ଜୟନ୍ତୀ ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ୩୬,୧୭୬ ଟଙ୍କାର ଚେକ୍ ପ୍ରଦାନ କରି ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନର ଶୁଭାରମ୍ଭ କରିଥିଲେ।

ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ ଆହୁରି କହିଥିଲେ, ନୂଆ ସରକାର ଲୋକଙ୍କର ସରକାର, ଚାଷୀଙ୍କର ସରକାର। ଆଜିର ଦିନ ସାରା ଓଡ଼ିଶା ପାଇଁ ଐତିହାସିକ ଦିନ। କୃଷି ଓ କୃଷକଙ୍କ ପାଇଁ ଆଜିର ଦିନ ସ୍ୱର୍ଣ୍ଣାକ୍ଷରରେ ☞ପୃଷ୍ଠା-୪

# ବିଏସ୍‌ଏଫ୍ ଆଇଜି ହେବେ କୁଞ୍ଚେ

ଭୁବନେଶ୍ୱର, ୮।୧୨
(ସୁନିତ୍ ମିଶ୍ର)

ଆଇପିଏସ୍ ଅଫିସର ଡି.ଏସ୍ କୁଞ୍ଚେ କେନ୍ଦ୍ରୀୟ ଡେପୁଟେଶନରେ ଯିବାନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବରିଷ୍ଠ ଆଇପିଏସ୍ ଅଫିସର ଆଶିଷ ସିଂଙ୍କ ଡେପୁଟେଶନ ଯିବା ଘୋଷଣା ହେବା ପରେ ଡି.ଏସ୍. କୁଞ୍ଚେଙ୍କ ବିଜ୍ଞପ୍ତି ଜାରି ହୋଇଛି। ବିଏସ୍‌ଏଫ୍ ଆଇଜି ଭାବେ କୁଞ୍ଚେ ଡେପୁଟେଶନରେ ଯିବେ। ଏବେ ସେ ଗୃହ ବିଭାଗ ଓଏସ୍‌ଡି ଭାବେ ଦାୟିତ୍ୱରେ ଅଛନ୍ତି। ୨୦୨୮ରେ ଅବସର କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବିଏସ୍‌ଏଫ୍ ଆଇଜି ଭାବେ ଡି.ଏସ୍. କୁଞ୍ଚେ ଦାୟିତ୍ୱରେ ରହିବେ ବୋଲି ଜଣାପଡ଼ିଛି। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କୁ ଚିଠି କରାଯାଇଛି। ଶନିବାର ଆଶିଷ ସିଂ ଆଇଟିବିପି ଆଇଜି ଭାବେ ବଦଳି ହୋଇଥିଲେ।



ଡି.ଏସ୍ କୁଞ୍ଚେ

ସୂଚନାଯୋଗ୍ୟ, ଦୁଇ ବରିଷ୍ଠ ଆଇପିଏସ୍ ଅଫିସର ଡିଏସ୍ କୁଞ୍ଚେ ଏବଂ ଆଶିଷ ସିଂ ଗତ ସରକାର ସମୟରେ ବହୁ କ୍ଷମତାଶାଳୀ ହୋଇରହିଥିଲେ। କାର୍ତ୍ତିକ ପାଣ୍ଡିଆନଙ୍କ ଖାସ୍ ସହଯୋଗୀ ଭାବେ ଉଭୟଙ୍କ ନାଁକୁ ନେଇ ସବୁବେଳେ ☞ପୃଷ୍ଠା-୪

# କାର୍ଯ୍ୟ ପାଇବାକୁ ଲାଞ୍ଚ ଦେଉଛନ୍ତି ୬୬% ବ୍ୟବସାୟିକ ସଂସ୍ଥା

ନୂଆଦିଲ୍ଲୀ,୮।୧୨

ବ୍ୟବସାୟ ପାଇଁ ଅନୁମତି ଏବଂ କାର୍ଯ୍ୟାଦେଶ ପାଇବା ନିମନ୍ତେ ସରକାରୀ ଅଧିକାରୀମାନଙ୍କୁ ଲାଞ୍ଚ ଦେବାକୁ ପଡୁଥିବା ଏକ ସଦ୍ୟ ସର୍ଭେରୁ ଜଣାପଡ଼ିଛି। ଗତ ୧୨ ମାସ ମଧ୍ୟରେ ୧୫୯ ଜିଲାରେ ହୋଇଥିବା ଏହି ସର୍ଭେରେ ୬୬ ପ୍ରତିଶତ ବ୍ୟବସାୟିକ ସଂସ୍ଥା ଲାଞ୍ଚ ଦେଉଥିବା ସ୍ୱୀକାର କରିଛନ୍ତି। ବାଧ୍ୟବାଧକତାରେ ଲାଞ୍ଚ ଦେବାକୁ ପଡୁଥିବା ୫୪ ପ୍ରତିଶତ କହିଥିବାବେଳେ ଶୀଘ୍ର କାମ ହେବା ପାଇଁ ସ୍ୱତଃପ୍ରବୃତ୍ତ ଭାବେ ଉତ୍କୋଚ ଦେଉଥିବା ୪୬ ପ୍ରତିଶତ ମାନିଛନ୍ତି। ଏବେ ସବୁ କାର୍ଯ୍ୟ କମ୍ପ୍ୟୁଟର ଜରିଆରେ ହେଉଥିଲେ ମଧ୍ୟ ଲାଞ୍ଚ କାରବାର ଜାରି ରହିଛି। ସରକାରୀ ବିଭାଗ ସମେତ ବିଭିନ୍ନ ସଂସ୍ଥାରେ ବ୍ୟବସାୟୀଙ୍କୁ ଲାଞ୍ଚ ଦେବାକୁ ପଡୁଛି। ତେବେ ପୂର୍ବ ବର୍ଷ ତୁଳନାରେ ଲାଞ୍ଚ କାରବାର ଏବଂ ପରିମାଣ କମିଥିବା ସର୍ଭେରୁ ସୂଚନା ମିଳିଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ସିରିଆ: ସଙ୍କଟ ସହ ଆହ୍ୱାନ


ସତ୍ୟମେଵ ଜୟତେ
ଭାରତ ସରକାର
LIC
LIFE INSURANCE CORPORATION OF INDIA

ସମୃଦ୍ଧ ନାରୀଶକ୍ତି, ବିକଶିତ ଭାରତ

ବୀମା ସଖି ଯୋଜନାର

ଶ୍ରୀ ନରେନ୍ଦ୍ର ମୋଦୀ, ମାନନୀୟ ପ୍ରଧାନମନ୍ତ୍ରୀ

— ଙ୍କ ଦ୍ୱାରା ଶୁଭାରମ୍ଭ —

9 ଡିସେମ୍ବର 2024, ଦ୍ୱିପ୍ରହର 2ଟା ଠାରୁ ସେକ୍ଟର 13/17, ଏଚ୍‌ଏସ୍‌ବିପି ଗ୍ରାଉଣ୍ଡ, ପାନିପତ, ହରିୟାଣା

3 ବର୍ଷରେ 2 ଲକ୍ଷ

ମହିଳାମାନଙ୍କୁ ଯୋଜନା ଅନ୍ତର୍ଗତ ସ୍ୱାବଲମ୍ବି କରାଇବାର ଲକ୍ଷ୍ୟ



- ତିନି ବର୍ଷ ଲାଗି ଷ୍ଟାଇପେଣ୍ଡରୀ ସ୍କିମ୍ ।
- ଅନ୍ୟୂନ ଶିକ୍ଷାଗତ ଯୋଗ୍ୟତା : 10ମ ପାସ୍ ।
- ଅନ୍ୟୂନ ପୂର୍ଣ୍ଣ ବୟସ : ଆବେଦନ ସମୟରେ 18 ବର୍ଷ ।
- ଷ୍ଟାଇପେଣ୍ଡରୀ ଅବଧି ପରେ ନିୟମାନୁସାରେ ଏଜେନ୍‌ସୀ ଚାଲୁ ରହିବ, କମିଶନ୍ ସହିତ ।
- ଏଲଆଇସି ନିଜ ଏଜେଣ୍ଟଙ୍କୁ ସର୍ତ୍ତ ଅନ୍ତର୍ଗତ କ୍ୟାରିଅର୍ ଅବସର ବି ଦେଇଥାଏ ।
- ନିର୍ଦ୍ଦିଷ୍ଟ ମାନଦଣ୍ଡ ମିଳିବା ଉପରେ ଆଧାରିତ ଷ୍ଟାଇପେଣ୍ଡରୀ ଯୋଜନା ।

ବୀମା ସଖି ଯୋଜନାରେ ମିଶିବା ଓ ବିବରଣୀ ଜାଣିବା ପାଇଁ,
ପାଖ LIC ଶାଖାକୁ ସମ୍ପର୍କ କରନ୍ତୁ ବା www.licindia.in ରେ ଦେଖନ୍ତୁ

ଡିଡି ନ୍ୟୁଜ୍ ରେ କାର୍ଯ୍ୟକ୍ରମ ର ସିଧା ପ୍ରସାରଣ ଦେଖନ୍ତୁ

ଆମକୁ ଏଠାରେ ଦେଖନ୍ତୁ : LIC India Forever | IRDAI Regn No.: 512

LIC/P1/2024-25/36/Ori

## ସଂକ୍ଷେପରେ

### କଙ୍ଗୋରେ ରହସ୍ୟମୟ ରୋଗ: ୧୪୩ ମୃତ

ବ୍ରାଜାଭିଲେ,୮।୧୨

ଆଫ୍ରିକୀୟ ଦେଶ କଙ୍ଗୋରେ ରହସ୍ୟମୟ ରୋଗରେ ମାସକରେ ୧୪୩ ଜଣଙ୍କ ମୃତ୍ୟୁ ଘଟିଲାଣି। ଗତ ଅକ୍ଟୋବରରୁ କଙ୍ଗୋର କ୍ୱାଙ୍ଗୋ ପ୍ରଦେଶରେ ଅନ୍ୟୁନ ୩୭୬ ଜଣ ଏହି ଅଜଣା ରୋଗରେ ସଂକ୍ରମିତ ହୋଇଛନ୍ତି। ସେମାନଙ୍କଠାରେ ଜ୍ୱର, ଅତ୍ୟଧିକ ମୁଣ୍ଡବିନ୍ଧା ଆଦି ଲକ୍ଷଣ ଦେଖାଯାଉଛି। ବିଶେଷ କରି ମହିଳା ଏବଂ ୧୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ପିଲା ଏହି ରୋଗରେ ଅଧିକ ଆକ୍ରାନ୍ତ ହେଉଛନ୍ତି। ଏମ୍‌ପକ୍ସ ସନ୍ଦେହ କରାଯାଇ ଚିକିତ୍ସା କରାଯାଉଥିଲେ ମଧ୍ୟ ପ୍ରକୃତରେ ଏହା କି ପ୍ରକାର ରୋଗ ସ୍ପଷ୍ଟ ହୋଇନାହିଁ। ବିଶେଷଜ୍ଞମାନେ ଏହା ଉପରେ ଅନୁଧ୍ୟାନ ଚଳାଇଛନ୍ତି। ମହାମାରି ବିଶେଷଜ୍ଞମାନଙ୍କର ଏକ ଟିମ୍ ଉକ୍ତ ଅଞ୍ଚଳକୁ ଯାଇ ନମୁନା ସଂଗ୍ରହ କରି ଅନୁଧ୍ୟାନ କରିବେ ବୋଲି ପ୍ରାଦେଶିକ ଡେପୁଟି ଗଭର୍ନର ଗଣମାଧ୍ୟମକୁ କହିଛନ୍ତି।

### ନିର୍ବାଚନ ଜିତିଲେ ଘାନାର ପୂର୍ବତନ ରାଷ୍ଟ୍ରପତି ଜନ୍ ମହାମା

ଆକ୍ରା,୮।୧୨

ଘାନାରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ ପୂର୍ବତନ ରାଷ୍ଟ୍ରପତି ଜନ୍ ଡ୍ରାମାନି ମହାମା ବିଜୟୀ ହୋଇଛନ୍ତି। ତାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଥିବା ଉପରାଷ୍ଟ୍ରପତି ମହମୁଦୁ ବାୟୁମିଆ ପରାଜୟ ସ୍ୱୀକାର



କରିଛନ୍ତି। ଏଥର ଘାନା ଜନସାଧାରଣ ପରିବର୍ତ୍ତନ ପାଇଁ ଭୋଟ ଦେଇଥିଲେ। ଆମେ ଏହାକୁ ସମ୍ମାନର ସହ ଗ୍ରହଣ କରୁଛୁ ବୋଲି ସେ କହିଛନ୍ତି। ଶନିବାର ନିର୍ବାଚନରେ ପରାଜୟ ଫଳରେ କ୍ରମାଗତ ୨ ଥର କ୍ଷମତାରେ ଥିବା ରାଷ୍ଟ୍ରପତି ନାନା ଅକୁଫୋ-ଅଡ୍ଡୋଙ୍କ ଏନ୍‌ପିପି ସରକାର ଶାସନର ଅନ୍ତ ହୋଇଛି। ଏହି ସରକାର ଅମଳରେ ଦେଶ ସର୍ବାଧିକ ଆର୍ଥିକ ସଙ୍କଟ ଓ ଉଚ୍ଚ ମୁଦ୍ରାସ୍ଫୀତିର ସମ୍ମୁଖୀନ ହେବା ସହ ଋଣ ପରିଶୋଧ କରିପାରୁ ନ ଥିଲା।

### ସହକର୍ମୀଙ୍କୁ ହତ୍ୟା ପରେ କନ୍‌ଷ୍ଟେବଲ୍‌ଙ୍କ ଆତ୍ମହତ୍ୟା

ଜମ୍ମୁ,୮।୧୨

ଜମ୍ମୁ-କଶ୍ମୀରର ଉଧାମପୁର ଜିଲାରେ ରବିବାର ସକାଳେ ଜଣେ ପୋଲିସ କର୍ମଚାରୀ ଏକେ-୪୭ ରାଇଫଲ୍‌ରେ ତାଙ୍କ ସହକର୍ମୀଙ୍କୁ ଗୁଳିକରି ହତ୍ୟା କରିବା ପରେ ନିଜେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ଏହି ୨ ପୋଲିସ କର୍ମଚାରୀଙ୍କ ସହ ଅନ୍ୟ ଜଣେ ସୋପୋରେରୁ ରିଆସି ଜିଲାର ତଲୱାରାରେ ଥିବା ସବ୍‌ସିଡାରୀ ଟ୍ରେନିଂ ସେଣ୍ଟରକୁ ଯାଉଥିବାବେଳେ ଏଭଳି ଘଟଣା ଘଟିଛି। କୌଣସି ଘଟଣାକୁ ନେଇ ବଚସା ହେବା ପରେ ହେଡ୍ କନ୍‌ଷ୍ଟେବଲ୍ ଡ୍ରାଇଭରଙ୍କୁ ଗୁଳି କରିବା ପରେ ଆତ୍ମହତ୍ୟା କରିଥିଲେ ବୋଲି ଜଣେ ଅଧିକାରୀ କହିଛନ୍ତି। ବର୍ତ୍ତିଯାଇଥିବା ଅନ୍ୟତମ କନ୍‌ଷ୍ଟେବଲଙ୍କୁ ଜେରା କରାଯାଉଛି।

### ଢାକାର ଜାମଦାନୀ ଶାଢ଼ିକୁ ଜାଳିଲେ ପ୍ରଦର୍ଶନକାରୀ

କୋଲକାତା, ୮।୧୨

ବାଂଲାଦେଶରେ ରହୁଥିବା ହିନ୍ଦୁମାନଙ୍କ ଉପରେ ବଢ଼ିଚାଲିଥିବା ଅତ୍ୟାଚାର ଏବଂ ହିନ୍ଦୁ ନେତା ଚିନ୍ମୟ କୃଷ୍ଣ ଦାସଙ୍କ ଗିରଫ ପ୍ରତିବାଦରେ ଭାରତର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ରବିବାର କୋଲକାତାର ସଲ୍ଟ ଲେକ୍ ଇଣ୍ଟରନ୍ୟାଶନାଲ ବସ୍ ଟର୍ମିନସ୍ ସମ୍ମୁଖରେ ବେଙ୍ଗଲୀ ହିନ୍ଦୁ ସୁରକ୍ଷା ସମିତି ପକ୍ଷରୁ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉକ୍ତ ବିକ୍ଷୋଭରେ ପାରମ୍ପରିକ ବାଂଲାଦେଶୀ ଜାମଦାନୀ ଶାଢ଼ିଗୁଡ଼ିକୁ ପ୍ରଦର୍ଶନକାରୀ ଜାଳିଦେଇଥିଲେ। ଏହାସହ ବିକ୍ଷୋଭକାରୀମାନେ ବାଂଲାଦେଶର ସାମଗ୍ରୀକୁ ବର୍ଜନ କରିବାକୁ ଆହ୍ୱାନ ଦେଇଛନ୍ତି। ସେହିପରି ସହରର କରୁଣାମୟୀ ବସ୍‌ଷ୍ଟାଣ୍ଡରେ ବାଂଲାଦେଶ ଯିବାକୁ ଥିବା ବସ୍‌ଗୁଡ଼ିକ ନିକଟରେ ଭାଜପା କର୍ମୀମାନେ ବିରୋଧ ପ୍ରଦର୍ଶନ କରିଥିଲେ।



ପଞ୍ଜାବ-ହରିୟାଣାର ଶମ୍ଭୁ ସୀମାରୁ ରବିବାର ଦିଲ୍ଲୀ ଚଲୋ ପଦଯାତ୍ରାରେ ବାହାରିଥିବା କୃଷକମାନଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ଛାଡୁଛି।

# କୃଷକଙ୍କ 'ଦିଲ୍ଲୀ ଚଲୋ' ସ୍ଥଗିତ

ଶମ୍ଭୁ,୮।୧୨

ହରିୟାଣା ପୋଲିସ୍‌ର ଲୁହବୁହା ଗ୍ୟାସ୍ ପ୍ରୟୋଗ ଯୋଗୁ ଆନ୍ଦୋଳନରତ ୮ ଜଣ ଚାଷୀ ଆହତ ହେବା ପରେ ରବିବାର ଅପରାହ୍ନରେ କୃଷକ ସଂଗଠନ 'ଦିଲ୍ଲୀ ଚଲୋ' ପଦଯାତ୍ରାକୁ ଦିନକ ପାଇଁ ସ୍ଥଗିତ ରଖିଛି। ୮ ଜଣ କୃଷକ ଆହତ ହେବା ସହ ଜଣେ ଚଣ୍ଡିଗଡ଼ ପିଜି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ରିସର୍ଚ୍ଚ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚରେ ଭର୍ତ୍ତି ହୋଇଥିବା ପଞ୍ଜାବର କୃଷକ ନେତା ସରୱନ ସିଂ ପାନ୍ଧେର କହିଛନ୍ତି। କୃଷକ ଫୋରମ୍ ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ଏବଂ କିଷାନ ମଜଦୁର ମୋର୍ଚ୍ଚାର ବୈଠକ ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ପାନ୍ଧେର କହିଛନ୍ତି।

ସମସ୍ତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଆଇନଗତ ଗ୍ୟାରେଣ୍ଟି ଦାବିରେ ଶୁକ୍ରବାର କୃଷକମାନେ ଦିଲ୍ଲୀ ଅଭିଯାନରେ ବାହାରିଥିବା ବେଳେ ଶମ୍ଭୁ ସୀମାରେ ଲୁହବୁହା ବାଷ୍ପ ପ୍ରୟୋଗ ଯୋଗୁ ୧୦ ଜଣ ଆହତ ହୋଇଥିଲେ। ଏହା ପରେ ପଦଯାତ୍ରାକୁ ସ୍ଥଗିତ ରଖାଯାଇଥିଲା। ରବିବାର ଅପରାହ୍ନରେ ପଞ୍ଜାବ-ହରିୟାଣା ସୀମାରୁ ପୁନର୍ବାର କୃଷକମାନେ ପଦଯାତ୍ରାରେ ବାହାରିବାରୁ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ଛାଡ଼ିବା ସହ ପାଣି ମାଡ଼ କରିଥିଲା। ଏଥିସହିତ ସୁରକ୍ଷା ବଳ ପକ୍ଷରୁ ବହୁସ୍ତରୀୟ ବ୍ୟାରିକେଡ୍ ଲଗାଯାଇଥିଲା। ଦିଲ୍ଲୀ ପ୍ରଶାସନର ଅନୁମତି ମିଳିଲେ କୃଷକମାନେ ପଦଯାତ୍ରାରେ ଯାଇପାରିବେ ବୋଲି ଅମ୍ବାଲା ପୋଲିସ ପୂର୍ବରୁ କହିଥିଲା।

### ଜର୍ଜ ସୋରୋସ୍ ଫାଉଣ୍ଡେସନ ପାଣ୍ଠି ଯୋଗାଉଥିବା ସଂଗଠନ ସହ ସୋନିଆ ସମ୍ପୃକ୍ତ: ଭାଜପା



ସୋନିଆ ଗାନ୍ଧୀ

ନୂଆଦିଲ୍ଲୀ,୮।୧୨(ପି.ଟି.)

ଜର୍ଜ ସୋରୋସ୍ ଫାଉଣ୍ଡେସନ୍ ପାଣ୍ଠି ଯୋଗାଉଥିବା ଏକ ସଂଗଠନ ସହ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସମ୍ପୃକ୍ତ ବୋଲି ଭାଜପା ରବିବାର ଅଭିଯୋଗ କରିଛି। କଶ୍ମୀର ସ୍ୱାଧୀନ ରାଷ୍ଟ୍ର ବିଚାରଧାରାକୁ ଏହି ସଂଗଠନ ସମର୍ଥନ କରୁଛି। ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ବିଦେଶୀ ସଂସ୍ଥାଗୁଡ଼ିକର ପ୍ରଭାବ ରହିଥିବା ଏଥିରୁ ସ୍ପଷ୍ଟ ହେଉଛି ବୋଲି ଶାସକ ଦଳ ଏକ୍ସ'ରେ ପୋଷ୍ଟ କରିଛି। ସୂଚନାଯୋଗ୍ୟ, ଏକ ନ୍ୟୁଜ୍ ପୋର୍ଟାଲ ଜରିଆରେ ଆମେରିକାର ପରରାଷ୍ଟ୍ର ବିଭାଗ ଭାରତରେ ଅସ୍ଥିରତା ସୃଷ୍ଟି କରିବାକୁ ଉଦ୍ୟମ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରୁଥିବା ଭାଜପା ଅଭିଯୋଗ ଆଣିଥିଲା। ଆମେରିକା ଦୂତାବାସ ଶନିବାର ଏଭଳି ଅଭିଯୋଗକୁ ଖଣ୍ଡନ କରିଥିଲା। ଏହି ପ୍ରସଙ୍ଗରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ୧୦ଟି ପ୍ରଶ୍ନ ପଚାରିବେ ବୋଲି କହିଛନ୍ତି। ମିଡିଆ ପୋର୍ଟାଲ ଅର୍ଗାନାଇଜ୍‌ଡ କ୍ରାଇମ୍ ଆଣ୍ଡ କରପ୍‌ଶନ ରିପୋର୍ଟିଂ ପ୍ରୋଜେକ୍ଟ (ଓସିସିଆର୍‌ପି) ଏବଂ ହଙ୍ଗେରୀୟ-ଆମେରିକୀୟ ବ୍ୟବସାୟୀ ବିରୋଧୀ ଦଳ ସହ ସଲାସୁତରାରେ ଭାରତର ଅର୍ଥନୀତିକୁ ଧ୍ୱଂସ କରିବା ସହ ମୋଦି ସରକାରଙ୍କୁ ବଦନାମ କରିବାକୁ ଉଦ୍ୟମ କରୁଥିବା ଦୁବେ କହିଛନ୍ତି। ଫୋରମ୍ ଅଫ୍ ଦି ଡେମୋକ୍ରାଟିକ୍ ଲିଡର୍ସ ଇନ୍ ଏସିଆ-ପାସିଫିକ୍ ଫାଉଣ୍ଡେସନ୍‌ର ସହଅଧ୍ୟକ୍ଷ ଥିବା ସୋନିଆ ଗାନ୍ଧୀ ଜର୍ଜ ସୋରୋସ୍ ଫାଉଣ୍ଡେସନ୍‌ର ଆର୍ଥିକ ସହାୟତାରେ ଚାଲିଥିବା ଏକ ସଂଗଠନ ସହ ସମ୍ପୃକ୍ତ। ଏହି ସଂଗଠନ କଶ୍ମୀରକୁ ସ୍ୱତନ୍ତ୍ର ରାଷ୍ଟ୍ର ଭାବେ ଦେଖିବା ସପକ୍ଷରେ ମତାମତ ଦେଇଆସୁଥିବା ଭାଜପା କହିଛି।


# ଆଶା ଆଶଙ୍କାରେ ସିରିଆ

## ଅଲ୍-ଜୁଲାନିଙ୍କ ହାତରେ କ୍ଷମତା

**ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ସିରିଆରେ ଚାଲିଥିବା ଅଲ୍-ଅସାଦ୍ ବାପପୁଅଙ୍କ ସ୍ୱେଚ୍ଛାଚାରୀ ଶାସନର ଅନ୍ତ ଘଟାଇଥିବା ବିଦ୍ରୋହୀ ନେତା ଅବୁ ମହମ୍ମଦ ଅଲ୍-ଜୁଲାନି ଏବେ ଚର୍ଚ୍ଚାରେ। ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମିତ ତଥା ଉଚ୍ଚଶିକ୍ଷିତ ୪୨ ବର୍ଷୀୟ ଜୁଲାନିଙ୍କୁ ନେଇ ସିରିଆବାସୀଙ୍କଠାରେ ଅନେକ ଉତ୍ସାହ ଦେଖିବାକୁ ମିଳିଛି। ତେବେ ସେ ଜଣେ ଇସ୍‌ଲାମିକ୍ କଠୋରପନ୍ଥୀ ହୋଇଥିବା ଏବଂ ବିଦେଶୀ ଆତଙ୍କବାଦୀଙ୍କ ସହ ତାଙ୍କର ସମ୍ପର୍କ ରହିଥିବାରୁ ସିରିଆର ଭବିଷ୍ୟତକୁ ନେଇ ଅନ୍ତର୍ଜାତୀୟ ସମୁଦାୟ ଚିନ୍ତା ପ୍ରକଟ କରିବାରେ ଲାଗିଛନ୍ତି। ବିଦ୍ରୋହୀ ହୟାତ୍ ତହରିର୍ ଅଲ୍-ଶାମ୍ (ଏଚ୍‌ଟିଏସ୍) ସଂଗଠନ ବଶରଙ୍କ ପତନ ପରେ ସିରିଆରେ ନୂଆ ସୂର୍ଯ୍ୟ ଉଇଁଥିବା କହୁଥିବାବେଳେ ଜଣେ କଠୋରପନ୍ଥୀଙ୍କ ନେତୃତ୍ୱରେ ଦେଶ କିପରି ଚାଲିବ ତାହା ଏକ ବଡ଼ ପ୍ରଶ୍ନ।**



ଡମାସ୍କସରେ ଉତ୍ସବ ମନାଉଛନ୍ତି ଲୋକେ।



ଅବୁ ମହମ୍ମଦ ଅଲ୍-ଜୁଲାନି

ଡମାସ୍କସ୍,୮।୧୨

ମାତ୍ର ୩ ଦିନ ଭିତରେ ସିରିଆର ବିଦ୍ରୋହୀ ଫାଇଟର୍ସ ଗୋଟିଏ ପରେ ଗୋଟିଏ ସହର ଦଖଲ କରି ବଶର ଅଲ୍-ଅସାଦ୍ ସାମ୍ରାଜ୍ୟର ପତନ ଘଟାଇବାରେ ସଫଳ ହେଲେ। ଏହାର ଶ୍ରେୟ ସିରିଆର ସବୁଠୁ ଶକ୍ତିଶାଳୀ ସଶସ୍ତ୍ର ବିରୋଧୀ ହୟାତ୍ ତହରିର ଅଲ୍-ଶାମ (ଏଚ୍‌ଟିଏସ୍) ଗ୍ରୁପ୍ ମୁଖ୍ୟ ଅବୁ ମହମ୍ମଦ ଅଲ୍-ଜୁଲାନିଙ୍କୁ ଦିଆଯାଉଛି। ସମ୍ଭବତଃ ତାଙ୍କର ବଢ଼ିଚାଲିଥିବା ସମ୍ମାନକୁ ଦୋହଲାଇବା ପାଇଁ ଅନ୍-ଲାଇନ୍‌ରେ ଏକ ଫଟୋ ପ୍ରସାର କରାଯାଇଛି, ଯହିଁରେ ରୁଷୀୟ ଷ୍ଟ୍ରାଇକ୍‌ରେ ଅଲ୍-ଜୁଲାନି ନିହତ ହୋଇଥିବା ଦର୍ଶାଯାଇଛି। ତେବେ ଏହା ଏକ ଜାଲ୍ ଫଟୋ ବୋଲି ଅନେକ ଗଣମାଧ୍ୟମ ସ୍ପଷ୍ଟ କରିଛନ୍ତି। ବିଦ୍ରୋହୀଙ୍କ ସିରିଆ ଦଖଲ ଅଭିଯାନ ସଫଳ ହେବା ପରେ ଅଲ୍-ଜୁଲାନି ଏବେ ଚର୍ଚ୍ଚାରେ।

ଏଚ୍‌ଟିଏସ୍ ପ୍ରତିଷ୍ଠାତା ଭାବେ ଅଲ୍-ଜୁଲାନି ସିରିଆକୁ ଏକ ଇସ୍‌ଲାମିକ୍ ସାଧାରଣତନ୍ତ୍ରରେ ପରିଣତ କରିବା ଲକ୍ଷ୍ୟରେ ପ୍ରାୟ ୧ ଦଶନ୍ଧି ଧରି ଅନ୍ୟ ସଶସ୍ତ୍ର ବଳଗୁଡ଼ିକଠାରୁ ନିଜକୁ ଦୂରେଇ ରଖିଥିବା ଦାବି କରିଛନ୍ତି। ୨୦୧୧ରେ ଆରବ ବିପ୍ଳବ ମୁଣ୍ଡ ଟେକିଥିବାବେଳେ ୨୦୧୬ ପରଠୁ ସେ ନିଜକୁ ଓ ନିଜ ଗୋଷ୍ଠୀକୁ ଅଲ୍-ଅସାଦ୍ ମୁକ୍ତ ସିରିଆର ଏକ ବିଶ୍ୱସନୀୟ ତତ୍ତ୍ୱାବଧାରକ ଭାବେ ଉପସ୍ଥାପିତ କରିଆସିଛନ୍ତି। ୨୦୧୭ରେ ଏଚ୍‌ଟିଏସ୍ ସିରିଆନ୍ ସଲଭାଶନ୍ ସରକାର ଜରିଆରେ ଇଡିଲିବ୍ ଗଭର୍ନରେଟ୍ ପ୍ରତିଷ୍ଠା କରି ଏହାର ପରିଚାଳନା ଆରମ୍ଭ କରିଥିଲା। ଲୋକଙ୍କୁ ସେବା, ଶିକ୍ଷା, ସ୍ୱାସ୍ଥ୍ୟସେବା, ନ୍ୟାୟପାଳିକା ଓ ଭିତ୍ତିଭୂମି ଯୋଗାଇଦେବା ଏବଂ ଆର୍ଥିକ ପରିଚାଳନା ତଥା ସହାୟତା ପ୍ରଦାନ କରିଆସିଥିଲା ବୋଲି ସ୍ୱାଧୀନ ସାମ୍ବାଦିକତା ସଂସ୍ଥା ସିରିଆ ଡାଇରେକ୍ଟରେ ରିପୋର୍ଟ ପ୍ରକାଶ ପାଇଛି। ଅଲ୍-ଜୁଲାନିଙ୍କ ମୂଳନାମ ଅହମେଦ ହୁସେନ ଅଲ୍-ଶାରା। ସାଉଦି ଆରବର ରିୟାଧରେ ତାଙ୍କ ବାପା ଜଣେ ପେଟ୍ରୋଲିୟମ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବାବେଳେ ସେ ୧୯୮୨ରେ ସେଠାରେ ଜନ୍ମ ଗ୍ରହଣ କରିଥିଲେ। ଅଲ୍-ଜୁଲାନିଙ୍କ ପରିବାର ୧୯୮୯ରେ ସିରିଆକୁ ଚାଲିଆସି ଡମାସ୍କସ୍‌ରେ ବସବାସ କଲେ। ୨୦୦୩ରେ ଅଲ୍-ଜୁଲାନି ଇରାକ୍ ଯାଇ ଅଲ୍-କାଏଦାରେ ସାମିଲ ହେବା ସହ ଆମେରିକାର ଆକ୍ରମଣକୁ ପ୍ରତିରୋଧ କରିଥିଲେ। ୨୦୦୬ରେ ଆମେରିକା ତାଙ୍କୁ ଗିରଫ କରି ୫ ବର୍ଷ ଜେଲରେ ରଖିଥିଲା। ଅଲ୍-ଜୁଲାନିଙ୍କୁ ପରବର୍ତ୍ତୀ ସମୟରେ ସିରିଆରେ ଅଲ୍-କାଏଦାର ଶାଖା ପ୍ରତିଷ୍ଠା ଦାୟିତ୍ୱ ଦିଆଯାଇଥିଲା। ଅଲ୍-ନୁସ୍‌ରା ଫ୍ରଣ୍ଟ ପ୍ରତିଷ୍ଠା ହେବା ପରେ ଏହା ଇଡ୍‌ଲିବ୍ ଭଳି ବିରୋଧୀଙ୍କ ପ୍ରଭାବ ଥିବା ସହରଗୁଡ଼ିକରେ ନିଜ ପ୍ରଭାବ ବିସ୍ତାର କରିଥିଲା। ଏପରି କି ସେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ତତ୍କାଳୀନ ମୁଖ୍ୟ ଅବୁ ବକ୍‌ର ଅଲ-ବାଗ୍‌ଦାଦୀଙ୍କ ସହ ସମ୍ପର୍କ ରଖିଥିଲେ। ୨୦୧୩ରେ ଅଲ୍-ବାଗ୍‌ଦାଦୀ ଅଲ୍-କାଏଦା ସହ ସମ୍ପର୍କ ଛିନ୍ନ କରିଥିଲେ। କିନ୍ତୁ ଅଲ୍-ଜୁଲାନି ଏହାକୁ ପ୍ରତ୍ୟାଖ୍ୟାନ କରି ଅଲ୍-କାଏଦା ସହ ରହିଥିଲେ।

# ଲଦାଖରେ ମାନବାଧିକାର ଉଲ୍ଲଂଘନ

## ପଦକ୍ଷେପ ନେବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୮।୧୨

ଲଦାଖ କେନ୍ଦ୍ରଶାସିତ ଅଞ୍ଚଳରେ ମାନବାଧିକାର ଗୁରୁତର ଉଲ୍ଲଂଘନ ହେଉଥିବା ନେଇ ଜଣେ ଅଧିକାର କର୍ମୀ ଅଭିଯୋଗ ଆଣିଥିଲେ। ଏନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ସ୍ୱରାଷ୍ଟ୍ର ସଚିବ ଏବଂ ଲଦାଖ ଉପରାଜ୍ୟପାଳଙ୍କ ପରାମର୍ଶଦାତାଙ୍କୁ ପତ୍ର ଲେଖି ଏହାର ସମାଧାନ ନେଇ ବିଚାର କରିବାକୁ କହିଛନ୍ତି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବାକୁ କମିଶନ କହିଛନ୍ତି। ସୁପ୍ରିମକୋର୍ଟ ଆଇନଜୀବୀ ତଥା ଖ୍ୟାତନାମା ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀଙ୍କ ପିଟିଶନ ଆଧାରରେ ଏନ୍‌ଏଚ୍‌ଆର୍‌ସି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଲଦାଖ ଜନସାଧାରଣ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେବା ସହ ଦୁର୍ବଳ ସାମାଜିକ ଅର୍ଥନୈତିକ, ପାରିବେଶିକ ସମସ୍ୟାରେ ବଞ୍ଚୁଥିବାବେଳେ କେନ୍ଦ୍ର ଏବଂ ଲଦାଖ ସରକାର ଏଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ତ୍ରିପାଠୀ ଏନ୍‌ଏଚ୍‌ଆର୍‌ସିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେଠାର ଜନସାଧାରଣଙ୍କୁ ମୌଳିକ ମାନବାଧିକାର ସୁନିଶ୍ଚିତ କରାଯିବା ନିମନ୍ତେ ଆକ୍ଟିଭିଷ୍ଟ ନିବେଦନ କରିଥିଲେ।

# କିଭ୍ ସ୍ଥାୟୀ ଶାନ୍ତି ଚାହେଁ: ଜେଲେନ୍‌ସ୍କି

## ଯୁଦ୍ଧରେ ଗଲାଣି ୪୩ ହଜାର ୟୁକ୍ରେନ୍ ସୈନ୍ୟଙ୍କ ଜୀବନ

କିଭ୍,୮।୧୨

ରୁଷିଆ ସହ ପାଖାପାଖି ୩ ବର୍ଷ ହେଲା ଲାଗିଥିବା ଯୁଦ୍ଧରେ ୟୁକ୍ରେନ୍‌ର ୪୩,୦୦୦ ସୈନ୍ୟ ନିହତ ହେଲେଣି। ରୁଷିଆ ନିକଟ ଭବିଷ୍ୟତରେ ଧ୍ୱଂସ ହେବାର ନାହିଁ। ସେଥିପାଇଁ କିଭ୍ ସ୍ଥାୟୀ ଶାନ୍ତି ଚାହେଁ ବୋଲି ରବିବାର ପ୍ୟାରିସ୍‌ରେ ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍‌ସ୍କି କହିଛନ୍ତି। ଏକ ଚୁକ୍ତିନାମା ପାଇଁ ଜେଲେନ୍‌ସ୍କି ଆଗ୍ରହୀ ବୋଲି ପୂର୍ବରୁ ଟ୍ରମ୍ପ କହିବା ସହ ବୁଝାମଣା ଆରମ୍ଭ କରିବାକୁ ଆହ୍ୱାନ ଦେଇଥିଲେ। ଉଭୟ ପ୍ୟାରିସ୍ଥିତ ଏଲିସିରେ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁଙ୍କୁ ଭେଟିଥିଲେ। ତୁରନ୍ତ ବିବାଦର ସମାଧାନ କରାଇପାରିବେ ବୋଲି ଟ୍ରମ୍ପ ଦାବି କରିଛନ୍ତି।



ପ୍ୟାରିସ୍‌ରେ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁଙ୍କ ସହ ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କି।

ଏକ ସୋସିଆଲ ମିଡିଆରେ ଜେଲେନ୍‌ସ୍କି ଲେଖିଛନ୍ତି, ୩ ବର୍ଷର ଯୁଦ୍ଧରେ ଅନେକ ହଜାର ଲୋକଙ୍କ ମୃତ୍ୟୁ ଘଟିବା ସହ ବହୁ ଲକ୍ଷ ଜନସାଧାରଣ ଦେଶ ଛାଡ଼ି ପଳାଇଲେଣି। ରୁଷିଆ ଆମ ଦେଶକୁ ଯୁଦ୍ଧ ଆଣିଥିଲା। ଏହା ଶାନ୍ତି ସମ୍ଭାବନାକୁ ଭଣ୍ଡୁର କରିବାକୁ ଚାହୁଁଥିବା ଜେଲେନ୍‌ସ୍କି କହିଛନ୍ତି। ପାଶ୍ଚାତ୍ୟ ସହଯୋଗୀମାନେ ପେସା ପ୍ରତି ଆଖିବୁଜି ଦେଇପାରିବେ ନାହିଁ। ୟୁକ୍ରେନ୍ କେବଳ ଦୀର୍ଘମିଆଦୀ ଶାନ୍ତି ଆଣିବାକୁ ଥିବା ଡିଲ୍‌ରେ ରାଜି ବୋଲି ଏହାର ରାଷ୍ଟ୍ରପତି କହିଛନ୍ତି। ଯୁଦ୍ଧ ଅନ୍ତହୀନ ହୋଇ ନପାରେ। କେବଳ ଶାନ୍ତି ସ୍ଥାୟୀ ଏବଂ ନିର୍ଭରଯୋଗ୍ୟ ହେବା ଜରୁରୀ ବୋଲି ଜେଲେନ୍‌ସ୍କି କହିଛନ୍ତି।

## ଫୁରସତ୍

# ଭାରତର ପ୍ରଥମ ଏଆଇ ମା'

ନୂଆଦିଲ୍ଲୀ

ଧୀରେ ଧୀରେ ଭର୍ଚୁଆଲ୍ ଇନ୍‌ଫ୍ଲୁଏନ୍ସରମାନେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଗୁଡ଼ିକରେ ନିଜ ନିଜର ପ୍ରଭାବ ବିସ୍ତାର କରିବା ଆରମ୍ଭ କରିଛନ୍ତି। ସମ୍ପ୍ରତି କାବ୍ୟା ମେହେରା ନାମ୍ନୀ ଜଣେ ଭର୍ଚୁଆଲ୍ ଇନ୍‌ଫ୍ଲୁଏନ୍ସର ମଧ୍ୟ ଇନ୍‌ଷ୍ଟାଗ୍ରାମରେ ନିଜ ଭିଡିଓ ପୋଷ୍ଟ କରି ବେଶ୍ ଭାଇରାଲ ହେଉଛନ୍ତି। ଭାରତର ସର୍ବବୃହତ୍ ସେଲିବ୍ରିଟି ମ୍ୟାନେଜମେଣ୍ଟ ସଂସ୍ଥାଗୁଡ଼ିକ ମଧ୍ୟରୁ ଅନ୍ୟତମ 'କଲେକ୍ଟିଭ୍ ଆର୍ଟିଷ୍ଟ ନେଟ୍‌ୱାର୍କ' କାବ୍ୟାଙ୍କୁ ପ୍ରସ୍ତୁତ କରିଛି। କାବ୍ୟାଙ୍କ ଇନ୍‌ଷ୍ଟାଗ୍ରାମ ବାୟୋ ଅନୁଯାୟୀ ସେ ହେଉଛନ୍ତି ଭାରତର ପ୍ରଥମ ଏଆଇ ଚାଳିତ ମା'।

ଇନ୍‌ଷ୍ଟାଗ୍ରାମରେ କାବ୍ୟା ତାଙ୍କ ଫଲୋଅର୍ସମାନଙ୍କ ସହ ମାତୃତ୍ୱକୁ ନେଇ ନିଜର ଆଧୁନିକ ଦୃଷ୍ଟିକୋଣକୁ ବାଣ୍ଟିଥାନ୍ତି। ସେହିପରି ସେ ରୋଷେଇ, ପେଣ୍ଟିଂ, ସ୍କିନ୍ କେୟାର ଭଳି ବିଭିନ୍ନ କାର୍ଯ୍ୟରେ



ପାରଙ୍ଗମ ଥିବା ମଧ୍ୟ କୁହନ୍ତି। ଏକ ଭିଡିଓର କ୍ୟାପ୍‌ଶନ୍‌ରେ କାବ୍ୟା ଲେଖିଛନ୍ତି, ପିଲାଙ୍କ ପାଇଁ ରଣନୀତି ପ୍ରସ୍ତୁତ କରିବାଠାରୁ ଆରମ୍ଭକରି ଭୋଜନ ପାଇଁ ଯୋଜନା କରିବା ପର୍ଯ୍ୟନ୍ତ ସବୁଥିରେ ସେ ପାରଙ୍ଗମ। କାବ୍ୟାଙ୍କୁ ସୃଷ୍ଟି କରିଥିବା, 'କଲେକ୍ଟିଭ୍ ଆର୍ଟିଷ୍ଟ ନେଟ୍‌ୱର୍କ'ର କହିବା ଅନୁଯାୟୀ, ତାଙ୍କର ବ୍ୟକ୍ତିତ୍ୱ ପ୍ରକୃତ ମା'ମାନଙ୍କ ବାସ୍ତବ ଜୀବନର ଅନୁଭୂତି ଉପରେ ନିର୍ମିତ। ସେହିପରି ଏକ ରିପୋର୍ଟରେ କୁହାଯାଇଛି, କାବ୍ୟା ମେହେରା କେବଳ ଏକ ଡିଜିଟାଲ୍ ଅବତାର ନୁହନ୍ତି ବରଂ ସେ ଆଧୁନିକ ମାତୃଭାଷାର ପ୍ରତିମୂର୍ତ୍ତି। ଏଆଇ ଦ୍ୱାରା ଚାଳିତ ହେଉଥିବା କାବ୍ୟାଙ୍କର ଅନ୍ୟ ମଣିଷଙ୍କ ଭଳି ବହୁ ଅଭିଜ୍ଞତା ରହିଛି ବୋଲି ଉକ୍ତ ରିପୋର୍ଟ କହିଛି।

ପ୍ରାୟତଃ କାବ୍ୟା ନିଜର ଦୈନନ୍ଦିନ ଜୀବନର ଝଲକ୍‌କୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରନ୍ତି, ଯେଉଁଥିରେ ସେ ତାଙ୍କର ପ୍ରିୟ ଖାଦ୍ୟ ରାନ୍ଧିବା ଏବଂ ଦୀପାବଳି ପରି ପର୍ବକୁ ଉପଭୋଗ କରୁଥିବାର ନଜରକୁ ଆସିଛନ୍ତି। ଏହାସହ ସେ ନିଜ ପିଲାଙ୍କ ଫଟୋ ମଧ୍ୟ ଶେୟାର କରିଛନ୍ତି। ସେ କେଉଁ ପ୍ରକାର ମା' ହେବାକୁ ଚାହୁଁଛନ୍ତି ସେନେଇ କାବ୍ୟା ଏକ ପୋଷ୍ଟରେ କହୁଥିବାର ନଜରକୁ ଆସିଛନ୍ତି। ଅନ୍ୟ ଏକ ଭିଡିଓରେ କାବ୍ୟା କହିଛନ୍ତି, ଯେଉଁ ମା' ଭାବପ୍ରବଣ ଭାବରେ ଉପଲବ୍ଧ ସେ ସର୍ବଦା ନିଜେ ପିଲାଙ୍କ ପାଇଁ ଠିଆ ହୋଇ ରହିବେ, ଯାହାଦ୍ୱାରା ସନ୍ତାନମାନେ ମା'ଙ୍କ ସହ ରହି ସବୁଠୁ ସୁରକ୍ଷିତ ସ୍ଥାନରେ ଥିବା ପରି ଅନୁଭବ କରିବେ।

# ୪ ଦିନରେ ୭୦୦ କୋଟି

**ହାଇଦ୍ରାବାଦ:** ରିଲିଜ୍ ହେବା ପରଠାରୁ ଅଭିନେତା ଅଲ୍ଲୁ ଅର୍ଜୁନଙ୍କ 'ପୁଷ୍ପା ଦି ରୁଲ୍' ଚଳଚ୍ଚିତ୍ର ବିଭିନ୍ନ ରେକର୍ଡକୁ ଭଙ୍ଗ କରି ନୂତନ ରେକର୍ଡ ସୃଷ୍ଟି କରିଚାଲିଛି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ରବିବାର ରାତି ୯ଟା ସୁଦ୍ଧା ସାରା ବିଶ୍ୱରେ 'ପୁଷ୍ପା ୨' ଚଳଚ୍ଚିତ୍ର ୭୦୦ କୋଟି ଟଙ୍କାରୁ ଅଧିକ ରୋଜଗାର କରି ରେକର୍ଡ ସୃଷ୍ଟି କରିଛି। ଦ୍ରୁତତମ ଭାରତୀୟ ଚଳଚ୍ଚିତ୍ର ଭାବେ ଏହି ଫିଲ୍ମ ୭୦୦ କୋଟି କ୍ଲବ୍‌ରେ ସାମିଲ ହୋଇଥିବାନେଇ ସିନେ ସମୀକ୍ଷକମାନେ ପ୍ରକାଶ କରିଛନ୍ତି।

ଗତ ଗୁରୁବାର ରିଲିଜ୍ ହେବା ଦିନ 'ପୁଷ୍ପା ଦି ରୁଲ୍' ଫିଲ୍ମ କେବଳ ଭାରତୀୟ ସିନେମା ହଲ୍‌ଗୁଡ଼ିକରୁ ୧୭୫ କୋଟି ଟଙ୍କା ରୋଜଗାର କରିଥିଲା। ରବିବାର ରାତି ୯ଟା ସୁଦ୍ଧା ଏହି ଫିଲ୍ମ ୫୨୬ କୋଟି ରୋଜଗାର କରିଛି। ପ୍ରାୟ ୫୦୦ କୋଟି ଟଙ୍କାର ବଜେଟରେ 'ପୁଷ୍ପା ୨' ଚଳଚ୍ଚିତ୍ର ନିର୍ମାଣ କରାଯାଇଥିଲା। ରିଲିଜ୍ ହେବାର ମାତ୍ର ୩ ଦିନ ମଧ୍ୟରେ ହିଁ ଏହି ଫିଲ୍ମର ରୋଜଗାର ନିଜ ବଜେଟକୁ ଅତିକ୍ରମ କରିଛି। ସୁକୁମାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ପ୍ରଥମ ଭାଗ 'ପୁଷ୍ପା ଦି ରାଇଜ୍' ୨୦୨୧ ଡିସେମ୍ବରରେ ରିଲିଜ୍ ହୋଇଥିଲା। ଫିଲ୍ମରେ ଅଲ୍ଲୁ ଅର୍ଜୁନଙ୍କ ସହ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ କେମେଷ୍ଟ୍ରିକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି।



ଅଲ୍ଲୁ ଅର୍ଜୁନ

Government of Haryana



"भारत ने नारा नहीं, निष्ठा के साथ women led development की ओर कदम बढ़ाए हैं और महिला सशक्तिकरण का लाभ आज हर क्षेत्र में दिख रहा है जो भारत की विकास यात्रा में योगदान दे रहा है।"
– नरेन्द्र मोदी

Sashakt Nari Shakti, Viksit Bharat



Prime Minister
**Sh. Narendra Modi**
to Launch
**Bima Sakhi Yojana**
of L.I.C.

And

**Lay Foundation Stone of**
Main Campus, Uchani of
**Maharana Pratap Horticulture University**

Presided over by
**Sh. Nayab Singh Saini**
Chief Minister, Haryana

**Empowerment by Bima Sakhi Yojana**

Women having minimum 18 years of age and 10th Pass Certificate can join **Bima Sakhi Yojana** by visiting the nearest LIC branch or portal of **www.licindia.in**

**Women will get a monthly salary** of Rs. 7,000 in the first year, Rs. 6,000 in the second year and Rs. 5000 in the third year

DD NEWS Live telecast on DD News

Date - 9 December, 2024 | Time - 2 pm
Venue - Panipat

डबल इंजन सरकार, विकास को रफ्तार

Information, Public Relations & Languages Department, Haryana | www.prharyana.gov.in | Follow us on @diprharyana

No.1089/13/1934/2025/30916/276/21 Dated Chandigarh, the 08/12/2024

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ମୁଖ୍ୟ ଡାକଘର ପାଖ ଓ ରବୀନ୍ଦ୍ର ମଣ୍ଡପ ସମ୍ମୁଖ, ସମୟ: ସକାଳ ୯ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଶୀ କଣ୍ଠ ସଙ୍ଗୀତ ବିଭାଗ ଆନୁକୂଲ୍ୟରେ ଆଲୋଚନାଚକ୍ର, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ବିକାଶ ଅଭିଯାନ ପକ୍ଷରୁ ସେମିନାର, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।

## କଟକ

- ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ହ୍ୟୁମାନ ରାଇଟ୍ସ ଡିଫେଣ୍ଡର୍ସର ବାର୍ଷିକ ଉତ୍ସବ, ସ୍ଥାନ: କଟକ ସାରଳା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଉଠାଦୋକାନୀ ମହାସଂଘ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ସିଡିଏ ବରିଷ୍ଠ ନାଗରିକ ମହାସଂଘ(ସିବନାମ)ପକ୍ଷରୁ ସାଇବର କ୍ରାଇମ୍ ସଚେତନତା ଶିବିର, ସ୍ଥାନ: ଅମୃତାୟନ ପ୍ଲଟ ନମ୍ବର-୧ବି/୯୬, ସେକ୍ଟର-୯, ସିଡିଏ, ସମୟ: ଅପରାହ୍ନ ୪ଟା।
- ଜିଲା ପ୍ରଶାସନ ପକ୍ଷରୁ ଫାଇଲେରିଆ ନିରାକରଣ ସଂକ୍ରାନ୍ତୀୟ ସମନ୍ୱୟ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ୩୦।
- ଓଡ଼ିଶା ଲଳିତ କଳା ଏକାଡେମୀ ଓ କ୍ରିଏଟିଭ୍ ଆର୍ଟିଷ୍ଟ ଗ୍ରୁପ୍‌ର ମିଳିତ ଆନୁକୂଲ୍ୟରେ ଚିତ୍ରଶିଳ୍ପୀ ବିଭୂତି କାନୁନ୍‌ଗୋଙ୍କ ୧୦୩ତମ ଜୟନ୍ତୀ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ୍ ଭାଗବତ କଥା ପ୍ରବଚନ ସଭାର ଦ୍ୱିତୀୟ ଦିବସ, ସ୍ଥାନ: ଆଇଟିଆଇ ସ୍କୋୟାର, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ଉତ୍ସବର ଷଷ୍ଠ ସନ୍ଧ୍ୟା, ସ୍ଥାନ: ପୁରୁଣା ଷ୍ଟାଡ଼ିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ତାଳପଦା, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ପାଳନ, ସ୍ଥାନ: ତିହିଡ଼ି ସୈନିକ ସ୍କୁଲ, ସମୟ: ଅପରାହ୍ନ ୪ଟା।
- ଶିଶୁ ଉତ୍ସବ 'ମହକ' ଉଦ୍‌ଯାପିତ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା ୩୦।
- ବାଣିଜ୍ୟ ମେଳାର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ଶହେ ଦିନ ତୀବ୍ରତର ଯକ୍ଷ୍ମା ବିଲୋପ ଅଭିଯାନ, ସ୍ଥାନ: ଜିଲା ଟିବି କେନ୍ଦ୍ର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ଦେବ ରଞ୍ଜନ ବେହେରାଙ୍କ ବିୟୋଗରେ ଶୋକସଭା, ସ୍ଥାନ:ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ,ସମୟ:ପୂର୍ବାହ୍ନ ୧୦ଟା ୩୦।
- ଅନ୍ନଭୋଗ ବିକ୍ରି,ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ, ସମୟ: ଅପରାହ୍ନ ୨ଟା।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ଅପରାହ୍ନ ୫ଟାରୁ ରାତି ୧୦ଟା।
- ଗୌତମ, ପମି ଓ ଉର୍ମିଳା ମହାନ୍ତଙ୍କ କୁଡୁମାଲୀ ସଙ୍ଗୀତ ପରିବେଷଣ,ସ୍ଥାନ: ମୟୂରଭଞ୍ଜ ମହୋତ୍ସବ ଛଉ ପଡ଼ିଆ ବାରିପଦା,ସମୟ:ରାତି ୭ଟା।

## ଢେଙ୍କାନାଳ

- ମିଳିତ ଜନଅଭିଯୋଗ ଶୁଣାଣି, ସ୍ଥାନ: ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଚାନ୍ଦପୁର, ପରଜଙ୍ଗ ବ୍ଲକ, ସମୟ: ପୂର୍ବାହ୍ନ ସାଢେ ୧୦ଟା
- ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ-ଓଡ଼ାପଡ଼ା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ ଟା ୩୦।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣୀ ଶିବିର, ସ୍ଥାନ: ଅଳାଇଲୋ ପଞ୍ଚାୟତ କାର୍ଯ୍ୟାଳୟ, ମହାକାଳପଡା, ସମୟ:ପୂର୍ବାହ୍ନ ୧୦ଟା।
- କେନ୍ଦ୍ରାପଡ଼ା କ୍ରିକେଟ୍ ସୁପରଲିଗ୍ ମ୍ୟାଚ୍, ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବ ବନାମ ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିୟନ ମଧ୍ୟରେ ମୁକାବିଲା, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।

## ଯାଜପୁର

- ଜିଲାସ୍ତରୀୟ ଯୁଗ୍ମ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବଡଚଣା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ୧୫ତମ ସର୍ବୋଦାରତୀୟ ସଦାଶିବ ସ୍ମାରଣୀ କ୍ରିକେଟ ଟୁର୍ନାମେଣ୍ଟରେ ନବସିନ୍ଧୁ ଚାମ୍ପିୟନ ଭାଇଜାନ ବନାମ ଆଲ୍‌ଫା ସ୍ପୋର୍ଟିଂ ବ୍ରହ୍ମପୁର ମଧ୍ୟରେ ମୁକାବିଲା, ସ୍ଥାନ: ଫତେଗଡ଼ ନାଲିସାହିର ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର, ସ୍ଥାନ: ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାକକ୍ଷ ଗୃହ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ଓଡିଶା ସାମ୍ବାଦିକ ୟୁନିୟନ ରାୟଗଡା ଜିଲା ଶାଖାର ନୂତନ କର୍ମକର୍ତ୍ତା ଚୟନ ଏବଂ ସାଧାରଣ ବୈଠକ, ସ୍ଥାନ: ଗୁଣପୁର ଅଦ୍ୱୈତ ବେଦାନ୍ତ ଆଶ୍ରମ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ:କୋଟପାଡ଼ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ:ବଡ଼ଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପରବ ୨୦୨୪ ନେଇ ଜିଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଶୁଭାରମ୍ଭ, ସ୍ଥାନ:ସାଂସ୍କୃତିକ ପରିଷଦ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ବରିଷ୍ଠ ନାଗରିକ ସଂଘ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: କୁଚିଣ୍ଡା ବ୍ଲକ ବଙ୍କ୍ସା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଜାତୀୟ ସମ୍ବଲପୁରୀ ସମ୍ମିଳନୀ, ସ୍ଥାନ: ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା, ସମୟ: ଅପରାହ୍ନ ୩ଟା।
- ପଡିଆବାହାଲ ଧନୁଯାତ୍ରାର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ପଡିଆବାହାଲ ବଜାର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।
- ଲୋୟର ସୁକଟେଲ ବିସ୍ଥାପିତଙ୍କ ସମସ୍ୟା ଉପରେ ଆଲୋଚନା, ସ୍ଥାନ: ସାୟନ୍ଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଶୀତ ମହୋତ୍ସବ, ସ୍ଥାନ: ପିଏଚ୍‌ଡି ପଡିଆ, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର

- ପୌଷ୍ୟ ସଚେତନତା ରଥ ଉଦ୍‌ଘାଟନ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ଜିଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଆଗଲପୁର, ସମୟ: ପୂର୍ବାହ୍ନ ୧୦ ଟା ୩୦ ମିନିଟ।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉଲୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ଭାଲିଆପଦର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଗୋଲୋକାଷ୍ଟମୀ ମହୋତ୍ସବର ଶୁଭାରମ୍ଭ, ସ୍ଥାନ: ବିନିକା ବ୍ଲକର ଫୁଲମୁଠି ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁବୁରପଦ, ବୀରମହାରାଜପୁର ବ୍ଲକ, ସମୟ:ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଲୁମୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ବିଜେପୁର, ସମୟ: ପୂର୍ବାହ୍ନ ୧୦ଟା।
- ଧ୍ରୁବଚାନ୍ଦ ଡାଙ୍ଗ ସ୍ମାରକୀ ଫୁଟବଲ, ସ୍ଥାନ: ଲେଲୁଙ୍ଗ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା

- ୧୦୮ ଆଳତି ଅର୍ପଣ, ସ୍ଥାନ: ବୃନ୍ଦାମାଲ ଶିବ ମନ୍ଦିର, ସମୟ: ସକାଳ ୭ଟା।
- ମା' ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପୁରୁଣା ତହସିଲ ଅଫିସ ନିକଟ ବଢ଼େଇମୁଣ୍ଡା, ସମୟ: ସକାଳ ୮ଟା।
- ଆନ୍ତଃ ଜିଲା କ୍ରିକେଟ ଲିଗ୍‌ର ୬ଷ୍ଠ ଦିବସ, ସ୍ଥାନ: ସରବାହାଲ ଖେଳ ପଡ଼ିଆ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ମନମୋହନ ସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଗାୟତ୍ରୀ ପରିବାରର ଆଲୋଚନାଚକ୍ର, ସ୍ଥାନ: ଲଖନପୁର ବ୍ଲକର ପାଣ୍ଡ୍ରି, ସମୟ: ପୂର୍ବାହ୍ନ: ୧୦ଟା।

## ସୁନ୍ଦରଗଡ଼

- ଜିଲା ସ୍ତରୀୟ ଜନଶୁଣାଣୀ ଶିବିର,ସ୍ଥାନ:କୁତ୍ରା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ସମୟ:ପୂର୍ବାହ୍ନ ୧୦ଟା୩୦।
- ଜିଲା ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ,ସ୍ଥାନ:କୁତ୍ରା ଉଚ୍ଚ ବିଦ୍ୟାଳୟ,ସମୟ:ପୂର୍ବାହ୍ନ୧୦ଟା୩୦।
- କୁତ୍ରା ସରକାରୀ ଆଇଟିଆଇର ବାର୍ଷିକ କ୍ରିଡା ପ୍ରତିଯୋଗିତା,ସ୍ଥାନ:ଆଇଟିଆଇ କ୍ୟାମ୍ପସ, ସମୟ:ପୂର୍ବାହ୍ନ୧୧ଟା

## ରାଉରକେଲା

- ନାଟ୍ୟ ମହୋତ୍ସବର ଅଷ୍ଟମ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।
- ସିଲଭର ଜୋନ୍‌ର ଆପ୍ଟିଚ୍ୟୁଡ୍ ଅଲିମ୍ପିଆଡ୍, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସେକ୍ଟର-୧୪, ସମୟ: ମଧ୍ୟାହ୍ନ ୧୨ଟା ୧୫।
- ରାଉରକେଲା ପୋଲିସ ଜିଲାର ପ୍ରଥମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ରିଜର୍ଭ ପଡ଼ିଆ, ସମୟ: ସକାଳ ୯ଟା।
- ରାଉରକେଲା ବନ ବିଭାଗ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପାନପୋଷ ରୋଡ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ପୋଲିସ ପ୍ରଶାସନର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ରିଜର୍ଭ ପୋଲିସ ଗ୍ରାଉଣ୍ଡ, ସମୟ: ସକାଳ ୯ଟା।
- ରାମେଶ୍ୱର ମନ୍ଦିରରେ ବିଶ୍ୱଶାନ୍ତି ଯଜ୍ଞ,ସ୍ଥାନ: ସେକ୍ଟର-୨୦ ମିଶ୍ର ଖଟାଳ, ସମୟ: ସକାଳ ୯ଟା।
- ରାଜ୍ୟସ୍ତରୀୟ ଆୟୁଷ ଆନ୍ତଃ ମହାବିଦ୍ୟାଳୟ ସ୍ପୋର୍ଟସ ମିଟ୍-୨୦୨୪ର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାହକଙ୍କ ନିମନ୍ତେ ରୋଷେଇ ଗ୍ୟାସ୍ ନିରାପତ୍ତା ନିମିତ୍ତ ସଚେତନତା ଶିବିର, ସ୍ଥାନ: ମା' ଗାୟତ୍ରୀ ଇଣ୍ଡେନ ଗ୍ରାମୀଣ ବିତରକ ରିଆମାଳ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦ୍ୱିଜା ନକ୍ଷତ୍ର ଯାହା ଇଚ୍ଛା କରୁଛନ୍ତି ତାହା ପାଇବେ। ପରିବାରର ଆବଶ୍ୟକତାକୁ ଅନୁଭବ କରି ଇଚ୍ଛା ନ ଥାଇ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ଆଦର ଅଭ୍ୟର୍ଥନା ମିଳିବ ଏବଂ ସବୁରି ସଦିଚ୍ଛା ମିଳିବ।

**ବୃଷ** ଆଜି ରୋହିଣୀ ନକ୍ଷତ୍ର ସକାଶେ ଅର୍ଥ, ସମ୍ମାନ, ଯାନବାହନାଦି ପାଇବାର ସୁଯୋଗ ଜୁଟିବ। ଆଲୋଚନା ପରିସରରେ କିମ୍ବା ପ୍ରଶାସନିକ ସ୍ତରରେ ବୁଧଙ୍କ ପ୍ରଭାବରୁ ଠିକ୍ ନିଷ୍ପତ୍ତି ନେଇପାରିବେ। ବେପରୁଆ କାର୍ଯ୍ୟକଳାପ ସକାଶେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ଅଭାବ ପୂରଣ ଦିଗରେ ଚେଷ୍ଟିତ ହେବେ।

**ମିଥୁନ** ଦିନଟି ମୃଗଶିରା ନକ୍ଷତ୍ର ସକାଶେ ଅର୍ଥନୈତିକ ଅବରୋଧ ସମସ୍ୟାର କାରଣ ହେବ। ଯାତ୍ରା ସମୟରେ ନୀଚଜାତିର ବ୍ୟକ୍ତିଙ୍କ ଦ୍ୱାରା ଶତ୍ରୁତା କିମ୍ବା ପ୍ରତିବନ୍ଧକର ସମ୍ମୁଖୀନ ହେବେ। ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇବା ସାଙ୍ଗକୁ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**କର୍କଟ** ଅଶ୍ଳେଷା ନକ୍ଷତ୍ରର ମାନସିକ ସ୍ଥିତି ଠିକ୍ ନ ଥିବାରୁ ବିଚାରଧାରା ବାରମ୍ବାର ବଦଳିଯାଇପାରେ। ପାରିବାରିକ କ୍ଷେତ୍ର ବୁଝାମଣାଭିତ୍ତିରେ ଶୃଙ୍ଖଳିତ ରହିବ ଏବଂ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପୂର୍ବ ସ୍ଥିରୀକୃତ ନୂତନ କର୍ମାରମ୍ଭ ପ୍ରୀତିପଦ ହେବ, ମାତ୍ର ସମସ୍ୟା ଛାଡିବ ନାହିଁ। ସାମାଜିକ ସ୍ତରରେ ଅଥବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ସିଂହ** ରବିଙ୍କ କୁପ୍ରଭାବରେ ଦୈହିକ ଦୁର୍ବଳତା ସାଙ୍ଗକୁ ଉପରିସ୍ଥ କର୍ମଚାରୀଙ୍କ ଦୋଷାରୋପ ମାନସିକ ଅସ୍ଥିରତା ସୃଷ୍ଟି କରିବ। ଭାଗ୍ୟଭାବସ୍ଥ ମଙ୍ଗଳଙ୍କ ପ୍ରଭାବରେ ପାରିବାରିକ କ୍ଷେତ୍ର ଉତ୍ତମ ରହିବ। କୌଶଳପୂର୍ଣ୍ଣ କଥା କହି ଶତ୍ରୁଠାରୁ ମଧ୍ୟ କାମ ହାସଲ କରିନେବେ। ଧାର କରି ଆବଶ୍ୟକ ମନେକରୁଥିବା ଜିନିଷ କିଣିପାରିବେ।

**କନ୍ୟା** ଷଷ୍ଠସ୍ଥ ଶନିଙ୍କ ଯୋଗୁ ପାରିପାର୍ଶ୍ୱିକ ସ୍ଥିତିର ବିଷମତା ମାନସିକ ସ୍ଥିତିକୁ ବିପନ୍ନ କରିବ। ବନ୍ଧୁଙ୍କ ସହାୟତାରେ ଆର୍ଥିକ ସମସ୍ୟା ସୁଧାରି ନେବେ ଏବଂ କର୍ମକ୍ଷେତ୍ର ସ୍ୱାଭାବିକ ରହିବ। ପାରିବାରିକ ପ୍ରତିକୂଳ ପରିସ୍ଥିତି ସହ ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ, ଅବଶ୍ୟ ସମ୍ପର୍କୀୟଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି।

**ତୁଳା** ଚତୁର୍ଥସ୍ଥ ଶୁକ୍ର ଆପଣଙ୍କୁ ଆରୋଗ୍ୟ, ବୈଷୟିକ ସୁଖସମ୍ପଦ ଓ ପ୍ରୀତିପ୍ରଦ ଜୀବନଯାତ୍ରା ପ୍ରଦାନ କରିବ। ଭଲ ସମ୍ପର୍କ ନ ଥିବା ସହକର୍ମୀଙ୍କ ଦ୍ୱନ୍ଦଯୁକ୍ତ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେନାହିଁ। କଚେରି ମାମଲାର ଶୁଣାଣି ବିଳମ୍ବ ହେତୁ ବ୍ୟସ୍ତତା ବଢ଼ିଯିବ। କର୍ମକ୍ଷେତ୍ରରେ ସୁଯୋଗ ହରାଇ ମୁଣ୍ଡରେ ହାତ ଦେଇ ଅନୁତାପ କରିପାରନ୍ତି।

**ବିଛା** ଆପଣଙ୍କ ସହଯୋଗ ମନୋବୃତ୍ତି ଓ ଗଠନମୂଳକ ଚିନ୍ତାଧାରା ଗୁରୁଙ୍କ ଦୃଷ୍ଟିରୁ ସାମାଜିକ ସମ୍ମାନ ପାଇବାରେ ସାହାଯ୍ୟ କରିବ। ଶନିଙ୍କ ପ୍ରଭାବରେ ପରୋକ୍ଷ ଭାବରେ ନିଜ ପରିସରର ବ୍ୟକ୍ତି କୁତ୍ସାରଟନା କରିପାରନ୍ତି। କୌଣସି କାର୍ଯ୍ୟ ସ୍ଥଗିତ ନ ରହିଲେ ମଧ୍ୟ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇପାରେ।

**ଧନୁ** ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ଅନ୍ୟମାନଙ୍କ ମତକୁ ଉପେକ୍ଷା କରିବା ଠିକ୍ ନ ହୋଇପାରେ। ଉପରିସ୍ଥଙ୍କ ସହ ସୁସମ୍ପର୍କ ଥିବାରୁ ଖଳ ଲୋକଙ୍କ ପ୍ରାୟୋଜିତ ଅପମାନଜନକ ସ୍ଥିତିରୁ ଖସି ଯାଇପାରନ୍ତି। କଳା, ସାହିତ୍ୟରେ ପ୍ରଶଂସିତ ହେବେ। ଦୁଃସ୍ଥାନସ୍ଥ ବୃହସ୍ପତିଙ୍କ ଯୋଗୁ ସ୍ୱାସ୍ଥ୍ୟ ବିଗିଡି ଯାଇପାରେ।

**ମକର** ଦୀର୍ଘଦିନରୁ ଅଟକିଥିବା ଅଭିଳାଷଟି ଆକସ୍ମିକ ଭାବେ ପୂରଣ ହୋଇଯିବ। ପାରିବାରିକ ସ୍ଥିତି ଅଶାନ୍ତ ରହିବା ସାଙ୍ଗକୁ ବନ୍ଧୁମାନଙ୍କ ହତାଦରରୁ ଚିନ୍ତିତ ରହିବେ। ମଙ୍ଗଳଙ୍କ କୁପ୍ରଭାବରୁ ଜମିଜମା ବିବାଦ କ୍ରମଶଃ ଜଟିଳ ଆକାର ଧାରଣ କରିବାର ସୂଚନା ରହିଛି। କର୍ମକ୍ଷେତ୍ରରେ ନିଜର ସୀମା ଭିତରେ ଜଗି ରଖି ଚଳିବା ଭଲହେବ।

**କୁମ୍ଭ** ଶନିଙ୍କ ସ୍ଥିତିଜନିତ ଥଣ୍ଡା ଲାଗି ରହିବା ହେତୁ ସ୍ୱାସ୍ଥ୍ୟ ବିଗିଡିଯିବ। ପାରିବାରିକ କ୍ଷେତ୍ରରେ ମୂଲ୍ୟହୀନ କଥାକୁ ଗୁରୁତ୍ୱ ଦେଇ ଶୋକାକୁଳ ରହିପାରନ୍ତି। ବ୍ୟବସାୟିକ ସ୍ଥିତି ଭଲ ରହିବା ହେତୁ ସାମୟିକ ଆନନ୍ଦ ଅନୁଭବ କରିପାରନ୍ତି। ଶତ୍ରୁତା, ଋଣ ପରିଶୋଧ, ସନ୍ତାନଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଓ ଆଗାମୀ କାମ ସକାଶେ ଚିନ୍ତା କରିବାକୁ ପଡିପାରେ।

**ମୀନ** ଦୈହିକ ସୁସ୍ଥତା ସାଙ୍ଗକୁ ମାନସିକ ସ୍ଥିରତା ଆପଣଙ୍କ କାମକୁ ଶୃଙ୍ଖଳିତ କରିବ। କଳା, ସାହିତ୍ୟ, ଗବେଷଣା, ଆଲୋଚନା, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବାର ଆଶଙ୍କା ଉପୁଜିପାରେ। ଦ୍ୱାଦଶସ୍ଥ ଶନି ଓ ଚନ୍ଦ୍ରଙ୍କ ଯୋଗୁ କାମ ହାସଲ ସକାଶେ ନୀତି ବହିର୍ଭୂତ କାମ କରି ସମାଲୋଚିତ ହୋଇପାରନ୍ତି।

ଆଜି ଡିସେମ୍ବର ୯ ତାରିଖ, ବିଶ୍ୱ ରୋଗୀ ନିରାପତ୍ତା ଦିବସ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ, ମାର୍ଗଶିର ଶୁକ୍ଳ ଅଷ୍ଟମୀଯୁକ୍ତ ନବମୀ ସୋମବାର, ରାଶିନକ୍ଷତ୍ର-ପୂର୍ବଭାଦ୍ର/କୁମ୍ଭ, ଦିବା ଘ. ୦୯।୧୪ ମି. ଗତେ, ମୀନ ଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୧୩ ମି. ଗତେ, ଘ.୦୭।୩୫ ମଧ୍ୟେ, ଘ.୦୯।୦୭ ଗତେ, ଘ. ୧୧।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୭।୩୫ ମି. ଗତେ, ଘ.୦୮।୫୬ ମି. ମଧ୍ୟେ ରାହୁକାଳ।




ବରପାଲି ବ୍ଲକର ମହିଳା ଚାଷୀ ଜୟନ୍ତୀ ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତିରିକ୍ତ ଇନ୍‌ପୁଟ୍ ସହାୟତା ରାଶିର ଚେକ୍ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଏମ୍‌ପି ପ୍ରଦୀପ ପୁରୋହିତ, ବିଧାୟକ ଟଙ୍କଧର ତ୍ରିପାଠୀ ଓ ଅନ୍ୟମାନେ।

## 'ଚାଷୀଙ୍କୁ ମିଳିଲା ...

ଲିପିବଦ୍ଧ ହୋଇରହିବ। ଆଜି ୨୧ହଜାର ୫୦୦ ଚାଷୀଙ୍କୁ ଇନ୍‌ପୁଟ୍ ସହାୟତା ମିଳିଛି ଏବଂ ଆଜିଠାରୁ ଧାନ ସଂଗ୍ରହର ୪୮ଘଣ୍ଟା ମଧ୍ୟରେ ଚାଷୀଙ୍କୁ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଲେଖାଏଁ ମିଳିବ। ଧାନ ସଂଗ୍ରହ ବ୍ୟବସ୍ଥାକୁ ଫୁଲ୍ ପ୍ରୁଫ୍ କରାଯାଇଛି। ବାହ୍ୟରାଜ୍ୟର ଧାନ ଯେଭଳି ଆମ ରାଜ୍ୟକୁ ପ୍ରବେଶ ନ କରେ, ସେଥିପ୍ରତି କଡ଼ା ଦୃଷ୍ଟି ରଖାଯାଇଛି। ଯୋଗ୍ୟ ଚାଷୀମାନେ ଯେଭଳି ସେମାନଙ୍କ ଉଚିତ୍ ପ୍ରାପ୍ୟ ପାଇବାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ପୂର୍ବ ସରକାରକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ, ୨୦୧୬ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋହେଲାକୁ ଆସି ଚାଷୀମାନଙ୍କୁ ଧାନ କୁଇଣ୍ଟାଲ ପ୍ରତି ୧୦୦ ଟଙ୍କା ଲେଖାଏଁ ବୋନସ୍ ଦେବାକୁ ଘୋଷଣା କରି ପ୍ରତାରଣା କରିଥିଲେ। ସେହିପରି ଦେଶରେ କୃଷକମାନଙ୍କ ଉନ୍ନତି ପାଇଁ ପୂର୍ବ ସରକାରଙ୍କ ନୀତି ତ୍ରୁଟିପୂର୍ଣ୍ଣ ଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଆସିବା ପରେ କୃଷି କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ପ୍ରତିବର୍ଷ ବଜେଟରେ ଅଧିକ ବ୍ୟୟବରାଦ କରାଯାଉଛି। କୃଷକମାନଙ୍କ ସୁବିଧା ପାଇଁ ଇନ୍‌ପୁଟ୍ ସବ୍‌ସିଡି, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ପିଏମ୍ ଓ ସିଏମ୍ କିଷାନ ଯୋଜନା, ମାଣ୍ଡିଆ ଉତ୍ପାଦନକୁ ପ୍ରୋତ୍ସାହନ ଭଳି ଅନେକ ଯୋଜନା ହାତକୁ ନିଆଯାଇଛି ଏବଂ ଚାଷୀମାନେ ଆହୁରି ସଶକ୍ତ, ସମୃଦ୍ଧ ହେଉଛନ୍ତି ବୋଲି ସେ କହିଥିଲେ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଥିଲେ, ଏହି ସରକାର ଲୋକଙ୍କ ସାଙ୍ଗରେ ରହିଛି। ସରକାରଙ୍କ କଥା ଆଉ କାମ ସମାନ। ସରକାର ଯାହା କହିଥିଲେ, ତାହା କରି ଦେଖାଉଛନ୍ତି। କିନ୍ତୁ କିଛି ଲୋକ ବୁଲି ବୁଲି ରାସ୍ତାକୁ ଓହ୍ଲାଇବା ପାଇଁ ଚାଷୀମାନଙ୍କୁ ଉସୁକାଉଛନ୍ତି। ସେମାନଙ୍କ କଥାରେ ପଡ଼ିଲେ ଚାଷୀଙ୍କୁ କ୍ଷତି ସହିବାକୁ ପଡ଼ିବ। ଫଳରେ ସେଭଳି ଲୋକଙ୍କ କଥାରେ ନ ପଡ଼ିବାକୁ ଉପମୁଖ୍ୟମନ୍ତ୍ରୀ ଚାଷୀଙ୍କୁ ଅନୁରୋଧ କରିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଧାନକିଣା ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ଏବଂ ମଣ୍ଡିକୁ ଦଲାଲମୁକ୍ତ କରିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି କହିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଧାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଭି. କେ. ପାଣ୍ଡିଆନଙ୍କୁ ଟାର୍ଗେଟ୍ କରି କହିଥିଲେ, ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନ୍ୟ ଦଳୀୟ ନେତୃବୃନ୍ଦ ଦଳ ସରକାରକୁ ଆସିଲେ ମା'ମାନଙ୍କୁ ସୁଭଦ୍ରା ଯୋଜନାରେ ବାର୍ଷିକ ୧୦ହଜାର ଟଙ୍କା ଅର୍ଥାତ୍ ୫ବର୍ଷରେ ୫୦ହଜାର ଟଙ୍କା ଦେବୁ ବୋଲି କହିଥିଲେ। ହେଲେ ସେ ସମୟରେ ଓଡ଼ିଶା ସରକାରକୁ ଚଳାଉଥିବା ପାଣ୍ଡିଆନ ଏକ ଭିଡ଼ିଓ ବାର୍ତ୍ତାରେ ଭାଜପା ଶାସନକୁ ଆସିଲେ ଚାଷୀଙ୍କୁ ବୋନସ୍ ଏବଂ ମା'ମାନଙ୍କୁ ସୁଭଦ୍ରା ଯୋଜନାରେ ସହାୟତା ରାଶି ଦେବେନାହିଁ ବୋଲି ପ୍ରଚାର କରିଥିବା ପୁରୋହିତ କହିଥିଲେ। କାର୍ଯ୍ୟକ୍ରମରେ ସମବାୟ ଓ ହସ୍ତତନ୍ତ ବିଭାଗ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ,

## ପ୍ରଥମ ପୃଷ୍ଠାରୁ...

ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ ପ୍ରମୁଖ ଅଭିଭାଷଣ ରଖିଥିଲେ। ସେହିପରି ପଦ୍ମଶ୍ରୀ ହଳଧର ନାଗ, ପଦ୍ମଶ୍ରୀ ଭାଗବତ ପ୍ରଧାନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସଚିବ ସଞ୍ଜୟ କୁମାର ସିଂ, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ, ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିଃର ନିର୍ଦ୍ଦେଶକ ଆଦିତ୍ୟ ଗୋୟଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରପାଲି ବ୍ଲକର ଜଗଦୀଶ ବିଶ୍ୱାଳ, ସୋହେଲା ବ୍ଲକର ସବିତା ସତନାମୀ, ରାଜବୋଡ଼ାସମ୍ବର ବ୍ଲକର କଳ୍ପନା ବିଶ୍ୱାଳ, ସୋହେଲା ବ୍ଲକର ପୁଷ୍ପଲତା ଆଚାର୍ଯ୍ୟ, ସନ୍ଧ୍ୟା ରଣା, ଅତାବିରା ବ୍ଲକର ସଦାଶିବ ପ୍ରଧାନ, ବରଗଡ଼ ବ୍ଲକର ଭକ୍ତ ପ୍ରସାଦ ପଟେଲ, ଭେଡ଼େନ ବ୍ଲକର କେ. ଉମା ମହେଶ୍ୱର ରାଓ, ପାଇକମାଳ ବ୍ଲକର ପ୍ରତାପ ପ୍ରଧାନ ଏବଂ ଭଟଲି ବ୍ଲକର ଚିତ୍ତରଞ୍ଜନ ପାତ୍ରଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଅତିରିକ୍ତ ଇନ୍‌ପୁଟ୍ ସହାୟତାର ନମୁନା ଚେକ୍ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଆସି ଦିନ ୧୨ଟା ୭ମିନିଟ୍‌ରେ ସମାବେଶସ୍ଥଳରେ ପହଞ୍ଚିଥିଲେ ଏବଂ କାର୍ଯ୍ୟକ୍ରମ ସରିବା ପରେ ଅପରାହ୍ନ ୩ଟା ୧୫ମିନିଟ୍‌ରେ ସଭାସ୍ଥଳ ଛାଡ଼ି ପୁଣି ହେଲିକପ୍ଟରରେ ପ୍ରତ୍ୟାବର୍ତ୍ତନ କରିଥିଲେ।

## ସିରିଆ ଛାଡ଼ି ପଳାଇଲେ ...

ଆଣିବେ ବୋଲି ପ୍ରାରମ୍ଭରେ ମନେକରାଯାଉଥିଲା। ତେବେ ସେ ହାଫେଜ୍‌ଙ୍କ ଦମନମୂଳକ ନୀତି ଆପଣାଇବା ଯୋଗୁ ଲୋକଙ୍କ ସବୁ ଆଶା ଆକାଂକ୍ଷା ଧୂଳିସାତ୍ ହୋଇଯାଇଥିଲା। ୨୦୧୧ରେ ବଶରଙ୍କ ଶାସନ ବିରୋଧରେ ଦେଶରେ ଗୃହଯୁଦ୍ଧ ମୁଣ୍ଡ ଟେକିଥିଲା। ଏହି ଗୃହଯୁଦ୍ଧରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୬ ନିୟୁତ ବିସ୍ଥାପିତ ହୋଇ ଅନ୍ୟତ୍ର ଶରଣାର୍ଥୀ ସାଜିଛନ୍ତି। ଦେଶ ଭିତରେ ମଧ୍ୟ ଅଗଣିତ ସିରୀୟ ଉଦ୍‌ବାସ୍ତୁ ହୋଇ ଏଣେତେଣେ ଆଶ୍ରୟ ନେଇଛନ୍ତି। ରୁଷିଆ ଓ ଇରାନ ସେନା ସମର୍ଥନରେ ବଶର ବିଭାଜିତ ବିରୋଧୀଙ୍କ ମୁକାବିଲା କରିବାରେ ସକ୍ଷମ ହୋଇଥିଲେ। ରୁଷୀୟ ବାୟୁସେନାର ଶକ୍ତି ଓ ଇରାନ୍ ସମର୍ଥିତ ହେଜ୍‌ବୋଲା ଭଳି ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ପ୍ରତି ସେ ଅତି ଆସ୍ଥା ପ୍ରକଟ କରିଥିଲେ। ଇତିମଧ୍ୟରେ ୟୁକ୍ରେନ୍‌ରେ ରୁଷିଆର ଯୁଦ୍ଧ ଏବଂ ଇରାନ୍ ଆଞ୍ଚଳିକ ଚ୍ୟାଲେଞ୍ଜଗୁଡ଼ିକର ସମ୍ମୁଖୀନ ହେବା ଯୋଗୁ ସିରିଆକୁ ପୂର୍ବଭଳି ସମର୍ଥନ ଦେବାରେ ସକ୍ଷମ ହୋଇ ନ ଥିଲେ। ଇତିମଧ୍ୟରେ ବିଦ୍ରୋହୀ ଗୋଷ୍ଠୀ ବଶରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ଅଣ୍ଟା ଭିଡ଼ିଥିଲେ। ସଶସ୍ତ୍ର ବିଦ୍ରୋହୀମାନେ କିଛି ଦିନ ଭିତରେ ଆଲେପ୍ପୋ, ହମା, ହୋମ୍ସ ଦଖଲ କରିବା ପରେ ରାଜଧାନୀ ଡମାସ୍କସ୍ ଅଭିମୁଖେ ଅଗ୍ରସର ହୋଇଥିଲେ। ଡମାସ୍କସ୍‌କୁ ଦଖଲ କରିବାରେ ବିଦ୍ରୋହୀଙ୍କୁ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ି ନ ଥିଲା। ପୂର୍ବରୁ ଅଲ୍-ନୁସ୍‌ରା ନାମରେ ପରିଚିତ ତଥା ଆତଙ୍କବାଦୀ ସଙ୍ଗଠନ ଅଲ୍-କାଏଦା ସହ ଅନୁବନ୍ଧିତ ହୟାତ୍ ତହରିର୍ ଅଲ୍-ଶାମ୍ (ଏଚ୍‌ଟିଏସ୍) ନେତୃତ୍ୱରେ ଚାଲିଥିବା ସରକାର ବିରୋଧୀ ବିଦ୍ରୋହ ଶେଷରେ ସଫଳ ହୋଇଛି। ବିଦ୍ରୋହୀ ନେତା ଅବୁ ମୋହାମ୍ମେଦ ଅଲ୍-ଜୁଲାନି ଓରଫ ଅହମେହଦ୍ ଅଲ୍-ଶାରା ସରକାର ଗଠନ ପାଇଁ ଘୋଷଣା କରିଛନ୍ତି। ସିରିଆ ପ୍ରଧାନମନ୍ତ୍ରୀ ମୋହାମ୍ମେଦ ଅଲ୍-ଜଲାଲିଙ୍କୁ ସରକାରୀ ପ୍ରତିଷ୍ଠାନଗୁଡ଼ିକର ତତ୍ତ୍ୱାବଧାରକ ନିଯୁକ୍ତ କରାଯାଇଛି। ସିରୀୟଙ୍କ ଦ୍ୱାରା ନିର୍ବାଚିତ କୌଣସି ନେତୃତ୍ୱକୁ ସହଯୋଗ କରିବେ ବୋଲି ଅଲ୍-ଜଲାଲି ଏକ ବିବୃତିରେ ସୂଚନା ଦେଇଛନ୍ତି।

ଏହି ସବୁ ଉଦ୍ୟମ ସତ୍ତ୍ୱେ ଏଚ୍‌ଟିଏସ୍‌ର ଇତିହାସ ଅଲ୍-କାଏଦା ସହ ଯୋଡ଼ିହୋଇ ରହିଛି। ତେଣୁ ଜାତୀୟତାବାଦୀ ଶାସନ ଓ କୂଟନୀତିକୁ ନେଇ ଏହାର ପ୍ରତିଶ୍ରୁତି ସେତେଟା ଭରସାଯୋଗ୍ୟ ହୋଇପାରୁ ନାହିଁ। ଏକ ବିଭାଜିତ ଦେଶରେ ଦୀର୍ଘ ସମୟ ସ୍ଥାୟୀ ସରକାର ଦେବା ନେଇ ଏଚ୍‌ଟିଏସ୍‌ର ସାମର୍ଥ୍ୟକୁ ନେଇ ଏବେଠୁ ପ୍ରଶ୍ନ ଉଠିଲାଣି। ଅସାଦ୍ ଶାସନର ଅବସାନ ପରେ ସିରୀୟଙ୍କ ପାଇଁ ଏତେ ଶୀଘ୍ର ଶାନ୍ତି ଫେରିଆସିବ ବୋଲି ଆଶା କରାଯାଇପାରୁ ନାହିଁ। ଅତୀତରେ ଏଚ୍‌ଟିଏସ୍ କଠୋରପନ୍ଥୀ ସଙ୍ଗଠନଗୁଡ଼ିକ ସହ ଯୋଡ଼ିହୋଇଥିବାରୁ ଇସ୍‌ଲାମୀୟ ଶାସନ ନାମରେ ସ୍ୱେଚ୍ଛାଚାରୀ ଶାସନ ଆସିପାରେ ବୋଲି ଅନେକେ ଆଶଙ୍କା କରୁଛନ୍ତି।

## ବଶରଙ୍କ ବିମାନ ...

ତେବେ କିଛି ସମୟ ପରେ ଏହା ଦିଗ ବଦଳାଇ ଯାତ୍ରା କରିବା ପରେ ହୋମ୍ସ ସହରର ରାଡାରରୁ ଉଭାନ୍ ହୋଇଯାଇଥିଲା। ଉଭାନ୍ ହେବା ପୂର୍ବରୁ ବିମାନଟି ୩,୬୫୦ ମିଟର ଉଚ୍ଚତାରୁ ହଠାତ୍ ୧,୦୭୦ ମିଟରକୁ ଖସିଆସିଥିବା ଫ୍ଲାଇଟ୍ ଡେଟାରୁ ଜଣାପଡ଼ିଛି। ଏଥିଯୋଗୁ ଏହା ବିଦ୍ରୋହୀ ଗୋଷ୍ଠୀଙ୍କ ଆକ୍ରମଣର ଶିକାର ହୋଇଥିବା ଆଶଙ୍କା କରାଯାଉଛି। ବିମାନ ନିଖୋଜ ହେବାର କେତେକ ନିର୍ଦ୍ଦିଷ୍ଟ ପାରିପାର୍ଶ୍ୱିକ ସ୍ଥିତି ଅସ୍ପଷ୍ଟ ରହିଥିଲେ ମଧ୍ୟ ହଠାତ୍ ଏହାର ଦିଗ ପରିବର୍ତ୍ତନ ଏବଂ ସିଗ୍‌ନାଲ ହରାଇବା ଅନେକ ପ୍ରଶ୍ନ ଛିଡ଼ା କରିଛି। ବିମାନକୁ ବିଦ୍ରୋହୀ ଆକ୍ରମଣ କରି ଖସାଇ ଦେଇଛନ୍ତି କିମ୍ବା ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହା ଦୁର୍ଘଟଣାଗ୍ରସ୍ତ ହୋଇଛି ବୋଲି ଅନୁମାନ କରାଯାଉଛି। ବିମାନରେ କେଉଁମାନେ ଥିଲେ ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ବଶର ଏହି ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଆଶଙ୍କା ଅଧିକ ବୋଲି ନ୍ୟୁଜ୍ ଏଜେନ୍ସି ରଏଟର୍ସ ସୂତ୍ରରୁ ପ୍ରକାଶ। କେତେକଙ୍କ ମତରେ, ବିମାନଟି ବଶରଙ୍କ ପାଇଁ ସୁରକ୍ଷିତ ସ୍ଥାନ ମନେକରାଯାଉଥିବା ରୁଷିଆର ଲାଟାକିଆ ଏୟାରବେସ୍‌କୁ ଯାତ୍ରା କରୁଥିଲା। ସିରିଆରେ ଥିବା ତଥା ରୁଷୀୟ ସେନା ଦ୍ୱାରା ପରିଚାଳିତ ଏହି ଏୟାରବେସ୍ ଅସାଦ୍ ସାମ୍ରାଜ୍ୟକୁ ପୂର୍ବରୁ ଅନେକ ଥର ଗୁରୁତ୍ୱପୂର୍ଣ୍ଣ ଗଡ଼ ଭାବେ ସହାୟକ ହୋଇଆସିଛି। ଅନ୍ୟପକ୍ଷେ ଏକଛତ୍ରବାଦୀ ବଶରଙ୍କ ପଳାୟନ ସହ ଅସାଦ୍ ସାମ୍ରାଜ୍ୟର ପତନ ଘଟିବା ପରେ ଦେଶବାସୀ ରାସ୍ତାକୁ ଓହ୍ଲାଇ ଖୁସିରେ ଉତ୍ସବ ପାଳନ କରୁଛନ୍ତି।

## ବିଏସ୍‌ଏଫ୍ ଆଇଜି ...

ଚର୍ଚ୍ଚା ହେଉଥିଲା। ଗତ ସାଧାରଣ ନିର୍ବାଚନ ସମୟରେ ନିର୍ବାଚନ ଆୟୋଗ ଉଭୟ ଅଫିସରଙ୍କ ବିରୋଧରେ ବିଜେଡି ସପକ୍ଷରେ କାର୍ଯ୍ୟ କରୁଥିବାର ପ୍ରମାଣ ଦେଇ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ପାଳନ କରି ୧୯୯୭ ବ୍ୟାଚ୍ ଆଇପିଏସ୍ ଅଫିସର ଡିଏସ୍ କୁଟ୍ଟେଙ୍କୁ ଗତ ଅଗଷ୍ଟ ୨୧ରେ ଓ ୨୦୦୪ ବ୍ୟାଚ୍ ଆଇପିଏସ୍ ଅଫିସର ଆଶିଷ ସିଂଙ୍କୁ ଗତ ଅଗଷ୍ଟ ୬ରେ କାରଣଦର୍ଶାଅ ନୋଟିସ ଜାରି କରାଯାଇଥିଲା। ବିଜେଡି ପାଇଁ କାର୍ଯ୍ୟ କରିବା ଓ କ୍ଷମତାର ଅପବ୍ୟବହାର କରି ସରକାରୀ କଳ ଉପରେ ଚାପ ପକାଇବାର ବଳିଷ୍ଠ ପ୍ରମାଣ କୁଟ୍ଟେଙ୍କ ବିରୋଧରେ ରହିଛି। ରାଜ୍ୟର ଦୁଇ ଆଇଏଏସ୍ ଅଫିସର ଏନ. ଥିରୁମାଳା ନାଏକ ଯିଏକି ତତ୍କାଳୀନ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା ସେତେବେଳେ ଲିଖିତ ଭାବେ କୁଟ୍ଟେଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ, ଆଇପିଏସ୍ ଅଫିସର ଆଶିଷ ସିଂଙ୍କ ବିରୋଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଉଥିଲା। ହେଲେ ବିଜେଡି ସରକାର ଯିବାର ୬ ମାସ ମଧ୍ୟରେ କେନ୍ଦ୍ରୀୟ ଡେପୁଟେଶନକୁ ଯିବାରେ ଆଶିଷ ସକ୍ଷମ ହୋଇଛନ୍ତି। ତାଙ୍କୁ ତତ୍କାଳ କେନ୍ଦ୍ରୀୟ ଡେପୁଟେଶନରେ ପଠାଇବାକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛନ୍ତି। ଆଇଟିବିପି ଆଇଜି ଭାବେ ତାଙ୍କ ନିଯୁକ୍ତି ନେଇ ନିର୍ଦ୍ଦେଶ ଜାରି ହୋଇଛି। ଏହାପରେ କୁଟ୍ଟେ ଖୁବ୍‌ଶୀଘ୍ର ଡେପୁଟେଶନ ଅବା ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିପାରନ୍ତି ବୋଲି କୁହାଯାଉଥିଲା। ତେବେ ବର୍ତ୍ତମାନ ତାଙ୍କୁ ମଧ୍ୟ ବିଏସ୍‌ଏଫ୍ ଆଇଜି ଭାବେ ନିଯୁକ୍ତି ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ମୁଖ୍ୟ ସଚିବଙ୍କୁ ଚିଠି କରାଯାଇଛି।

## କାର୍ଯ୍ୟ ପାଇବାକୁ ଲାଞ୍ଚ ...

ଅନ୍‌ଲାଇନ ପ୍ଲାଟ୍‌ଫର୍ମ ଲୋକାଲ ସର୍କଲ୍‌ସ ଦ୍ୱାରା କରାଯାଇଥିବା ଏହି ସର୍ଭେରେ ୧୮,୦୦୦ ବ୍ୟବସାୟିକ ସଂସ୍ଥାରୁ ଜବାବ ମିଳିଥିଲା। ଅନେକ ବ୍ୟବସାୟିକ ସଂସ୍ଥା ସେମାନଙ୍କ ନାମ ଗୋପନ ରଖିବା ସର୍ତ୍ତରେ ମତାମତ ଦେଇଛନ୍ତି। ପରମିଟ୍ କିମ୍ବା ପ୍ରକ୍ରିୟା ଶେଷ କରାଇବାକୁ ସରକାରୀ ବିଭାଗଗୁଡ଼ିକରେ ଦୀର୍ଘଦିନ ଅପେକ୍ଷା କରିବାକୁ ପଡୁଥିବାରୁ ଏହାକୁ ତ୍ୱରାନ୍ୱିତ କରାଇବା ପାଇଁ ଲାଞ୍ଚ ଦେବା ଏକ ଜୀବନଶୈଳୀରେ ପରିଣତ ହୋଇଥିବା ସେମାନେ କହିଛନ୍ତି। ଏପରିକି ଅନଧିକୃତ ଲାଇସେନ୍ସ କିମ୍ବା ସମ୍ପତ୍ତି ମାମଲାରେ ଡୁପ୍ଲିକେଟ୍ ନକଲ ପାଇବା ପାଇଁ ମଧ୍ୟ ଲାଞ୍ଚ ଦେବାକୁ ପଡୁଛି। ଗତ ୧୨ ମାସରେ ୬୬ ପ୍ରତିଶତ ବ୍ୟବସାୟିକ ସଂସ୍ଥା ଲାଞ୍ଚ ଦେଇଥିବା ସ୍ୱୀକାର କରିଥିବାବେଳେ ମାତ୍ର ୧୬ ପ୍ରତିଶତ ବିନା ଲାଞ୍ଚରେ ସେମାନଙ୍କ କାମ କରାଇନେବାରେ ସକ୍ଷମ ହୋଇଥିବା କହିଛନ୍ତି। ଲାଞ୍ଚ ଦେବା ଆବଶ୍ୟକ ପଡ଼ି ନ ଥାଏ ବୋଲି ୧୯ ପ୍ରତିଶତ ମତ ଦେଇଛନ୍ତି। ପର୍‌ମିଟ, ଯୋଗାଣକାରୀଙ୍କ ଯୋଗ୍ୟତା, ଫାଇଲ୍, ଅର୍ଡର, ପ୍ରାପ୍ୟ ପୈଠ ଆଦି ଡିଲିଂ କରୁଥିବା ସରକାରୀ ସଂସ୍ଥାଗୁଡ଼ିକରେ ଏଭଳି ଶୋଷଣ କରାଯାଉଥିବା ରିପୋର୍ଟରେ କୁହାଯାଇଛି। ସିସିଟିଭିଠାରୁ ଦୂରରେ ରୁଦ୍ଧଦ୍ୱାରରେ ଏଭଳି ଲାଞ୍ଚ କାରବାର ଚାଲିଥିବା ଜଣାପଡ଼ିଛି।

# ପାଚେରି ଭୁଶୁଡ଼ି ଶ୍ରମିକ ମୃତ, ଜଣେ ଆହତ

## ଡ୍ରେନ୍ ନିର୍ମାଣବେଳେ ଅଘଟଣ

- ନିର୍ମାଣବେଳେ ଉପସ୍ଥିତ ନ ଥିଲେ ଅଧିକାରୀ
- ତଦନ୍ତ ପାଇଁ ୩ ଜଣିଆ କମିଟି ଗଠିତ



ମୃତ ଶ୍ରମିକ ଏସ୍. ଶଙ୍କର



କଟକ,୮।୧୨ (କାର୍ତ୍ତିକ ସାହୁ)


କଟକ ବିଡ଼ାନାସୀ ନାୟକସାହିରେ ରବିବାର ଡ୍ରେନ୍ ନିର୍ମାଣବେଳେ ଅଘଟଣ ଘଟିଛି। ଡ୍ରେନ୍ ପାର୍ଶ୍ୱରେ ଥିବା ଏକ ପୁରୁଣା ପାଚେରି ଭୁଶୁଡ଼ି ପଡିବାରୁ ଚାପି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଟ୍ଟାପୋଲ ଅଞ୍ଚଳର ଏସ୍. ଶଙ୍କର(୩୨)। ଏଥିରେ ଇଜା ରାଓ ନାମକ ଆଉଜଣେ ଶ୍ରମିକ ଆହତ ହୋଇ କଟକ ସିଡିଏସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ସୁରକ୍ଷା ଦିଗ ପ୍ରତି ଦୃଷ୍ଟି ଦିଆ ନ ଯିବା ଓ ନିର୍ମାଣ ଦାୟିତ୍ୱରେ ଥିବା ସଂସ୍ଥାର କେହି ଅଧିକାରୀ ଉପସ୍ଥିତ ନ ରହିବା କାରଣରୁ ଏଭଳି ଅଘଟଣ ଘଟିଲା ବୋଲି କଟକ ମହାନଗର ନିଗମ(ସିଏମ୍ସି) ମେୟର ସୁବାସ ସିଂ ସ୍ୱୀକାର କରିଛନ୍ତି।

ସୂଚନାନୁସାରେ, ଅପରାହ୍ନ ପ୍ରାୟ ୨ଟାରେ ୭ ଜଣ ଶ୍ରମିକ ଉକ୍ତ ଡ୍ରେନ୍ ନିର୍ମାଣ କାର୍ଯ୍ୟ କରୁଥିଲେ। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଥିବା ଜଣାପଡ଼ିଛି। ଡ୍ରେନ୍ ଗଭୀରକୁ ଖୋଳାଯାଉଥିବାବେଳେ ପାଚେରି ପାଖାପାଖି ଇଜା ଓ ଶଙ୍କର ଥିଲେ। କେହି କିଛି ବୁଝିବା ପୂର୍ବରୁ ହଠାତ୍ ୧୦ ଫୁଟର ପାଚେରି ଭୁଶୁଡ଼ି ପଡ଼ିଥିଲା। ପାଚେରି ତଳେ ଶଙ୍କର ଚାପି ହୋଇଯିବାରୁ ତାଙ୍କ ପାଟିରୁ ରକ୍ତ ବାହାରିଥିଲା। ଏଥିରେ ଇଜା ମଧ୍ୟ ଆହତ ହୋଇଥିଲେ। ଉପସ୍ଥିତ ଅନ୍ୟ ଶ୍ରମିକମାନେ ତୁରନ୍ତ ଦୁହିଁଙ୍କୁ ଏକ ଅଟୋରେ ନିକଟସ୍ଥ ଘରୋଇ ମେଡିକାଲକୁ ନେଇଥିଲେ। ସେଠାରେ ଶଙ୍କରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ପାଚେରିଟି ପୁରୁଣା, କୌଣସି ମୁହୂର୍ତ୍ତରେ ଭୁଶୁଡ଼ି ଯାଇପାରେ ବୋଲି ବହୁ ପୂର୍ବରୁ ଠିକାଦାରଙ୍କୁ ଅବଗତ କରାଯାଇଥିଲା। ହେଲେ କୌଣସି ବିକଳ୍ପ ବ୍ୟବସ୍ଥା ଗ୍ରହଣ ନ କରି ଶ୍ରମିକଙ୍କୁ କାମରେ ଲଗାଇଥିବାରୁ ଏଭଳି ଅଘଟଣ ଘଟିଲା। ସେହିପରି କାମ କରୁଥିବା ଶ୍ରମିକମାନେ ସେଫ୍ଟି ହେଲ୍ମେଟ୍ ବ୍ୟବହାର କରନ୍ତି ନାହିଁ ବୋଲି ସେଠାରେ କାମ କରୁଥିବା ଆଉ ଜଣେ ଶ୍ରମିକ କହିଛନ୍ତି। ବିଡ଼ାନାସୀ ପୋଲିସ ଘରୋଇ ମେଡିକାଲରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଏସ୍ସିବି ମେଡିକାଲ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯୫/୨୪) ରୁଜୁ ହୋଇଛି। ପରବର୍ତ୍ତୀ ସମୟରେ ଏସ୍ସିବି ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଜିଜିଏମ୍ଙ୍କ ସମେତ ୩ ଗିରଫ

## ଦାମୀ କାର୍‌ରୁ ୧୦ ଲକ୍ଷ ଲାଞ୍ଚ ଟଙ୍କା ଜବତ ଘଟଣା

- ଭୁବନେଶ୍ୱର, କୋଲକାତାର ୮ ସ୍ଥାନରେ ସିବିଆଇ ଚଢ଼ାଉ
- ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ନେଇ ଅଧିକ ଖୋଳତାଡ଼



ଚଞ୍ଚଲ ମୁଖାର୍ଜୀ



ଦେବଦତ୍ତ ମହାପାତ୍ର



ସନ୍ତୋଷ ମହାରଣା

ଭୁବନେଶ୍ୱର,୮।୧୨(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଦାମୀ କାର୍‌ରେ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାରବେଳେ ଧରାପଡିଥିବା ୩ ଅଭିଯୁକ୍ତଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ରବିବାର ଗିରଫ କରିଛି। ସେମାନେ ହେଲେ ଭାରି ଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମେସର୍ସ ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ (ଇଣ୍ଡିଆ) ଲିଃର ଗ୍ରୁପ୍ ଜେନେରାଲ ମ୍ୟାନେଜର (ଜିଜିଏମ୍) ଚଞ୍ଚଲ ମୁଖାର୍ଜୀ, ଭୁବନେଶ୍ୱରସ୍ଥିତ ମେସର୍ସ ପେଣ୍ଟା ଏ ଷ୍ଟୁଡିଓ ପ୍ରାଇଭେଟ ଲିଃର ନିର୍ଦ୍ଦେଶକ ସନ୍ତୋଷ ମହାରଣା ଓ ମଧ୍ୟସ୍ଥିତ ଦେବଦତ୍ତ ମହାପାତ୍ର। ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ସେମାନଙ୍କୁ ୭ଦିନିଆ ରିମାଣ୍ଡରେ ନେବାକୁ ସିବିଆଇ ଆବେଦନ କରିଥିବାବେଳେ କୋର୍ଟ ୩ ଦିନିଆ ଅନୁମତି ଦେଇଥିଲେ। ପରେ ସମସ୍ତଙ୍କୁ ସିବିଆଇ ରିମାଣ୍ଡରେ ନେଇ ଘଟଣା ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛି। ରିମାଣ୍ଡ ଅବଧି ସରିବା ପରେ ବୁଧବାର ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର କରାଯିବ। ତେବେ ଏହି ମାମଲାରେ ସିବିଆଇ ଗିରଫ କରିଥିବା ୩ ଅଭିଯୁକ୍ତଙ୍କ ସମେତ ଅନ୍ୟଜଣେ ସହଯୋଗୀ ମନମୋହନ ମହାରଣା, ଜଣେ ସରକାରୀ କର୍ମଚାରୀ ଓ ମେସର୍ସ ପେଣ୍ଟା ଏ ଷ୍ଟୁଡିଓ ପ୍ରାଇଭେଟ ଲିଃକୁ ଅଭିଯୁକ୍ତ ଦର୍ଶାଇଛି। ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ (ଇଣ୍ଡିଆ) ଲିଃ ପକ୍ଷରୁ ଠିକା ସଂସ୍ଥାଗୁଡ଼ିକୁ ନିର୍ମାଣ କାମ ଦିଆଯାଇଥାଏ। ତେବେ ଏ କ୍ଷେତ୍ରରେ ଅଭିଯୁକ୍ତଙ୍କ ବେଆଇନ କାର୍ଯ୍ୟକଳାପ ସ୍ପଷ୍ଟ ହେବା ପରେ ସିବିଆଇ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସୂଚନା ଦିଆଯାଇଛି।

ସିବିଆଇର ସୂଚନା ଅନୁଯାୟୀ, ମେସର୍ସ ପେଣ୍ଟା ଏ ଷ୍ଟୁଡିଓ ପ୍ରାଇଭେଟ ଲିଃର ନିର୍ଦ୍ଦେଶକ ସନ୍ତୋଷ ମହାରଣା ଶୁକ୍ରବାର ଜିଜିଏମ୍ ଚଞ୍ଚଲ ମୁଖାର୍ଜୀଙ୍କୁ ତାଙ୍କ ଭୁବନେଶ୍ୱରସ୍ଥିତ ଅଫିସରେ ଭେଟିଥିଲେ। ଜିଜିଏମ୍ ସେଠାରେ ତାଙ୍କୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏହି ଲାଞ୍ଚ ଟଙ୍କାକୁ ଠିକାସଂସ୍ଥାର ଭବିଷ୍ୟତ ବିଲ୍‌ରେ ଆଡ୍‌ଜଷ୍ଟ କରିଦେବେ ବୋଲି ଅଭିଯୁକ୍ତ ଜିଜିଏମ୍ ପ୍ରତିଶ୍ରୁତି ଦେଇଥିଲେ। ତେବେ ମିଡ଼ିଲ୍ ମ୍ୟାନ ଦେବଦତ୍ତଙ୍କ ଜରିଆରେ ଏହି ଟଙ୍କା ନେବା ପାଇଁ ଯୋଜନା ହୋଇଥିଲା। ଶନିବାର ରାତି ପ୍ରାୟ ୯ଟା ୧୦ରେ ସ୍ଥାନୀୟ ଏକ ତାରକା ହୋଟେଲ ସମ୍ମୁଖ ରାସ୍ତାରେ ଓଡି୦୫-୯୯୯୯ ନମ୍ବରବିଶିଷ୍ଟ ମର୍ସିଡିଜ୍ କାର୍‌ରେ ଟଙ୍କା ରଖି ଲାଞ୍ଚ କାରବାର ପାଇଁ ଡିଲ୍ ହେଉଥିଲା। ଏନେଇ ଖବର ପାଇବା ପରେ ସିବିଆଇ ଟିମ୍ ଅତର୍କିତ ଚଢ଼ାଉ କରି ଗାଡି ସମେତ ନଗଦ ଟଙ୍କା ଜବତ କରି ୩ ଅଭିଯୁକ୍ତଙ୍କୁ ଉଠାଇ ନେଇଥିଲା। ପରେ ଏହି ମାମଲା ଲିଙ୍କ୍‌ରେ ଭୁବନେଶ୍ୱର ଓ କୋଲକାତାର ୮ଟି ସ୍ଥାନରେ ସିବିଆଇ ଚଢ଼ାଉ କରି ଡିଜିଟାଲ୍ ଡିଭାଇସ୍ ସମେତ ଅନେକ ଆପତ୍ତିଜନକ ଦସ୍ତାବିଜ ଜବତ କରିଛି। ତେବେ ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସିବିଆଇ ପକ୍ଷରୁ କୁହାଯାଇଛି।

# ସୁକିନ୍ଦା ବାଲେଶ୍ୱର ଆଲଏଜ ଖଣି ଧସିଲା

## ୩ ଡମ୍ପର, ୨ ମେଶିନ ପୋତି ହୋଇଗଲା

ଯାଜପୁର/କାଳିଆପାଣି(ହର୍ଷବର୍ଦ୍ଧନ ବେହେରା/ଅସିତ ମହନ୍ତ),୮।୧୨

ଯାଜପୁର ଜିଲା କାଳିଆପାଣିରେ ଥିବା ବାଲେଶ୍ୱର ଆଲଏଜ ଲିମିଟେଡ୍‌ର କ୍ରୋମାଇଟ ମାଇନ୍ସରେ ରବିବାର ସକାଳ ୮ଟାରେ ପ୍ରାୟ ୩୦ ମିଟର ମାଟି ଧସି ୩ଟି ଡମ୍ପର ଓ ୨ ମେଶିନ ପୋତି ହୋଇଯାଇଛି। ଏଥିରେ ଡମ୍ପର ଚାଳକଙ୍କ ସମେତ ୪ ଜଣ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ସେମାନଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ମାଇନ୍ସ କର୍ତ୍ତୃପକ୍ଷ ଘଟଣା ସମ୍ପର୍କରେ କାଳିଆପାଣି ଥାନାରେ କୌଣସି ଅଭିଯୋଗ କିମ୍ବା ସୂଚନା ଦେଇ ନ ଥିବା ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କଠାରୁ ଜଣାପଡ଼ିଛି। ତେଣୁ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହୋଇଥିବା କୁହାଯାଉଛି। ଅନ୍ୟପକ୍ଷେ ଡାଇରେକ୍ଟର ଜେନେରାଲ ଅଫ୍ ମାଇନ୍ସ ସେଫ୍‌ଟି(ଡିଜିଏମଏସ୍)ଙ୍କ ନିୟମିତ ବ୍ୟବଧାନରେ ସୁରକ୍ଷା ସମ୍ପର୍କିତ ଯାଞ୍ଚର ଅଭାବ ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଶ୍ରମିକ ଓ କର୍ମଚାରୀ ମହଲରେ ମତପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, କିଛିଦିନ ପୂର୍ବରୁ ଠିକାରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ 'ବି ଶ୍ରେଣୀ'ରେ ରେଜିଷ୍ଟରଭୁକ୍ତ କରିବାକୁ ନେଇ ସେମାନେ ଖଣି ସମ୍ମୁଖରେ ଧାରଣା ଦେଇଥିଲେ। ତେଣୁ ସେଠାରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀଙ୍କ ନାମ ପଞ୍ଜୀକୃତ ଅଛି କି ନାହିଁ ତାହା ସନ୍ଦେହରେ ରହିଛି। ଏହିକ୍ରମରେ ଖଣି କର୍ତ୍ତୃପକ୍ଷ ଏହି ବଡ଼ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଦୁର୍ଘଟଣାର ଶିକାର ହୋଇଥିବା କର୍ମଚାରୀଙ୍କ ନାମ ଓ ଠିକଣା ମିଳିପାରିନାହିଁ। ଏନେଇ ଖଣିର ଉପସଭାପତି ସୁଧାଂଶୁ ପାଟନିଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ଫୋନ୍‌କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନକଲ୍ ଗ୍ରହଣ କରି ନ ଥିଲେ।

# ୧୦ ତାରିଖ ସୁଦ୍ଧା କାର୍ଯ୍ୟରେ ଯୋଗଦିଅ ନ ହେଲେ ୧୧ରେ ସସ୍‌ପେଣ୍ଡ

## ବଦଳି ନିର୍ଦ୍ଦେଶ ପାଳନ କରୁ ନ ଥିବା ଅଫିସରଙ୍କୁ ରାଜସ୍ୱ ବିଭାଗର ଚେତାବନୀ

ଭୁବନେଶ୍ୱର,୮।୧୨(ସୁନିତ୍ ମିଶ୍ର)

ଓଏଏସ୍ ଅଫିସରଙ୍କ ଲାଗି ବାହାରୁଥିବା ବଦଳି ନିର୍ଦ୍ଦେଶକୁ ଅଧିକାଂଶ ପାଳନ କରୁନାହାନ୍ତି, ଏନେଇ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଓଏଏସ୍ ଅଫିସରଙ୍କୁ କଡ଼ା ନିର୍ଦ୍ଦେଶ ଶୁଣାଇ ଦିଆଯାଇଛି। କେତେଜଣ ଅଫିସର ବଦଳି ନିୟମ ପାଳନ କରି ନ ଥିବାରୁ ସେମାନଙ୍କୁ ଆସନ୍ତା ୧୦ ତାରିଖ ସୁଦ୍ଧା ବଦଳି ସ୍ଥାନରେ ଯୋଗ ଦେବାକୁ କୁହାଯାଇଛି। ନଚେତ୍ ୧୧ ତାରିଖରେ ସେମାନଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯିବ ବୋଲି କୁହାଯାଇଛି।

ରାଜ୍ୟର ସବୁ ଜିଲାପାଳଙ୍କୁ ଶନିବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ସଚିବ ଅମିୟ କୁମାର ସାହୁ ଚିଠି ଲେଖି କହିଛନ୍ତି, ଗତ ଅଗଷ୍ଟ ୧୭ ଓ ଅକ୍ଟୋବର ୧୭ ତାରିଖରେ ଓଏଏସ୍ ଅଫିସର ବଦଳି ଲାଗି ୨ଟି ତାଲିକା ପ୍ରକାଶ ପାଇଥିଲା। ନଭେମ୍ବର ୨୬ ତାରିଖରେ ସେହି ତାଲିକାଭୁକ୍ତ ସମସ୍ତ ଓଏଏସ୍ ଅଫିସରଙ୍କୁ ଏକକାଳୀନ ନୂତନ କାର୍ଯ୍ୟରେ ଯୋଗଦେବା ଲାଗି ସରକାର ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ଏହି ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ତେଣୁ ଏହି ଅଫିସରମାନଙ୍କ ମଧ୍ୟରୁ ଯଦି କେହି ଧାର୍ଯ୍ୟ ସମୟ ଭିତରେ ବଦଳି କରାଯାଇଥିବା ସ୍ଥାନରେ ଯୋଗ ନ ଦେଇଥା'ନ୍ତି ତେବେ ଜିଲାପାଳ ଏବଂ କଣ୍ଟ୍ରୋଲିଂ ଅଧିକାରୀ ସେମାନଙ୍କ ଦରମା ବନ୍ଦ କରିବେ ବୋଲି କୁହାଯାଇଛି। ଇତିମଧ୍ୟରେ ଜଣାପଡିଛି, ବହୁ ଅଧିକାରୀ ନୂତନ କାର୍ଯ୍ୟରେ ଯୋଗ ନ ଦେଇ ପୂର୍ବ ସ୍ଥାନରେ କାର୍ଯ୍ୟ କରୁଛନ୍ତି, ଯାହାକି ସରକାରୀ ନିର୍ଦ୍ଦେଶନାମାର ଖୋଲା ଉଲ୍ଲଂଘନ। ଯେଉଁ ଅଫିସରମାନେ ଆସନ୍ତା ୧୦ ତାରିଖ ଭିତରେ ବଦଳି ନିର୍ଦ୍ଦେଶ ପାଇଥିବା ସ୍ଥାନରେ ଯୋଗ ନ ଦିଅନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନମୂଳକ ୧୧ ତାରିଖରେ ନିଲମ୍ବନ ଆଦେଶ ଜାରି କରାଯିବ। ଯେଉଁ ଓଏଏସ୍ ପାଇଥିବା ନୂଆ ଅଫିସରମାନେ ଏବେ ଟ୍ରେନିଂରେ ଅଛନ୍ତି ସେମାନଙ୍କ ମଧ୍ୟରୁ କେତେଜଣ ଅଧିକାରୀ ସସ୍‌ପେଣ୍ଡ ହେବା ଅଫିସରଙ୍କ ସ୍ଥାନରେ ନିଯୁକ୍ତି ପାଇବେ ବୋଲି ବିଭାଗ ପକ୍ଷରୁ ସୂଚାଇ ଦିଆଯାଇଛି।

# ପୋଖରୀରେ ବୁଡ଼ି ୨ ଶିଶୁ ମୃତ

ପଟ୍ଟାମୁଣ୍ଡାଇ/ରାଜନଗର,୮।୧୨ (କଳ୍ପତରୁ ନାୟକ/ଭାସ୍କର ରାଉତରାୟ)

ରବିବାର ପୋଖରୀରେ ବୁଡ଼ି ୨ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଣ୍ଟରା ଦଳିତସାହିର ଏକ ପୋଖରୀରେ ବୁଡ଼ି ଶଶିକାନ୍ତ ମଲ୍ଲିକଙ୍କ ୪ବର୍ଷର ପୁଅ ପ୍ରଭୁପାଦଙ୍କ ମୃତ୍ୟୁ ଘଟିଥିବା ବେଳେ ରାଜନଗର ବ୍ଲକ ଡାଙ୍ଗମାଳ ଗାଁ ପୋଖରୀରେ ବୁଡ଼ି ଅନ୍ୟ ଜଣେ ୪ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତକ ହେଲେ ଆଳି ଗାଁର ପ୍ରମୋଦ ରାଉତଙ୍କ ପୁଅ ଆୟୁଷ(୪)। ସେ ମାମୁ ଘରକୁ ଆସିଥିଲେ। ଖେଳୁଥିବା ବେଳେ ଅସାବଧାନତାବଶତଃ ପୋଖରୀରେ ବୁଡ଼ି ଯାଇଥିଲେ। ମାମୁଘର ଲୋକେ ତାଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ପ୍ରଭୁପାଦ ରବିବାର ମଧ୍ୟାହ୍ନରେ ଖାଇ ସାରିବା ପରେ ବାଡ଼ିକୁ ଯାଇଥିଲେ। ବହୁ ସମୟ ପରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବ୍ୟସ୍ତ ହୋଇ ଖୋଜାଖୋଜି କରିଥିଲେ। ହେଲେ ତାଙ୍କୁ କେହି ପାଇ ନ ଥିଲେ। ଶେଷରେ ପୋଖରୀରେ ଜାଲ ପକାଇ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ପ୍ରଥମେ ଅଣ୍ଟରା ଡାକ୍ତରଖାନା ଓ ପରେ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉପରୋକ୍ତ ୨ ଘଟଣା ପଟ୍ଟାମୁଣ୍ଡାଇ ଓ ରାଜନଗର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

# ଜାନୁଆରୀ ୩୧ ସୁଦ୍ଧା ସରିବ ରତ୍ନଭଣ୍ଡାର ମରାମତି, ଗଣତିମଣତି


ଖୋର୍ଦ୍ଧା,୮।୧୨(ପ୍ରଭାତ ପାଣିଗ୍ରାହୀ)

ଶ୍ରୀମନ୍ଦିର ରତ୍ନଭଣ୍ଡାରର ମରାମତି ସରିଲେ ଅଳଙ୍କାର ଗଣତିମଣତି କରାଯିବ। ଜାନୁଆରୀ ୩୧ ସୁଦ୍ଧା ରତ୍ନଭଣ୍ଡାର ମରାମତି ସହ ଗଣତିମଣତି କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରଥମେ ଭଣ୍ଡାର ଗୃହ ମରାମତି ସରିଲେ ଅସ୍ଥାୟୀ ରତ୍ନଭଣ୍ଡାରରୁ ଅଳଙ୍କାର ତା' ଭିତରକୁ ଯିବ। ଏହାପରେ ଗଣତିମଣତି କରାଯିବ ବୋଲି ରବିବାର ଖୋର୍ଦ୍ଧାଠାରେ ଆୟୋଜିତ ଚାଷୀଙ୍କୁ ଇନ୍‌ପୁଟ ସହାୟତା ଶୁଭାରମ୍ଭ ସମାବେଶରେ ଯୋଗଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ରାଜ୍ୟରେ ଭାଜପା ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ପର୍ଯ୍ୟାୟରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବା ସହ ମାସକ ମଧ୍ୟରେ ରତ୍ନଭଣ୍ଡାର ଖୋଲାଯିବ ବୋଲି କ୍ୟାବିନେଟରେ ନିଷ୍ପତ୍ତି ହୋଇଥିଲା। ସେହିକ୍ରମରେ ସରକାର ଗଠନର ୧୨ ଘଣ୍ଟା ମଧ୍ୟରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯାଇଥିଲା। ସେହିପରି ଜୁଲାଇ ୧୪ରେ ରତ୍ନଭଣ୍ଡାର ଖୋଲାଯାଇଥିଲା। ୧୮ତାରିଖରେ ଭିତର ରତ୍ନଭଣ୍ଡାର ଖୋଲାଯାଇ ଅସ୍ଥାୟୀ ରତ୍ନଭଣ୍ଡାରକୁ ଅଳଙ୍କାର ସ୍ଥାନାନ୍ତର କରାଯାଇଥିଲା। ଅଗଷ୍ଟ ୨୩ରେ ନୀଳାଦ୍ରି ମ୍ୟୁଜିୟମ ନିକଟ ଅସ୍ଥାୟୀ ଭଣ୍ଡାର ଘରକୁ ସମସ୍ତ ସିନ୍ଦୁକ ଓ ଆଲମିରା ସ୍ଥାନାନ୍ତର କରାଯାଇଥିଲା। ଗତ ସେପ୍ଟେମ୍ବର ୨୧ ଏବଂ ୨୨ ଦୁଇଦିନ ଧରି ହାଇଦ୍ରାବାଦସ୍ଥିତ ନ୍ୟାଶନାଲ ଜିଓଫିଜିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ(ଏନ୍‌ଜିଆର୍‌ଆଇ) ପକ୍ଷରୁ ରତ୍ନଭଣ୍ଡାରର ଜିପିଆର୍ ସର୍ଭେ ହୋଇଥିଲା। ନଭେମ୍ବର ୨୩ରେ ଜିପିଆର-ଜିପିଏସ୍ ସର୍ଭେ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହୋଇଥିଲା। ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଆର୍କିଓଲୋଜିଷ୍ଟ ରତ୍ନଭଣ୍ଡାରରେ କୌଣସି ସୁଡ଼ଙ୍ଗ ନ ଥିବା ସ୍ପଷ୍ଟ କରିଥିବା ବେଳେ ଏହାର ପଶ୍ଚିମ ଏବଂ ପୂର୍ବପଟ କାନ୍ଥରେ କ୍ରାକ୍ ସହ ଚଟାଣ ମରାମତି ଆବଶ୍ୟକ ବୋଲି ରିପୋର୍ଟରେ ଉଲ୍ଲେଖ ଥିଲା। ଛତିଶା ନିଯୋଗ ଏବଂ ଶ୍ରୀମନ୍ଦିର ପ୍ରଶାସନର ସହମତିରେ ଯେଉଁ ତାରିଖ ଆସିବ, ସେମାନେ ତୁରନ୍ତ କାମ ଆରମ୍ଭ କରିବେ ବୋଲି ଏଏସ୍‌ଆଇ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୧୬ତାରିଖରୁ ମରାମତି ପାଇଁ ପ୍ରସ୍ତୁତ ରହିଥିବା ଏକ ଅଡିଓ ବାର୍ତ୍ତାରେ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଆର୍କିଓଲୋଜିଷ୍ଟ କହିଥିବା ବେଳେ ପ୍ରଥମେ ବାହାର ପରେ ଭିତର ରତ୍ନଭଣ୍ଡାର ମରାମତି ସହ ଆବଶ୍ୟକ ଅନୁଯାୟୀ ପଥର ପରିବର୍ତ୍ତନ କରାଯିବ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପଟେ ଆସନ୍ତା ୧୦ ତାରିଖ ଛତିଶା ନିଯୋଗ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ସେପଟେ ଆସନ୍ତା ୧୬ ତାରିଖ ଧନୁ ସଂକ୍ରାନ୍ତିଠାରୁ ପହିଲି ଭୋଗ ନୀତି ଆରମ୍ଭ ହେବ। ରାତି ୩ଟାରୁ ଦ୍ୱାର ଫିଟାଯିବ। ରାତ୍ର ପହୁଡ଼ ସଅଳ ହେଲେ ମରାମତି କାମ ତ୍ୱରାନ୍ୱିତ ହୋଇପାରିବ ବୋଲି ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି।

# ଆଜି ୬ ଜିଲାରେ ବର୍ଷା, ୧୨ରୁ ବଢ଼ିବ

## ବଙ୍ଗୋପସାଗରରେ ଲଘୁଚାପ



ଭୁବନେଶ୍ୱର,୮।୧୨ (ଅନୁରାଧା ମହାରଣା)

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ରବିବାର ଲଘୁଚାପ ସୃଷ୍ଟି ହୋଇଛି। ଏହା କ୍ରମଶଃ ଉତ୍ତର ପଶ୍ଚିମ ଦିଗରେ ଗତିକରି ୧୨ ତାରିଖ ସୁଦ୍ଧା ତାମିଲନାଡୁ ଉପକୂଳରେ ପହଞ୍ଚିବ। ଏହାର ପ୍ରଭାବରେ ୧୨ ତାରିଖରୁ ରାଜ୍ୟରେ ବର୍ଷା ଆରମ୍ଭ ହେବ। ଅନ୍ୟପଟେ ବର୍ତ୍ତମାନ ରାଜ୍ୟରେ ବିଶେଷ ଶୀତ ଅନୁଭୂତ ହେଉ ନ ଥିବା ବେଳେ ପଶ୍ଚିମା ଝଡ଼ ପ୍ରଭାବରେ ରାଜ୍ୟରେ କୋହଲା ପାଗ ଲାଗି ରହିଛି। ସୋମବାର ଉତ୍ତର ତଥା ଦକ୍ଷିଣ ଉପକୂଳ ଓଡ଼ିଶା ସମେତ ୬ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଏହି ଜିଲାଗୁଡିକ ମଧ୍ୟରେ ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ ଓ ସୋନପୁର ଆଦି ରହିଛି। ସେହିଭଳି ସୁନ୍ଦରଗଡ, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ନୟାଗଡ଼, କଟକ ଓ ଖୋର୍ଦ୍ଧା ଆଦି ୧୧ ଜିଲାରେ କୋହଲା ପାଗ ସାଙ୍ଗକୁ ବର୍ଷା ହୋଇପାରେ। ଏହା ପରେ ୧୦ରୁ ୧୨ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବାକୁ ଥିବାବେଳେ ପୁଣି ରାତିର ତାପମାତ୍ରା ୩ ଡିଗ୍ରୀ ହ୍ରାସ ପାଇବ। ଏହା ସହିତ କୁହୁଡିର ଆସ୍ତରଣ ଦେଖିବାକୁ ମିଳିବ। ରବିବାର ଗଞ୍ଜାମ, କୋରାପୁଟ, କଳାହାଣ୍ଡି ଓ କନ୍ଧମାଳ ଜିଲାରେ କୁହୁଡି ଦୃଶ୍ୟମାନ ହେବା ନେଇ ପାଣିପାଗ ବିଜ୍ଞାନୀ ସଞ୍ଜୀବ ଦ୍ୱିବେଦୀ ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ମୃତ ସନ୍ତାନଙ୍କ ଆଖି ଦାନକଲେ ମା'ବାପା

## ନୂଆ ଟ୍ରକ୍ କିଣାହୋଇଥିବାରୁ ସାଙ୍ଗଙ୍କୁ ଖୁଆଇବାକୁ ନେଇଥିଲେ



ଅଶୋକ ଜେନା

ପାରାଦୀପ,୮।୧୨(ଶରତ ରାଉତ)

ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ପୁଅର ଆଖି ମା'ବାପା ଦାନ କରିଛନ୍ତି। ଏଭଳି ମହତ୍ କାମ କରିଛନ୍ତି ପାରାଦୀପ ପୌର ପରିଷଦ ୫ ନଂ. ୱାର୍ଡ କାଉନ୍‌ସିଲର ସ୍ୱପ୍ନାରାଣୀ ଜେନା ଓ ତାଙ୍କ ସ୍ୱାମୀ ଅନନ୍ତ ଜେନା।

ମୃତକ ହେଲେ ସେମାନଙ୍କ ବଡ଼ପୁଅ ଅଶୋକ ଜେନା (୧୯)। ସେ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢ଼ିବା ସହ ହଷ୍ଟେଲରେ ରହୁଥିଲେ। ଶନିବାର ଅନନ୍ତଙ୍କର ଏକ ନୂଆ ଟ୍ରକ୍ କିଣାଯାଇଥିଲା। ଏହି ଖୁସିରେ ଅଶୋକ ଏକ ବାଇକ୍‌ରେ ୨ ସାଙ୍ଗଙ୍କୁ ନେଇ ହୋଟେଲରେ ଖୁଆଇ ରାତିରେ ହଷ୍ଟେଲ ଫେରୁଥିବା ବେଳେ ଖଣ୍ଡଗିରି ଅଗ୍ନିଶମ କେନ୍ଦ୍ର ଆଗରେ ଭାରସାମ୍ୟ ହରାଇ ସେଠାରେ ଥିବା ଏକ ତେଲଟାଙ୍କି ଗାଡ଼ିରେ ପିଟି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ଅଶୋକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ସାଙ୍ଗ ଗୁରୁତର ହୋଇଥିଲେ। ଏବେ ସେମାନେ ଏମ୍ସ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଖବରପାଇ ପାରାଦୀପରୁ ମା'ବାପାଙ୍କ ସମେତ ବହୁ ଲୋକ ଭୁବନେଶ୍ୱର ଏମ୍ସରେ ପହଞ୍ଚିବା ପରେ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏଭଳି ଦୁଃଖଦ ସମୟରେ ମଧ୍ୟ ଅଶୋକଙ୍କ ଆଖି ଦାନ କରିବାକୁ ବାପା ଅନନ୍ତ କହିଥିଲେ। ରବିବାର ସକାଳେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ମୃତ ଅଶୋକଙ୍କ ଦୁଇ ଆଖି ସଂଗ୍ରହ କରିବା ସହ ସେଠାରେ ଆବଶ୍ୟକ ହେଉଥିବା ଜଣେ ବ୍ୟକ୍ତିଙ୍କୁ ଦେଇଛନ୍ତି। ଖବରପାଇ ପାରାଦୀପରୁ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ମୋନିଦୀପା ସର୍ଖେଲ, ଉପାଧ୍ୟକ୍ଷା ଛବିଲତା ରାଉତଙ୍କ ସମେତ ଅନ୍ୟ କାଉନସିଲର ଓ ବାଲିଝରା ବସ୍ତିର ବହୁଲୋକ ଡାକ୍ତରଖାନାରେ ପହଞ୍ଚି ଶୋକବ୍ୟକ୍ତ କରିଛନ୍ତି। ଅପରାହ୍ନରେ ପୈତୃକ ଗ୍ରାମ କଣାସ ଥାନା ଅନ୍ତର୍ଗତ ଗଡ଼ସାନପୁରଠାରେ ଅଶୋକଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।



ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଛି। -ଶ୍ରୀଅରବିନ୍ଦ



# ସିରିଆ: ସଙ୍କଟ ସହ ଆହ୍ୱାନ

ମଧ୍ୟପ୍ରାଚ୍ୟର ଅନ୍ୟତମ ରାଷ୍ଟ୍ର ସିରିଆରେ ଏକଛତ୍ରବାଦକୁ ଦୀର୍ଘବର୍ଷ ଧରି ହେଉଥିବା ବିରୋଧର ଶେଷ ପର୍ଯ୍ୟାୟରେ ବିଦ୍ରୋହୀ ପହଞ୍ଚିବା ପରେ ସେଠାରେ ଅନେକ ନୂଆ ଘଟଣା ସାମ୍ନାକୁ ଆସିଛି। ଶୁଣିବାକୁ ମିଳୁଛି ଯେ, ୮ ଡିସେମ୍ବରରେ ରାଷ୍ଟ୍ରପତି ବଶର ଅଲ୍-ଅସାଦ୍ ବିଦ୍ରୋହୀଙ୍କୁ ମୁକାବିଲା କରିବାରେ ଅସଫଳ ହେବାରୁ ଦେଶ ଛାଡ଼ି ରୁଷିଆ ପଳାୟନ କରିଛନ୍ତି। ମସ୍କୋରେ ପହଞ୍ଚିବା ପରେ ବଶର ଓ ତାଙ୍କ ପରିବାର ସଦସ୍ୟଙ୍କୁ ରୁଷିଆ ସରକାରଙ୍କ ପକ୍ଷରୁ ଆଶ୍ରୟ ଦିଆଯାଇଥିବା ଜଣାପଡ଼ିଛି। ପ୍ରଥମେ କେତେକ ସୂତ୍ରରୁ କୁହାଯାଇଥିଲା ଯେ, ସେ ଯେଉଁ ବିମାନରେ ଯାତ୍ରା କରୁଥିଲେ ତାହା କେଉଁଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥାଇପାରେ, ଯେଉଁଥିପାଇଁ ରାଡାରରେ କିଛି ଦୃଶ୍ୟମାନ ହେଉ ନ ଥିଲା। ରାଜଧାନୀ ଡମାସ୍କସ୍ ଛାଡ଼ିବା ବେଳେ ତାଙ୍କ ବିମାନକୁ ସମ୍ଭବତଃ ଗୁଳି କରି ଖସାଇ ଦିଆଯାଇଥିବା ନେଇ ସନ୍ଦେହ ଉପୁଜିଥିଲା। ମୋଟାମୋଟି ଚିତ୍ର ଦେଖିଲେ ବଶର ସିରିଆ ରାଜନୈତିକ ଦୃଶ୍ୟପଟରୁ ହଟିଯାଇଛନ୍ତି ବୋଲି ବିଦ୍ରୋହୀ ଦାବି କରିଛନ୍ତି। ବିଦ୍ରୋହୀଙ୍କ ସହ ସିରିଆର ସାଧାରଣ ନାଗରିକ ରାସ୍ତାକୁ ଓହ୍ଲାଇ ଉତ୍ସବ ମନାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଏପରି କି ସେଠାକାର ସରକାରୀ ଟେଲିଭିଜନରେ ଏଭଳି ପରିବର୍ତ୍ତନକୁ ସିରିଆ ବିପ୍ଳବର ବିଜୟ ଘଟିବା ସହ ଅପରାଧୀ ବଶର ଶାସନର ପତନ ଘଟିଛି ବୋଲି ଖବର ପ୍ରସାରିତ ହୋଇଛି। ଉଲ୍ଲେଖଯୋଗ୍ୟ, ବଶରଙ୍କ ବିରୋଧରେ ୨୦୧୧ରେ ବଡ଼ ଧରଣର ବିଦ୍ରୋହ ସୃଷ୍ଟି ହୋଇ ତାହା ଗୃହଯୁଦ୍ଧରେ ପରିଣତ ହୋଇଥିଲା। ତେବେ ୨୭ ନଭେମ୍ବର ୨୦୨୪ରେ ବିଦ୍ରୋହୀମାନେ ସମସ୍ତ ଶକ୍ତି ଠୁଳ କରି ବଶରଙ୍କୁ ହଟାଇବାରେ ଲାଗିପଡ଼ିଥିଲେ। ଆଲେପ୍ପୋ ସହର ଦଖଲ ପରେ ସେମାନେ ଗୋଟିଏ ପରେ ଗୋଟିଏ ବଡ଼ ସହର ଯଥା ହମା, ହମ୍ସ, ୨୦୧୧ ଗୃହଯୁଦ୍ଧର ଉତ୍ପତ୍ତିସ୍ଥଳ ଥିବା ଦାରା ଏବଂ ଶେଷରେ ରାଜଧାନୀ ଡମାସ୍କସ୍‌କୁ ନିଜ ଅକ୍ତିଆରକୁ ଆଣିବା ପରେ ଅନନ୍ୟୋପାୟ ହୋଇ ବଶର ଦେଶଛାଡ଼ିବାକୁ ବାଧ୍ୟ ହୋଇଥିବା ଅନୁମାନ କରାଯାଉଛି।

**ଏକ ଅଶାନ୍ତ ଭୂଖଣ୍ଡରେ ବିଦେଶୀ ଶକ୍ତିଙ୍କ ସମ୍ପୃକ୍ତି ଓ ଦେଶ ଭିତରେ କ୍ଷମତା ଲାଗି ସଂଗ୍ରାମ ବର୍ତ୍ତମାନ ସିରିଆ ସଙ୍କଟକୁ ବଢ଼ାଇ ଦେଇଥିବା ବେଳେ ଆଗକୁ ଅନେକ ଆହ୍ୱାନ ସୃଷ୍ଟି କରୁଛି।**

ସିରିଆରେ ବଶର ଅଲ୍-ଅସାଦ ୨୦୦୦ ମସିହାରୁ ଦେଶର ରାଷ୍ଟ୍ରପତି ରହିଆସିଥିବା ବେଳେ ତାଙ୍କ ପିତା ହାଫିଜ୍ ଅଲ୍-ଅସାଦ ୧୯୭୧ରୁ ୨୦୦୦ ତାଙ୍କ ପରଲୋକ ଯାଏ ଶାସନ କରିଥିଲେ। ଅର୍ଥାତ୍ ପିତା-ପୁତ୍ର ଦୀର୍ଘ ୫୩ ବର୍ଷ ଧରି ସିରିଆକୁ ଅକ୍ତିଆରରେ ରଖିଥିଲେ। ଏହି ଏକଛତ୍ରବାଦୀ ଶାସକଙ୍କ ବିରୋଧରେ ଯେତେବେଳେ ସ୍ୱର ଉଠିଛି, ସେନା ଜରିଆରେ ବିଦ୍ରୋହକୁ ଦମନ କରାଯାଇଆସୁଥିଲା। ଅନେକଙ୍କୁ ଅଟକ ରଖାଯାଇ ନିର୍ଯାତନା ଦିଆଯାଇଥିବାରୁ ବଶର ସରକାରଙ୍କ ବିରୋଧରେ ମାନବ ଅଧିକାର ସଙ୍ଗଠନ ସ୍ୱର ଉଠାଇ ଆସୁଥିଲେ। ହେଲେ ୨୦୨୪ ଡିସେମ୍ବର ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ ଅସାଦ ଶାସନର ପତନ ଘଟାଇଲା ବୋଲି କୁହାଯାଉଛି। ତେବେ ଏହି ପରିବର୍ତ୍ତନ ପଛରେ ଯାହାଙ୍କ ହାତ ସର୍ବାଧିକ ରହିଆସିଛି ସେ ହେଲେ ଅବୁ ମହମ୍ମଦ ଅଲ୍-ଜୁଲାନି। ୧୯୮୨ରେ ଡମାସ୍କସ୍‌ରେ ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମିତ ଜୁଲାନି ୨୦୦୧ର ୯/୧୧ ଘଟଣା ପରେ ଆକ୍ରମଣକାରୀଙ୍କ କାର୍ଯ୍ୟରେ ଅନୁପ୍ରେରିତ ହୋଇ ଇରାକ୍‌ରେ ଅଲ୍-କାଏଦାରେ ଯୋଗ ଦେଇଥିଲେ। ୨୦୧୬ରେ ସେ ଅଲ୍-କାଏଦା ସହ ସମ୍ପର୍କ ଛିନ୍ନ କରି ନିଜକୁ ଜଣେ ମଧ୍ୟମପନ୍ଥୀ ନେତା ଭାବେ ପ୍ରଦର୍ଶନ କରିଥିଲେ। ତାଙ୍କ ସଙ୍ଗଠନ ହାୟାତ ତାହରିର୍ ଅଲ୍-ଶାମ୍(ଏଚ୍‌ଟିଏସ୍)କୁ ପାଶ୍ଚାତ୍ୟ ରାଷ୍ଟ୍ର ସହ ଅନେକ ସମୀକ୍ଷକ ଆତଙ୍କବାଦୀ ସଙ୍ଗଠନ ଭାବେ ବର୍ଗୀକରଣ କରିଛନ୍ତି। କିନ୍ତୁ ପାଶ୍ଚାତ୍ୟ ଦେଶ ଉପରେ ଆକ୍ରମଣ କରିବା ତାଙ୍କର ଅଭିପ୍ରାୟ ନାହିଁ ବୋଲି ଅନ୍ତର୍ଜାତୀୟ ଗଣମାଧ୍ୟମକୁ ସେ ସାକ୍ଷାତ୍‌କାର ଦେଇ କହିଆସିଛନ୍ତି। କିଛି ବର୍ଷ ହେବ ବଶର ସରକାରକୁ ଗାଦିଚ୍ୟୁତ କରିବା ଲକ୍ଷ୍ୟରେ ଜୁଲାନି ଅନବରତ କାର୍ଯ୍ୟ କରି ଆସୁଥିବାରୁ ଏବର ସଫଳତା ସିରିଆକୁ 'ଅସାଦ ଶାସନରୁ ମୁକ୍ତ' କରାଇପାରିଲା ବୋଲି ତାଙ୍କ ସଙ୍ଗଠନ ପକ୍ଷରୁ କୁହାଯାଇଛି।

ବଶରଙ୍କ ଶାସନର ପତନ ପରେ କିଏ ସେଠାରେ ଦାୟିତ୍ୱ ନେବେ ତାହା ଏକ ବଡ଼ ପ୍ରଶ୍ନ ସୃଷ୍ଟି କଲାଣି। ଜୁଲାନି ଏବେ ନିଜକୁ ମଧ୍ୟମପନ୍ଥୀ ନେତା ଭାବେ ପ୍ରଦର୍ଶିତ କରୁଥିଲେ ହେଁ ତାଙ୍କ ମୂଳ ଚେହେରା ବସ୍ତୁତଃ ଆତଙ୍କବାଦ ସହ ଜଡ଼ିତ ଥିଲା। ତେଣୁ ସେ ସିରିଆକୁ ଶାନ୍ତିପୂର୍ଣ୍ଣ ଓ କୂଟନୈତିକ ସ୍ତରରେ ଶାସନ କରିବା ନେଇ ଆଶଙ୍କା ଉପୁଜିବା ସ୍ୱାଭାବିକ। ସିରିଆ ସହ ରୁଷିଆର ରଣନୀତିକ ସମ୍ପର୍କ ରହିଆସିଥିଲା। ବର୍ତ୍ତମାନ ଯେଉଁ ପରିବର୍ତ୍ତନ ଘଟିଲା ଓ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଚାଲିଥିବାରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ସିରିଆ କଥାରେ ମୁଣ୍ଡ ପୂରାଇବାକୁ ଚାହିଁବେ ନାହିଁ ବୋଲି କୁହାଯାଉଛି। ସମାନ ଭାବେ ବଶରଙ୍କୁ ଇରାନ୍ ସରକାର ବିଭିନ୍ନ ପ୍ରକାର ସହଯୋଗ କରି ଆସୁଥିଲା। କ୍ଷମତା ହସ୍ତାନ୍ତର ପରେ ସିରିଆ ଉପରେ ଇରାନ୍‌ର ପ୍ରଭାବ ହ୍ରାସ ପାଇପାରେ। ସେହିପରି ବଶରଙ୍କ ପତନ ପରେ ଇସ୍ରାଏଲ ପାଇଁ ଏହି ସ୍ଥିତି ଉଭୟ ସୁଯୋଗ କିମ୍ବା ବିପଦ ସୃଷ୍ଟି କରିପାରେ। ଗୋଟିଏ ପଟେ ସିରିଆ ଉପରେ ଇରାନ୍‌ର ହାକିମାତି କମିଲେ ତାହା ଇସ୍ରାଏଲକୁ ସୁହାଇବ। ଅନ୍ୟପକ୍ଷରେ ସିରିଆରେ ନୂଆ ଶାସନ ଆସିଲେ 'ଗୁଲାନ ହାଇଟ୍'କୁ ନେଇ କିଭଳି ପ୍ରତିକ୍ରିୟା ପ୍ରକାଶ ପାଇବ, ତାହା ଇସ୍ରାଏଲକୁ ଆଶଙ୍କା ଭିତରେ ରଖିଛି। ଉଲ୍ଲେଖଯୋଗ୍ୟ, ୧୯୬୭ ମିଡ଼ଇଷ୍ଟ ଯୁଦ୍ଧ ସମୟରୁ ସିରିଆଠାରୁ ଗୁଲାନ ହାଇଟ୍‌କୁ ଇସ୍ରାଏଲ ମାଡିବସି ନିଜର କରିନେଇଛି। ଏହିଭଳି ଭୂରାଜନୈତିକ ସ୍ଥିତିକୁ ସମୀକ୍ଷା କଲା ବେଳେ ସର୍ବାଗ୍ରେ ରହୁଛି ଦୀର୍ଘବର୍ଷ ଧରି ଏକଛତ୍ରବାଦ ଓ ଗୃହଯୁଦ୍ଧର ସାମ୍ନା କରିଥିବା ସିରିଆ ଭିତର ଓ ବାହାରେ ରହିଥିବା ଲୋକେ କିଭଳି ନ୍ୟାୟ ପାଇବେ। ଏକ ଅଶାନ୍ତ ଭୂଖଣ୍ଡରେ ବିଦେଶୀ ଶକ୍ତିଙ୍କ ସମ୍ପୃକ୍ତି ଓ ଦେଶ ଭିତରେ କ୍ଷମତା ଲାଗି ସଂଗ୍ରାମ ବର୍ତ୍ତମାନ ସିରିଆ ସଙ୍କଟକୁ ବଢ଼ାଇ ଦେଇଥିବା ବେଳେ ଆଗକୁ ଅନେକ ଆହ୍ୱାନ ସୃଷ୍ଟି କରୁଛି।

# ଅପାଠୁଆ ସାକ୍ଷର



ଅନନ୍ତ ସ୍ୱାଇଁ

ସମୟ କ୍ରମେ ସବୁ ଆଜି ବଦଳି ଯାଇଛି, ବଦଳି ଯାଇଛି ଗାଁ ସ୍କୁଲର ଛପରଘର, ବଦଳି ଯାଇଛି ରାସ୍ତାଘାଟ, ବିଲବାଡି ନଈ, ନାଳର ଚେହେରା, ବଦଳି ଯାଇଛି ଲୋକମାନଙ୍କ ଚାଲିଚଳନ, ବେଶଭୂଷା ଓ ଖାଦ୍ୟପେୟ, ବଦଳି ଯାଇଛି ପିଲାଦିନେ ଦେଖିଥିବା ସନା ମା'ର ଛପରଘର। ଆଜି ସିନା ସନା ମା' ବଞ୍ଚିନି କିନ୍ତୁ ବଞ୍ଚିରହିଛି ସେ ଛାଡି ଯାଇଥିବା ଆଦର୍ଶ। ଆମ ଗାଁକୁ ବୋହୂ ହୋଇ ଆସିଲାବେଳେ ସେ ଅନ୍ୟ ନାମରେ ପରିଚିତ ଥିଲା। ବିବାହର ଦୁଇ ବର୍ଷ ପରେ ହେଲା ପୁଅଟିଏ। ଶନିବାର ଜନ୍ମ ହୋଇଥିବାରୁ ତା' ନାଁ ରଖିଲା ସନା। ସେହିଦିନଠାରୁ ସନା ମା' ନାମରେ ପରିଚିତ। ଏବେ ବି ମନେପଡେ ସନା ମା'ର ମୋ ବୋଉ ପ୍ରତି ଥିବା ଶ୍ରଦ୍ଧା, ବିଶ୍ୱାସ ଓ ଆତ୍ମୀୟତା। ସନା ମା' ନିରକ୍ଷର, ପାଠର 'ପ' ଅକ୍ଷର ବି ଜାଣିନି। ଅପାଠୁଆ ହେଲେ ବି ସେ ପାଠୁଆଙ୍କଠାରୁ କୌଣସି ଗୁଣରେ କମ୍ ନ ଥିଲା।

ପିଲାଦିନେ ଦେଖିଛି ଅନେକ ସମୟରେ ସନା ମା' ଆମ ଘରକୁ ଆସେ। ବୋଉ ସହ ଗପେ। କେତେବେଳେ ବଡପାଟିରେ ତ ଆଉ କେତେବେଳେ ଫୁସୁରଫାସର କଥା ବୋଉ କାନରେ କହେ। ମୁଁ ସେତେବେଳେ କିଛି ବୁଝିପାରୁ ନ ଥିଲି। ଦିନେ ବୋଉକୁ କ'ଣ ଗୋଟାଏ ଦେବା ସମୟରେ ହଠାତ୍ ସେଇଟି ତଳେ ପଡିଗଲା। ଝମ ଝମ ଶବ୍ଦରେ ପ୍ରକମ୍ପିତ ହୋଇଉଠିଲା ଘର। ସେତେବେଳେ ଜାଣିଲି ସନା ମା' ଘର ଖର୍ଚ୍ଚରୁ ବଞ୍ଚାଇଥିବା ପଇସା ମୋ ବୋଉ ପାଖରେ ରଖେ। ଦରକାର ବେଳେ ମାଗିନିଏ ଖର୍ଚ୍ଚ କରିବାକୁ। ନିୟମିତ ସେ ଆମ ଘରକୁ ଆସେ। ନିଜ ପାଖରେ ପଇସା ନ ରଖି ମୋ ବୋଉ ପାଖରେ ଜମା କରେ। ଦିନେ ସନା ମା'କୁ ପଚାରିଲି, "ତମର ତ ଜମିବାଡି କି ଚାକିରିବାକିରି ନାହିଁ। ମୂଲ ଲାଗିଲେ ଘରର ଚୁଲି ଜଳିବ, ଏତେ କମ୍ ରୋଜଗାରରେ କେମିତି ଚଳୁଛ। ତମ ରୋଜଗାର ତ ଘରଖର୍ଚ୍ଚକୁ ନିଅଣ୍ଟ। ତା'ପରେ ବି ପଇସା କେମିତି ସଞ୍ଚୁଛ ?" ଉତ୍ତରରେ ସନା ମା' କହିଥିଲା "ପୁଅରେ, ଆମେ ହେଲୁ ଅପାଠୁଆ, ଗରିବ। ପାଖରେ ପଇସା ନ ଥିଲେ କେହି ଆଡଆଖିରେ ଚାହିଁବେ ନାହିଁ। ଆମ ରୋଜଗାରକୁ ଦେଖି ଆମେ ଖର୍ଚ୍ଚ କରୁ। କିଏ କ'ଣ କହିଲେ ସେଥିରେ ଭଳିଯାଇ ଅଯଥା ଖର୍ଚ୍ଚ କରୁନା। ନିଶାପାଣିରୁ ଦୂରରେ ରହୁ। ପାଖରେ ପଇସା ରହିଲେ ଅଯଥାରେ ଖର୍ଚ୍ଚ ହୋଇଯିବା ଆଶଙ୍କାରେ ତୋ ମା' ପାଖରେ ଆଣି ରଖେ। ଦରକାର ବେଳେ କାମରେ ଆସିବ।"

ଆଜି ବୁଝୁଛି ମୋ ବୋଉ ସନା ମା'ର ଥିଲା ରିଲେଶନଶିପ୍ ମ୍ୟାନେଜର। ସେତେବେଳେ ପାଖ ଆଖରେ ବ୍ୟାଙ୍କ ନ ଥିଲା। ମ୍ୟୁଚୁଆଲ ଫଣ୍ଡ, ପୋଷ୍ଟ ଅଫିସ ସ୍ୱଳ୍ପ ସଞ୍ଚୟ ଯୋଜନା ବା ଅନ୍ୟ କୌଣସି ଲାଭଦାୟକ ଉପାୟରେ ଟଙ୍କା ଖଟାଇବାର ନ



ଥିଲା ସେପରି କିଛିଟା ସୁବିଧା। ଏହାସତ୍ତ୍ୱେ ସନା ମା'ର ସମସ୍ତ ସଞ୍ଚିତ ଅର୍ଥର ମୂଳରାଶି ମୋ ବୋଉ ପାଖରେ ସୁରକ୍ଷିତ ଥିଲା। ଆଜିଭଳି ସୁବିଧା ସୁଯୋଗ ଥିଲେ ହୁଏତ ସନା ମା'ର ସଞ୍ଚିତ ରାଶିକୁ ବ୍ୟାଙ୍କ, ପୋଷ୍ଟ ଅଫିସ କିମ୍ବା ଅନ୍ୟାନ୍ୟ ଉପାୟରେ ବିନିଯୋଗ କରି ଲାଭ ଉପାର୍ଜନ କରାଯାଇ ପାରିଥାଆନ୍ତା। ସୁବିଧା ସୁଯୋଗର ଅଭାବ ଓ ନିଜର ନିରକ୍ଷରତା ସତ୍ତ୍ୱେ ବି ସନା ମା' ବୁଝିଥିଲା ଅର୍ଥର ପ୍ରକୃତ ମୂଲ୍ୟ । ଏଣୁ ନିୟମିତ ସଞ୍ଚୟ କରୁଥିଲା। ସନା ମା'ର ମୋ ବୋଉ ଉପରେ ଯଥେଷ୍ଟ ଭରସା ଥିଲା। ଜମା କରୁଥିବା ପଇସାର ହିସାବ ନ ଥିଲା ସନା ମା' ପାଖରେ। ମୋ ବୋଉ ମଧ କିଛି ହିସାବ ରଖେନି ସେ ପଇସାର, କିନ୍ତୁ ସନା ମା'ର ପଇସାକୁ ବାକ୍ସର ଗୋଟିଏ କୋଣରେ ସାଇତି ରଖେ ଯେପରି ନିଜ ଟଙ୍କା ପଇସା ସେଥିରେ ନ ମିଶେ। ସନା ମା'ର ମୋ ବୋଉ ଉପରେ ଥିଲା ଅଗାଧ ବିଶ୍ୱାସ। ସେ ଜାଣିଥିଲା ମୋ ବୋଉ କେବେ ବି ତା' ପଇସା ଏପଟସେପଟ କରିବନି। ଦୁହିଙ୍କ ପରସ୍ପର ପ୍ରତି ଥିଲା ଭରସା ଓ ବିଶ୍ୱାସ।

ପାଞ୍ଚ ବର୍ଷ ତଳର କଥା। ଭୁବନେଶ୍ୱରର ଏକ ବସ୍ତିରେ ରହୁଥାଆନ୍ତି ଜଣେ ବୃଦ୍ଧା। ସ୍ୱାମୀ ବହୁଦିନରୁ ଆରପାରିକୁ ଚାଲିଯାଇଛନ୍ତି, ବୟସ ଷାଠିଏ ପାଖାପାଖି। ବାସନ୍ତୀ ମା' ନାଁରେ ସେ ପରିଚିତ। ଚାରୋଟି ଘରେ କାମ କରି ପେଟ ପୋଷେ । ଏ ବୟସରେ ବି କାମ କରିବାକୁ ପଡେ। କାମ ନ କଲେ ଖାଇବାକୁ କେଉଁଠୁ ଆସିବ? ଗୋଟିଏ ବୋଲି ପିଲା, ବାସନ୍ତୀର ବିବାହ ହେବା ପରେ ସେ ଭାବିଥିଲା ତା'ର ସମସ୍ତ ଜଞ୍ଜାଳ ସରିଗଲା। ବୁଢୀଦିନରେ ଝିଅ ତାକୁ ଚଳେଇନେବ, କିନ୍ତୁ ଘଟିଲା ସବୁ ଓଲଟା। କାମ କରି ସେ ଯାହା କିଛି ପଇସା ଘରକୁ ଆଣିଥାଏ, ଝିଅ ବାସନ୍ତୀ ଆସି ତା'ଠାରୁ ଯୋର ଜବରଦସ୍ତି ନେଇଯାଏ। ମା' ମନରେ ଅନେକ ଦୁଃଖ ହୁଏ, ଏହାର ପ୍ରତିକାର ପାଇଁ ଚିନ୍ତାକରି ସେ ନିଜର ସମସ୍ୟା ତୀର୍ଥବାବୁଙ୍କୁ କହିଲା। ତୀର୍ଥବାବୁଙ୍କ ଘରେ ସେ କାମ କରେ। ନିକଟସ୍ଥ ବ୍ୟାଙ୍କରେ ବାସନ୍ତୀ ମା'ର ଖାତା ଖୋଲି ସେଥିରେ ପ୍ରତି ମାସରେ ଟଙ୍କା ଜମା କରିବା ଦାୟିତ୍ୱ ନେଲେ ତୀର୍ଥବାବୁ।

ପ୍ରତି ମାସ ଏକ ତାରିଖରେ ତୀର୍ଥବାବୁ ବାସନ୍ତୀ ମା' ଖାତାରେ ଟଙ୍କା ଜମାକରି, ପାସ୍‌ବୁକ୍ ଅପ୍‌ଡେଟ କରନ୍ତି। ମାସର ପ୍ରଥମ ଦିନରେ ବ୍ୟାଙ୍କରେ ସାଧାରଣତଃ ଭିଡ ଥାଏ। ପାସ୍‌ବୁକ୍ ଅପ୍‌ଡେଟ କରିବାରେ ସାମାନ୍ୟ ବିଳମ୍ବ ହୁଏ। ପାସ୍‌ବୁକ୍‌କୁ ଶୀଘ୍ର ଅପ୍‌ଡେଟ କରାଇଦେବା ପାଇଁ ମୋତେ ଅନୁରୋଧ କଲେ। ମୁଁ ତୀର୍ଥବାବୁଙ୍କୁ କହିଲି ମାସର ପ୍ରଥମ ଦିନରେ ନ ଆସି ଆପଣ ଚାରି ପାଞ୍ଚ ତାରିଖ ବେଳକୁ ଆସିଲେ ହୁଏତ ସବୁ କାମ ସୁବିଧାରେ ହୋଇଯିବ। "ମୋର ଚାରି ପାଞ୍ଚ ତାରିଖ ବେଳକୁ ଆସି ସବୁ କାମ କରିବାରେ କିଛି ଆପତ୍ତି ନାହିଁ। ବାସନ୍ତୀ ମା' ନିରକ୍ଷର ହେଲେ କ'ଣ ହେବ ? ଠିକ୍ ପହିଲା ଦିନ ପାସ୍‌ବୁକ୍ ଦେଖିବା ପାଇଁ ଆତୁର ହୋଇ ଚାହିଁଥିବ। ଡେରି ହେଲେ ମୁହଁ ଶୁଖେଇ ଦୁଃଖ କରିବ" ତୀର୍ଥବାବୁ କହିଲେ ।

ତୀର୍ଥବାବୁଙ୍କଠାରୁ ସମସ୍ତ କଥା ଶୁଣିବା ପରେ ମୋ ମନରେ କୌତୂହଳ ଜାତ ହେଲା। ବାସନ୍ତୀ ମା' ତ ନିରକ୍ଷର। ପାସ୍‌ବୁକ୍ ଅପ୍‌ଡେଟ ହେଲା କି ନାହିଁ କେମିତି ଜାଣୁଛି? ବାସନ୍ତୀ ମା'କୁ ସାଥୀରେ ଧରି ବ୍ୟାଙ୍କ ଆଣିବାକୁ ତୀର୍ଥବାବୁଙ୍କୁ ଅନୁରୋଧ କଲି। ଦିନେ ଅପରାହ୍ନରେ ବାସନ୍ତୀ ମା' ସହିତ ତୀର୍ଥବାବୁ ମୋ ପାଖରେ ପହଞ୍ଚିଲେ। ଚେୟାରରେ ନ ବସି ବାସନ୍ତୀ ମା' ତଳେ ବସି ପଡିଲେ। ତାଙ୍କୁ ଚେୟାରରେ ବସିବା ପାଇଁ କହିଲି। ସେ କହିଲେ, ବାବୁ! ଏ ଚେୟାର ବଡ ବଡ ପାଠପଢୁଆ ଲୋକ ବସିବା ପାଇଁ ହୋଇଛି। ମୋ ଭଳି ଗରିବଙ୍କ ପାଇଁ ଚଟାଣ ଠିକ୍। ତାଙ୍କୁ ବୁଝାଇଶୁଝାଇ ଚେୟାରରେ ବସିବା ପାଇଁ ବାଧ୍ୟ କଲି। ସଙ୍କୋଚର ସହ ସେ ଚେୟାରରେ ବସିବା ପରେ ପଚାରିଲି, ମାଉସୀ! ତମେ ତ ପାଠ ପଢିନାହଁ, ତୀର୍ଥବାବୁ ଟଙ୍କା ଜମା କଲେ କି ନ କଲେ, ତାହା ଜାଣୁଛ କିପରି? ଏକ ତାରିଖ ବଦଳରେ ଚାରି ପାଞ୍ଚ ଦିନ ବିଳମ୍ବ ହେଲେ କ୍ଷତି କ'ଣ?

ଉତ୍ତରରେ ବାସନ୍ତୀ ମା' କହିଲା, ମୁଁ ତୀର୍ଥବାବୁଙ୍କ ଘରେ ଦଶ ବର୍ଷ ହେଲା କାମ କରୁଛି। ବାବୁଙ୍କ ଉପରେ ମୋର ପୂର୍ଣ୍ଣ ଭରସା ଅଛି। ସେ କେବେହେଲେ ମିଛ କହିବେ ନାହିଁ କି ଭୁଲ କାମ କରିବେ ନାହିଁ। ମାସ ସାରା ଅନ୍ୟ ଘରେ କାମ କରେ। ମାସ ଶେଷକୁ ହାତକୁ ଟଙ୍କା ଆସିଲେ, ମାସଟାଯାକର କଷ୍ଟ ଭୁଲିଯାଏ, ହାତକୁ ଟଙ୍କା ଆସିବା ବଦଳରେ ମୋ ବ୍ୟାଙ୍କ ଖାତାରେ କିଛି ଟଙ୍କା ଜମା ହୁଏ, ସେହି ଖାତାକୁ ଦେଖି ମୋ ପେଟ ଭରିଯାଏ।

ପଚାରିଲି, ମାଉସୀ ! ତମେ ତ ପଢି ଜାଣିନ, ପାସ୍‌ବୁକ୍‌ରୁ କ'ଣ ବୁଝ ? ସେ କହିଲା, ବାବୁ! ମୁଁ ସିନା ଅକ୍ଷର କିମ୍ବା ସଂଖ୍ୟା ପଢିପାରିବି ନାହିଁ ମାସକୁ ମାସ ପାସ୍‌ବୁକ୍‌ରେ ଧାଡି ବଢି ଚାଲେ, ଯାହା ଦେଖିଲେ ବୁଝିହେବ। ପାସ୍‌ବୁକ୍‌ର ଧାଡି ବଢିବା ସହ ମୁଁ ଭାବେ ମୋ ଟଙ୍କା ମଧ୍ୟ ବଢି ବଢି ଯାଉଛି।

ବାସନ୍ତୀ ମା'ର ପାସ୍‌ବୁକ୍ ବୁଝିବା ଶୈଳୀ ଥିଲା ସ୍ୱତନ୍ତ୍ର । ବାସନ୍ତୀ ମା'ଠାରୁ ସବୁ ଶୁଣିଲା ପରେ ମୁଁ କହିଲି, "ମାଉସୀ! ତମେ ନିରକ୍ଷର ନୁହଁ, ତମେ ପାଠ ନ ପଢି ମଧ୍ୟ ପାଠୁଆମାନଙ୍କଠାରୁ ଅଧିକ ଶିକ୍ଷିତ । ତମକୁ କୋଟି କୋଟି ନମସ୍କାର। "

ମୋ:୭୩୮୧୦୪୬୪୭୭

# ଦୀର୍ଘ ଜୀବନର ରହସ୍ୟ



ଡା. ଗୋପାଳ ଚନ୍ଦ୍ର ଦାଶ

ଯଦାବଧ୍ନନ ଦାକ୍ଷୟଣା ହିରଣ୍ୟଂ ଶତନୀକାୟ ସୁମନସ୍ୟ ମାନାଃ
ତତତେ ବଧ୍ନାମ୍ୟାୟୁଷେ ବର୍ଚ୍ଚସେ ବଳାୟ ଦୀର୍ଘାୟୁତ୍ୱାୟ ଶତଶରଦାୟ ।।
(ଅଥର୍ବ ବେଦ= କାଣ୍ଡ-୧, ସୁକ୍ତ-୩୫, ମନ୍ତ୍ର-୧)।

ଉପରୋକ୍ତ ମନ୍ତ୍ରଟି ଅଥର୍ବ ବେଦରୁ ଆନୀତ। ମନ୍ତ୍ର ମାଧ୍ୟମରେ ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା ଶାରୀରିକ ଓ ମାନସିକ ଶକ୍ତି ଆହରଣ କରି ଉତ୍ତମ ସନ୍ତାନ ପ୍ରାପ୍ତି ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି। ବ୍ରହ୍ମଚର୍ଯ୍ୟ ଜୀବନ ଶକ୍ତିକୁ ଉଜ୍ଜୀବିତ କରିଥାଏ। ସେଥିପାଇଁ ମୁନିଋଷିମାନେ ବ୍ରହ୍ମଚର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଛନ୍ତି। ବ୍ରହ୍ମଚର୍ଯ୍ୟ ବ୍ୟକ୍ତିକୁ ଆୟୁ, ଯଶ ଓ ବଳ ପ୍ରଦାନ କରି ଦୀର୍ଘାୟୁ କରିଥାଏ। ନୀରୋଗ ଜୀବନଯାପନ ପାଇଁ ବ୍ରହ୍ମଚର୍ଯ୍ୟ ପାଳନ ଏକାନ୍ତ ଆବଶ୍ୟକ। ବ୍ରହ୍ମ ଶବ୍ଦର ଅର୍ଥ ମହାନ୍ ଓ ଚର୍ଯ୍ୟର ଅର୍ଥ ଆଚରଣ କରିବା। ଶରୀର, ମନ ଓ ଇନ୍ଦ୍ରିୟ ଦ୍ୱାରା ଯେଉଁ ମହାନ୍ ଆଚରଣ କରାଯାଏ, ତାହା 'ବ୍ରହ୍ମଚର୍ଯ୍ୟ'। ବ୍ରହ୍ମଚର୍ଯ୍ୟର ଯୌଗିକ ଅର୍ଥ-ମହାନ୍। ମାତ୍ର ସାଧାରଣ ଅର୍ଥରେ ବ୍ରହ୍ମଚର୍ଯ୍ୟର ଅର୍ଥ ବୀର୍ଯ୍ୟ ରକ୍ଷା। ବୀର୍ଯ୍ୟ ରକ୍ଷା ଦ୍ୱାରା ବ୍ୟକ୍ତି ମହାନ୍ ହୋଇଥାଏ। ଶରୀର ସପ୍ତଧାତୁରୁ ନିର୍ମିତ। ସେଗୁଡ଼ିକ ହେଲା- ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା ଓ ବୀର୍ଯ୍ୟ। ଏହା ବ୍ୟକ୍ତିକୁ ସୁଷମ ଖାଦ୍ୟରୁ ମିଳିଥାଏ। ଆୟୁର୍ବେଦ କହେ ଯେ ଏକ ବିନ୍ଦୁ ବୀର୍ଯ୍ୟ ନିର୍ମାଣ ପାଇଁ ୪୦-୬୦ ବିନ୍ଦୁ ରକ୍ତର ଆବଶ୍ୟକ ପଡ଼ିଥାଏ। ତୈଳବୀଜରେ ତୈଳ, ଆଖୁ ଖଣ୍ଡରେ ରସ ଓ କ୍ଷୀରରେ ଘିଅର ସ୍ଥିତି ଯାହା, ଶରୀରରେ ବୀର୍ଯ୍ୟର ସ୍ଥିତି ତାହା। ବ୍ରହ୍ମଚର୍ଯ୍ୟର ପରମ ରସାୟନ ବୀର୍ଯ୍ୟ। ବ୍ରହ୍ମଚର୍ଯ୍ୟ ଶାରୀରିକ କାନ୍ତି, ମାନସିକ ଶାନ୍ତି ଓ ଆତ୍ମିକ ଆନନ୍ଦ ପ୍ରଦାନ କରିଥାଏ। ବ୍ରହ୍ମଚର୍ଯ୍ୟ ସଫଳତାର ଚାବିକାଠି ଓ ଆରୋଗ୍ୟର ମୂଳାଧାର। ଶରୀରରୂପୀ ଭବନର ବ୍ରହ୍ମଚର୍ଯ୍ୟ ଆଧାର ସ୍ତମ୍ଭ। ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ, ବଳ, ତେଜ, ବିଦ୍ୟା, ବୁଦ୍ଧି, ଜ୍ଞାନ, ଧୈର୍ଯ୍ୟ, ସାହସ, ନିର୍ଭୀକତା, ସହନଶୀଳତା ଓ ପବିତ୍ରତା ଆଦି ଗୁଣ ବ୍ରହ୍ମଚର୍ଯ୍ୟ ଉପରେ ଆଧାରିତ।

ମୈଥୁନ ଦ୍ୱାରା ବ୍ରହ୍ମଚର୍ଯ୍ୟ ଭଗ୍ନ ହୋଇଥାଏ। ମୈଥୁନ ଆଠ ପ୍ରକାର। ମନ, ବାଣୀ, ଚକ୍ଷୁ, କର୍ଣ୍ଣ ଓ ଚର୍ମ ଆଦି ଇନ୍ଦ୍ରିୟ ଦ୍ୱାରା ଅଶ୍ଳୀଳ ବିଷୟବସ୍ତୁ ମାଧ୍ୟମରେ ବ୍ରହ୍ମଚର୍ଯ୍ୟ ଭଗ୍ନ ହୋଇଥାଏ। ବ୍ରହ୍ମଚର୍ଯ୍ୟ ଆଚରଣ କରୁଥିବା ପୁରୁଷକୁ ବ୍ରହ୍ମଚାରୀ ଓ କନ୍ୟାକୁ ବ୍ରହ୍ମଚାରିଣୀ କୁହାଯାଏ। ବିଦ୍ୟା ଅଧ୍ୟୟନର ସମୟ ତପସ୍ୟା ଓ ସାଧନାର ଅବସ୍ଥା ହୋଇଥିବାରୁ ବିଦ୍ୟାର୍ଥୀକୁ ବ୍ରହ୍ମଚାରୀ କୁହାଯାଏ। ବ୍ରହ୍ମଚର୍ଯ୍ୟ ସାଧନା ବିନା ଗୃହସ୍ଥ



ଜୀବନରେ ପ୍ରବେଶ କଲେ ଗୃହସ୍ଥ ଜୀବନ ବିଶୃଙ୍ଖଳିତ ହୋଇଥାଏ। ବ୍ରହ୍ମଚର୍ଯ୍ୟ ଫଳନ ଦ୍ୱାରା ରଜ ଓ ବୀର୍ଯ୍ୟ ଦୋଷରହିତ ହୋଇଥାଏ, ଯାହା ଉତ୍ତମ ସନ୍ତାନ ପ୍ରାପ୍ତିରେ ସହାୟକ ହୋଇଥାଏ। ବ୍ରହ୍ମଚର୍ଯ୍ୟ ତିନି ଶ୍ରେଣୀରେ ବିଭକ୍ତ- ନିମ୍ନ, ମଧ୍ୟମ ଓ ଉତ୍ତମ। ମନୁଷ୍ୟ ଶରୀରରେ ବୀର୍ଯ୍ୟ ବା ଧାତୁ ୪ ଅବସ୍ଥାରେ ଗତିଶୀଳ ହୋଇଥାଏ- ବୃଦ୍ଧି (୧୬ରୁ ୨୫ ବର୍ଷ), ଯୌବନ (୨୫ରୁ ୪୦ ବର୍ଷ), ପୂର୍ଣ୍ଣତା (୪୦ ବର୍ଷ) ଓ କିଞ୍ଚିତ୍ ପରିହାଣି (୪୦ରୁ ୪୮ ବର୍ଷ)। ବ୍ୟକ୍ତି ଦ୍ୱାରା ୨୪ ବର୍ଷ ପର୍ଯ୍ୟନ୍ତ ପାଳନ ବ୍ରହ୍ମଚର୍ଯ୍ୟକୁ ନିମ୍ନ ବ୍ରହ୍ମଚର୍ଯ୍ୟ, ୪୪ ବର୍ଷ ପର୍ଯ୍ୟନ୍ତ ପାଳନ ବ୍ରହ୍ମଚର୍ଯ୍ୟକୁ ମଧ୍ୟମ ବ୍ରହ୍ମଚର୍ଯ୍ୟ ଓ ୪୮ ବର୍ଷ ପର୍ଯ୍ୟନ୍ତ ପାଳନ ବ୍ରହ୍ମଚର୍ଯ୍ୟକୁ ଉତ୍ତମ ବ୍ରହ୍ମଚର୍ଯ୍ୟ କୁହାଯାଏ। ବିବାହ ପୂର୍ବରୁ କନ୍ୟା ଅତି କମ୍‌ରେ ୧୭ ବର୍ଷ ପର୍ଯ୍ୟନ୍ତ ଓ ପୁରୁଷ ୨୪ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ କରିବା ଆବଶ୍ୟକ। ବ୍ରହ୍ମଚର୍ଯ୍ୟ ଶିକ୍ଷା ପ୍ରାରମ୍ଭରୁ ପିତା ଓ ମାତା ତଥା ଗୁରୁକୁଳରେ ଆଚାର୍ଯ୍ୟଙ୍କ ଦ୍ୱାରା ପ୍ରଦାନ କରିବା ଆବଶ୍ୟକ। ଶତପଥ ବ୍ରାହ୍ମଣରେ ଉଲ୍ଲେଖ ଅଛି- 'ମାତୃମାନ, ପିତୃମାନ, ଆଚାର୍ଯ୍ୟବାନ ପୁରୁଷୋତ୍ତମ ବେଦଃ' ଅର୍ଥାତ୍ ଯେଉଁ ବ୍ୟକ୍ତିକୁ ମାତା, ପିତା ଓ ଆଚାର୍ଯ୍ୟ ଭଳି ଗୁରୁ ମିଳିଥାଏ ସେ ଜ୍ଞାନୀ ହୁଏ। ବ୍ରହ୍ମଚର୍ଯ୍ୟ ପାଳନ ପଶ୍ଚାତ୍ ବିବାହ କଲେ ଉତ୍ତମ ସନ୍ତାନ ପ୍ରାପ୍ତି ହୁଏ। 'ବ୍ରହ୍ମଚର୍ଯ୍ୟେଣ କନ୍ୟା ଯୁବନାଂ ବିନ୍ଦତେ ପତିମ୍।' (ଅଥର୍ବ କାଣ୍ଡ-୧୧, ମନ୍ତ୍ର-୧୮) ଅର୍ଥାତ୍ ନାରୀ ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ବେଦାଧ୍ୟୟନ ସମାପ୍ତ କରି ଯୁବପିଢ଼ିଙ୍କୁ ବରଣ କରିବେ। ସେଥିପାଇଁ ବ୍ରହ୍ମଚର୍ଯ୍ୟ ପାଳନ ମଧ୍ୟ ସ୍ତ୍ରୀମାନଙ୍କ ପାଇଁ ପ୍ରଯୁଜ୍ୟ।

ଉପରୋକ୍ତ ବେଦମନ୍ତ୍ର ମାଧ୍ୟମରେ ଋଷି ମାନବ ସମାଜକୁ ଉପଦେଶ ଦେଇ କହିଛନ୍ତି- ଯେଉଁ ବ୍ୟକ୍ତି ନିଜର ବୀର୍ଯ୍ୟକୁ ଇନ୍ଦ୍ରିୟ ସୁଖରେ ନଷ୍ଟ ନ କରି, ଈଶ୍ୱରଙ୍କ ଆଶ୍ରିତ ହୋଇ, ପିତା, ମାତା ଓ ଗୁରୁଙ୍କ ସହାୟତାରେ ଆଜନ୍ମରୁ ବ୍ରହ୍ମଚର୍ଯ୍ୟ ବ୍ରତ ଅବଲମ୍ବନ କରି, ମନରେ ଶୁଭ ସଂକଳ୍ପ ନେଇ ସୁବର୍ଣ୍ଣରୂପୀ 'ଓଜ' ଶକ୍ତିକୁ ଧାରଣ କରି ରମଣୀୟ ଜୀବନ ଅତିବାହିତ କରନ୍ତି, ଈଶ୍ୱର ତାଙ୍କୁ ଆୟୁ, ଯଶ, ବଳ ପ୍ରଦାନ କରି ଦୀର୍ଘାୟୁ କରିଥାଆନ୍ତି। ଶାରୀରିକ ବଳ ଓ ମାନସିକ ଦୃଢ଼ତା ବଳରେ ଶତ୍ରୁମାନଙ୍କୁ ପରାଜିତ କରି, ସଂସାରର ସମସ୍ତ ଜୀବ ମଧ୍ୟରେ ଶ୍ରେଷ୍ଠ ବିବେଚିତ ହୋଇ ସମସ୍ତ ଐଶ୍ୱର୍ଯ୍ୟପ୍ରାପ୍ତ କରିଥାଆନ୍ତି। ଏହା ହେଉଛି ବ୍ରହ୍ମଚର୍ଯ୍ୟ ପାଳନରୁ ମିଳିଥିବା ସୁଫଳ- ଯାହା ମୁନିଋଷିମାନେ ବେଦରେ ବର୍ଣ୍ଣନା କରିଛନ୍ତି।

**ସେବା ନିବୃତ୍ତ ଚିକିତ୍ସା ନିର୍ଦ୍ଦେଶକ
ଭାରତୀୟ ରେଳ ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର
ମୋ: ୭୮୪୮୮୫୦୯୫୦**

## ଏଇ ଭାରତରେ

ଘରର କେହି ସଦସ୍ୟ ହଜିଗଲେ ତାଙ୍କୁ ଖୋଜିବା ପାଇଁ ପୋଲିସ କିମ୍ବା ସୋସିଆଲ ମିଡିଆର ସାହାରା ନିଆଯାଏ। ପୋଲିସ ମାଧ୍ୟମରେ ଖୋଜି ଦେଇଥିବା ବ୍ୟକ୍ତିଙ୍କୁ ଖୁସିରେ ପୁରସ୍କାର ରାଶି ଦେବାପାଇଁ ମଧ୍ୟ ପରିବାର ଲୋକେ ଘୋଷଣା କରିଥାନ୍ତି। ହେଲେ ଘରୁ ପୋଷା ଶୁଆ ହଜିଗଲେ ଏଥିପାଇଁ ଲୋକେ ଏତେ ବ୍ୟସ୍ତ ହେବା ଓ ଖୋଜିବା ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରିବା କଥା ହୁଏତ ଅଜବ ଲାଗିପାରେ। କିନ୍ତୁ ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶର ମିରଟରେ। ଏଠାରେ ପ୍ରଭାତନଗରରେ ରହୁଥିବା ମୋହନ ସିଂହ ଓ ତାଙ୍କ ପତ୍ନୀ ଆକାଂକ୍ଷା ୪ ବର୍ଷ ତଳେ ଏକ ଶୁଆକୁ ଆଣି ଘରେ ପୋଷିଥିଲେ। ଶୁଆର ନାଁ ଦେଇଥିଲେ ମିଠୁ। ଗତ ୨ ତାରିଖରୁ ମିଠୁ ଘର ବାହାରକୁ ଉଡିଯାଇଛି କିନ୍ତୁ ଆଉ ଫେରିନି। ସେଥିପାଇଁ ମୋହନ ସିଂହ ଶୁଆକୁ ଖୋଜି ନ ପାଇବା ପରେ ନିରାଶ ହୋଇ ଏବେ ସୋସିଆଲ ମିଡିଆର ସାହାରା ନେଇଛନ୍ତି। ତା'ଛଡା ସହରର ଗଳିକନ୍ଦିରେ ପୋଷ୍ଟର ଲଗାଇ ମିଠୁ ସମ୍ପର୍କରେ ସୂଚନା ଦେବାପାଇଁ କହିଛନ୍ତି। ତେବେ ମିଠୁ ସମ୍ପର୍କରେ ଜଣାଇବା ବ୍ୟକ୍ତିଙ୍କୁ ୧୦ ହଜାର ଟଙ୍କାର ପୁରସ୍କାର ରାଶି ଦେବାପାଇଁ ମଧ୍ୟ ଘୋଷଣା କରିଛନ୍ତି। ଏନେଇ ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଇ ତାଙ୍କ ଠିକଣା ଦେଇଛନ୍ତି। ପୁରସ୍କାର ଅର୍ଥ ପାଇବା ଆଶାରେ ଲୋକେ ବିଭିନ୍ନ ଗଳିକନ୍ଦିରେ ଶୁଆକୁ ଖୋଜୁଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳ ତଥା ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚା ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୯ ଡିସେମ୍ବର ୧୯୭୫

- କବିତା ପୁସ୍ତକ 'ସୂର୍ଯ୍ୟ ଓ ଅନ୍ଧକାର' ପାଇଁ ବିଶିଷ୍ଟ କବି ରାଧାମୋହନ ଗଡ଼ନାୟକ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଛନ୍ତି।
- ପ୍ରତିମା ପାଲ ଚୌଧୁରୀ ପଶ୍ଚିମବଙ୍ଗର ଏକ ଡାକ୍ତରଖାନାରେ ପ୍ରଥମ ମହିଳା ଆମ୍ବୁଲାନ୍ସ ଡ୍ରାଇଭର ଭାବେ ନିଯୁକ୍ତ।

## ସୁଡୋକୁ

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 8 | 7 | | | 6 | | | | |
| | | | 4 | 5 | | | | |
| | | | | | 9 | 2 | | |
| 6 | | | 7 | | | | | 4 |
| | 2 | | 9 | | 6 | | | |
| | 8 | | | 3 | 2 | | | 5 |
| 4 | 9 | | | | | | | |
| | | 1 | | 2 | | 5 | | |
| | | | 8 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 5 | 8 | 4 | 7 | 9 | 3 | 6 |
| 4 | 8 | 6 | 9 | 3 | 5 | 7 | 1 | 2 |
| 7 | 9 | 3 | 1 | 6 | 2 | 8 | 4 | 5 |
| 1 | 2 | 9 | 6 | 7 | 8 | 4 | 5 | 3 |
| 5 | 6 | 8 | 4 | 1 | 3 | 2 | 9 | 7 |
| 3 | 4 | 7 | 2 | 5 | 9 | 6 | 8 | 1 |
| 9 | 5 | 1 | 7 | 2 | 4 | 3 | 6 | 8 |
| 6 | 7 | 4 | 3 | 8 | 1 | 5 | 2 | 9 |
| 8 | 3 | 2 | 5 | 9 | 6 | 1 | 7 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବୃଦ୍ଧାଶ୍ରମ ଶେଷ ଠିକଣା ନ ହେଉ

ମହାଶୟ,

ଆଜିର ସମାଜ ଏକ ପ୍ରତିଯୋଗିତା ଭିତରେ ଧାଇଁଛି । କାହା ପାଇଁ ଆଜି କାହାର ସମୟ ନାହିଁ । ବୃଦ୍ଧ ମା'ବାପା ଚାହିଁଥିବେ କାମରୁ ଆସିଲା ପରେ ମୋ ସହିତ କିପରି ମୋ ପିଲାମାନେ ଟିକେ ସୁଖ ଦୁଃଖ ହେବେ, କିନ୍ତୁ ପିଲାମାନେ ବିଭିନ୍ନ ପ୍ରକାର ବାହାନା କରି ତାଙ୍କୁ ଅଣଦେଖା କରୁଛନ୍ତି । ଯେତେବେଳେ କିଛି କଥା ବୃଦ୍ଧ ମା'ବାପା କହୁଛନ୍ତି ସେତେବେଳେ ପିଲାମାନେ ଉତ୍ତର ଦେଉଛନ୍ତି ତମେ ଦୁନିଆ ବିଷୟରେ କିଛି ଜାଣିନ । ସେମାନେ ଭାବୁନାହାନ୍ତି ଦିନେ ଏହି ଅବସ୍ଥା ଦେଇ ଗତି କରିବେ । ମା'ବାପାଙ୍କ ଭଲ ପାଇବା ବିନା ସର୍ତ୍ତ ଓ ବିନା ସ୍ୱାର୍ଥରେ ଥାଏ । ପିଲାମାନେ କିନ୍ତୁ ଏହା ବୁଝିବାକୁ ଯେମିତି ପ୍ରସ୍ତୁତ ନୁହନ୍ତି । ଆଜିର ସମୟରେ ଜଣେ ବୃଦ୍ଧ ମଣିଷ ନିଜ ଭାବନା କାହା ସହିତ ବାଣ୍ଟି ମଧ୍ୟ ପାରୁନାହାନ୍ତି । ନିଜ ଭାବନାକୁ ନିଜ ଅନ୍ତର ମଧ୍ୟରେ ରଖୁଛନ୍ତି । ଏହା ତାଙ୍କୁ ବହୁଭାବରେ ମାନସିକ ଚାପ ଦେଉଛି । ମା'ବାପାଙ୍କୁ ଯେତେସମ୍ଭବ ଭଲ ପାଇବା ଦେବା ଉଚିତ। ହେଲେ ବହୁକ୍ଷେତ୍ରରେ ଦେଖାଦେଉଛି ବୃଦ୍ଧ ମାତାପିତାଙ୍କୁ ପିଲାମାନେ ବୃଦ୍ଧାଶ୍ରମରେ ଛାଡ଼ିଦେଇ ଗର୍ବର ସହ କହୁଛନ୍ତି ଆମ ପାଖରେ ସମୟ ନାହିଁ, ସେଇଠି ସେମାନେ ଖୁସିରେ ରହିବେ । ଭୁଲି ଯାଉଛନ୍ତି ସେମାନେ ମଧ୍ୟ ଆଗକୁ ବୃଦ୍ଧ ହେବେ ବୋଲି ।

**-ରବିନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଯୁବକ ଯୁବତୀ ଧରମ ସେ ତ
ବୟସ ଦାବି
ଗୋପନୀୟ ତେବେ କି ଅଛି ତହିଁ
କହ ତ ଭାବି।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ନବରଙ୍ଗପୁର ଏମ୍‌ପିଙ୍କ ପାଖରେ ଠିକ୍ ତଥ୍ୟ ନାହିଁ: ରମେଶ ମାଝୀ

ନବରଙ୍ଗପୁର,୮।୧୨(ସଦାଶିବ ପ୍ରହରାଜ)

ଭାଜପା ପକ୍ଷରୁ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ଶନିବାର ଖବରଦାତା ସମ୍ମିଳନୀରେ ଦେଇଥିବା ତଥ୍ୟ ଭୁଲ୍ ବୋଲି ପୂର୍ବତନ ଏମ୍‌ପି ତଥା ବିଜେଡି ଜିଲା ସଭାପତି ରମେଶ ଚନ୍ଦ୍ର ମାଝୀ ରବିବାର ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି । ସେ କହିଛନ୍ତି ଜିଲାରେ ଡିଗ୍ରୀ କଲେଜ ଖୋଲିବା ନେଇ ବଳଭଦ୍ର ସମ୍ପୂର୍ଣ୍ଣ ମିଥ୍ୟା ତଥ୍ୟ ଦେଇଛନ୍ତି। ମୋଦି ସରକାର ସମୟରେ ଡିଗ୍ରୀ କଲେଜ ହୋଇଛି ବୋଲି କହିବା ଦୁର୍ଭାଗ୍ୟଜନକ । ନବରଙ୍ଗପୁର ଜିଲାର ଝରିଗାଁ, ରାଇଘର, ତେନ୍ତୁଳିଖୁଣ୍ଟି ଏବଂ କୋଷାଗୁମୁଡା ବ୍ଲକରେ ଯେଉଁ ୪ଟି ଡିଗ୍ରୀ କଲେଜ ଖୋଲାଯାଇଛି ତାହା ବିଜେଡି ସରକାର ଥିବା ସମୟରେ ଉଚ୍ଚ ଶିକ୍ଷା ବିଭାଗର ପତ୍ର ସଂଖ୍ୟା ୩୭୭ ଅନୁଯାୟୀ ଚଳିତ ୨୦୨୪ ଜାନୁୟାରୀ ୪ରୁ ଅନୁମୋଦନ ପାଇ ଖୋଲା ହୋଇସାରିଲାଣି। ଏପରିକି ଉକ୍ତ ୪ଟି ଡିଗ୍ରୀ କଲେଜରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ମଧ୍ୟ ଆରମ୍ଭ ହୋଇସାରିଲାଣି। ବଳଭଦ୍ରଙ୍କ ପାଖରେ ତଥ୍ୟ ନାହିଁ, ନା ସେ ସବୁଜାଣି ଲୋକଙ୍କୁ ଭୁଆଁ ବୁଲାଇଛନ୍ତି ବୋଲି ରମେଶ ପ୍ରଶ୍ନ କରିଛନ୍ତି।



ନୂଆଦିଲ୍ଲୀର ନବଜୀବନ କ୍ୟାମ୍ପ ଅଞ୍ଚଳରେ ମୁଖ୍ୟମନ୍ତ୍ରୀ ଆତିଶୀ ସ୍ଥାନୀୟ ମହିଳାମାନଙ୍କ ସହ ଆଲୋଚନା କରୁଛନ୍ତି।

# ଫଡ଼ନବିସ୍ ମନ୍ତ୍ରିମଣ୍ଡଳରେ ଶିନ୍ଦେସେନାରୁ ୧୧ ମନ୍ତ୍ରୀ

ମୁମ୍ବାଇ, ୮।୧୨

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଭାବେ ଦେବେନ୍ଦ୍ର ଫଡ଼ନବିସ୍ ଓ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଓ ଅଜିତ ପାୱାରଙ୍କ ଶପଥ ଗ୍ରହଣ ଉତ୍ସବ ପରେ ଏବେ ନୂତନ ସରକାରରେ ମନ୍ତ୍ରିମଣ୍ଡଳ ଗଠନକୁ ନେଇ ପ୍ରକ୍ରିୟା ଜୋରଦାର ହୋଇଛି। ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ପକ୍ଷରୁ ନୂତନ ସରକାରର ମନ୍ତ୍ରିମଣ୍ଡଳରେ ସାମିଲ ହେବାକୁ ଥିବା ୧୧ ଜଣ ବିଧାୟକଙ୍କ ସମ୍ଭାବ୍ୟ ତାଲିକା ପ୍ରକାଶ ପାଇଛି। ଉକ୍ତ ତାଲିକାରେ ଦଳ ପକ୍ଷରୁ ୫ ନୂଆ ଚେହେରାଙ୍କୁ ସ୍ଥାନ ମିଳିଛି। ସେହିପରି ପୂର୍ବ ମହାୟୁତି ସରକାରରେ ମନ୍ତ୍ରୀ ଥିବା ଶିବସେନାର ୫ ବିଧାୟକ ମଧ୍ୟ ଏହି ତାଲିକାରେ ରହିଛନ୍ତି। ରିପୋର୍ଟ ଅନୁଯାୟୀ, ଦେବେନ୍ଦ୍ରଙ୍କ ମନ୍ତ୍ରିମଣ୍ଡଳରେ ଶିବସେନାର ୧୩ରୁ ୧୪ ଜଣ ବିଧାୟକ ରହିବେ। ସେମାନଙ୍କ ମଧ୍ୟରୁ ଚଳିତ ସପ୍ତାହରେ ୧୦ରୁ ୧୨ ଜଣ ଶପଥ ନେବେ। ମହାରାଷ୍ଟ୍ର ବିଧାନସଭାର ସମୁଦାୟ ଆସନ ସଂଖ୍ୟା ୨୮୮ ହୋଇଥିବାରୁ ନିୟମ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଓ ୨ ଉପମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ରାଜ୍ୟରେ ସର୍ବାଧିକ ୪୩ ଜଣ ମନ୍ତ୍ରୀ ରହିପାରିବେ। ପୂର୍ବରୁ ଏକନାଥ ଶିନ୍ଦେଙ୍କ ନେତୃତ୍ୱରେ ଚାଲିଥିବା ମହାୟୁତି ସରକାରରେ ୨୯ ଜଣ ମନ୍ତ୍ରୀ ରହିଥିଲେ। ଏକନାଥଙ୍କ ଉକ୍ତ ମନ୍ତ୍ରିମଣ୍ଡଳରେ ଭାଜପା ଓ ଶିବସେନାର ୧୦ ଲେଖାଏଁ ମନ୍ତ୍ରୀ ରହିଥିବାବେଳେ ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପିରୁ ୯ ଜଣ ମନ୍ତ୍ରୀ ରହିଥିଲେ।

# ମହାରାଷ୍ଟ୍ର ବିଧାନସଭା: ରାହୁଲ ନାର୍ଭେକର ପୁଣି ବାଚସ୍ପତି



ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ପଦ ପାଇଁ ଭାଜପା ବିଧାୟକ ରାହୁଲ ନାର୍ଭେକର ରବିବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍, ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଓ ଅଜିତ ପାୱାରଙ୍କ ଉପସ୍ଥିତିରେ ନାମାଙ୍କନ ଦାଖଲ କରୁଛନ୍ତି।

ମୁମ୍ବାଇ, ୮।୧୨

ଭାଜପା ବିଧାୟକ ରାହୁଲ ନାର୍ଭେକର ପୁନର୍ବାର ମହାରାଷ୍ଟ୍ର ବିଧାନସଭାରେ ବାଚସ୍ପତି ଭାବେ ନିର୍ବାଚିତ ହେବା ନେଇ ଏକ ପ୍ରକାର ସ୍ପଷ୍ଟ ହୋଇଛି। ସେ ମହାୟୁତିର ପୂର୍ବ ସରକାରରେ ମଧ୍ୟ ବାଚସ୍ପତି ଭାବେ ଦାୟିତ୍ୱ ନିଭାଇଥିଲେ। ରବିବାର ବିରୋଧୀ ମହାବିକାଶ ଅଘାଡ଼ି(ଏମ୍‌ଭିଏ) ମେଣ୍ଟ ପକ୍ଷରୁ ବାଚସ୍ପତି ନିର୍ବାଚନରେ ନ ଲଢ଼ିବାକୁ ନିଷ୍ପତ୍ତି ନିଆଯିବା ପରେ ନାର୍ଭେକର ପୁନର୍ବାର ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ହେବା ନେଇ ନିଶ୍ଚିତ ହୋଇଛି। ରବିବାର ସେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍, ୨ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଓ ଅଜିତ ପାୱାର ଏବଂ ରାଜ୍ୟ ଭାଜପା ସଭାପତି ଚନ୍ଦ୍ରଶେଖର ବାୱନ୍‌କୁଲେଙ୍କ ଉପସ୍ଥିତିରେ ବାଚସ୍ପତି ପଦ ପାଇଁ ନାମାଙ୍କନ ଦାଖଲ କରିଥିଲେ।

# ପୁଷ୍ପେନ୍ଦ୍ର-ଦିବ୍ୟଶଙ୍କର କଳି ବଢୁଛି



ପୁଷ୍ପେନ୍ଦ୍ର ସିଂଦେଓ



ଦିବ୍ୟଶଙ୍କର ମିଶ୍ର

କୋକସରା, ୮।୧୨
(ଦୁଷ୍ମନ୍ତ କୁମାର ପାଇଯୋଷୀ)

କଳାହାଣ୍ଡି ଜିଲା ବିଜୁ ଜନତା ଦଳ (ବିଜେଡି) ରାଜନୀତିରେ ଦଳୀୟ ନେତାଙ୍କ ମଧ୍ୟରେ ଗୋଷ୍ଠୀକନ୍ଦଳ ଏବେ ପଦାକୁ ଆସିଲାଣି। ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ଦଳର ଜଣେ ତୃଣମୂଳ ସ୍ତରରୁ ରାଜନୀତିରେ ସକ୍ରିୟ ରହିଥିବା ନେତା। ସେ ଧର୍ମଗଡ଼ ବିଧାନସଭାରୁ ୩ ଥର ବିଧାୟକ ରହି ବିଜେଡିକୁ ଜିଲାରେ କ୍ରିୟାଶୀଳ କରିଥିବା ତାଙ୍କ ସମର୍ଥକମାନେ କହୁଛନ୍ତି। ଅନ୍ୟପକ୍ଷରେ ଏବେ କଳାହାଣ୍ଡି ଜିଲା ଦଳୀୟ ସଭାପତି ପଦବୀକୁ ନେଇ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଅନ୍ୟ ଏକ ଗୋଷ୍ଠୀ ପୁଷ୍ପେନ୍ଦ୍ରଙ୍କୁ ହଟାଇବା ପାଇଁ ରଣନୀତି ଆରମ୍ଭ କରିଥିବା କୁହାଯାଉଛି। ଜିଲା ସଭାପତି ଦାୟିତ୍ୱରୁ ପୁଷ୍ପେନ୍ଦ୍ରଙ୍କୁ ହଟାଇବା ପାଇଁ ଜୁନାଗଡ଼ ବିଧାୟକଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିକଟରେ ଫେରାଦ ହୋଇଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଫଳରେ ପୁଷ୍ପେନ୍ଦ୍ରଙ୍କ ସପକ୍ଷବାଦୀ କର୍ମୀମାନେ ରଣହୁଙ୍କାର ଦେଇଛନ୍ତି। ରବିବାର କୋକସରା ବିଜେଡି ଦଳୀୟ କାର୍ଯ୍ୟାଳୟରେ ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ କୁମାର ମାଝୀ, କୋକସରା ଜୋନ ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ବ୍ଲକ ସମ୍ପାଦକ ପଞ୍ଚକ ପୋଢ଼, ନାରିନେତ୍ରୀ ଅଶୋକା ନାଏକ, ବରିଷ୍ଠ କର୍ମୀ ଅଶୋକ ପୂଝାରି, ଭୁବନେଶ୍ୱର ମାଝୀ, ରମେଶ ଦୁର୍ଗା, ଅରବିନ୍ଦ ପଟ୍ଟନାୟକ, କୁମୁଦ ବେହେରା, ନୀଳାମ୍ବର ବାରିକ, ଅଭିମନ୍ୟୁ ଗୋପାଳ, ଅଜୟ କୁମାର ସାହୁ, ସୁରେଶ ସାହୁ, ରାମେଶ୍ୱର ଧଙ୍ଗଡାମାଝୀଙ୍କ ସମେତ ବ୍ଲକର ୨୨ ପଞ୍ଚାୟତର ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ରହି ଦଳରେ ବିଦ୍ରୋହକାରୀ ଓ ଶୃଙ୍ଖଳାଭଙ୍ଗ କରୁଥିବା ନେତାଙ୍କ ପ୍ରତି ରାଜ୍ୟ ସଭାପତି କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ପୁଷ୍ପେନ୍ଦ୍ରଙ୍କ ନେତୃତ୍ୱରେ ଦୀର୍ଘବର୍ଷ ଧରି ଜିଲାରେ ଦଳ ସଙ୍ଗଠିତ ହୋଇ ରହିଛି ଓ ଆଗକୁ ମଧ ତାଙ୍କ ନେତୃତ୍ୱରେ ହିଁ କଳାହାଣ୍ଡି ଜିଲାରେ ବିଜେଡି ସୁଦୃଢ଼ ହେବ ବୋଲି ସେମାନେ ମତପ୍ରକାଶ କରିଛନ୍ତି।



ପୁଷ୍ପେନ୍ଦ୍ରଙ୍କ ସପକ୍ଷରେ ଅନୁଷ୍ଠିତ ବୈଠକରେ ବିଜେଡି କର୍ମକର୍ତ୍ତା।

# ଭାଜପାରେ ମିଶିଲେ କେଉଟଜଙ୍ଗାର ୨୨ ପରିବାର



କେଲୁଣୀ ମନ୍ଦିର ନିକଟରେ ଭାଜପାରେ ଯୋଗ ଦେଇଥିବା ବିଜେଡି କର୍ମୀମାନେ।

ଅସ୍ତରଙ୍ଗ,୮।୧୨
(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ଶିଶୁଅ ପଞ୍ଚାୟତ କେଉଟଜଙ୍ଗାର ୨୨ ପରିବାର ରବିବାର ଯୁବନେତା ଦିବାକର ଛାଟୋଇଙ୍କ ନେତୃତ୍ୱରେ ବିଧିବଦ୍ଧ ଭାବେ ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। କେଲୁଣୀ ମନ୍ଦିର ନିକଟରେ ଆୟୋଜିତ ମିଶ୍ରଣ ପର୍ବରେ ଭାଜପା ନେତା ତଥା କାକଟପୁର ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକ, ଅସ୍ତରଙ୍ଗ ମଣ୍ଡଳ ସଭାପତି ପ୍ରଭାକର ନାୟକ, ମାଣ୍ଡୁକି ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଇନ୍ଦ୍ରମଣି ଜେନା, ସ୍ଥାନୀୟ ଅଞ୍ଚଳରୁ କାର୍ତ୍ତିକ ପରିଡ଼ା, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ରଞ୍ଜିତ ବିଶ୍ୱାଳ, ପପୁ ପ୍ରଧାନ, ପ୍ରମୋଦ ପାତ୍ର, ସଞ୍ଜୟ କାଳିଆଙ୍କ ସମେତ ବିଭିନ୍ନ ଅଞ୍ଚଳର କର୍ମୀମାନେ ଉପସ୍ଥିତ ଥିଲେ। ଏହି ପର୍ବରେ ସ୍ଥାନୀୟ ଅଞ୍ଚଳରୁ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଧବଳୀ ବିଶ୍ୱାଳ, ରଞ୍ଜୁ ନାୟକ, ଶିବଶଙ୍କର ବିଶ୍ୱାଳ, ଅଶୋକ ବିଶ୍ୱାଳ, ଅମରେଶ୍ୱର ନାୟକ, ଶାନ୍ତନୁ ନାୟକ, ତପନ ନାୟକ, ତପୁ ମୁରୁଣୀ ପ୍ରମୁଖ ୨୨ଟି ପରିବାର ବିଜେଡି ଛାଡ଼ି ଭାଜପାରେ ମିଶିଛନ୍ତି। ଅନ୍ୟପକ୍ଷରେ ଉଭୟ ରାଜ୍ୟ ଓ କେନ୍ଦ୍ରରେ ଭାଜପା ଶାସନ ଚାଲିଥିବାରୁ ଗାଁ ଗାଁରେ ଲୋକେ ଏବେ ଭାଜପାମୁହାଁ ବୋଲି ଶୁଣିବାକୁ ମିଳୁଛି।


# ଇନ୍‌ପୁଟ୍ ସହାୟତା ବଣ୍ଟନକୁ ନେଇ ବର୍ଷିଲେ ନରସିଂହ, ସାଲୁଜା

ବଲାଙ୍ଗୀର, ୮।୧୨
(ବୀରେନ୍ଦ୍ର କୁମାର ଝାଙ୍କର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଚାଷୀଙ୍କୁ ବହୁ ପ୍ରତୀକ୍ଷିତ ଧାନ ଇନ୍‌ପୁଟ ସହାୟତା ବଣ୍ଟନ କରିଛନ୍ତି। ତେବେ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ଓ ସନ୍ତୋଷ ସିଂ ସାଲୁଜା ଇନ୍‌ପୁଟ ସହାୟତା ବଣ୍ଟନକୁ କଡା ସମାଲୋଚନା କରିଛନ୍ତି।

କଂଗ୍ରେସ ନେତା ମିଶ୍ର କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ ଭାଜପା ପକ୍ଷରୁ ଚାଷୀଙ୍କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦିଆଯିବ ବୋଲି କୁହାଯାଇଥିଲା। ମାତ୍ର ସେତେବେଳେ ଏକର ପିଛା ଚାଷୀଙ୍କ ଠାରୁ ୧୩ କୁଇଣ୍ଟାଲ ଧାନ କିଣାଯିବ ବୋଲି କୁହାଯାଇ ନ ଥିଲା। ଏବେ ସରକାର ଏକଥା କହୁଛନ୍ତି। ତେବେ ଚାଷୀ ବଳକା ଧାନ କ'ଣ କରିବ ଏବଂ କେଉଁଠି କେତେ ଟଙ୍କାରେ ବିକିବ ବୋଲି ନରସିଂହ ପ୍ରଶ୍ନ କରିଛନ୍ତି। ସୁଭଦ୍ରା ଯୋଜନା କଥା ଉଲ୍ଲେଖ କରି ସରକାରଙ୍କ ପଦକ୍ଷେପକୁ ସେ ସମାଲୋଚନା କରିଛନ୍ତି।

ସେହିପରି ସାଲୁଜା କହିଛନ୍ତି ଯେ, ଅଧିକାଂଶ ଗରିବ ଚାଷୀ ଆଟ, ବେର୍ଣ୍ଣା ଭଳି ଉଚ୍ଚ ଜମିରେ ଢ଼େର ପୂର୍ବରୁ ଧାନ ଅମଳ କରି ସାରିଥିଲେ। ଏବେ ବିଳମ୍ବରେ ମଣ୍ଡି ଖୋଲିଛି। ଗରିବ ଚାଷୀମାନେ ଗତ ଅକ୍ଟୋବରରୁ ସେ ଧାନ ଅମଳ କରି ବିକ୍ରି କରିଦେଲେଣି। ମିଲର୍ସ ଓ ମଧ୍ୟସ୍ଥିମାନେ ଢେର କମ୍ ମୂଲ୍ୟରେ ଧାନ କିଣି ନେଇଛନ୍ତି। ଏବେ ୧୨୦ରୁ ୧୫୦ ଦିନିଆ ଧାନ ଅମଳ ହେଲାଣି। ଆଜି ବି ଅଳ୍ପ ଚାଷୀଙ୍କ ପାଖକୁ ଟୋକନ ଆସିଛି। ମଣ୍ଡିରେ ଆବଶ୍ୟକ ସଂଖ୍ୟକ ଏଫଏକ୍ୟୁ ମାନ ନିର୍ଦ୍ଧାରଣ ମେଶିନ ନାହିଁ। ଏପରିସ୍ଥଳେ ଚାଷୀ ଧାନର ପ୍ରକୃତ ମୂଲ୍ୟ ପାଇବ ନାହିଁ ଓ ମିଲର୍ସ, ମଧ୍ୟସ୍ଥି ଲାଭ ପାଇବେ ବୋଲି ସାଲୁଜା କହିଛନ୍ତି।




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୋଇଲି ପାରଡ଼ା ଆମ୍ବ**
**ଦାଣ୍ଡ ଦିହୁଡ଼ିରେ ଯାଉଁଳି କବାଟ**
**ଖଞ୍ଜାରେ ନଡ଼ିଆ ଖମ୍ବ ।**

ଘର ବାହାରେ ଯାଉଁଳି କବାଟ। ଲୋକେ ଜାଣିବାକୁ ଥିଲାବାଲା ଘର, ଖାଇପିଇ ଅୟସରେ ଚଳୁଥିବେ। କିନ୍ତୁ ଭିତରର କଥା ନ କହିଲେ ଭଲ। ଦିନହୀନ ଦରିଦ୍ର ସମ ଜୀବନଯାପନ କରୁଥିବା ବ୍ୟକ୍ତିଙ୍କ ଲୋକଦେଖାଣିଆ ରଙ୍ଗଢଙ୍ଗ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**କଖାରୁ ପତର ଆଁଶୁ**
**ବୁଢ଼ାକୁ ଦେଖିଲେ ଘରେ ନ ପଶୁ**
**ଟୋକାକୁ ଦେଖିଲେ ହସୁ ।**

ଅବୈଧ ସମ୍ପର୍କ ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଭୁଲ୍ ହେବ ନାହିଁ। ବୟସ୍କ ସ୍ୱାମୀକୁ ପଛ କରି ବା ହତାଦର କରି ଯୁବା ବ୍ୟକ୍ତି ପ୍ରତି ଆସକ୍ତ ହୋଇପଡୁଥିବା ବ୍ୟଭିଚାରିଣୀ ନାରୀ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

## ଅନ୍ୟାନ୍ୟ ଖବର

# ସୀମା ସୁରକ୍ଷା ପାଇଁ ଡ୍ରୋନ୍ ନିରୋଧୀ ଶାଖା ପ୍ରସ୍ତୁତ କରିବ ଭାରତ: ଶାହା

ପୋରବନ୍ଦର, ୮।୧୨

ରାଜସ୍ଥାନର ଯୋଧପୁରରେ ରବିବାର ଆୟୋଜିତ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ୬୦ତମ ସ୍ଥାପନା ଦିବସ କାର୍ଯ୍ୟକ୍ରମରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଯୋଗଦେଇଛନ୍ତି। ଏହି ଅବସରରେ ଶାହା କହିଛନ୍ତି, ଭାରତ ନିଜର ସୀମାଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଖୁବ୍‌ଶୀଘ୍ର ଏକ ବ୍ୟାପକ ଡ୍ରୋନ୍ ନିରୋଧୀ ଶାଖା ନିର୍ମାଣ କରିବ। ଆଗାମୀ ଦିନରେ ମାନବବିହୀନ ବିମାନ ଯାନ (ଡ୍ରୋନ୍)ର ବିପଦ ବଢ଼ିବାକୁ ଲାଗିବ। ତେଣୁ ଏହାକୁ ରୋକିବା ଦିଗରେ କେନ୍ଦ୍ର ସରକାର ସାମଗ୍ରିକ ରଣନୀତି ଆପଣାଉଛନ୍ତି। ସେ କହିଛନ୍ତି, ଡ୍ରୋନ୍ ବିପଦକୁ ମୁକାବିଲା କରିବା ପାଇଁ ଦେଶ ଆପଣାଇଥିବା ଲେଜର ସଜ୍ଜିତ ଆଣ୍ଟି ଡ୍ରୋନ୍ ବନ୍ଧୁକ ଚାଳିତ ଯନ୍ତ୍ରର କୌଶଳ ସକାରାତ୍ମକ ରହିଛି। ଏହାଦ୍ୱାରା ପଞ୍ଜାବସ୍ଥିତ ଭାରତ-ପାକିସ୍ତାନ ସୀମାରେ ଡ୍ରୋନ୍‌ର ଚିହ୍ନଟ ଏବଂ ଡ୍ରୋନ୍‌ଗୁଡ଼ିକୁ ପ୍ରଭାବହୀନ କରାଇବାର ମାମଲା ୩%ରୁ ବୃଦ୍ଧି ପାଇ ୫୫%ରେ ପହଞ୍ଚିଛି। କେନ୍ଦ୍ର ସରକାରଙ୍କ ଆଧିକାରିକ ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ପାକିସ୍ତାନରୁ ୨୬୦ଟି ଡ୍ରୋନ୍ ଭାରତକୁ ଛଡ଼ାଯାଇଛି। ଗତବର୍ଷ ଏହି ସଂଖ୍ୟା ୧୧୦ରେ ସୀମିତ ଥିଲା। ସେଥିମଧ୍ୟରୁ ଅଧିକାଂଶ ଡ୍ରୋନ୍‌କୁ ପଞ୍ଜାବରେ ଧରାଯାଇଥିଲା। ବିଭିନ୍ନ ଅସ୍ତ୍ରଶସ୍ତ୍ର ଏବଂ ଡ୍ରଗ୍ସ ସହ ଉକ୍ତ ଡ୍ରୋନ୍‌ଗୁଡ଼ିକୁ ଭାରତ ଛଡ଼ାଯାଇଥିଲା ବୋଲି ଶାହା କହିଛନ୍ତି। ତେଣୁ ଭାରତ ସରକାର ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ (ଡିଆରଡିଓ) ସହ ମିଳିତ ଭାବେ ଏହି ସମସ୍ୟାର ମୁକାବିଲା କରିବେ। ପାକିସ୍ତାନ ସହ ରହିଥିବା ୨୨୮୯ କିଲୋମିଟର ସୀମା ଏବଂ ବାଂଲାଦେଶ ସହ ରହିଥିବା ୪୦୯୬ କିଲୋମିଟର ସୀମାକୁ ସୁରକ୍ଷିତ କରିବା ପାଇଁ ବିସ୍ତୃତ ଇଣ୍ଟିଗ୍ରେଟେଡ୍ ସୀମା ପରିଚାଳନା ବ୍ୟବସ୍ଥା (ସିଆଇବିଏମ୍‌ଏସ୍) ଉପରେ କାର୍ଯ୍ୟ ଚାଲିଥିବା ନେଇ ଶାହା କହିଛନ୍ତି।

# ଅକ୍ଷରବ୍ରହ୍ମରୁ ଲୋକ ମହୋତ୍ସବ ଚଇତି ଶୁଭାରମ୍ଭ

- ଚଇତି ରଥର ଶୁଭାରମ୍ଭ, ପୋଷ୍ଟର ଉନ୍ମୋଚିତ
- ବ୍ଲକସ୍ତରୀୟ ଚଇତିରେ ଲୋକକଳା ପ୍ରଦର୍ଶନକଲେ କଳାକାର

ରାୟଗଡ଼ା/ପଦ୍ମପୁର,୮।୧୨
(ଆଶିଷ ରଞ୍ଜନ ପଣ୍ଡା/ପ୍ରଶାନ୍ତ କର)


ଅକ୍ଷରବ୍ରହ୍ମ ମନ୍ଦିରରେ ଚଇତି ଶୁଭାରମ୍ଭ ପୂଜାରେ ଏମ୍‌ପିଙ୍କ ସହ ଉପସ୍ଥିତ ୩ ବିଧାୟକ।

ରାୟଗଡ଼ା ଜିଲାସ୍ତରୀୟ ଲୋକ ମହୋତ୍ସବ ଚଇତି-୨୦୨୪ ରବିବାର ପଦ୍ମପୁର ବ୍ଲକ ମରିଚଗୁଡ଼ାସ୍ଥିତ ଅକ୍ଷରବ୍ରହ୍ମ ମନ୍ଦିରରୁ ଶୁଭାରମ୍ଭ ହୋଇଛି। ଚଇତି କାର୍ଯ୍ୟକ୍ରମରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସେହିଭଳି ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ବିଷମକଟକ ବିଧାୟକ ନୀଳମାଧବ ହିକ୍କା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡି ଓ ଗୁଣପୁର ଉପଜିଲାପାଳ କିରଣଦୀପ କୌର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅକ୍ଷରବ୍ରହ୍ମଠାରେ ସମସ୍ତ ବିଧି ଅନୁସାରେ ପୂଜାର୍ଚ୍ଚନା କରି ଏହାର ଶୁଭାରମ୍ଭ କରିଥିଲେ। ମନ୍ଦିରରେ ଶବରଙ୍କ ଦେବତା ମାତାରବନ୍ନମଙ୍କ ନିକଟରେ ପୂଜାର୍ଚ୍ଚନା ପରେ ୧୧ ବ୍ଲକ୍‌ରେ ଚଇତି କାର୍ଯ୍ୟକ୍ରମ ପାଇଁ ୧୧ଟି କଳସ ସ୍ଥାପନ କରି ଗଙ୍ଗା ଆବାହନ ଦ୍ୱାରା ଘଟ ସ୍ଥାପନା କରାଯାଇଥିଲା। ଏହାପରେ ସୁନାରିଘାଇ ଛକ ନିକଟରେ ପହଞ୍ଚି ଖିଲାମୁଣ୍ଡା ଠାକୁରାଣୀ ମନ୍ଦିରରୁ ଆଜ୍ଞାମାଳ ଗ୍ରହଣ କରାଯାଇଥିଲା। ପରେ ଶୋଭାଯାତ୍ରାରେ ବାହାରି ପଦ୍ମପୁର ବିଜୟାନନ୍ଦ ହାଇସ୍କୁଲ ପଡ଼ିଆଠାରେ ଚଇତି ମଣ୍ଡପରେ କଳସ ସ୍ଥାପନ କରାଯିବା ସହିତ ଅନ୍ୟ ୧୦ଟି ବ୍ଲକକୁ କଳସ ପଠାଯାଇଥିଲା। ଚଇତି ଶୁଭାରମ୍ଭ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଆଦିବାସୀ କଳାକାର ଯୋଗଦେଇ ନାଚଗୀତ ପରିବେଷଣ କରିଥିଲେ।

ପରେ ପଦ୍ମପୁର ବ୍ଲକସ୍ତରୀୟ ଚଇତି ମହୋତ୍ସବ ପାଳନ ହୋଇଥିଲା। ଏଥିରେ ଏମ୍‌ପି ଉଲ୍ଲାକା ଓ ୩ ବିଧାୟକ ଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକ, ବ୍ଲକସ୍ତରୀୟ ଚଇତି ସଂଯୋଜକ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ମିଶନ ଡ. ଦୟାନିଧି ବାଗ, ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧାରୀ ଗମାଙ୍ଗ, ରାମନାଗୁଡ଼ା ସମିତି ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ, ଚନ୍ଦ୍ରପୁର ବ୍ଲକ ଅଧ୍ୟକ୍ଷ କଇନ କିମ୍ବାକା, ଜିଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନା, ଗୁଣପୁର ବ୍ଲକ ପୌର ଉପାଧ୍ୟକ୍ଷ ଶିବ ନାରାୟଣ ଗୌଡ଼, ପଦ୍ମପୁର ବ୍ଲକ ଅଧ୍ୟକ୍ଷା ମଣିମାଳା ଶବର, ରାୟଗଡ ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ଗୁଡ଼ାରି ବ୍ଲକ ଅଧ୍ୟକ୍ଷାଙ୍କ ସହ ସମସ୍ତ ବ୍ଲକର ଅଧ୍ୟକ୍ଷା ଓ ଜିଲା ପରିଷଦ ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପଦ୍ମପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକଙ୍କ ଉପସ୍ଥିତିରେ ବ୍ଲକସ୍ତରୀୟ ଚଇତି ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହୋଇଥିଲା ଏଥିରେ ଚଇତି ରଥ ଉଦ୍‌ଘାଟନ କରାଯିବା ସହିତ ଚଇତି ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଦିବ୍ୟାଙ୍ଗ କଳାକାରଙ୍କ ଦ୍ୱାରା ଚଇତି ସଙ୍ଗୀତର ଉନ୍ମୋଚନ କରାଯାଇଥିଲା। ପଦ୍ମପୁର ବ୍ଲକ ଖିଲାପଦର ପଞ୍ଚାୟତର ଦିବ୍ୟାଙ୍ଗ କଳାକାର ଲକ୍ଷ୍ମଣ ଶବର ଏବଂ ଗୁଡ଼ାରୀ ବ୍ଲକ କଦମା ପଞ୍ଚାୟତ ଟଙ୍ଗରମା ଗ୍ରାମର ଫାବେନା ପାଲକା ଏହି ସଙ୍ଗୀତରେ କଣ୍ଠଦାନ କରିଛନ୍ତି। ଏହି ଗୀତକୁ କଳାକାର ସନ୍ତୋଷ ବଚ୍ଛା ଲେଖିବା ସହିତ ସ୍ୱର ସଂଯୋଜନା କରିଥିବା ବେଳେ ବିରୁ ହିଆଲ ସଙ୍ଗୀତ ପରିଚାଳନା କରିଛନ୍ତି।



ରାୟଗଡ଼ା ଜିଲା ପଦ୍ମପୁର ବ୍ଲକସ୍ତରୀୟ ଲୋକ ମହୋତ୍ସବ ଚଇତି ମଞ୍ଚରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଗୁଡାରିରେ ପହଞ୍ଚିଲା ଚଇତି କଳସ

ଗୁଡାରି,୮।୧୨
(ପ୍ରମୋଦ କୁମାର ପତି)


ଗୁଡାରି ବିଡିଓ ଅନିଶା ଦାସ ଚଇତି କଳସ ମୁଣ୍ଡରେ ଧରିଛନ୍ତି।

ଗୁଡାରି ସହରରେ ରବିବାର ପହଞ୍ଚିଲା ଚଇତି କଳସ। ପଦ୍ମପୁର ବ୍ଲକର ମରିଚଗୁଡାସ୍ଥିତ ଅକ୍ଷର ବ୍ରହ୍ମ ମନ୍ଦିରରେ ପୂଜା ପରେ ଏହି ଚଇତି କଳସ ସ୍ଥାନୀୟ ପ୍ରଶାସନ ଆଣି ଭଣ୍ଡାରଘରଣୀ ମନ୍ଦିରରେ ପୂଜାର୍ଚ୍ଚନା କରି ରଖିଥିଲେ। ବିଡ଼ିଓ ଅନିଶା ଦାସ ପ୍ରଥମେ ମରିଚଗୁଡା ମନ୍ଦିର ନିକଟରେ ପୂଜା କରାଯାଇଥିବା କଳସ ଧରିଥିଲେ। ସିଡିପିଓ ଅନିତା ପାଣିଗ୍ରାହୀ, ଅଙ୍ଗନୱାଡି ସଂଘ ସଭାପତି ରମା ଦେବୀ ବାଉରୀ, ଛନ୍ଦା ଚରଣ ବାରିକଙ୍କ ସମେତ ଅନ୍ୟ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆସନ୍ତା ୨୦ରେ ଗୁଡାରିରେ ବ୍ଲକସ୍ତରୀୟ ଚଇତି ଅନୁଷ୍ଠିତ ହେବ ଏବଂ ଏହି ଚଇତି କଳସକୁ ବିରାଟ ଶୋଭାଯାତ୍ରାରେ ଚଇତି ମଣ୍ଡପକୁ ନିଆଯାଇ ସ୍ଥାପନ କରାଯିବ ବୋଲି ଜଣାପଡ଼ିଛି।

# ଚଇତି ଉପଲକ୍ଷେ କବିତା ପାଠୋତ୍ସବ



କବିତା ପାଠୋତ୍ସବରେ ଉପସ୍ଥିତ ଅତିଥି ଏବଂ କବି, କବୟିତ୍ରୀମାନେ।

ମୁନିଗୁଡ଼ା,୮।୧୨ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ା ବ୍ଲକ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଚଇତି ମହୋତ୍ସବ ଉପଲକ୍ଷେ ବ୍ଲକ ପ୍ରଶାସନ ପକ୍ଷରୁ ମୁନିଗୁଡ଼ା ସାହିତ୍ୟ ସଂସଦ ସୌଜନ୍ୟରେ ରବିବାର କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। ସଂସଦ ସଭାପତି ପି.ସୁଧାକର ପାତ୍ରଙ୍କ ସଭାପତିତ୍ୱ ଓ କବି ଅକ୍ଷୟ କୁମାର ରଥଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଡିଓ କୃଷ୍ଣଚନ୍ଦ୍ର ଦଳପତି, ମୁଖ୍ୟବକ୍ତା ଭାବେ ଚଇତି ପତ୍ରିକାର ମୁଖ୍ୟ ସମ୍ପାଦକ ଅକ୍ଷୟ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଭାଜପା ନେତା ଜଗନ୍ନାଥ ନୁଣ୍ଡୁକା ଓ ବ୍ଲକର ମୁଖ୍ୟଯନ୍ତ୍ରୀ ଐଶ୍ୱର୍ଯ୍ୟ ଭଞ୍ଜଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କବି ଓ କବୟିତ୍ରୀମାନେ ଜିଲାର ସଂସ୍କୃତି, ମୁନି ଋଷିଙ୍କ ତପୋଭୂମି, ବନଭୂମି, ବନବାସୀ, ଡଙ୍ଗର, ପାହାଡ, ପ୍ରକୃତି ସହିତ ମୁନିଗୁଡାର ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ନେଇ ସ୍ୱରଚିତ କବିତାମାନ ପାଠ କରିଥିଲେ। କବି ରାଜକିଶୋର ବେହେରା, ବିଜୟ କୁମାର ମିଶ୍ର, ସୁବାସ କୁରା ଓ କୃଷ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ କବିତା ଆସରକୁ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଗୌରାଙ୍ଗ ଚରଣ ରାଉତ, ମନୋରଞ୍ଜନ ଦଳାଇ, ଡ.ଚନ୍ଦନ ସିଂ, ଅନନ୍ତ ସାମନ୍ତ, ଅଜିତ ମହାରଣା, ନନ୍ଦିନୀ ଦାସ, ନିର୍ମଳା ମଲ୍ଲିକ, ଅଶ୍ୱିନୀ ବାରିକ, ନୀଳାମ୍ବର ବେହେରା, କାଳନ୍ଦୀ ନାୟକ, ସରିତା ନାୟକ, ସଞ୍ଜୟ ପତି, ପ୍ରକାଶ ଚନ୍ଦ୍ର ମୁଦୁଲି, ସାଇ ଶୁଭାଲକ୍ଷ୍ମୀ ପତି, ରୁଦ୍ରାଶିଷ ମଣ୍ଡଳ, ମାଧବ ପାତ୍ର, ସ୍ମୃତି ରଞ୍ଜନ ନାୟକ, ଶ୍ରୀନିବାସ ସାହୁ, ସୂର୍ଯ୍ୟକାନ୍ତ ପଣ୍ଡା ପ୍ରମୁଖ କବି କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ।

# ଜାନୁଆରୀ ସୁଦ୍ଧା ଇରିସାମୋତି ଗ୍ରାମବାସୀଙ୍କୁ ମିଳିବ ପଟ୍ଟା


ବିଷମକଟକ ତହସିଲଦାର ଇରିସାମୋତି ଗ୍ରାମରେ ତଥ୍ୟ ସଂଗ୍ରହ କରୁଛନ୍ତି।

ବିଷମକଟକ, ୮।୧୨ (ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଭାତପୁର ପଞ୍ଚାୟତର ଇରିସାମୋତି ଗ୍ରାମବାସୀ ଆଜି ସୁଦ୍ଧା ଘରଡିହ ପଟ୍ଟା ପାଇବାରୁ ବଞ୍ଚିତ ଅଛନ୍ତି। ଖବରପାଇ ବିଷମକଟକ ତହସିଲଦାର କେ ଭେଙ୍କଟେଶ୍ୱର ରେଡ୍ଡି ରବିବାର ଇରିସାମୋତି ଗ୍ରାମକୁ ଯାଇ ତଥ୍ୟ ସଂଗ୍ରହ କରିବା ପରେ କୌଣସି ଲୋକଙ୍କୁ ଘରଡିହ ପଟ୍ଟା ମିଳି ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ତେବେ ଜାନୁଆରୀ ସୁଦ୍ଧା ଇରିସାମୋତିର ଗ୍ରାମବାସୀଙ୍କୁ ଘରଡିହ ପଟ୍ଟା ଦିଆଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି।

# ମଣ୍ଡିରେ ଅସୁବିଧା ହେଲେ ଚାଷୀ ଜିଲାପାଳଙ୍କୁ ଅଭିଯୋଗ କରିପାରିବେ

ରାୟଗଡ଼ା,୮।୧୨(ଆଶିଷ ରଞ୍ଜନ ପଣ୍ଡା)


କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଉପସ୍ଥିତ ଅନ୍ୟ ଅତିଥି।

ଚାଷୀଙ୍କୁ ଧାନ ବିକ୍ରି ଇନପୁଟ୍ ସହାୟତା ଲାଇଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଜିସିଡି ପଡ଼ିଆଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧ହଜାର ଚାଷୀ ଯୋଗଦେଇ ବରଗଡ଼ ଜିଲା ସୋହେଲାଠାରେ ମୁଖ୍ୟମନ୍ତ୍ରୀଙ୍କ ଲାଇଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଚଳିତ ବର୍ଷ ଧାନ କୁଇଣ୍ଟାଲ ପିଛା ଚାଷୀ ୩୧୦୦ ଟଙ୍କା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଥିଲେ। ୨୩୦୦ ଟଙ୍କା ଧାନର ସହାୟକ ମୂଲ୍ୟ ହୋଇଥିବା ବେଳେ ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡି ରହିଛି। ଉକ୍ତ ଇନ୍‌ପୁଟ୍ ସବ୍‌ସିଡି ଚାଷୀଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ଅନେକ କୃଷକ ନେତା କାର୍ଯ୍ୟକ୍ରମରେ କହିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ପାରୁଲ ପଟାୱାରି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦାଶରଥି ସୋରେନ୍, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କସ୍ତୁରୀ ସନ୍ନ୍ୟାସୀ ରାଜୁ ଓ ଡିଆର୍‌ସିଏସ୍ ସୀତାପତି କରୁଣାକର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଧାନ ବିକ୍ରି ସମୟରେ କୌଣସି ଅସୁବିଧା ହେଲେ ଚାଷୀମାନେ ସିଧାସଳଖ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିପାରିବେ ବୋଲି ଜିଲାପାଳ ପାରୁଲ କହିଛନ୍ତି।

# ୪୫ ହଜାର ଗଞ୍ଜେଇ ଗଛ ନଷ୍ଟ କଲା ପୋଲିସ

ଗୁଡାରି, ୮।୧୨
(ପ୍ରମୋଦ କୁମାର ପତି)



ଗୁଡାରି ଥାନା ଅନ୍ତର୍ଗତ ଡେରିଗାଁ ଗ୍ରାମ ପଞ୍ଚାୟତର ହାତୀବାଡ଼ି ଗ୍ରାମ ନିକଟରେ ବେଆଇନ ଭାବେ ୧୫ ଏକର ଜମିରେ ଚାଷ ହୋଇଥିବା ପ୍ରାୟ ୪୫ ହଜାର ଗଞ୍ଜେଇ ଗଛକୁ ପୋଲିସ ନଷ୍ଟ କରିଛି। ଏ ସଂକ୍ରାନ୍ତରେ ଗୁଡାରି ଥାନାରେ ଏକ ମାମଲା ମଧ୍ୟ ରୁଜୁ ହୋଇଛି। ରାୟଗଡା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗୁଣପୁର ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ଗୁଡାରି ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ଉପସ୍ଥିତିରେ ପ୍ରଶାସନ, ପୋଲିସ, ଅବକାରୀ ବିଭାଗ, ବନ ବିଭାଗ ମିଳିତ ଭାବେ ଏହି ଗଞ୍ଜେଇ ଗଛ ନଷ୍ଟ କରିଥିଲେ।

# ଏମ୍‌ବିଏରେ ଗୋଲ୍ଡ ମେଡାଲ ପାଇଲେ ଅମିଶା

ରାୟଗଡା,୮।୧୨ ( ଭାଗ୍ୟଶ୍ରୀ ମିଶ୍ର )

ଭୁବନେଶ୍ୱର ସେଞ୍ଚୁରିଆନ ୟୁନିଭର୍ସିଟି କ୍ୟାମ୍ପସରେ ଶନିବାର ଆୟୋଜିତ ୧୨ତମ ସମାବର୍ତ୍ତନ ଉତ୍ସବରେ ରାୟଗଡ଼ା ଜିଲା ଜେକେପୁରର ଝିଅ ଅମିଶା କର ପିଟାର ରେନଭିକ ମେମୋରିଆଲ ଆୱାର୍ଡରେ ଗୋଲ୍ଡ ମେଡାଲ ପଦକ ପାଇଛନ୍ତି। ରାଜ୍ୟପାଳ ରଘୁବର ଦାସ ଅମିଶାଙ୍କୁ ସମ୍ମାନିତ କରିଛନ୍ତି। ଅମିଶା ଭୁବନେଶ୍ୱରସ୍ଥିତ ସେଞ୍ଚୁରିଆନ ୟୁନିଭର୍ସିଟିର ବୈଷୟିକ ଓ ପରିଚାଳନା ଶିକ୍ଷାରେ ଏମ୍‌ବିଏ ୨୦୨୩ - ୨୦୨୪ ଶିକ୍ଷା ବର୍ଷରେ ଟପ୍ପର ହୋଇଥିବାରୁ ତାଙ୍କୁ ଗୋଲ୍ଡ ମେଡାଲ ପ୍ରଦାନ କରାଯାଇଛି। ଜେକେପୁର ନିବାସୀ ପ୍ରଫୁଲ କର ଏବଂ ସନ୍ଧ୍ୟାରାଣୀ କରଙ୍କ ବଡ ଝିଅ ଅମିଶା ରାୟଗଡରେ ପ୍ରାଥମିକ ଶିକ୍ଷା ଲାଭପରେ ସେ ଝାସୁଗୁଡାରେ ରହି ଉଚ୍ଚଶିକ୍ଷା ଅଧ୍ୟୟନ କରିବା ପରେ ସେଞ୍ଚୁରିଆନ ୟୁନିଭର୍ସିଟିରେ ଏମ୍‌ବିଏ କରିଛନ୍ତି।


ରାଜ୍ୟପାଳ ରଘୁବର ଦାସ ଅମିଶାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଗୀତା ଆବୃତ୍ତି ପ୍ରତିଯୋଗିତା: ଭାଗନେଲେ ୮୦ ଛାତ୍ରୀଛାତ୍ର

ଗୁଣପୁର,୮।୧୨(ପ୍ରଦୀପ କୁମାର ପାଢ଼ୀ)


ଗୀତା ଆବୃତ୍ତି ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର।

ଗୁଣପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରବିବାର ଗୀତା ଜୟନ୍ତୀ ଉପଲକ୍ଷେ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଜଗନ୍ନାଥ ପବ୍ଲିକ ସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗାନ୍ଧୀ ପବ୍ଲିକ ସ୍କୁଲ, ଏମ୍‌ପାୱାର ସ୍କୁଲ, ବିବେକାନନ୍ଦ ବିଦ୍ୟାମନ୍ଦିର, ବୃନ୍ଦାବନ ପ୍ଲେ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ଶାନ୍ତିନିକେତନ, ଗୁରୁକୁଳ, ଥାୟାରାମ୍ମା ମହିଳା ମହାବିଦ୍ୟାଳୟ ଭଳି ସ୍କୁଲରୁ ୮୦ ଜଣ ଛାତ୍ରୀଛାତ୍ର ଭୋଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧୫ ତାରିଖରେ ସମ୍ମାନିତ କରାଯିବ ବୋଲି ଘୋଷଣା କରାଯାଇଛି। ସେହିଦିନ ସାମୂହିକ ପରିବାର ମିଳନ, ଗୀତା ପାରାୟଣ ଓ ଗୀତା ଯଜ୍ଞ ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ କୃଷ୍ଣଚନ୍ଦ୍ର ପାଠୀ, ଘାସିରାମ ରଥ, ସୁରେନ୍ଦ୍ର ମଲିକ, ରାଜେଶ କୁମାର ପୃଷ୍ଟି, କୃଷ୍ଣଚନ୍ଦ୍ର ପ୍ରଧାନ ଓ ଜଗନ୍ନାଥ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ବିବେକାନନ୍ଦ କନ୍ୟାକୁମାରୀ ଶାଖା ପକ୍ଷରୁ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଶାଖାର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଭୁବନେଶ୍ୱର ଗସ୍ତ କଲେ ବିପିଏଲ୍‌ଏଫ୍ କର୍ମୀ

ମୁନିଗୁଡା,୮।୧୨ (ନନ୍ଦ କିଶୋର ପଟ୍ଟନାୟକ)


ରାୟଗଡ଼ା ଜିଲା ମିଶନ ଶକ୍ତି ବିଭାଗ ଦ୍ୱାରା ପରିଚାଳିତ ବିପିଏଲଏଫ କର୍ମୀ ସଂଘ ତରଫରୁ ରବିବାର ବହୁ ମହିଳା ଓ ପୁରୁଷ କର୍ମୀ ମୁନିଗୁଡ଼ା ରେଲୱେ ଷ୍ଟେଶନରେ ଏକାଠି ହୋଇ ସେମାନଙ୍କ ଦାବି ହାସଲ ପାଇଁ ରେଳ ଯୋଗେ ଭୁବନେଶ୍ୱର ଯାତ୍ରା କରିଛନ୍ତି। ରାଜ୍ୟ ସଂଘର ଆହ୍ୱାନକ୍ରମେ ରାଜ୍ୟର ୩୦ଟି ଜିଲାର ୬ଟି କମ୍ୟୁନିଟି ସାପୋର୍ଟିଂ ଷ୍ଟାଫଙ୍କ ସହ ଆନ୍ଦୋଳନ କରିବା ପାଇଁ ଏମ୍‌ବିକେ ସଭାପତି ରୁପାବତି ନାଲା, ସିଆରପି ଅମ୍ବିକା ନାୟକ, କୃଷି ମିତ୍ର ବିଶ୍ୱଜିତ୍ ସାହୁକାରଙ୍କ ନେତୃତ୍ୱରେ ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି। ସୋମବାରଠାରୁ ସେମାନେ ପିଏମଜି ଛକଠାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧର୍ମଘଟରେ ବସିବେ। ଏହି ସମୟ ମଧ୍ୟରେ ସେମାନେ ନିଜ ନିଜ ଅଞ୍ଚଳରେ ସେମାନଙ୍କ କାର୍ଯ୍ୟ ବନ୍ଦ ରଖିବାକୁ ବାଧ୍ୟ ହେବେ ବୋଲି ସୂଚନା ଦେଇଥିଲେ।

# ଏବିଭିପିର ନଗର ସମ୍ମିଳନୀ, କର୍ମକର୍ତ୍ତା ଚୟନ

ଗୁଣପୁର,୮।୧୨(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଗୁଣ୍ଡିଚା ମନ୍ଦିର ନିକଟ ଆମ୍ବତୋଟାଠାରେ ରବିବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୭ଟି କଲେଜର ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତା ଯଥା ଦଉଡି ଟଣା, ମ୍ୟୁଜିକ୍ ଚେୟାର୍, ସଙ୍ଗୀତ ଆଦି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ସଂଘ ଚାଳକ ନନ୍ଦୀକେଶର ଚୌଧୁରୀ, ମୁଖ୍ୟବକ୍ତା ଭାବେ ଦେବବ୍ରତ ଆଚାର୍ଯ୍ୟ, ଜିଲା ପ୍ରମୁଖ ଶେଷସାୟୀ ସେନାପତି, ନଗର ପ୍ରମୁଖ ପ୍ରଫୁଲ୍ଲ ଲିମା ଯୋଗଦେଇ କଲେଜ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ କାର୍ଯ୍ୟକର୍ତ୍ତା ଇନ୍ଦ୍ରାକ୍ଷୀ ଦାଶ, ମୁରଲୀ ପଣ୍ଡା, ଦେବବ୍ରତ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

ଚଳିତ ବର୍ଷ ପାଇଁ ବିଭିନ୍ନ କଲେଜ କ୍ୟାମ୍ପସ ଟିମ୍‌ରେ ଥାୟାରାମ୍ମା ମହିଳା ମହାବିଦ୍ୟାଳୟରେ ତୁଳସୀ ଶବର ଓ ଦେବାଞ୍ଜଳି ପ୍ରଧାନୀ, ଗୁଣପୁର ମହାବିଦ୍ୟାଳୟରେ ଆଦିତ୍ୟ ପାଢ଼ୀ, ବଂଶଧାରା ମହାବିଦ୍ୟାଳୟରେ ତନ ଲିମା, ମହର୍ଷି ଗୁରୁକୁଳରେ ଆଦିତ୍ୟ ବେହେରା, ଗୁପ୍ତ ମହେଶ୍ୱର ସାହୁ, ତମ୍ପସରା ଯୁକ୍ତ୨ରେ ଘାସିନାଥ ଗମାଙ୍ଗ, ତମ୍ପସରା ଯୁକ୍ତ୩ରେ ଶ୍ରୀଧର ଜଟିଆଙ୍କୁ ସଭାପତି ଦାୟିତ୍ୱ ଦିଆଯାଇଛି। ସେହିଭଳି ଗୁଣପୁର ନଗର ଟିମ୍ ନିମନ୍ତେ ଲକ୍ଷ୍ମୀ ମହାକୁଡ଼ଙ୍କୁ ସଭାପତି, ପ୍ରଫୁଲ୍ଲ ଶତପଥୀ, ସସ୍ମିତା ବାଉରୀ ଏବଂ ପୁଣ୍ୟଶ୍ଳୋକ ସାହୁଙ୍କୁ ନଗର ଉପସଭାପତି, ସାଇ ପାଣିଗ୍ରାହୀଙ୍କୁ ସମ୍ପାଦକ, ପ୍ରିୟବ୍ରତ ରଥଙ୍କୁ ଟେକ୍ନିକାଲ ବିଦ୍ୟାର୍ଥୀ ପ୍ରମୁଖ, ସୁନୀତା ତରାଇଙ୍କୁ ପାଠଚକ୍ର ପ୍ରମୁଖ, ଜିତେନ୍ଦ୍ର ପଣ୍ଡସାହୁଙ୍କୁ ସେବାର୍ଥେ ବିଦ୍ୟାର୍ଥୀ ପ୍ରମୁଖ, ବୈଶାଳୀ କୋଲାଙ୍କୁ ବିକାଶାର୍ଥେ ବିଦ୍ୟାର୍ଥୀ ପ୍ରମୁଖ, ଗୁପ୍ତେ ମହେଶ୍ୱରଙ୍କୁ ରାଷ୍ଟ୍ରୀୟ କଳା ମଞ୍ଚ ପ୍ରମୁଖ, ସ୍ୱାଗତ ପାଲଙ୍କୁ ଖେଲୋ ଭାରତ ପ୍ରମୁଖ ଦାୟିତ୍ୱ ଅର୍ପଣ କରାଯାଇଥିଲା।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ଭୋଜି ଯୋଗୁ ୧ ଘଣ୍ଟା ଫସିରହିଲା ଆମ୍ବୁଲାନ୍ସ

ରାୟଗଡ଼ା,୮।୧୨(ଆଶିଷ ରଞ୍ଜନ ପଣ୍ଡା)



ଭିଡ଼ରେ ପଶି ରହିଥିବା ଆମ୍ବୁଲାନ୍ସ।

ରାୟଗଡ଼ା ସହର ଭିତରେ ରାସ୍ତା ଜବରଦଖଲ ବୃଦ୍ଧି ଓ ରାସ୍ତା ଉପରେ ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। ଫଳରେ ଆମ୍ବୁଲାନ୍ସ ଓ ଦମକଳବାହିନୀ ଗାଡିକୁ ଜରୁରୀ ସମୟରେ ଯାତାୟାତ କଲାବେଳେ ନାକେଦମ୍ ହେବାକୁ ପଡୁଛି। ଯାହା ରବିବାର ରାୟଗଡ଼ା ସହରରେ ଦେଖିବାକୁ ମିଳିଛି। ଟାଉନ ଥାନାଠାରୁ ମାତ୍ର ୧୦୦ ମିଟର ଦୂରରେ କୃଷ୍ଣଚନ୍ଦ୍ର ନଗର ଭବନରେ ଏକ ଭୋଜିରେ ଭିଡ ଯୋଗୁ ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ ଦୀର୍ଘ ଏକ ଘଣ୍ଟା ଧରି ଫସିରହିଥିଲା।

ଘଟଣାରୁ ପ୍ରକାଶ, ଜାତୀୟ ରାଜପଥଠାରୁ ଅଳ୍ପ ଦୂରରେ ଥିବା କୃଷ୍ଣଚନ୍ଦ୍ର ନଗର ଭବନର ପାର୍କିଂ କୌଣସି କାର୍ଯ୍ୟକ୍ରମରେ ବ୍ୟବହାର ହେଉନି। ଭୋଜି ପାଇଁ ଭଡାରେ ନେଉଥିବା ବ୍ୟକ୍ତିମାନେ ପାର୍କିଂ ସ୍ଥାନରେ ଟେଣ୍ଟ ଭିଡି ସାଜସଜ୍ଜା କରୁଛନ୍ତି। ଫଳରେ ଭୋଜିକୁ ଆସିଥିବା ଅତିଥିଙ୍କ ଗାଡି ସବୁ ରାସ୍ତା ଉପରେ ରହୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ରବିବାର ଶତାଧିକ ବାଇକ ଓ କାର୍ ରାସ୍ତା ଉପରେ ରହିବା କାରଣରୁ ଆନ୍ଧ୍ରପ୍ରଦେଶ ପଟୁ ଆସୁଥିବା ଟ୍ରକ୍ ଓ ବସ୍ ରାସ୍ତା ନ ପାଇ ଅଟକି ଯାଇଥିଲା। ଉକ୍ତ ସମୟରେ ଏକ ଆମ୍ବୁଲାନ୍ସ ରୋଗୀଙ୍କୁ ଧରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବା ବେଳେ ମଧ୍ୟାହ୍ନ ୧ରୁ ୨ଟା ପର୍ଯ୍ୟନ୍ତ ଏହି ଜାମ୍ ଭିତରେ ଫସିରହିଥିଲା। ତେବେ ଯେଉଁ ସ୍ଥାନରେ ଆମ୍ବୁଲାନ୍ସ ଫସିଥିଲା ସେଠାରୁ ମାତ୍ର ଅଳ୍ପ ଦୂରରେ ରହିଛି ରାୟଗଡ଼ା ଟାଉନ ଥାନା। ହେଲେ ଏଥିପ୍ରତି କେହି ଦୃଷ୍ଟି ନ ଦେବା କାରଣରୁ ରାସ୍ତା ଜାମ୍ ହୋଇଥିବା ଅଭିଯୋଗ ହୋଇଛି। ଶେଷରେ ନିକଟରେ ଥିବା ଏନ୍‌ସିସି ତାଲିମ କେନ୍ଦ୍ରର କେତେଜଣ ଯବାନ ପହଞ୍ଚି ରାସ୍ତାରୁ ଗାଡ଼ି ହଟାଇବା ପରେ ଆମ୍ବୁଲାନ୍ସ ଯିବା ପାଇଁ ବାଟ ପାଇଥିଲା। ତେଣୁ କୃଷ୍ଣଚନ୍ଦ୍ର ନଗର ଭବନରେ ଭୋଜି ପାଇଁ ଭଡା ଦେବା ସମୟରେ ପୌର ପରିଷଦ କର୍ତ୍ତୃପକ୍ଷ ପାର୍କିଂ ବ୍ୟବହାର କରାଇବା ଜରୁରୀ ବୋଲି ସାଧାରଣରେ ଦାବି ହୋଇଛି।

# କୋରାପୁଟରେ ପରବ ମୁଖ୍ୟ ଉତ୍ସବ ପାଇଁ ପ୍ରସ୍ତୁତି

କୋରାପୁଟ,୮।୧୨(ଅମିତାଭ ବେହେରା)

କୋରାପୁଟରେ ପ୍ରସିଦ୍ଧ ଆଦିବାସୀ ମହୋତ୍ସବ ପରବ ୨୦୨୪ କୁମ୍ଭାସ୍ଥିତ ସ୍ଥାୟୀ ପଡ଼ିଆରେ ହେବାକୁ ଥିବା ବେଳେ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଛି। ମୁଖ୍ୟ ଉତ୍ସବ ନେଇ ଜିଲାପାଳ, ଏସ୍‌ପି ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ପରବ ସ୍ଥାନକୁ ଘନ ଘନ ପରିଦର୍ଶନ କରୁଥିବା ଜଣାପଡ଼ିଛି। ଏଥିପାଇଁ ମୁଖ୍ୟ ମଣ୍ଡପ ଓ ଷ୍ଟଲ ନିମନ୍ତେ ଜୋରଦାର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି। ଚଳିତ ବର୍ଷ ପରବର ମୁଖ୍ୟ ଉତ୍ସବରେ ଜାତୀୟ ମେଳା ଓ ଖାଦ୍ୟ ପ୍ରଦର୍ଶନୀ ହେବା ନେଇ ଓରମାସ ପକ୍ଷରୁ ପ୍ରାୟ ୩୫୦ ଷ୍ଟଲ କାର୍ଯ୍ୟ ଚାଲିଛି। ଚଳିତବର୍ଷ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେଥିପାଇଁ ସଜେଇ ହେଉଛି ପରବ ପଡିଆ। ଡିସେମ୍ବର ୧୪ରୁ ୧୮ ମଧ୍ୟରେ 'ପରବ ମହୋତ୍ସବ' ଅନୁଷ୍ଠିତ ହେବ ବୋଲି ଜିଲାପାଳ ଭି. କୀର୍ତ୍ତି ଭାସନ କହିଛନ୍ତି। ସେଥିପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସିବା କାର୍ଯ୍ୟକ୍ରମ ରହିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଏକାଧିକ କଳାକାରମାନେ ଆସିବେ। ଚଳିତବର୍ଷ ନୂତନ ଭାବେ ଗୁଡ଼ି ଉଡ଼ା ଉତ୍ସବର ଆୟୋଜନ ହେବ। ରାଜ୍ୟର ଆଦିବାସୀ ପାରମ୍ପରିକ ନୃତ୍ୟ, ସଙ୍ଗୀତ ଦର୍ଶକଙ୍କୁ ପାଞ୍ଚ ଦିନ ଧରି ବାନ୍ଧି ରଖିବ ବୋଲି ଜିଲା ସଂସ୍କୃତି ଅଧିକାରୀ ପ୍ରତିଶ୍ରୁଧା ଜେନା କହିଛନ୍ତି। ଓଲିଉଡ଼ର କଣ୍ଠଶିଳ୍ପୀ ଦୀପ୍ତି ରେଖା, ଅଭିଜିତ ମଜୁମଦାର ଏବଂ ବଲିଉଡର କଣ୍ଠଶିଳ୍ପୀ ପବନ ଦୀପ ଓ ଅରୁଣୀତା କାଞ୍ଜିଲାଲ ସଙ୍ଗୀତ ପରିବେଷଣ କରିବା କାର୍ଯ୍ୟକ୍ରମ ରହିଛି। ଜିଲାରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଲାଭ କରିଥିବା ପ୍ରତିଭାମାନଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯିବ। ପଲ୍ଲୀଶ୍ରୀ ମେଳା ପାଇଁ ବଜାର ମଧ୍ୟ ପ୍ରସ୍ତୁତ ହୋଇଛି। ଏହି ମହୋତ୍ସବ ଜିଲାର କୋଣ ଅନୁକୋଣରେ ଲୁଚ୍ଛାୟିତ ପ୍ରତିଭାର ଅନ୍ୱେଷଣ କରିଆସୁଥିବା ବେଳେ ଏହାକୁ ଜିଲାବାସୀ ଉତ୍ସାହିତ ରହିଛନ୍ତି। ପଲ୍ଲୀଶ୍ରୀ ମେଳା କ୍ଷୁଦ୍ର ଏବଂ ମଧ୍ୟମସ୍ତରର ବ୍ୟବସାୟୀ, ଉତ୍ପାଦକ, କାରିଗର, ଚିତ୍ରଶିଳ୍ପୀ, ବୁଣାକାର ଓ କୁମ୍ଭାରଙ୍କ ପାଇଁ ଉନ୍ନତମାନର ବ୍ୟବସାୟିକ ମଞ୍ଚ ପ୍ରଦାନ କରିଥାଏ। ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନଶକ୍ତି ଓ ଡିଆଇସି ସହ ଅନୁବନ୍ଧିତ ଗୋଷ୍ଠୀଙ୍କ ପାଇଁ କିଛି ଷ୍ଟଲ ବିନା ଦେୟରେ ପ୍ରଦାନ କରାଯାଉଥିବା ବେଳେ ଅନ୍ୟ ବ୍ୟବସାୟୀଙ୍କ ଠାରୁ ସ୍ୱଳ୍ପ ଦେୟରେ ବ୍ୟବସାୟ କରିବାର ସୁଯୋଗ ଦେଇଥାଏ।


କୋରାପୁଟ କୁମ୍ଭା ସ୍ଥାୟୀ ପଡ଼ିଆରେ ପରବ ମୁଖ୍ୟ ଉତ୍ସବ ପାଇଁ ପ୍ରସ୍ତୁତି ଚାଲିଛି।

■ ପାରମ୍ପରିକ ନାଚଗୀତ ସହ ଖାଦ୍ୟ ମେଳାର ମଜା ନେବେ ଦର୍ଶକ

■ ସଜେଇ ହେଉଛି ସ୍ଥାୟୀ ପଡ଼ିଆ

# ଗଣମାଧ୍ୟମ ହେଉଛି ସମାଜର ମୁଖ୍ୟ ସ୍ତମ୍ଭ: ବିଧାୟକ


ବୈଠକରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

## ଏସ୍‌ୟୁଜେର ରାଜ୍ୟସ୍ତରୀୟ ଖବରଦାତା ସମାବେଶ

ଜୟପୁର, ୮।୧୨(ପବନ ପାଣିଗ୍ରାହୀ)

ଜୟପୁରରେ ଷ୍ଟେଟ୍ ୟୁନିଅନ ଅଫ୍ ଜର୍ନାଲିଷ୍ଟ(ଏସ୍‌ୟୁଜେ) କୋରାପୁଟ ଜିଲା ଶାଖା ପକ୍ଷରୁ ରାଜ୍ୟସ୍ତରୀୟ ଖବରଦାତା ସମାବେଶ ଓ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଖବରଦାତା ପ୍ରତିକୂଳ ପରିସ୍ଥିତିରେ ଜୀବନକୁ ବାଜି ଲଗାଇ ଖବର ପରିବେଷଣ କରିବାକୁ ଆଗେଇ ଆସିଥାନ୍ତି। ଗଣମାଧ୍ୟମ ଯଦି ନୀରବ ରହିଲେ ବ୍ୟବସ୍ଥା ଭୁଷୁଡି ପଡିବ। ଖବରଦାତାଙ୍କୁ ସମାଜର ମୁଖ୍ୟ ସ୍ତମ୍ଭ ଭାବେ ଅଭିହିତ କରାଯାଉ ବୋଲି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି। ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ କୋରାପୁଟ ବିଧାୟକ ରଘୁରାମ ମାଛ, ବରିଷ୍ଠ ଭାଜପା ନେତା ହିମାଂଶୁ କୁମାର ମହାପାତ୍ର, ରାଜ୍ୟ କାର୍ଯ୍ୟକାରୀ ସଭାପତି କୀର୍ତ୍ତି ଚନ୍ଦ୍ର ସାହୁ, ଜାତୀୟ ଖବରଦାତା ୟୁନିଅନର ସମ୍ପାଦକ ବବୁଲ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ "ଭ୍ରମାତ୍ମକ ଖବର ପ୍ରସାରଣ ରୋକିବାରେ ଗଣମାଧ୍ୟମର ଭୂମିକା" ବିଷୟବସ୍ତୁକୁ ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାଢୀ ପରିଚାଳନା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ସଂଗଠନର ନିଜସ୍ୱ କଲ୍ୟାଣ ପାଣ୍ଠିକୁ ଫେବୃୟାରୀରୁ କାର୍ଯ୍ୟକାରୀ କରିବା ଏବଂ ପ୍ରଥମ ସପ୍ତାହରେ ରାଜ୍ୟ ବାର୍ଷିକ ଉତ୍ସବ ଆୟୋଜିତ କରିବା ନେଇ ଆଲୋଚନା ହୋଇଥିଲା। ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଅଧ୍ୟକ୍ଷ ସନ୍ତୋଷ କୁମାର ମିଶ୍ର, ଉପସଭାପତି ମେହେବୁବ ମହତାବ, ବରିଷ୍ଠ କର୍ମକର୍ତ୍ତା ଶଶୀଭୂଷଣ ଷଡ଼ଙ୍ଗୀ, ମହେନ୍ଦ୍ର କୁମାର ଦର୍ଜୀ, ବିଭୂତି ଭୂଷଣ ପଣ୍ଡା,ହେମାଙ୍ଗ ପ୍ରସାଦ ରାଉଳ, ସନ୍ତୋଷ କୁମାର ମିଶ୍ର, ଟୁନା ଜେନା, ପ୍ରୟାଗରାଜ କର, ଚିନ୍ତାମଣି ପାଢ଼ୀ,ଗଗନ ଶର୍ମା ଓ ରାଜ୍ୟ ଉପଦେଷ୍ଟା ଗୋପବନ୍ଧୁ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଭାପତି ବିଦ୍ୟାଧର ଚୌଧୁରୀ,ସାଧାରଣ ସମ୍ପାଦକ ତରୁଣ କୁମାର ମହାପାତ୍ର,ଉପସଭାପତି ପଦ୍ମନାଭ ହୋତା, ଗେରୀ ପଟ୍ଟନାୟକ, ଗଜେନ୍ଦ୍ର ସାହୁ, ରମେଶ ସାହୁ, ପ୍ରଶାନ୍ତ କୁମାର ବିଷୋୟୀ, ପବନ ପାଣିଗ୍ରାହୀ ଓ ସତ୍ୟପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ରାଷ୍ଟ୍ରପତିଙ୍କୁ ସାକ୍ଷାତ କଲେ ଭୀମସେନ



ସୁନାବେଡା,୮।୧୨(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡା ହାଲ କର୍ମଚାରୀ ଭୀମସେନ ସିଦୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମୟୂରଭଞ୍ଜରେ ସାକ୍ଷାତ କରିଛନ୍ତି। ସିଦୁ ହାଲ୍ ସୁଖୋଇ ଇଞ୍ଜିନ ବିଭାଗର ଜଣେ କର୍ମଚାରୀ ତଥା ହାଲ ଶ୍ରମିକ ସଂଗଠନ (ଏଚଏଏମ୍‌ଏସ୍) ଓ ସୁନାବେଡା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର କୋଷାଧ୍ୟକ୍ଷ ଦାୟିତ୍ୱ ତୁଲାଇଛନ୍ତି। ସେ ଶୁକ୍ରବାର ରାଷ୍ଟ୍ରପତିଙ୍କ ଜନ୍ମମାଟି ଉପରବେଡା ଗସ୍ତ ସମୟରେ ରଙ୍ଗାମାଟିଆସ୍ଥିତ ଅସ୍ଥାୟୀ ହେଲିପ୍ୟାଡରେ ସାକ୍ଷାତ କରିଥିଲେ।

# ଚାଷୀର ଉନ୍ନତି ହେଲେ ରାଜ୍ୟ ବିକଶିତ ହେବ: ଗଣଶିକ୍ଷା ମନ୍ତ୍ରୀ

କୋରାପୁଟ,୮।୧୨(ଅମିତାଭ ବେହେରା)

ବରଗଡ଼ ଜିଲା ସୋହେଲାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦ୍ୱାରା ଧାନର ସର୍ବନିମ୍ନ ମୂଲ୍ୟ ପ୍ରଦାନର ଶୁଭାରମ୍ଭ ହୋଇଥିବା ବେଳେ ଆଭାସୀ ମାଧ୍ୟମରେ କୋରାପୁଟ ପୋଲିସ ପଡିଆରେ ଏହା ପ୍ରଦର୍ଶିତ ହୋଇଛି। କାର୍ଯ୍ୟକ୍ରମରେ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଧାନର ଉପଯୁକ୍ତ ମୂଲ୍ୟ ପାଇବା ଦ୍ୱାରା ଚାଷୀର ଆର୍ଥିକ ଉନ୍ନତି ହେବା ସହ ରାଜ୍ୟ ବିକଶିତ ହେବ ବୋଲି ରବିବାର ଧାନର ସର୍ବନିମ୍ନ ମୂଲ୍ୟ ୩୧ ଶହ ଟଙ୍କା ପ୍ରଦାନ ଶୁଭାରମ୍ଭ ଉତ୍ସବରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି। ଚାଷୀର ବିକାଶ ହେଲେ ରାଜ୍ୟ ଓ ଦେଶର ବିକାଶ ହେବ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟରେ ୬୯ ପ୍ରତିଶତ ଚାଷ ଜମି ରହିଛି, ଚାଷୀଙ୍କ ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ପିଏମ୍ କିଷାନ ଏବଂ ସିଏମ୍ କିଷାନ ଯୋଜନାରେ ଚାଷୀଙ୍କୁ ସହାୟତା ପ୍ରଦାନ କରିଛନ୍ତି। ଧାନର ସର୍ବନିମ୍ନ ମୂଲ୍ୟ ୩୧ଶହକୁ ବୃଦ୍ଧି କରିଛନ୍ତି। ଚଳିତ ବର୍ଷ ଏହି ମୂଲ୍ୟରେ ୨୬ ଲକ୍ଷ ମେଟ୍ରିକ ଟନ ଏଫଏକ୍ୟୁ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି କୋରାପୁଟ ବିଧାୟକ ରଘୁରାମ ମାଛ କହିଛନ୍ତି। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ଏସ୍‌ପି ରୋହିତ ବର୍ମା, ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ ଶିସା, ଜିଲାସ୍ତରୀୟ ଅଧିକାରୀ ଓ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଅଧ୍ୟାପକ ରବି ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲାପାଳ ଓ ଅନ୍ୟ ଅଧିକାରୀ।

# ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ୍ ବୈଠକ

ଜୟପୁର,୮।୧୨(ପବନ ପାଣିଗ୍ରାହୀ)

ଜୟପୁର ଯାଦବ ଭବନରେ ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ୍ କୋରାପୁଟ ଜିଲା କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ନଳିନୀକାନ୍ତ ରଥଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ନଭେମ୍ବର ୩୦ରେ ସିବିଟିର ଏକ ବୈଠକ ଉଚ୍ଚ ହାରରେ ପେନ୍‌ସନ ଓ ସର୍ବନିମ୍ନ ପେନ୍‌ସନ ବୃଦ୍ଧି, ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଆନ୍ଦୋଳନକୁ ତୀବ୍ରତର କରିବାକୁ ଆଲୋଚନା ହୋଇଥିଲା। ସର୍ବନିମ୍ନ ପେନ୍‌ସନ ମାସିକ ୯ହଜାର ଟଙ୍କା ଏବଂ ସ୍ୱାସ୍ଥ୍ୟ ସେବା ଯୋଜନାରେ ସାମିଲ କରିବା ପାଇଁ ଆନ୍ଦୋଳନ ଜାରି ରହିବ। ଜୟପୁରରେ ଇପିଏଫ୍‌ଓର ଏକ ଶାଖା କାର୍ଯ୍ୟାଳୟ ଖୋଲିବା ପାଇଁ କାର୍ଯ୍ୟକାରୀ ସଭାପତି ଉମାକାନ୍ତ ରଥ ପ୍ରସ୍ତାବ ଦେଇଛନ୍ତି। କାଗଜକଳ ଶ୍ରମିକଙ୍କ ପିଏଫ୍ ଓ ପେନ୍‌ସନ ସମସ୍ୟା ସମାଧାନ ପାଇଁ ସଂଘ ଏମ୍‌ଇଆର୍‌ପିଏଲ୍ ମ୍ୟାନେଜମେଣ୍ଟ ବିରୋଧରେ କରିଥିବା କେସ୍‌କୁ ତ୍ୱରାନ୍ୱିତ କରିବା ପାଇଁ ଏକ ପତ୍ର ପ୍ରଦାନ କରାଯିବ ବୋଲି କୁହାଯାଇଛି। ସଭାରେ ପ୍ରମୋଦ କୁମାର ମହାନ୍ତି, କିଶୋର ଚନ୍ଦ୍ର ପଣ୍ଡା, ବସନ୍ତ ବେହେରା, ଜୟନ୍ତ ସାନ୍ତ୍ରା ଓ ରାମଶଙ୍କର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଚୋରି ମାମଲାରେ ୪ ଗିରଫ

ଦାମନଯୋଡି,୮।୧୨(ମାନସ ରଞ୍ଜନ କର)

ଦାମନଯୋଡି ଥାନା ଅନ୍ତର୍ଗତ ମାଥାଲପୁଟ ବସଷ୍ଟାଣ୍ଡର ଏକ ଦୋକାନରୁ ଚୋରି ମାମଲାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ କଳାହାଣ୍ଡି କଲୋନୀର ରବି ଭୋଇ(୨୨), ଭେଜାପୁଟ ରେଲୱେ କଲୋନୀର ଶିବ ଗୁଣ୍ଡା(୧୮)। ଅନ୍ୟ ୨ଜଣ ନାବାଳକ ଥିବା ଜଣାପଡିଛି। ନାବାଳକଦ୍ୱୟଙ୍କୁ ମାଲକାନଗିରିସ୍ଥିତ ବାଳସୁଧାର ଗୃହକୁ ପଠାଯାଇଥିବା ବେଳେ ଅନ୍ୟ ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରମିଳା ବିଡିକା କହିଛନ୍ତି। ନଭେମ୍ବର ୨୨ରେ ମାଥାଲପୁଟ ବସଷ୍ଟାଣ୍ଡସ୍ଥିତ ଅରବିନ୍ଦ ପାଢୀଙ୍କ ହୋଲସେଲ ଦୋକାନର ଟିଣ ଛପର ଭାଙ୍ଗି ୧୫ହଜାର ଟଙ୍କାର ସିଗାରେଟ ସହ ନଗଦ ୩ ହଜାର ଟଙ୍କାର ଖୁଚୁରା ପଇସା ଚୋରି ହୋଇଥିବା ଦାମନଯୋଡି ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏଏସ୍‌ଆଇ ଗୋଲାପ ସ୍ୱାଇଁ ତଦନ୍ତ ଦାୟିତ୍ୱରେ ଥିଲେ। ସେମାନେ ଖୁଚୁରା ପଇସାକୁ ପରସ୍ପର ମଧ୍ୟରେ ବାଣ୍ଟି ଥିବା ବେଳେ ସିଗାରେଟଗୁଡ଼ିକୁ ପଟାଙ୍ଗି ଅଞ୍ଚଳର ଟୁନା ବାଙ୍ଗା ନାମକ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଥିବା ସେମାନେ ସ୍ୱୀକାର କରିଥିଲେ।

# ରାଜ୍ୟସ୍ତରୀୟ ଶିକ୍ଷକ ଆନ୍ଦୋଳନ ଲାଗି ପ୍ରସ୍ତୁତି ବୈଠକ

ମାଲକାନଗିରି,୮।୧୨
(ଦୁର୍ଯ୍ୟୋଧନ ପାତ୍ର)

ଆସନ୍ତା ୧୦ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଶିକ୍ଷକ ଆନ୍ଦୋଳନରେ ଯୋଗଦେବା ପାଇଁ ମାଲକାନଗିରି ଜିଲା ଶିକ୍ଷକଙ୍କର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଆନ୍ଦୋଳନରେ ଜିଲାର ଶତାଧିକ ଶିକ୍ଷକ ଯୋଗଦେବେ ବୋଲି ନିଷ୍ପତ୍ତି ହୋଇଛି। ସରକାର ଶିକ୍ଷକଙ୍କ ଦୀର୍ଘଦିନର ଦାବି ଶୁଣୁ ନାହାନ୍ତି । ଏଣୁ ଭୁବନେଶ୍ୱରରେ ଆସନ୍ତା ୧୦ତାରିଖରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ସମନ୍ୱୟ ସମିତି ତରଫରୁ ରାଲି ସହ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ମାଲକାନଗିରି ଜିଲା ଶାଖା ତରଫରୁ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ଓଷ୍ଟା ସଂଘ ସମ୍ପାଦକ ମନୋଜ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ହାଇକୋର୍ଟଙ୍କ ରାୟକୁ ସମ୍ମାନ ଜଣାଇ ତୁରନ୍ତ ଚାକିରି ସର୍ତ୍ତାବଳୀ ସହ ପେନ୍‌ସନ ପ୍ରଦାନ, ଯୋଗ୍ୟ ବିବେଚିତ ୧୯୪ ବିଦ୍ୟାଳୟକୁ ଅନୁଦାନ, ୨୨୬ ଓ ୩୯୯ ବିଦ୍ୟାଳୟର ସପ୍ତମ ବେତନ କମିଶନରୁ ବଞ୍ଚିତ ଥିବା ଶିକ୍ଷକ କର୍ମଚାରୀମାନଙ୍କୁ ପ୍ରଦାନ, ଅବସର ବୟସ ସୀମା ୬୦ ରୁ ୬୨କୁ ବୃଦ୍ଧି ସହ ବିଭିନ୍ନ ଦାବିନେଇ କିପରି ଜିଲାରୁ ବହୁ ସଂଖ୍ୟାର ଶିକ୍ଷକ ଏହି ଆନ୍ଦୋଳନରେ ଉପସ୍ଥିତ ହେବେ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା।

# ଏମ୍‌ୟୁଜେ ସାଧାରଣ ପରିଷଦ ବୈଠକ, କର୍ମକର୍ତ୍ତା ଚୟନ

ମାଲକାନଗିରି,୮।୧୨
(ଗୌରୀଶଙ୍କର ପଣ୍ଡା)

ମାଲକାନଗିରି ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ ସଂଘ ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦେବ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ପ୍ରେମେନ୍ଦ୍ର ପରିଛା, ଉପସଭାପତି ସତ୍ୟନାରାୟଣ ପଣ୍ଡା, ଜିତେନ୍ଦ୍ର ବେଉରା, ଗୋପୀକୃଷ୍ଣ ପଟ୍ଟନାୟକ, ଭାସ୍କର ବେହେରା, ଅସୀମ ବିଶ୍ୱାସ ଓ ଶିବ ପ୍ରସାଦ କୀର୍ତ୍ତନିଆ ତଥା ସଂଘ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରଥମେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ସଦସ୍ୟମାନେ ମତ ଦେଇଥିଲେ। ଶେଷରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ତୃତୀୟଥର ଲାଗି ଦେବପ୍ରସାଦ ଦାସଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିଲା। ସେହିପରି ଉପସଭାପତି ସତ୍ୟନାରାୟଣ ପଣ୍ଡା, ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ମହାରଣା, ଯୁଗ୍ମ ସମ୍ପାଦକ ଅସୀମ ବିଶ୍ୱାସ ଓ ପ୍ରକାଶ ପଟ୍ଟନାୟକ, କୋଷାଧ୍ୟକ୍ଷ ଚକ୍ରଧର ପଟ୍ଟନାୟକ, ମାଲକାନଗିରି ବ୍ଲକ କୋର୍ଡିନେଟର ଶିବ ପ୍ରସାଦ କୀର୍ତ୍ତନିଆ, କାଲିମେଳା ବ୍ଲକ କୋର୍ଡିନେଟର ପ୍ରଶାନ୍ତ ବିହାରୀ, ପଡିଆ ବ୍ଲକ ରବି ଶ୍ରୀନିବାସ, ଚିତ୍ରକୋଣ୍ଡା ବ୍ଲକ ବଳରାମ ପଡିଆରି, କୋରୁକୋଣ୍ଡା ବ୍ଲକ କାମରାଜ ଜେନା, ଖଇରପୁଟ ବ୍ଲକ ଜଗନ୍ନାଥ ଦଳେଇ, ମାଥିଲି ବ୍ଲକ ରାଜୀବ ବେହେରା, ବାଲିମେଳା ଏନ୍‌ଏସିର ଯଦୁପତି ମହାନ୍ତି କୋର୍ଡିନେଟର ଭାବେ ମନୋନୀତ ହୋଇଥିଲେ। ଶେଷରେ ଜିତେନ୍ଦ୍ର ବେଉରା ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଉଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା, ୨ ଗିରଫ

ମାଲକାନଗିରି, ୮।୧୨
(ଦୁର୍ଯ୍ୟୋଧନ ପାତ୍ର)


ଗିରଫ ୨ ଅଭିଯୁକ୍ତ ।

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଏଫ୍‌ସିଆଇ ଗୋଦାମ ସମ୍ମୁଖରେ ଗତ ଗୁରୁବାର ଗୁରୁବାରୀ ଦାସାଙ୍କ ମୃତଦେହ ମିଳିବା ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୋରୁକୋଣ୍ଡା ପଞ୍ଚାୟତ ଖିଲଗୁଡା ଗ୍ରାମର ରାକେଶ ଡାଲି ଓ କମୁଲୁ ନାଗ ।ରାକେଶ ଏଫ୍‌ସିଆଇ ଗୋଦାମରେ କାର୍ଯ୍ୟ କରୁଥିବା ବେଳେ କମୁଲୁ ପଞ୍ଚାୟତ କାର୍ଯ୍ୟାଳୟରେ ରାତ୍ରି ଜଗୁଆଳି ଭାବେ କାର୍ଯ୍ୟ କରୁଛନ୍ତି। ଏ ନେଇ ରବିବାର ମାଲକାନଗିରି ଏସ୍‌ଡିପିଓ ସଚିନ ପଟେଲ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗୁରୁବାରୀ ୧୨ ବର୍ଷ ଧରି କୋରୁକୋଣ୍ଡାରେ ଏକ ଭଡା ଘରେ ରହି କୁଲି କାମ କରି ଚଳୁଥିଲେ। ଏହି ଦୁଇଜଣ ବୁଧବାର ରାତି ଗୁରୁବାରୀଙ୍କୁ ଫୋନ୍ ଯୋଗେ ଏଫ୍‌ସିଆଇ ଗୋଦାମ ନିକଟକୁ ଡାକିଥିଲେ। ମହିଳା ଜଣକ ଉକ୍ତ ଗୋଦାମ ନିକଟକୁ ଗଲାପରେ ଉକ୍ତ ଦୁଇଜଣ ତାଙ୍କୁ ନିକଟରେ ଥିବା ଏକ ଘରକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ସେ କାଳେ ପାଟି କରିବେ ମୁହଁକୁ ଚାପି ଧରିଥିଲେ। ଫଳରେ ମହିଳା ଜଣକ ଅଣନିଶ୍ୱାସୀ ହୋଇ ମୃତ୍ୟୁ ଘଟିଥିଲା। ପରେ ଏହି ଦୁଇଜଣ ମୃତଦେହ ଏଫ୍‌ସିଆଇ ଗୋଦାମ ସମ୍ମୁଖରେ ଫୋପାଡି ପଳାଇ ଯାଇଥିଲେ।

# ହିରନ୍ୟ ସନିଆ, ଚନ୍ଦ୍ର ବେନିଆ ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ

କୋରୁକୋଣ୍ଡା,୮।୧୨(ଶିବଦତ୍ତ ସାହୁ)

ବାଲିମେଳା ମନୋରଞ୍ଜନ କ୍ଲବ ପଡିଆରେ ରବିବାର ସ୍ୱର୍ଗତ ହିରଣ୍ୟ ସନିଆ ଓ ଚନ୍ଦ୍ର ବେନିଆ ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ପରିଚାଳନା କମିଟି ସଭାପତି କାଉନସିଲର କୃଷ୍ଣ ବାଘ, ସମ୍ପାଦକ ସୁରେଶ ଖୋସଲା, ଉପଦେଷ୍ଟା ରବି ହରିଜନ ଓ ଅନ୍ୟ ସଦସ୍ୟମାନଙ୍କର ନେତୃତ୍ୱରେ ଏହା ଆୟୋଜନ କରାଯାଇଛି। ଟୁର୍ଣ୍ଣାମେଣ୍ଟରେ ବାଲିମେଳା ସହରର ବିଭିନ୍ନ ଟିମ୍ ସହ ମାଲକାନଗିରି, କାଲିମେଳା, ଖଇରପୁଟ, ଚିତ୍ରକୋଣ୍ଡା, ବୈପାରୀଗୁଡା, ନବରଙ୍ଗପୁର ଏବଂ ଜିଲାର ବିଭିନ୍ନ ଅଞ୍ଚଳର ମୋଟ ୧୬ ଟିମ୍ ଅଂଶଗ୍ରହଣ କରିବେ। ଫାଇନାଲ ମ୍ୟାଚ ଆସନ୍ତା ୧୫ତାରିଖରେ ଖେଳାଯିବାକୁ କମିଟି ପକ୍ଷରୁ ନିଷ୍ପତି ନିଆଯାଇଛି। ପ୍ରଥମ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ନୀଳାକାମ୍ବେରୁ ସରପଞ୍ଚ ସୁରେନ୍ଦ୍ର ଖିଲ ଓ ସମ୍ମାନିତ ଅତିଥି ପୂର୍ବତନ କାଉନସିଲର ଶିବଦତ୍ତ ସାହୁ, କେଦାର ମହାନ୍ତି,କପିଳା ପ୍ରଧାନ ଓ ସଞ୍ଜୀବ କୁମାର ଦୋରା ପ୍ରମୁଖ ଯୋଗଦେଇ ପ୍ରଥମେ ହିରନ୍ୟ ସନିଆ ଓ ଚନ୍ଦ୍ର ବେନିଆଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେବାପରେ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ମାଲକାନଗିରି ସାଇନଗର ଟିମ୍ ଓ ବାଲିମେଳା ନୂଆ ବସ୍‌ଷ୍ଟାଣ୍ଡ ମଧ୍ୟରେ ଖେଳ ହୋଇଥିଲା ।ରାତି ୮ଟାରେ ଆରମ୍ଭ ହୋଇଥିବା ଦ୍ୱିତୀୟ ମ୍ୟାଚରେ ମୁଖ୍ୟ ଅତିଥି ଭାବେ କେସିସି ବ୍ୟାଙ୍କ ମ୍ୟାନେଜର ସୁଧାଂଶୁ ଖରା, ସମ୍ମାନିତ ଅତିଥି କେସିସି ବ୍ୟାଙ୍କ ସହକାରୀ ମ୍ୟାନେଜର ଯୋଗେଶ ବୋଡା ଏହାର ଶୁଭାରମ୍ଭ କରିଥିଲେ । ମ୍ୟାଚ ବାଲିମେଳା (ବି ) ଏବଂ କାଲିମେଳା ଟିମ୍ ମଧ୍ୟରେ ଖେଳାଯାଇଥିଲା।



# ୨ ଘଟଣାକୁ ନେଇ ୫ ଗିରଫ

ଚିତ୍ରକୋଣ୍ଡା, ୮।୧୨(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)


ଗିରଫ ୫ ଅଭିଯୁକ୍ତ।

ମାଲାକନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ଦ୍ୱାରା ଦୁଇଟି ଘଟଣାକୁ ନେଇ ୫ ଜଣଙ୍କୁ ଗିରଫ ହୋଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ମୁକୁନ୍ଦ ମେଲକାଙ୍କ ସୂଚନା ଅନୁଯାୟୀ, ଚିତ୍ରକୋଣ୍ଡା ବ୍ଲକ ବଡପଦର ପଞ୍ଚାୟତ ଲାମ୍ବାସିଂଙ୍ଗ ଗ୍ରାମର ଭକ୍ତରାମ ଶିଶା ଓ ଜଗବନ୍ଧୁ ଗଟମ୍ ଏକ ଅଭିଯୋଗ କରିଥିଲେ । ଭକ୍ତରାମ ବଡପଦର ପଞ୍ଚାୟତ ନାଏବ ସରପଞ୍ଚ ଥିବା ବେଳେ ସେହି ଗ୍ରାମର ଜଗୁ ହନ୍ତାଳ ମଧ୍ୟ ନାଏବ ସରପଞ୍ଚ ଅଛନ୍ତି। ତେବେ ଜଗୁ ଏବଂ ଏମ୍. ନାରାୟଣ ଚିତ୍ରକୋଣ୍ଡା ବ୍ଲକର ବିଭିନ୍ନ ଠିକା କାମ କରୁଛନ୍ତି। ଏମାନଙ୍କ କାମ ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିବାରୁ ବିଲ୍ ବ୍ଲକରେ ପଡି ରହିଛି। ଅଭିଯୋଗକାରୀ ଜଗବନ୍ଧୁ ଏହି ଦୁଇଜଣଙ୍କୁ କାମ ପାଇଁ ସାମଗ୍ରୀ ଯୋଗାଉଥିବା ବେଳେ ଟଙ୍କା ବାକି ଥିବାର ମାଗିଥିଲେ। ଫଳରେ ଜଗବନ୍ଧୁ ଓ ଠିକାଦାରଙ୍କ ମଧ୍ୟରେ ବିବାଦ ହୋଇଥିଲା।

ସେହିପରି ଅନ୍ୟ ଏକ ଘଟଣାରେ ବାଙ୍ଗୁରୁପଡା ଗ୍ରାମର ଲକିନାଥ ପାଙ୍ଗୀ ଓ ସେହି ଗ୍ରାମର ମନ ପାଙ୍ଗି ମଧ୍ୟରେ ଜାଗା ବାବଦକୁ ନେଇ ଗଣ୍ଡଗୋଳ ହୋଇଥିଲା। ତେବେ ମନଙ୍କ ପୂର୍ବ ପୁରୁଷମାନେ ସେହି ଗ୍ରାମର ସମର ଶିଶାଙ୍କ ପୂର୍ବ ପୁରୁଷଙ୍କ ସମୟରେ ଏକ ସ୍ଥଳ କିଣିଥିଲେ। ଏହା ନିମନ୍ତେ ଚୁକ୍ତିପତ୍ର ମଧ୍ୟ ହୋଇଥିଲା। ଉକ୍ତ ସ୍ଥଳର ପଟ୍ଟା ପାଇଁ ମନ ଚେଷ୍ଟା କରିଥିବା ବେଳେ ଏହାକୁ ଲକିନାଥ ଓ କେତେକ ଗ୍ରାମବାସୀ ବିରୋଧ କରିଥିଲେ। ଏହି ଦୁଇଟି ଘଟଣାରେ ମନ ପାଙ୍ଗି, ଜଗୁ ହନ୍ତାଳ ଓ ଏମ୍. ନାରାୟଣ ଯୋଜନାକରି ଅଭିଯୋଗକାରୀ ଭକ୍ତରାମ ଶିଶା, ଜଗବନ୍ଧୁ ଓ ଲକିନାଥ ପାଙ୍ଗିଙ୍କୁ ଜବାବ ଦେବା ନିମନ୍ତେ ନକଲି ମାଓବାଦୀଙ୍କ ନାମ ବ୍ୟବହାର କରିବା ପାଇଁ ଚେଷ୍ଟା କରିଥିଲେ । ୧୩।୧୧।୨୪ରେ ମାଲକାନଗିରି ବ୍ଲକ ପଦ୍ମଗିରି ଗ୍ରାମର ବିନୋଦ ଜେନା ଓ ଉମାକାନ୍ତ ମାଧେମିଙ୍କୁ ଏହି ୩ ଜଣ ଆଣିବା ସହ ଏମାନଙ୍କୁ ମାଓବାଦୀ କହି ଅଭିଯୋଗକାରୀଙ୍କୁ ତାଙ୍କ ନିକଟକୁ ନେଇଥିଲେ। ମାଓବାଦୀ ପରିଚୟ ଦେଇଥିବା ଦୁଇଜଣ ଅଭିଯୋଗକାରୀଙ୍କୁ ବନ୍ଧୁକ ଦେଖାଇ ଧମକ ଦେବା ସହ ତୁରନ୍ତ ୨ ଜଣ ଠିକାଦାରଙ୍କ ବିଲ୍ ଚିତ୍ରକୋଣ୍ଡା ବ୍ଲକରୁ ପାସ କରାଇବା ସହ ପ୍ରତେକ ୫୦ ହଜାର ଟଙ୍କା ଲେଖାଏ ପୈଠକର ନଚେତ୍ ପ୍ରଜାକୋର୍ଟରେ ଦଣ୍ଡ ଦିଆଯିବ ବୋଲି ଧମକ ଦେଇଥିଲେ। ଏହାକୁ ଆଧାର କରି ଅଭିଯୋଗକାରୀ ୩ ଜଣ ଥାନାରେ ଏତଲା ଦେବାପରେ ଚିତ୍ରକୋଣ୍ଡା ପୋଲିସ ଏହାର ତଦନ୍ତକରି ୫ ଜଣଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରିଛି।

# ଆହତ ହାତୀ ଶାବକର ମୃତ୍ୟୁ



ରାଇଘର, ୮।୧୨
(କିରଣ କୁମାର ପଟ୍ଟନାୟକ)

ନବରଙ୍ଗପୁର ଜିଲା ସୀମାନ୍ତ ପଡ଼ୋଶୀ ରାଜ୍ୟ ଛତିଶଗଡ଼ରୁ ପଘାରପାଣି ଜଙ୍ଗଲକୁ ପଶି ଆସିଥିବା ଆହତ ହାତୀ ଶାବକର ମୃତ୍ୟୁ ଘଟିଛି। ଶିକାରୀଙ୍କ ଦ୍ୱାରା ଜଙ୍ଗଲରେ ଲଗାଯାଇଥିବା ବିସ୍ଫୋରକ ଫାଟି ହାତୀ ଶାବକର ପାଟିରେ ଆଘାତ ଲାଗିଥିଲା। ଛତିଶଗଡ଼ ଏବଂ ଓଡ଼ିଶା ବନ ବିଭାଗ ପକ୍ଷରୁ ହାତୀ ଶାବକର ଚିକିତ୍ସା ଜାରି ରହିଥିବା ସତ୍ତ୍ୱେ ରବିବାର ତା'ର ମୃତ୍ୟୁ ଘଟିଛି। ଛତିଶଗଡ଼ ବନବିଭାଗ ହାତୀର ମରଶରୀରକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ରାଇଘର ବ୍ଲକ ସୀମାନ୍ତରେ ଥିବା ପଘାରପାଣି ଜଙ୍ଗଲରେ ଶିକାରୀମାନେ ଶିକାର ପାଇଁ ଗଛରେ କିଛି ବିସ୍ଫୋରଣ ସାମଗ୍ରୀ ବାନ୍ଧି ରଖିଥିଲେ। ଗତ ୧୨ ଦିନ ତଳେ ଏକ ୬ ବର୍ଷର ହାତୀ ଶାବକ ଗଛରୁ ଡାଳପତ୍ର ଖାଇବା ସମୟରେ ବିସ୍ଫୋରଣ ହେବାରୁ ତା'ର ପାଟିରେ ଆଘାତ ଲାଗି ଖଣ୍ଡିଆ ହୋଇଯାଇଥିଲା। ଫଳରେ ହାତୀ ଛୁଆଟି ଖାଦ୍ୟ ଖାଇପାରୁ ନ ଥିବା ବେଳେ ପାଣି ପିଇବା ସନ୍ଧାନରେ ଏଣେ ତେଣେ ଜଙ୍ଗଲ ଭିତରେ ବୁଲୁଥିବାରୁ ହାତୀପଲଠାରୁ ଦୂରେଇ ଯାଇଥିଲା। ଖାଦ୍ୟ ଖାଇ ନ ପାରି ଦୁର୍ବଳ ହୋଇପଡିଥିଲା। ଛତିଶଗଡ଼ ବନ ବିଭାଗ କର୍ମଚାରୀ ଡ୍ରୋନ ସାହାଯ୍ୟରେ ହାତୀ ଛୁଆର ସନ୍ଧାନ ପାଇ ପଘାରପାଣି ଜଙ୍ଗଲରେ ପହଞ୍ଚି ଟ୍ରାଙ୍କୁଲାଇଜର ସାହାଯ୍ୟରେ ହାତୀକୁ କାବୁ କରିବା ସହ ଚିକିତ୍ସା ଆରମ୍ଭ କରିଥିଲା। ସେହିଦିନଠାରୁ ପ୍ରାୟ ୪ ଥର ଚିକିତ୍ସା କରାଯାଇଥିବା ସତ୍ତ୍ୱେ ଗରିଆବନ୍ଧ ଜିଲା ଅନ୍ତର୍ଗତ ରାଜାପୋଡାଓ ଜଙ୍ଗଲରେ ହାତୀ ଛୁଆଟି ଆଖିବୁଜିଛି।

## ଆହତ ଗଜରାଜଙ୍କୁ ଖୋଜୁଛି ବନ ବିଭାଗ

ରାଜଗାଙ୍ଗପୁର, ୮।୧୨ (ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ଛତାମ୍ବ ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଏକ ଆହତ ଗଜରାଜ ଅସ୍ତବ୍ୟସ୍ତ ଅବସ୍ଥାରେ ଘୂରି ବୁଲୁଛି। ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ରବିବାର ରାଜଗାଙ୍ଗପୁର ଫରେଷ୍ଟ ଡିଭିଜନର ଅଧିକାରୀ ଓ କର୍ମଚାରୀ, ରାପିଡ ରେସପନ୍ସ ଟିମ, ଟ୍ରାଙ୍କୁଲାଇଜର ଟିମ ହାତୀ ଘୂରି ବୁଲୁଥିବା ଅଞ୍ଚଳରେ ପହଞ୍ଚି ଖୋଜିବାରେ ଲାଗିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଆହତ ଗଜରାଜଙ୍କୁ ବନ ବିଭାଗ ପାଇ ପାରିନାହିଁ।

# ନିୟମଗିରିରେ ବନ୍ଦହେଲା ଷ୍ଟ୍ରବେରି ଚାଷ

ରାୟଗଡ଼ା, ୮।୧୨
(ଆଶିଷ ରଞ୍ଜନ ପଣ୍ଡା)

## ଓପିଲିପି ସଂସ୍ଥା ବନ୍ଦ ପରେ ସହାୟତା ଅଭାବ



ରାୟଗଡ଼ା ଜିଲା ବିଷମକଟକ ବ୍ଲକ କୁର୍ଲି ପଞ୍ଚାୟତ ମହକୁମାର ଲାକୁନୁ ଜାକାସିକା ଗତ ବର୍ଷ ପ୍ରଥମ ଥର ପାଇଁ ଷ୍ଟ୍ରବେରି ଚାଷ କରିଥିଲେ। ନିୟମଗିରି ପାହାଡ଼ ଉପରେ ଏହି ଚାଷ କରି ସେ ଲାଭବାନ ମଧ୍ୟ ହୋଇଥିଲେ। ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ଅଧୀନରେ ଥିବା ଓପିଲିପି ସମସ୍ତ ସହାୟତା ଲାକୁନୁଙ୍କୁ ପ୍ରଦାନ କରିଥିଲା। ତେବେ ଓପିଲିପି ବନ୍ଦ ହୋଇଯିବା କାରଣରୁ ଚାଷୀ ଲାକୁନୁ ଆଉ କୌଣସି ସହାୟତା ନ ପାଇ ଚଳିତ ବର୍ଷ ଆଉ ଷ୍ଟ୍ରବେରି ଚାଷ କରିନାହାନ୍ତି।

ଗତବର୍ଷ ଷ୍ଟ୍ରବେରି ଚାଷ ପାଇଁ ଲାକୁନୁଙ୍କ ୩ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ଚାରା, ସାର, ବୁନ୍ଦା ଜଳସେଚନ ଓ ଶ୍ରମ ବାବଦକୁ ଏହି ଅର୍ଥ ଖର୍ଚ୍ଚ ହୋଇଥିଲା। ଷ୍ଟ୍ରବେରି ଫଳିବା ପରେ ନିୟମଗିରି ବ୍ରାଣ୍ଡ ନାମରେ ସେ ବିକ୍ରି କରି ୭ ଲକ୍ଷ ଟଙ୍କା ପାଇଥିଲେ। ସମସ୍ତ ଖର୍ଚ୍ଚ ସହିତ ଜ୍ଞାନ କୌଶଳ ଓପିଲିପି ତରଫରୁ ପ୍ରଦାନ କରାଯାଇଥିଲା। ଏଭଳି କି ଷ୍ଟ୍ରବେରି ଫଳିବା ପରେ ରାୟଗଡ଼ା ସହର ସମେତ ଜେକେପୁର, ଥେରୁବାଲି ଆଦି ଗ୍ରାମରେ ଏହା ବିକ୍ରି କରି ଅର୍ଥ ଉପାର୍ଜନ କରିଥିଲେ। କେବଳ ସେତିକି ନୁହେଁ ଓପିଲିପି ସହାୟତାରେ ଭୁବନେଶ୍ୱରରେ ଅନୁଷ୍ଠିତ ଆଦିବାସୀ ମେଳା ଓ ଅନ୍ୟ ମେଳାରେ ଷ୍ଟ୍ରବେରି ବିକ୍ରି କରିଥିଲେ ଚାଷୀ ଲାକୁନୁ। ହେଲେ ବିଡ଼ମ୍ବନାର ବିଷୟ ମାତ୍ର ୧ବର୍ଷ ଭିତରେ ନିୟମଗିରି ପାହାଡ଼ରେ ଷ୍ଟ୍ରବେରି ଚାଷରେ ଯବନିକା ପଡ଼ିଯାଇଛି। ମୁଖ୍ୟତଃ ଏଥିପାଇଁ ସହାୟତା ପ୍ରଦାନ କରୁଥିବା ସଂସ୍ଥା ଓପିଲିପି ବନ୍ଦ ହୋଇଯିବାରୁ ଆଧୁନିକ ପ୍ରଣାଳୀର ଚାଷ କରୁଥିବା ଆଦିମ ଜନଜାତି ଡଙ୍ଗରିଆକନ୍ଧ ସମ୍ପ୍ରଦାୟର ଲୋକେ ନାନା ସମସ୍ୟା ଭୋଗୁଛନ୍ତି। ଗତ ସେପ୍ଟେମ୍ବରରୁ ଓପିଲିପିର ସମସ୍ତ କାର୍ଯ୍ୟ ବନ୍ଦ ହୋଇଥିବା ବେଳେ ଏପ୍ରିଲରୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ହେଲେ ସରକାର କୌଣସି ବିକଳ୍ପ ବ୍ୟବସ୍ଥା ଗ୍ରହଣ ନ କରି ଓପିଲିପି ବନ୍ଦ କରିଦେବାରୁ ଆଦିମ ଜନଜାତି ଲୋକେ ସମସ୍ୟା ଭୋଗୁଥିବା କହିଛନ୍ତି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଓପିଲିପିକୁ ପୁନଃ ଆରମ୍ଭ କଲେ ଡଙ୍ଗରିଆଙ୍କ ବିକାଶରେ ବେଶ୍ ସହାୟକ ହେବ ବୋଲି ଅଞ୍ଚଳବାସୀ କହିଛନ୍ତି।

# ବରଗଡ଼ ଜିଲାରୁ ବର୍ଷକରେ ୧୨୪ କୋଟି ୯୯ ଲକ୍ଷ ମଦ ରାଜସ୍ୱ

ଭୁବନେଶ୍ୱର, ୮।୧୨ (ସୁନିତ୍ ମିଶ୍ର)

ବରଗଡ଼ ଅବକାରୀ ଜିଲାରୁ ଗୋଟିଏ ବର୍ଷରେ ସବୁଠାରୁ ଅଧିକ ଟଙ୍କାର ମଦ ରାଜସ୍ୱ ମିଳିଛି। ଏହା ପଛକୁ ୨ୟ ସ୍ଥାନରେ ଗଞ୍ଜାମ ଜିଲା ରହିଛି। ରାଜ୍ୟରେ ହେଉଥିବା ମଦ ବ୍ୟବସାୟ ସମ୍ପର୍କରେ କଂଗ୍ରେସ ବିଧାୟିକା ସୋଫିଆ ଫର୍ଦ୍ଦୋସ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବରଗଡ଼ ଜିଲା ମଦ ରାଜସ୍ୱ ଆଦାୟରେ ଏକନମ୍ବର ସ୍ଥାନରେ ରହିଛି। ଏହି ଜିଲାରେ ମଦ କାରବାରରୁ ୧୨୪ କୋଟି ୯୯ ଲକ୍ଷ ଟଙ୍କାର ଟିକସ ମିଳିଛି। ଦ୍ୱିତୀୟ ସ୍ଥାନରେ ଗଞ୍ଜାମ ଜିଲା ରହିଥିବାବେଳେ ଏଠାରେ ମଦ କାରବାରରୁ ୯୬ କୋଟି ୧୦ ଲକ୍ଷ ଟଙ୍କାର ଟିକସ ଆଦାୟ ହୋଇଛି। ସମ୍ବଲପୁରରୁ ୮୮ କୋଟି ୨୪ ଲକ୍ଷ, ବ୍ରହ୍ମପୁର ଅବକାରୀ ଜିଲାରୁ ୭୭ କୋଟି ୬୭ ଲକ୍ଷ, ବଲାଙ୍ଗୀରରୁ ୭୨ କୋଟି ୪୨ ଲକ୍ଷ, କଳାହାଣ୍ଡିରୁ ୭୧ କୋଟି ୬୯ ଲକ୍ଷ, ଝାରସୁଗୁଡ଼ାରୁ ୬୯ କୋଟି ୧୫ ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ ହୋଇପାରିଛି। ସବୁଠାରୁ କମ୍ ମଦ ଟିକସ ମିଳିଛି କନ୍ଧମାଳ ଜିଲାରୁ । ଏହି ଜିଲାରୁ ୩ କୋଟି ୫୬ ଲକ୍ଷ ଟଙ୍କାର ମଦ ଟିକସ ବାବଦରେ ଆଦାୟ ହୋଇଥିବାବେଳେ ମାଲକାନଗିରିରୁ ପ୍ରାୟ ୫ କୋଟି, ନୟାଗଡ଼ରୁ ୮.୨୯ କୋଟି ଓ ଭଦ୍ରକରୁ ୯.୮୯ କୋଟି ଟଙ୍କାର ରାଜସ୍ୱ ମିଳିଛି। ରାଜ୍ୟ ରାଜଧାନୀ ଭୁବନେଶ୍ୱର ଅବକାରୀ ଜିଲାରୁ ୪୮.୨୯ କୋଟି ଟଙ୍କାର ମଦ ଟିକସ ମିଳିଛି। ବିଭିନ୍ନ ଜିଲାରୁ ଆଦାୟ ହୋଇଥିବା ମଦ ଟିକସ ମଧ୍ୟରେ ଉଭୟ ବିଦେଶୀ ମଦ ଦୋକାନ ସହିତ ଲାଇସେନ୍ସପ୍ରାପ୍ତ ଦେଶୀ ଓ ମହୁଲି ମଦ ଦୋକାନରୁ ଆଦାୟ ଅର୍ଥ ରହିଛି। ଓଡ଼ିଶା ମଦ ନିଗମ ସବୁଠୁ ଅଧିକ ମଦ ଟିକସ ଦେଇଛି। ୨୦୨୩-୨୪ ବର୍ଷରେ ମିଳିଥିବା ମୋଟ୍ ୭୨୧୬.୯୯ କୋଟି ଟଙ୍କାର ମଦ ରାଜସ୍ୱ ମଧ୍ୟରୁ କେବଳ ମଦ ନିଗମ ୫୯୨୭ କୋଟି ୫୯ ଲକ୍ଷ ଟଙ୍କା ଦେଇଛି।

# ମହାସମାବେଶରେ ସାମିଲ ହେବନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଶିକ୍ଷକ ସଂଘ

ଭୁବନେଶ୍ୱର, ୮।୧୨ (ସୁଚିସ୍ମିତା ସାହୁ)

ଓଡ଼ିଶା ସ୍କୁଲ୍ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆସନ୍ତା ୧୦ ତାରିଖରେ ଭୁବନେଶ୍ୱରଠାରେ ଏକ ମହାସମାବେଶ ହେବାକୁ ଯାଉଛି। ଏହି ଆନ୍ଦୋଳନରେ ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଶିକ୍ଷକ ସଂଘ ସାମିଲ ହେବାର କାର୍ଯ୍ୟକ୍ରମ ରହିଥିଲା। ହେଲେ ଏବେ ଏହି ଶିକ୍ଷକ ସଂଘ ସାମିଲ ହେବ ନାହିଁ ବୋଲି ସଭାପତି ଅଜୟ କୁମାର ମହାପାତ୍ର ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ସଂଘର ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ଦୀକ୍ଷିତ କହିଛନ୍ତି, ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଶିକ୍ଷକ ସଂଘରେ ୯୪୦ଟି ବିଦ୍ୟାଳୟ ସାମିଲ ହୋଇଛି। ସଂଘର ବିଭିନ୍ନ ଦାବି ସଂକ୍ରାନ୍ତରେ ରାଜ୍ୟ ସରକାର ଓ ଗଣଶିକ୍ଷା ମନ୍ତ୍ରୀଙ୍କ ସହିତ ଆଲୋଚନା କରି ସମାଧାନ କରାଯିବ। ମହାସମାବେଶରେ ନୂତନ ଅନୁଦାନପ୍ରାପ୍ତ ୯୪୦ ବିଦ୍ୟାଳୟର କୌଣସି ଶିକ୍ଷୟିତ୍ରୀଶିକ୍ଷକ ସାମିଲ ହେବେ ନାହିଁ ବୋଲି ସଂଘ ସରକାରଙ୍କୁ ଅବଗତ କରିଛି ବୋଲି ସୂଚନା ଦିଆଯାଇଛି। ଜୟନ୍ତ କୁମାର ଦାଶ, ପ୍ରତାପ ଭୂୟାଁ, ରଞ୍ଜନ କୁମାର ବେହେରା, ପ୍ରଶାନ୍ତ ରାଜ, ସୁରେଶ କୁମାର ପଟେଲ ପ୍ରମୁଖଙ୍କ ଉପସ୍ଥିତିରେ ଏହି ନିଷ୍ପତ୍ତି ନିଆଯାଇଛି।

## ରାଷ୍ଟ୍ର ସ୍ୱାର୍ଥର ସୁରକ୍ଷା ପାଇଁ 'ସିଭିଲିଆନ୍ ଆର୍ମି' ଆବଶ୍ୟକ: ଜଷ୍ଟିସ୍ ସୂର୍ଯ୍ୟକାନ୍ତ

ନୂଆଦିଲ୍ଲୀ, ୮।୧୨

ଆଇନର ଶାସନ ଏବଂ ସୁଶାସନରେ ଗୋଟିଏ ଦେଶର ଅର୍ଥନୈତିକ ଏବଂ ରାଜନୈତିକ ଅଭିବୃଦ୍ଧି ହୋଇଥାଏ। ତେବେ ଏଥିପାଇଁ କେବଳ ପୋଷାକଧାରୀ ସାମରିକ ବଳ ନୁହେଁ ବରଂ ଦେଶ ଭିତରେ ଏବଂ ବାହାରେ ପରିଶ୍ରମପୂର୍ବକ ଏବଂ ବୁଦ୍ଧିମତ୍ତାର ସହ ରାଷ୍ଟ୍ର ସ୍ୱାର୍ଥର ଯତ୍ନ ନେବା ପାଇଁ ବିଶେଷଜ୍ଞମାନଙ୍କର ଏକ ଟିମ୍ ମଧ୍ୟ ଆବଶ୍ୟକ ରହିଥିବା ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ରବିବାର କହିଛନ୍ତି। ସ୍ୱଚ୍ଛତା ଏବଂ ସମାନତା ବିଚାରଧାରା ପ୍ରତି ପ୍ରତିଶ୍ରୁତିବଦ୍ଧତା, ଦୃଢ଼ତା ଏବଂ ଉତ୍ସୁକତା ନିମନ୍ତେ ଆଇନ କ୍ଷେତ୍ର ପୂର୍ଣ୍ଣତା ଦାବି କରେ ନାହିଁ। ଏଥିପାଇଁ ସାଧାରଣ ପୋଷାକରେ ଥିବା ବିଶେଷଜ୍ଞ ବାହିନୀର ଆବଶ୍ୟକତା ରହିଛି। ଆଇନ ବିଶେଷଜ୍ଞ, ପ୍ରଫେସର, ବୈଜ୍ଞାନିକ ବା ଇଞ୍ଜିନିୟର ଅଥବା ଯେକୌଣସି ଦାୟିତ୍ୱସମ୍ପନ୍ନ ପଦବୀରେ ଥିବା ବ୍ୟକ୍ତି ଏହି ସିଭିଲିଆନ୍ ଆର୍ମିରେ ସାମିଲ ହୋଇପାରିବେ।


**ASKA SCIENCE COLLEGE, ASKA**
(Accredited B++ by NAAC)
P.O.: NUAGAM - 761111, ASKA,
DIST. : GANJAM, ODISHA
Website: www.askasciencecollege.com

**TENDER CALL NOTICE**

Aska Science College, Aska, Ganjam, Odisha through open tender call notice No. 010/2024/ASC/OHEPEE to 018/2024/ASC OHEPEE invites expression of interest from registered reputed Manufacturing Companies / Firms or their authorized dealers / Agents/ Distributors to supply and install water purifier, Computer Systems. Projectors, ACs, CCTVs, online UPS, Inverter with Batteries and furniture items etc. for the Class Rooms as per the tender paper uploaded in the college website www.askasciencecollege.com

Sd./- Principal

**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel- MD 0674-2340573, Email- mdosscltd456@gmail.com

**TENDER CALL NOTICE**
No. - OSSC/Engg - 104/2024

**No.CAD-1832** : The Managing Director, Odisha State Seeds Corporation Ltd invites the following tenders through ONLINE through e-procurement site of Govt of Odisha www.tenderodisha.gov.in. **Percentage Rate Tenders** from eligible Civil works contractors registered under Competent authority of Govt of Odisha

Values in Rs.

| Sl | Name of the work | Estimated Amt | EMD | Cost of tender document | Completion period | Eligibility class of Contractors |
|---|---|---|---|---|---|---|
| 1 | Construction of Office Building for accommodation of Office of the SPMO, Puri at Satasankh. | 17,63,321.00 | 17,633/- | 7,080/- | 180 | D or above |

The details of location of work, estimated amount regarding construction work along-with cost of Tender Document, EMD and other criteria along with critical dates for the above Tenders can be seen in the **Detailed Tender Call Notice** posted in Website of Govt of Odisha www.tenderodisha.gov.in. The last date for uploading of tender to tender portal is **dt. 20/12/24.**

OIPR-01045/11/0003/2425 — Sd./- Managing Director

No.W-78

**ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୪**
ତା୧୪।୧୨।୨୦୨୪ରିଖ (ଦ୍ୱିତୀୟ ଶନିବାର)
**ବିଶେଷ ସୂଚନା**

୧. ଆଜ୍ଞା, କୌଣସି କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?
୨. ତେବେ ଆପଣ ସେ ମକଦ୍ଦମା / ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ।
୩. ତା୧୪।୧୨।୨୦୨୪ରିଖ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।
୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା, ଯଥା ଫୌଜଦାରୀ (ସାଲିସଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ) / ପାରିବାରିକ ବବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନ୍‌ସନ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଉଚ୍ଚତମ ନ୍ୟାୟାଳୟ, ଜିଲ୍ଲା କୋର୍ଟରେ ଓ ରାଜ୍ୟ /ଜିଲ୍ଲା / ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ), ବୌଦ୍ଧିକ ସମ୍ପତ୍ତି ଅଧିକାର ମାମଲା / ଖାଉଟି ବିବାଦ / ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ-ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ, ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆପୋସ ସହମତିରେ ସମାଧାନ କରାଯାଇପାରିବ।
୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (କଚେରିରେ ଦାୟର ହୋଇ ନ ଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକ (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬. ଲୋକ ଅଦାଲତରେ ମକଦ୍ଦମା / ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ ଏବଂ ଅମଳଯୋଗ୍ୟ।
୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି' ଫେରସ୍ତ ହୋଇପାରିବ।
୮. ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।
୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ ଆଇନସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ,
ଆଇନସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ:
ମୋ- ୯୪୩୮୫୭୮୫୮୬/୮୨୪୯୫୪୨୨୫୯
ଇ-ମେଲ୍- oslsa2020@gmail.com

OIPR-18008/11/0008/2425

**OFFICE OF THE SUPERINTENDENT, CHC JHUMPURA, KEONJHAR**
Block Programme Management Unit, Jhumpura
Email : nhmjhumpura@gmail.com

Advt No. Date:

**REQUEST FOR PROPOSAL (RFP) FOR HIRING OF VEHICLES FOR RBSK,MHU&BPMU**

**No.E-567** : Sealed Proposals as per the prescribed RFP document are Invited from interested eligible bidders (private individuals/Tour Operators/ Travel Agency /Society/Firm) for hiring of vehicles for BPMU, Mobile Health Team (RBSK) & Swasthya Sanjog (MHU) on a monthly basis for implementation of the Rashtriya Bal Swasthya Karyakram (RBSK), Mobile Health Unit (MHU) and BPMU activities. The eligibility criteria, the terms of reference & the formats for submission of bid are set forth in the RFP document, which will be available at BPMU, CHC Jhumpura.
Interested bidders fulfilling eligibility criteria may submit separate Proposals (with EMD & documents as per RFP) to the Superintendent, CHC Jhumpura. The bidders have to submit their proposals duly super-scribed "Tender for hiring of vehicles for MHU, RBSK & BPMU" addressed to "THE SUPERINTENDENT, CHC JHUMPURA, AT/PO- JHUMPURA, KEONJHAR - 758031". The details of the requirement of vehicle are mentioned in the RFP document. Proposals complete in all respect should reach at the office of the undersigned by Registered post/Speed post/Courier only on or before 31.12.2024 up to 11.00am. The same will be opened in presence of the bidders on dt. 31.12.2024 at 12 PM in the office of "THE SUPERINTENDENT, CHC JHUMPURA, AT/PO- JHUMPURA, KEONJHAR-758031". The authority will not be responsible for any postal delay. The undersigned has reserves the right to reject or cancel any or all the proposals without assigning any reason thereof.

OIPR-10263/11/0001/2425 — Sd./- Superintendent, CHC Jhumpura, Keonjhar

**ZILLA SWASTHYA SAMITI,CHC MATHAKARGOLA, DHENKANAL**
DISTRICT PROGRAMME MANAGEMENT UNIT
NATIONAL HEALTH MISSION

Notice No: 518 Date: 05.12.2024

**No.E-557** : Sealed tenders are invited from reputed agencies / individuals for engagement of Hiring the vehicle in the District. The details regarding application format, terms and conditions of the tenders may be download from District website i.e. www.Dhenkanal.nic.in. The tenders should reach the office of the undersigned latest by **23.12.2024, 05:00** through speed post/ registered post/Courier only. The tenders will be opened on **24.12.2024 at 11 A.M.** in the office of the undersigned in presence of the bidders/authorized representative of the bidders. The undersigned is not responsible for any kind of postal delay and reserves all right to cancel any or all the tender at any stage of selection/finalisation process without assigning any reason thereof. Any typographical error may be exempted.

Sd./- Medical Officer I/C, CHC Mathakargola, Dhenkanal
OIPR-10192/11/0001/2425

**ଓଡ଼ିଶା ଉଠା ଜଳସେଚନ ନିଗମ**
(ଓଡ଼ିଶା ସରକାରଙ୍କ ଏକ ସଂସ୍ଥା)
ଏନ୍-17/2, ନୂଆପଲ୍ଲୀ, ଭୁବନେଶ୍ୱର-12, website: odishalift.com

**2024-2025 ଆର୍ଥିକ ବର୍ଷ ପାଇଁ ଅଚଳ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ଓ ପୁରାତନ ସଚଳ ଉଠା ଜଳସେଚନ ପ୍ରକଳ୍ପର ସୁଦୃଢ଼ୀକରଣ ନିମନ୍ତେ Online ଦରଖାସ୍ତ ଆହ୍ୱାନ** No.CAD-1834

ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ଅଧୀନସ୍ଥ ଓଡ଼ିଶା ଉଠା ଜଳସେଚନ ନିଗମ ଜରିଆରେ ଅଚଳ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ଓ ପୁରାତନ ସଚଳ ଉଠା ଜଳସେଚନ ପ୍ରକଳ୍ପର ସୁଦୃଢ଼ୀକରଣ ନିମନ୍ତେ ରାଜ୍ୟ ଯୋଜନା ଅଟକଳ (State Plan) ମାଧ୍ୟମରେ ପାଣି ପଞ୍ଚାୟତର କର୍ମକର୍ତ୍ତା ବା ସଭ୍ୟମାନଙ୍କଠାରୁ ଅନ୍‌ଲାଇନ (On-line) ଦରଖାସ୍ତ ଆହ୍ୱାନ କରାଯାଉଛି।

ଅଚଳ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର- ଭୂପୃଷ୍ଠ ଓ ଭୂତଳ ଜଳକୁ ଉତ୍ତୋଳନ କରି କୃଷିକ୍ଷେତ୍ରକୁ ଜଳସେଚନ ନିମନ୍ତେ ଉଠା ଜଳସେଚନ ନିଗମ ତରଫରୁ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ କରାଯାଇଆସୁଛି। ପ୍ରକଳ୍ପଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ ପାଣି ପଞ୍ଚାୟତ ଗଠନ କରାଯାଇ ଚାଷୀମାନଙ୍କୁ ହସ୍ତାନ୍ତର କରାଯାଇଛି। ବିଭିନ୍ନ କାରଣ ଯୋଗୁ ଅନେକ ସମୟରେ ପ୍ରକଳ୍ପ ସବୁ ଅଚଳ ହୋଇଯାଇଥାଏ। ସେହିସବୁ ଅଚଳ ପ୍ରକଳ୍ପଗୁଡ଼ିକୁ ପାଣି ପଞ୍ଚାୟତର ଆବେଦନକ୍ରମେ ପର୍ଯ୍ୟାୟକ୍ରମେ ଆବଶ୍ୟକତା ଅନୁଯାୟୀ ଓ ଅଗ୍ରାଧିକାରଭିତ୍ତିରେ ପୁନରୁଦ୍ଧାର କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ।

ପୁରାତନ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପର ସୁଦୃଢ଼ୀକରଣ- ଦୀର୍ଘଦିନରୁ ନିୟମିତ ଭାବରେ କାର୍ଯ୍ୟକ୍ଷମ ଥିବା ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକର ଯନ୍ତ୍ରାଂଶ ଓ ଭିତ୍ତିଭୂମିର ସୁଦୃଢ଼ୀକରଣ କରିବା ପାଇଁ ଏହି ଯୋଜନା ପ୍ରଣୟନ କରାଯାଇଛି। ଫଳରେ ଅଚଳାବସ୍ଥା ଆସିବା ପୂର୍ବରୁ ଜଳସେଚନ ଭିତ୍ତିଭୂମିକୁ ସୁରକ୍ଷିତ ରଖାଯାଇପାରିବ ଏବଂ ପ୍ରକଳ୍ପର ଆୟୁକୁ ବୃଦ୍ଧି କରାଯାଇପାରିବ। ଆଗ୍ରହୀ ପାଣି ପଞ୍ଚାୟତମାନେ ଏହି ଯୋଜନାର ସୁଯୋଗ ନେଇ ପ୍ରକଳ୍ପକୁ ସୁଦୃଢ଼ କରିପାରିବେ।

ପ୍ରକଳ୍ପ ଚୟନ ପ୍ରକ୍ରିୟାକୁ ସ୍ୱଚ୍ଛ, ନିରପେକ୍ଷ ଓ ବାସ୍ତବାଭିମୁଖୀ କରିବା ନିମନ୍ତେ ପାଣି ପଞ୍ଚାୟତର କର୍ମକର୍ତ୍ତା କିମ୍ବା ସଭ୍ୟ-ସଭ୍ୟାମାନଙ୍କଠାରୁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ଅନ୍‌ଲାଇନ (On-line) ମାଧ୍ୟମରେ ପଞ୍ଜୀକରଣ ପାଇଁ ଆସନ୍ତା ତା10.12.2024ରିଖଠାରୁ ତା20.12.2024ରିଖ ପର୍ଯ୍ୟନ୍ତ ଖୋଲା ରହିବ।

ଚାଷୀଭାଇ ଓ ଭଉଣୀମାନେ ଏକତ୍ରିତ ହୋଇ ନିଜ ଘରେ ବସି Mobile Phone ଦ୍ୱାରା କିମ୍ବା ଗ୍ରାମରେ ଥିବା ଜନ ସହାୟତା କେନ୍ଦ୍ର କିମ୍ବା ଗ୍ରାମପଞ୍ଚାୟତ ଅଫିସକୁ ଯାଇ ଉଠା ଜଳସେଚନ ନିଗମର website: www.odishalift.comରେ ଉପରୋକ୍ତ ସମୟ ସୀମା ମଧ୍ୟରେ online ଦରଖାସ୍ତ ପୂରଣ କରି ଏହି ଯୋଜନାର ପର୍ଯ୍ୟାପ୍ତ ସୁଯୋଗ ନେବାକୁ ଅନୁରୋଧ କରାଯାଉଅଛି।

ସ୍ୱା./- ପରିଚାଳନା ନିର୍ଦ୍ଦେଶକ
OIPR-32432/11/0004/2425

**GOVERNMENT OF ODISHA** No.O-814
**OFFICE OF THE SUPERINTENDING ENGINEER**
RURAL WORKS DIVISION-II, JAJPUR
rwdivision_jaraka@yahoo.co.in

'E' PROCUREMENT NOTICE NO.RWD-II/JJPR-II-07/2024-25, DTD -

1. Name of work : Construction of Road work in the District of Jajpur for the yr. 2024-25
2. Total No. of Work : 1 no. of road works
3. Estimated Cost (Approx) : As indicated against each work in the NIT
4. Period of Completion : As indicated against each work in the NIT
5. Class of contractors : As indicated against each work in the NIT

**Other details as follows :**

a) Procurement officer : Superintending Engineer, Rural Works Division-II, Jajpur at Jarka
b) Availability of tender online & submission of bid : 13.12.2024 at 11.00 A.M. to 21.12.2024 upto 5.00 P.M.
c) Last date & time of seeking of tender clarification : 20.12.2024 upto 5.00 P.M.
d) Opening of Tender (Technical) : 23.12.2024 at 11.30 A.M.

Further details can be seen from the Govt. website www.tendersodisha.gov.in

Sd./- Executive Engineer
Rural Works Division-II
Jajpur at Jaraka
OIPR-25080/11/0010/2425

**OFFICE OF THE EXECUTIVE ENGINEER RWSS DIVISION, RAIRANGPUR**
No.O-812
INVITATION FOR BIDS
E-mail-eerwss_rai@nic.in, eerwss.rai@gmail.com
e-PROCUREMENT NOTICE
IDENTIFICATION No. 39 RWSS/RRPUR- 2024-25/Dated 6.12.2024

The Executive Engineer, RWSS Division, Rairangpur on behalf of Governor of Odisha, invites **percentage rate** bids to be received in online mode for the following works from the eligible experienced contractors in similar nature of work or any civil work registered with State Govt. & contractor of equivalent Grade / Class registered with Central Govt. / Railways.

| | | | |
|---|---|---|---|
| 1 | Nature of work | : | Execution of Balance work for the 03 Nos. of clubbed up PWS scheme to village 1. Badchampouda, 2. Tikarpada, 3. Baliadhipa under Nusadihi, Khanta & Bankati GP of Bijatala Block in respect of RWS&S Division, Rairangpur |
| 2 | No. of work | : | **01** (One) No |
| 3 | Period of completion | : | **11 (Eleven)** months |
| 4 | Cost of tender | : | **Rs. 10000.00** |
| 5 | Estimated cost | : | **Rs. 337.16 Lac** |
| 6 | Class of Contractor | : | (As mentioned in Tender Call Notice) |
| 7 | Date and time of availability of bid documents in Portal | : | From **9 hours of 13.12.2024 to 17.30 hours of 31.12.2024** |
| 8 | Receipt of bid cost, bid security, documents | : | Online only |
| 9 | Date & time of opening of technical bid | : | **Dt. 01.01.2025** at **11.00** hours onwards |
| 10 | Other Documents | : | (As mentioned in DTCN) |
| 11 | The bidders have to participate in on-line bidding only. Further details can be seen from the website **https://www.tendersodisha.gov.in**. | | |
| 12 | **Any addendum / Corrigendum / Cancellation of tender can also be seen in the said website** | | |
| 13 | **Concession of 10% will be considered to ST/SC contractors up to B class only on submission of an affidavit over the general category contractors** | | |

Sd./- Executive Engineer
OIPR-25010/11/0012/2425 — RWSS Division, Rairangpur

**UTKAL UNIVERSITY OF CULTURE**
Sanskruti Vihar, Madanpur, Bhubaneswar, PIN - 752054
E-mail: mailboxuuc@gmail.com
No.1656 /UUC Dt.05-12-2024

**TENDER CALL NOTICE FOR PROVIDING CATERING SERVICE**

**No.CAD-1800** : Sealed tenders are invited from the intending bonafied agencies located at Bhubaneswar, who are providing catering services. Interested agencies may visit the official website at uuc.ac.in (Tenders & Quotations) for downloading the details of tender documents, specifications, terms and conditions etc. Further addendum/corrigendum/cancellation of tender can be seen in the website only. The tender requisite documents should reach addressing Registrar, Utkal University of Culture, Sanskruti Vihar, Madanpur, Bhubaneswar, 752054 through Registered/Speed Post/ Courier service within schedule date and time mentioned below.

| | |
|---|---|
| Last date for receipt of the Bid | 20.12.2024, 5.00 P.M. |
| Date and time of opening of General Bid | 23.12.2024, 12.30 P.M. |
| Date and time of opening of Financial Bid | 23.12.2024, 3.30 P.M. |

OIPR-03005/11/0007/2425 — Sd./- Registrar

# ଅବିଭକ୍ତ କୋରାପୁଟ ଜିଲାର ସାମଗ୍ରିକ ବିକାଶ ହେବ: ମୁଖ୍ୟମନ୍ତ୍ରୀ



ନବରଙ୍ଗପୁର ଲୋକ ମହୋତ୍ସବ ମଣ୍ଡେଇ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଜିଲାର ଏମ୍ପି ଓ ସମସ୍ତ ବିଧାୟକ ।

### ପ୍ରତି ପଞ୍ଚାୟତରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ହେବ

ନବରଙ୍ଗପୁର,୮।୧୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ମଣ୍ଡେଇ ଲୋକ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅପରାହ୍ନରେ ହେଲିକପ୍ଟର ଯୋଗେ ରିଜର୍ଭ ପୋଲିସ ପଡ଼ିଆରେ ପହଞ୍ଚିବା ପରେ ସର୍କିଟ ହାଉସ୍ ଯାଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ପରେ ସେଠାରୁ ଏକ ଶୋଭାଯାତ୍ରା ବାହାରି ଭଣ୍ଡାର ଘରଣୀ ମନ୍ଦିର ନିକଟରେ ଆଶୀର୍ବାଦ ଭିକ୍ଷା କରିଥିଲେ। ମା' ଭଣ୍ଡାରଘରଣୀଙ୍କ ଆଜ୍ଞାମାଳ ପାଇବା ପରେ ସେଠାରୁ ମଣ୍ଡେଇ ପଡ଼ିଆରେ ପହଞ୍ଚିଥିଲେ। ପଡ଼ିଆରେ ଉଦ୍ୟାନ ବିଭାଗ ଓ ଜଙ୍ଗଲ ବିଭାଗ ପକ୍ଷରୁ ପ୍ରସ୍ତୁତ ପ୍ରଦର୍ଶନୀ ଦେଖି ମଞ୍ଚକୁ ଆସିଥିଲେ।

ଏହା ଶହୀଦ ଓ ସଂଗ୍ରାମୀଙ୍କ ମାଟି। ତୁରିନଦୀରେ ଶହୀଦ ହୋଇଥିବା ସଂଗ୍ରାମୀମାନଙ୍କୁ ସେ ସ୍ମରଣ କରିଥିଲେ। ଏହି ଜିଲା ପ୍ରତି ମୋର ଦୁର୍ବଳତା ରହିଛି। ରାଜନୈତିକ କ୍ୟାରିୟର ନବରଙ୍ଗପୁରରୁ ଆରମ୍ଭ ହୋଇଛି।୧୯୯୯ ଅକ୍ଟୋବରରେ ଏଠାକୁ ଆସିଥିଲି। ନବରଙ୍ଗପୁରରେ ଅତିଥିଭାବେ ନୁହେଁ, କୁଣିଆ ଭାବେ ରହିବି। ଏହା ଆଦିବାସୀ ଅଧ୍ୟୁଷିତ ଜିଲା, ଅବହେଳିତ ହୋଇ ଆଉ ରହିବ ନାହିଁ । ଏହି ଜିଲାକୁ ଆଗକୁ ନେବାକୁ ପଡ଼ିବ, ସମସ୍ତଙ୍କ ସହଯୋଗରେ ବିକାଶ ହେବ। ନବରଙ୍ଗପୁରକୁ ସରପଞ୍ଚ ଥିବା ବେଳେ ଆସିଥିଲି, ଏବେ ମୁଖ୍ୟମନ୍ତ୍ରୀ ହେବାପରେ ଆସିଛି। ଲୋକଙ୍କ ସରକାର ଏହାର ଆଭିମୁଖ୍ୟ ହେଉଛି, ଦକ୍ଷିଣ ଓଡ଼ିଶା ଅବିଭକ୍ତ କୋରାପୁଟ ଜିଲାର ବିକାଶ। ପୂର୍ବ ସରକାର ମାଲକାନଗିରି, ରାୟଗଡ଼ା, କୋରାପୁଟ ଓ ନବରଙ୍ଗପୁରର ବିକାଶ କଲେ ନାହିଁ। ଲୋକଙ୍କୁ ଆଉ ଭଣ୍ଡାଇପାରିବା ନାହିଁ ବୋଲି ସେ କହିଥିଲେ। ଅନ୍ୟଙ୍କ ଟିପ୍ପଣୀ ଉପରେ କିଛି କହିବାର ନାହିଁ। ବିଭିନ୍ନ ଗୋଷ୍ଠୀ ଓ ସମ୍ପ୍ରଦାୟର ସଂସ୍କୃତି ମହାନ୍। ନବରଙ୍ଗପୁର ଜିଲାର କଳା ସଂସ୍କୃତିକୁ ମଣ୍ଡେଇ ଆଗକୁ ଆଣି ପାରିଛି ବୋଲି କହିଥିଲେ।

ଅବିଭକ୍ତ କୋରାପୁଟ ଜିଲାରେ ବକ୍ସାଇଟ, କୃଷି ପାଇଁ ଭରପୂର ଚାଷଜମି ରହିଛି। ମାଇଜିର ଖୋସା ମୁନୁସର ଭାଷାକୁ ମୁଖ୍ୟମନ୍ତ୍ରୀ ନିଶ୍ଚିତ ମନେରଖିଲେ। ଏହା ନିଶ୍ଚିତ ପାଳନ କରାଯିବ ବୋଲି କହିଥିଲେ। ଜିଲାକୁ ଆସିବା ପରେ ଭଲପାଇବା ଓ ପ୍ରେରଣା ମିଳିଛି । ଆମ ସରକାରରେ ଅଧିକ ପୁଞ୍ଜି ଆସିବ, ଶିଳ୍ପ ହେବ । ସାଢ଼େ ୩ ଲକ୍ଷ ନିଯୁକ୍ତି ପାଇବେ। ଅଢ଼େଇ ଲକ୍ଷ ପଦବୀ ଖାଲିପଡ଼ିଛି। ଆମ ସରକାର ଜିଲାଭିତ୍ତିକ ନିଯୁକ୍ତି ଦେବ। ମୁଖ୍ୟମନ୍ତ୍ରୀ ୪୬୧ କୋଟି ଟଙ୍କାରେ ୨୬୨ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଅତିଶୀଘ୍ର ଏସ୍‌ଡିସି ଗଠନ ହେବ। ଆଦିବାସୀମାନେ ସରଳ ଲୋକ, ସେମାନଙ୍କୁ ଧକ୍କା ଦେଲେ କ୍ଷମା କରିବେ ନାହିଁ । ଟିଏସ୍‌ସି ୧୫ ବର୍ଷ ହେବ କାର୍ଯ୍ୟକାରୀ ହୋଇପାରିନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ବହୁମୁଖୀ ଇନ୍ଦ୍ରାବତୀ ଜଳ ପ୍ରକଳ୍ପ ଚୁକ୍ତି ବେଳେ ତଳମୁଣ୍ଡ ନବରଙ୍ଗପୁର ଜିଲାକୁ ପାଣି ଯୋଗାଇବା ନିଷ୍ପତ୍ତି ଥିଲା। ବର୍ତ୍ତମାନ ତାହା କାର୍ଯ୍ୟକରୀ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଆଦିବାସୀମାନଙ୍କ ପାଇଁ ଭୁବନେଶ୍ୱରରେ ୧୦୦ କୋଟି ଟଙ୍କାରେ ଜନଜାତି ଆତିଥ୍ୟ ଭବନ କରାଯିବ। ୧୬ ହଜାର ଶିକ୍ଷକ ନିଯୁକ୍ତି ଦିଆଯାଇଛି। ପର୍ଯ୍ୟାୟ କ୍ରମେ ଶିକ୍ଷକ ନିଯୁକ୍ତି ହେବ। ଗୋଦାବରୀଶ ବିଦ୍ୟାଳୟ ପ୍ରତି ପଞ୍ଚାୟତରେ ସ୍ଥାପନ ହେବ ବୋଲି କହିଥିଲେ।

ନବରଙ୍ଗପୁର ଏମ୍ପି ବଳଭଦ୍ର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ରାଜ୍ୟ ସଭା ଏମ୍ପି ମୁନା ଖାନ୍, ମଣ୍ଡେଇକୁ ଉପଭୋଗ କରନ୍ତୁ ବୋଲି କହିଥିଲେ । ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ କହିଛନ୍ତି, ସୁଭଦ୍ରା ଯୋଜନାରେ ଆବେଦନ କରିଥିବା ପ୍ରାୟ ୧୮ଶହ ମହିଳା ନିଜେ ଫର୍ମ ଫେରାଇ ଆଣିଛନ୍ତି। ଜିଲା ଗଠନ ପୂର୍ବରୁ ଲୋକଙ୍କୁ ଖାଦ୍ୟର ଅଭାବ ଥିଲା । ଖାଦ୍ୟବସ୍ତ୍ର ଓ ଗୃହ ସମସ୍ୟାକୁ ମିଳିପାରୁଛି। ମୁଖ୍ୟମନ୍ତ୍ରୀଙ୍କ ନିକଟରେ କିଛି ଦାବି ରଖିଥିଲେ। ବିଭିନ୍ନ ନିଯୁକ୍ତି ପ୍ରକ୍ରିୟା କଟକ ଭୁବନେଶ୍ୱରରେ ନ କରି ଜିଲାର ଯୁବକଙ୍କ ପାଇଁ ସାକ୍ଷାତ୍କାର ବ୍ୟବସ୍ଥା କରାଯାଉ। ଆମ୍ୱଟାକୁଆ ଜାଉ ଖାଇ ମୃତ୍ୟୁ, ଅପପୁଷ୍ଟି ଦୂର କରିବା ପାଇଁ ୩ ମାସର ଚାଉଳ ମିଳିନାହିଁ । ତାହା ଯୋଗାଇବା ପାଇଁ ଧାନଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ନବରଙ୍ଗପୁର ବିଧାୟକ ଗୌର ଶଙ୍କର ମାଝୀ ଜିଲାର କଳା, ସଂସ୍କୃତି, ଐତିହ୍ୟ ବିଶ୍ୱ ଦରବାରରେ ପରିଚିତ। କ୍ରୀଡ଼ା ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଉଦ୍ୟମ କରୁଛନ୍ତି । କୁଇଣ୍ଟାଲ ପିଛା ଏମ୍ଏସ୍ପି ୨୩୦୦ ଟଙ୍କା ଇନ୍‌ପୁଟ ବୋନସ୍ ୮୦୦ ଟଙ୍କା ପ୍ରଦାନ କରିଛନ୍ତି। ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ କରିଛନ୍ତି ବୋଲି କହିଥିଲେ। ଝରିଗାଁ ବିଧାୟକ ନରସିଂ ଭତରା ନୂତନତା ଛାପରେ ପୁରୁଣା ସଂସ୍କୃତି ନଷ୍ଟ ହେବାରେ ଲାଗିଛି । କଳା ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସମସ୍ତେ ଏକଜୁଟ ହେବା ଆବଶ୍ୟକ ବୋଲି କହିଥିଲେ। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଶୁଭଙ୍କର ମହାପାତ୍ର ଅତିଥି ପରିଚୟ ସହ ସଭାପତିତ୍ୱ କରିଥିଲେ।

## ଚାଷୀଙ୍କୁ ଆଳୁ ବିହନ ବଣ୍ଟନ



ଚାଷୀଙ୍କୁ ଆଳୁ ବିହନ ବଣ୍ଟନ କରାଯାଉଛି।

ଡାବୁଗାଁ, ୮।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ନର୍ସରୀ ପରିସରରେ ଉଦ୍ୟାନ ବିଭାଗ ତରଫରୁ ରବିବାର ଚାଷୀଙ୍କୁ ଆଳୁ ବିହନ ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗଦେଇ କହିଥିଲେ, ବର୍ତ୍ତମାନ ବଜାରରେ ଆଳୁର ମୂଲ୍ୟ ବୃଦ୍ଧି ପାଇଥିବାବେଳେ ଆଳୁ ପାଇଁ ଆମେ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଛୁ। ତେଣୁ ସରକାରଙ୍କ ତରଫରୁ କିଲୋ ପିଛା ୨୦ ଟଙ୍କା ଦରରେ ଚାଷୀ ଆଳୁ ବିହନ ବିଭାଗଠାରୁ ନେଇ ଚାଷ କରି ନିଜର ଖାଇବା ପାଇଁ ରଖିବା ସହ ବଳକା ଆଳୁ ବିକ୍ରି କରିପାରିବେ। ତେଣୁ ଚାଷୀ ଆଳୁ ବିହନ ନେଇ ଚାଷ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ପରେ ଚାଷୀମାନଙ୍କୁ ଆଳୁ ବିହନ ବଣ୍ଟନ କରାଯାଇଥିଲା। ଡାବୁଗାଁ ବ୍ଲକକୁ ୫୫ ହେକ୍ଟର ଜମିରେ ଚାଷ ପାଇଁ ୩୦୦ ଜଣ ଚାଷୀଙ୍କୁ ଆଳୁ ବିହନ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ବିଧାୟକ ପ୍ରତିନିଧି ଏମ. ବୁଲୁ ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଭାଜପା ବରିଷ୍ଠ ନେତା ଜୟନ୍ତ କୁମାର ପାତ୍ର, ମନୋରମା ନାୟକ, ଡାବୁଗାଁ ସହକାରୀ ଉଦ୍ୟାନ ଅଧିକାରୀ ରବିଶଙ୍କର ପଣ୍ଡା, ଉଦ୍ୟାନ ସମ୍ପ୍ରସାରଣ କର୍ମଚାରୀ ଜଳେନ୍ଦ୍ର ଅମନାତ୍ୟ ଓ ଚାଷୀମାନେ ଉପସ୍ଥିତ ଥିଲେ ।

## ୨୦ ଘଣ୍ଟା ପରେ ରାସ୍ତାରୁ ଉଠିଲା ମୃତଦେହ

### ଆଡାଁଲିଗୁମ୍ମା ସଡ଼କ ଦୁର୍ଘଟଣା

ତେନ୍ତୁଲିଖୁଣ୍ଟି, ୮।୧୨ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡ଼ା ଥାନା ଅଞ୍ଚଳ ଆଡାଁଲିଗୁମ୍ମା ଛକ ନିକଟରେ ଶନିବାର ସନ୍ଧ୍ୟାରେ ଏକ ଟ୍ରଲର ସହ ଧକ୍କା ହୋଇ ଜଣେ ବାଇକ୍ ଆରୋହୀ ଜୟପୁର ନିକଟ ବଡ଼ଯିଉନି ଗ୍ରାମର ରବି ନାରାୟଣ ପାତ୍ରଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଏବଂ ଦୁର୍ଘଟଣା ଘଟାଇଥିବା ଗାଡିର ଡ୍ରାଇଭରଙ୍କୁ ଗିରଫ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଉପରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଥାନା ଅଧିକାରୀ ହରିଶ ଗୋଲୋରି ଦିନ ତମାମ ଆନ୍ଦୋଳନକାରୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରେ ତହସିଲଦାର ରାଜ କିଶୋର ପଟ୍ଟନାୟକ ଧାରଣାସ୍ଥଳକୁ ଯାଇ ବୁଝାଇବା ସହ ରେଡ଼କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଓ ମୃତଦେହ ନେବା ପାଇଁ ମହାପ୍ରୟାଣ ଗାଡ଼ି ବ୍ୟବସ୍ଥା କରିଥିଲେ। ୨୦ ଘଣ୍ଟାର କସରତ ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ୮ ଦିନ ମଧ୍ୟରେ କମ୍ପାନୀ ତରଫରୁ କ୍ଷତିପୂରଣ ନ ଦିଆଗଲେ ପୁଣି ରାଜରାସ୍ତାକୁ ଓହ୍ଲାଇବେ ବୋଲି ପରିବାରବର୍ଗ କହିଛନ୍ତି। ଏ ନେଇ ଥାନାରେ ନଂ.୧୬୭/୨୪ରେ ମାମଲା ରୁଜୁ ହୋଇଛି। ପାରିପାର୍ଶ୍ୱିକ ସ୍ଥିତିକୁ ସମୀକ୍ଷା କଲେ ପ୍ରାଥମିକ ଭାବେ ରାସ୍ତାରେ ମେଟାଲ ବିଛାଇବା ଯୋଗୁ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ଟେଣ୍ଡର ପ୍ରକ୍ରିୟା ସରିଯାଇଥିବାରୁ ତୁରନ୍ତ ରାସ୍ତା କାର୍ଯ୍ୟ ଆରମ୍ଭ କରିବାକୁ ଦାବି ହେଉଛି। ଏହା ସହିତ ମେଗା ଜଳ ଯୋଗାଣ ପ୍ରକଳ୍ପ ପାଇପ ବିଛାଇବା ନାମରେ ରାସ୍ତା ନଷ୍ଟ କରିବାରୁ କ୍ଷାନ୍ତ ରହିବା ପାଇଁ ଦାବି ହେଉଛି।

## ସ୍ୱର୍ଣ୍ଣ ପଦକ ପାଇଲେ ଉମରକୋଟର ଶୀତଲ

ଉମରକୋଟ,୮।୧୨(ସନ୍ତୋଷ ଶତପଥୀ)

ବିବିଏ ପରୀକ୍ଷାରେ ମାର୍କେଟିଂ ପରିଚାଳନା ୨୦୨୩ – ୨୪ ପରୀକ୍ଷାରେ ସର୍ବାଧିକ ମାର୍କ ରଖି ଉମରକୋଟର ଝିଅ ଶୀତଲ ମହାନ୍ତି ସ୍ୱର୍ଣ୍ଣ ପଦକରେ ସମ୍ମାନିତ ହୋଇଛନ୍ତି। ଶନିବାର ଭୁବନେଶ୍ୱରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ରଘୁବର ଦାସ, ସମ୍ମାନିତ ଅତିଥି ଭାବେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ସନ୍ଦୀପ ମେହେଟା ଓ ଇସ୍ରୋ ଅଧ୍ୟକ୍ଷ ଶ୍ରୀଧର ପାନିକର ସୋମନାଥଙ୍କ ଉପସ୍ଥିତିରେ ଶୀତଲଙ୍କୁ ସ୍ୱର୍ଣ୍ଣ ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶୀତଲ ଭୁବନେଶରସ୍ଥିତ ସେଞ୍ଚୁରିୟାନ ବିଶ୍ୱ ବିଦ୍ୟାଳୟରେ ବିବିଏ ପଢୁଥିଲେ। ଶୀତଲ ଉମରକୋଟର ବରିଷ୍ଠ ଆଇନଜୀବୀ ଖାଡେଶ୍ୱର ମହାନ୍ତିଙ୍କ ଝିଆରୀ ତଥା ପ୍ରମୋଦ କୁମାର ମହାନ୍ତି ଓ ସବିତା ମହାନ୍ତିଙ୍କ ଝିଅ। ଶୀତଲ ନବରଙ୍ଗପୁର କେନ୍ଦ୍ରୀୟ ବିଦ୍ୟାଳୟରେ ଦଶମ ପର୍ଯ୍ୟନ୍ତ ପଢିବା ପରେ ଉମରକୋଟ ଗୁରୁକୃପା କଲେଜରେ ଯୁକ୍ତ ୨ ବିଜ୍ଞାନରେ ପାଠ ପଢ଼ିଥିଲେ ।



ଅତିଥିମାନେ ଶୀତଲଙ୍କୁ ପୁରସ୍କୃତ କରୁଛନ୍ତି।

ଶୀତଲ ତାଙ୍କର ସଫଳତା ପାଇଁ ବିଶ୍ୱ ବିଦ୍ୟାଳୟର ଅଧାପକ ଓ ପରିବାରବର୍ଗଙ୍କୁ ଶ୍ରେୟ ଦେଇଛନ୍ତି। ଏହି ଖବର ଉମରକୋଟରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

## ମକା ମିଲ୍‌ରେ ଗୋଡ଼ ପଶି ନାବାଳକ ଗୁରୁତର

ଝରିଗାଁ,୮।୧୨(କିଶୋର ଚନ୍ଦ୍ର ମଣ୍ଡଳ)

ଝରିଗାଁ ବ୍ଲକ କରଲାପଡା ଗ୍ରାମରେ ମକା ମିଲ୍‌ରେ ଗୋଡ ପଶିଯିବାରୁ ଜଣେ ନାବାଳକର ଗୁରୁତର ଆହତ ହୋଇଛନ୍ତି। କରଲାପଡା ଗ୍ରାମର ନାରାୟଣ ଗୌଡ଼ଙ୍କ ପୁଅ କୃଷ୍ଣ ଗୌଡ଼(୧୪)ଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ରବିବାର ସନ୍ଧ୍ୟାରେ କୃଷ୍ଣ ନିଜ ସମ୍ପର୍କୀୟଙ୍କ ମକା ମିଲିଙ୍ଗ କରିବା ପାଇଁ କିଛି ଲୋକଙ୍କ ସହ ଗାଡିରେ ଯାଇଥିଲେ। ମିଲ୍‌ରେ ମକା ପକାଇବା ପରେ ପ୍ରଥମ ଥର ମେଶିନ ଜାମ ହୋଇଯାଇଥିଲା।ଏହା ଦେଖି କୃଷ୍ଣ ଡାହାଣ ଗୋଡ଼ରେ ମକାଗୁଡିକୁ ଚାପିବା ପରେ ପୁଣି ମେଶିନ ଚାଲିଥିଲା। ଦ୍ୱିତୀୟ ଥର ପୁଣି ମେସିନ ଜାମ ହେବାରୁ କୃଷ୍ଣ ପୁଣି ମକାଗୁଡ଼ିକୁ ନିଜ ଡାହାଣ ଗୋଡ଼ରେ ଚାପିବା ବେଳେ ମକା ମେଶିନ ଡାହାଣ ଗୋଡ଼କୁ ଟାଣି ନେଇଯାଇଥିଲା। ଫଳରେ ଗୋଡ଼ର ଆଣ୍ଠୁଠାରୁ ତଳେ ହାଡ଼ ଓ ମାଂସ ଅଲଗା ହୋଇଯାଇଛି। କୃଷ୍ଣ ଝରିଗାଁ ହାଇସ୍କୁଲର ନବମ ଶ୍ରେଣୀର ଛାତ୍ର।

## ଧାନ ଇନପୁଟ୍ ସବସିଡି ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଲେ ଚାଷୀ

ନବରଙ୍ଗପୁର,୮।୧୨(ସଦାଶିବ ପ୍ରହରାଜ)

ଚାଷୀଙ୍କୁ ଧାନ ବିକ୍ରିରେ ଇନପୁଟ୍ ସହାୟତା ଲାଇଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ନବରଙ୍ଗପୁର ଆର୍‌ସିଡି ସ୍କୁଲ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଚାଷୀ ଯୋଗଦେଇ ବରଗଡ଼ ଜିଲା ସୋହେଲାଠାରେ ମୁଖ୍ୟମନ୍ତ୍ରୀଙ୍କ ଲାଇଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆଭାସି ସଭାରେ



କାର୍ଯ୍ୟକ୍ରମରେ ଉପସ୍ଥିତ ଜନପ୍ରତିନିଧି, ଅଧିକାରୀ ଏବଂ ଚାଷୀ।

ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମ୍ପି ବଳଭଦ୍ର ମାଝୀ, ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଜିଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଚାଷୀ ଝାଡେଶ୍ୱର ଖାଡଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀଙ୍କ ସହିତ ସିଡିଏଓ, ଡିଆଇପିଆର୍‌ଓ, ଡିଏସଡିବ୍ଲ୍ୟୁଓ, ଖାଦ୍ୟ ଯୋଗାଣ, ସମବାୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ନବରଙ୍ଗପୁର ଜିଲାରେ ୪୨୨୧୧ ଜଣ ଚାଷୀ ଖରିଫ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି। ଆସନ୍ତା ଡିସେମ୍ବର ୧୦ରୁ ଜିଲାରେ ଧାନ ମଣ୍ଡି ଖୋଲିବ । ୧୩ ଟି ଲ୍ୟାମ୍ପସ, ୨ ପାଣି ପଞ୍ଚାୟତ, ୪୪ ମହିଳା ସ୍ୱଂୟ ସହାୟିକା ଗୋଷ୍ଠୀ ମାଧ୍ୟମରେ ଏଭଳି ୫୯ଟି ମଣ୍ଡିରେ ଧାନ ସଂଗ୍ରହଣ କରାଯିବ।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

### ଜଣେ ଗୁରୁତର

ଉମରକୋଟ,୮।୧୨ (ସନ୍ତୋଷ ଶତପଥୀ)

ଉମରକୋଟ ସହରର ଦର୍ଗାଗୁଡାଠାରେ ଶନିବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଉମରକୋଟ ବ୍ଲକ ଅନ୍ତର୍ଗତ ଚିକଲପଦର ଗ୍ରାମ ପଞ୍ଚାୟତ ନାଙ୍ଗାଗୁଡା ଗ୍ରାମର କୃଷ୍ଣ ଗଣ୍ଡ (୨୮) ଏବଂ ଗୁରୁତର ଜଣକ ହେଲେ ଦର୍ଗାଗୁଡା ଗ୍ରାମର ମହାଦେବ ପୁଜାରୀ।

ପୋଲିସ ସୂଚନା ଅନୁଯାୟୀ, କୃଷ୍ଣ ଏବଂ ମହାଦେବ ଶନିବାର ରାତି ପ୍ରାୟ ୧୧ଟା ୩୦ରେ ବାଇକ୍ ଯୋଗେ ନିଜ ଘରକୁ ଫେରୁଥିଲେ। ଦର୍ଗାଗୁଡାଠାରେ ପଛ ପଟୁ ଏକ ଅଜଣା ଗାଡି ଧକା ଦେଇ ପଳାଇବାରୁ କୃଷ୍ଣ ଓ ମହାଦେବଙ୍କୁ ଗୁରୁତର ଅବସ୍ଥାରେ ଉମରକୋଟ ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ରବିବାର ମଧ୍ୟାହ୍ନ ୧ଟାରେ କୃଷ୍ଣଙ୍କ ମୃତ୍ୟୁ ଘଟିଥିବାବେଳେ ମହାଦେବଙ୍କ ଅବସ୍ଥା ଗୁରୁତର ହେବାରୁ ପ୍ରଥମେ ନବରଙ୍ଗପୁର ଓ ପରେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। କୃଷ୍ଣଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଉମରକୋଟ ଥାନା ଏଏସ୍‌ଆଇ ରାମାନନ୍ଦ ପ୍ରଧାନ ଘଟଣାର ତଦନ୍ତ କରୁଛନ୍ତି।

## ଜାତୀୟ ରାଜପଥ ଅବରୋଧ କରିବ ମୋ ଜଗନ୍ନାଥ ସାଗର ଟ୍ରଷ୍ଟ

ଜୟପୁର,୮।୧୨(ପବନ ପାଣିଗ୍ରାହୀ)

ଜୟପୁର ଜେନ୍ ମନ୍ଦିର ପରିସରରେ ମୋ ଜଗନ୍ନାଥ ସାଗର ଟ୍ରଷ୍ଟ ପକ୍ଷରୁ ଜଗନ୍ନାଥ ସାଗରର ସୁରକ୍ଷା ଓ ପୁନଃଉଦ୍ଧାର ପାଇଁ ଜାତୀୟ ରାଜପଥ ଅବରୋଧ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରଜନୀକାନ୍ତ ନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୩ ଘଣ୍ଟା ଧରି ଜାତୀୟ ରାଜପଥ ବନ୍ଦ କରାଯିବ ବୋଲି ଏଥିରେ ନିଷ୍ପତ୍ତି ହୋଇଥିଲା। ଜଗନ୍ନାଥ ସାଗର ୩୦୦ ଏକରର ପରିଧିର ହୋଇଥିବା ବେଳେ ଏହା ବର୍ତ୍ତମାନ ଖେଳପଡିଆ ପାଲଟିଛି। ସହରର ୧୯ ସାହି, ୧୦ରୁ ଉର୍ଦ୍ଧ୍ୱ ବସ୍ତିବାସିନ୍ଦା ନିର୍ଭର ଥିବା ଜଳାଶୟର ପୁନଃଉଦ୍ଧାର ପାଇଁ ଦୀର୍ଘ ମିଆଦୀ ଯୋଜନା ପ୍ରସ୍ତୁତ କରି ଏହାକୁ ପୂର୍ଣ୍ଣାଙ୍ଗ ସାଗରରେ ପରିଣତ କରିବା ପାଇଁ ଦାବି କରାଯାଇଛି। ସମ୍ପୂର୍ଣ୍ଣ ଜଗନ୍ନାଥ ସାଗରର ସୀମା ନିର୍ଦ୍ଧାରଣ, ସାଗର ମଧ୍ୟରେ ଥିବା ସମସ୍ତ ଆଡିବନ୍ଧର ଉଚ୍ଛେଦ,ମତ୍ସ୍ୟ ବିଭାଗର ସ୍ଥାନାନ୍ତରଣ, ସମସ୍ତ ଅନୁଷ୍ଠାନ ଓ ରାଜନୈତିକ ଦଳକୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଜାତୀୟ ରାଜପଥ ଅବରୋଧ କରିବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ଟ୍ରଷ୍ଟ କର୍ମକର୍ତ୍ତା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ। ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ୟାର ସମାଧାନ ନ ବାହାରିଲେ ତୃତୀୟ ପର୍ଯ୍ୟାୟରେ ବିଧାନସଭା ସମ୍ମୁଖରେ ଧାରଣା ଦିଆଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ ରଜନୀକାନ୍ତ ନାୟକ, ବି.ଚନ୍ଦନ ସାହୁ, ମୁନା ପାଣିଗ୍ରାହୀ, ରଘୁନାଥ ତ୍ରିପାଠୀ, ସତୀଶ କୁମାର ନନ୍ଦ ଓ ନିରଞ୍ଜନ ପାଣିଗ୍ରାହୀଙ୍କ ସହ ୨୫ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୪୩ ତମ ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଉଦ୍‌ଯାପିତ

ଜୟପୁର, ୮।୧୨(ପବନ ପାଣିଗ୍ରାହୀ)

ଜୟପୁର କ୍ରୀଡ଼ା କମ୍ପ୍ଲେକ୍ସରେ ୪୩ ତମ ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇଥିଲେ। କମ୍ପ୍ଲେକ୍ସରେ ଅନ୍ୟ ଜିଲା ଖେଳାଳିଙ୍କ ପାଇଁ ରହିବା ସୁବିଧା ନ ଥିବାରୁ ଏକ ହେଷ୍ଟଲର ବ୍ୟବସ୍ଥା କରିବାକୁ ଦାବି ହୋଇଥିଲା। ଖୁବ୍‌ଶୀଘ୍ର ଏକ ହଷ୍ଟେଲ ନିର୍ମାଣ ହେବ ବୋଲି ବିଧାୟକ କହିଥିଲେ। ଚଳିତ ମାସ ୬ରୁ ଚାମ୍ପିୟନଶିପ୍ ଆରମ୍ଭ ହୋଇଥିଲା। ରାଜ୍ୟର ବିଭିନ୍ନ ଜିଲାର ୮୦ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ରାଜ୍ୟ ଜିମ୍ନାଷ୍ଟିକ୍ସ ରାଜ୍ୟ ସମ୍ପାଦକ ଅଶୋକ ସାହୁ, କୋଚ ଅଶୋକ ମିଶ୍ର, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ରବି ନାୟକ, କୋଷାଧ୍ୟକ୍ଷ ସଞ୍ଜୀୟ କୁମାର ଜୈନ, କୋଚ ଇଜିପ୍ଟର ଆମିନି ଗୌଡା, ଅନ୍ତର୍ଜାତୀୟ ଗୋଲ୍ଡ ମେଡାଲିଷ୍ଟ ରାକେଶ କୁମାର ପାତ୍ର ଓ ଫ୍ରାନ୍ସରୁ ଆସିଥିବା ମୁଖ୍ୟ ପ୍ରଶିକ୍ଷକ ଥିଏରି ଆଇମେସ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ବର୍ଗର ଚାମ୍ପିୟନମାନଙ୍କୁ ପଦକ ଦେଇ ସମ୍ମାନିତ କରାଯାଇଥିଲା।

## ନୂତନ ଛାତ୍ରୀଛାତ୍ରଙ୍କ ଅଧିଗ୍ରହଣ ଉତ୍ସବ

କୋରାପୁଟ, ୮।୧୨(ଅମିତାଭ ବେହେରା)

କୋଟସ ଇଗ୍ନୋ ପାଠ୍ୟକେନ୍ଦ୍ରରେ ଜୁଲାଇ ୨୦୨୪ ଚକ୍ର ପାଇଁ ନୂତନ ଛାତ୍ରୀଛାତ୍ରଙ୍କ ଅଧିଗ୍ରହଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କୋଟସ୍ ନିର୍ଦ୍ଦେଶକ ଡ଼.ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ କୋରାପୁଟ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଯୋଗ ଦେଇଥିଲେ। ଇଗ୍ନୋ ପାଠ୍ୟକ୍ରମ ଏକ ସମୟ ଉପଯୋଗୀ ଓ ଉଚ୍ଚକୋଟୀର ଶିକ୍ଷା ବ୍ୟବସ୍ଥା ଅଟେ ବୋଲି କହିଥିଲେ। ସମାଜରେ ମହିଳାମାନଙ୍କ ଉଚ୍ଚ ଶିକ୍ଷା ପାଇଁ ଇଗ୍ନୋ ପାଠ୍ୟକେନ୍ଦ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଆସୁଅଛି। କୋଟସର ପ୍ରାଧ୍ୟାପକ ତଥା ଇଗ୍ନୋ ପାଠ୍ୟକେନ୍ଦ୍ରର ସଂଯୋଜକ ଡ଼. ନରେନ୍ଦ୍ର କୁମାର ରଥ ଓ କୋଟସ ନିର୍ଦ୍ଦେଶକ ଡ଼. ପି. ସି. ମହାପାତ୍ର ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟ ଗଠନ ପାଇଁ ଇଗ୍ନୋ ପାଠ୍ୟକ୍ରମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। କୋଟସର ଅଧାପକ ଗୋପୀନାଥ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଉତ୍ସବରେ କୋରାପୁଟ, ସୁନାବେଡା, ସେମିଲିଗୁଡା, ନନ୍ଦପୁର ଓ ଜୟପୁରର ଅଧାପିକା ଅଧାପକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ଼. ଅଶୋକ କୁମାର ନନ୍ଦ, ସନ୍ତୋଷ କୁମାର ପଣ୍ଡା, ଓ ବିଭାଗୀୟ କର୍ମକର୍ତ୍ତା ରାମକୃଷ୍ଣ ଚୌଧୁରୀ, ଚନ୍ଦନ ପୁହାଣ, ଦୀପକ କାଣ୍ଡି, ବଳରାମ ନାୟକ ଓ ସୂର୍ଯ୍ୟକାନ୍ତ ନାଗ ପ୍ରମୁଖ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## କୋରାପୁଟ ଜିଲା ଓସ୍‌ମା ଶାଖା ବୈଠକ

### ସ୍ଥାୟୀ ନିଯୁକ୍ତି ନ ଦେଲେ ଆନ୍ଦୋଳନ

କୋରାପୁଟ,୮।୧୨(ଅମିତାଭ ବେହେରା)

ଓଡ଼ିଶା ରାଜ୍ୟ ଓସମା ସଂଘର ଆହ୍ୱାନ କ୍ରମେ କୋରାପୁଟ ଷ୍ଟାଡିୟମ୍ ପଡିଆରେ ଜିଲା ଶାଖାର କାର୍ଯ୍ୟରତ ସମସ୍ତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଏବଂ ଜିଲା ସଂଯୋଜକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୀର୍ଘ ୧୪ ବର୍ଷ ହେବ କାର୍ଯ୍ୟ କରିଆସୁଥିବା ସମସ୍ତ କର୍ମଚାରୀଙ୍କର ସ୍ଥାୟୀ ନିଯୁକ୍ତି ନେଇ ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ଅନେକ ଥର ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ପୁଣି ଥରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସାମୁହିକ କାର୍ଯ୍ୟବନ୍ଦ କରି ସରକାରଙ୍କୁ ନିବେଦନ କରିବେ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଜିଲା ସଭାପତି ସୌମେନ୍ଦ୍ର କୁମାର ନାୟକ, ସଂଯୋଜକ ସନ୍ତୋଷୀ ମହାପାତ୍ର, ଜିଲା ସଂଯୋଜିକା ରଶ୍ମୀତା ଦାସ, ସାଗରିକା ପଣ୍ଡା, ଶକ୍ତି କୁମାର ନାୟକ,ରଜନୀକାନ୍ତ ବେହେରା, ଉମାକାନ୍ତ ବେହେରା, ଚିନ୍ତାମଣି ତାଣ୍ଡି, ଜୁନାସ ସବର, ଡି. ଏସ୍.ଜିତା, ଅଶ୍ୱିନୀ ଖୋସ୍ଲା ଓ ମାନସ ରଞ୍ଜନ କର ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଜିଲା ସଂଯୋଜକ ।

# ଭାରତ ଫେରୁଛନ୍ତି ବିଦେଶୀ ନିବେଶକ

ଭୁବନେଶ୍ୱର, ୮।୧୨(ଅନୁରାଧା ମହାରଣା)




ବିଦେଶୀ ନିବେଶକ ଭାରତ ଫେରୁଥିବାବେଳେ ଡିସେମ୍ବର ପ୍ରଥମ ସପ୍ତାହରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫପିଆଇ)ଙ୍କ ଦ୍ୱାରା ବୃହତ୍ ନିଟ୍ ନିବେଶ ଭାରତୀୟ ଷ୍ଟକ ବଜାରରେ ଏକ ସକାରାତ୍ମକ ସଙ୍କେତ ଭାବରେ ଦେଖାଯାଉଛି। କ୍ରମାଗତ ଦୁଇମାସ ପରେ ବର୍ତ୍ତମାନ ଏଫପିଆଇର ପ୍ରତ୍ୟାବର୍ତ୍ତନ ନିବେଶକଙ୍କ ମଧ୍ୟରେ ଘରୋଇ ଷ୍ଟକ ମାର୍କେଟରେ ପୁଣି ଥରେ ବୃଦ୍ଧି ନେଇ ଆଶା ସୃଷ୍ଟି କରିଛି। ଡିସେମ୍ବର ପ୍ରଥମ ସପ୍ତାହରେ, ଏଫପିଆଇ ଶେୟାରରେ ୨୪,୪୫୪ କୋଟି ଟଙ୍କାର ନିଟ୍ ବିନିଯୋଗ କରିଛି। ବିଶେଷଜ୍ଞଙ୍କ ଅନୁଯାୟୀ, ବୈଶ୍ୱିକ ସ୍ଥିତିର ସ୍ଥିରତା ଏବଂ ଆମେରିକାର ଫେଡେରାଲ ରିଜର୍ଭ ଦ୍ୱାରା ସୁଧ ହାର ହ୍ରାସ ହେବାର ସମ୍ଭାବନା ଯୋଗୁ ଏହା ଘଟିଛି। ଏହା ପୂର୍ବରୁ, ନଭେମ୍ବରରେ ଏଫପିଆଇ ୨୧,୬୧୨ କୋଟି ଏବଂ ଅକ୍ଟୋବରରେ ୯୪,୦୧୭ କୋଟି ଟଙ୍କା ପ୍ରତ୍ୟାହାର କରିନେଇଥିଲା। ତେବେ ଗତ ୯ମାସ ମଧ୍ୟରେ ସେପ୍ଟେମ୍ବରରେ ଏଫପିଆଇ କ୍ରୟ ସର୍ବୋଚ୍ଚ ସ୍ତରରେ ରହିଥିଲା। ଏହି ମାସରେ ୫୭,୭୨୪ କୋଟି ଟଙ୍କା ବିନିଯୋଗ ହୋଇଥିଲା। ଜମାକାରୀ ତଥ୍ୟ ଦର୍ଶାଇଛି ଯେ, ୨୦୨୪ରେ ବର୍ତ୍ତମାନ ସୁଦ୍ଧା ଏଫପିଆଇ ବିନିଯୋଗ ୯,୪୩୫ କୋଟିରେ ପହଞ୍ଚିଛି। ଏ ବାବଦରେ ମର୍ନିଂଷ୍ଟାର ଇନ୍‌ଭେଷ୍ଟମେଣ୍ଟ ରିସର୍ଚ୍ଚ ଇଣ୍ଡିଆର ଯୁଗ୍ମ ନିର୍ଦ୍ଦେଶକ ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି ଯେ, ଡୋନାଲ୍ଡ ଟ୍ରମ୍ପଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରୀ ହୋଇଥିବା ନୀତି, ମୁଦ୍ରାସ୍ଫୀତି, ସୁଧ ହାର ଏବଂ ଭୌଗୋଳିକ-ରାଜନୈତିକ ଦୃଷ୍ଟିକୋଣରୁ ଆସନ୍ତା ମାସରେ ଏଫପିଆଇର ଗତି କୁଆଡ଼େ ଜଣାପଡ଼ିବ। ସେ କହିଛନ୍ତି ଯେ ଏହା ବ୍ୟତୀତ ଭାରତୀୟ କମ୍ପାନୀଗୁଡ଼ିକର ତୃତୀୟ ତ୍ରୈମାସିକ ରୋଜଗାର ପ୍ରଦର୍ଶନ ଏବଂ ଅର୍ଥନୈତିକ ଅଭିବୃଦ୍ଧି ଦିଗରେ ଦେଶର ଅଗ୍ରଗତି ନିବେଶକଙ୍କ ଭାବନାକୁ ଆକୃଷ୍ଟ କରିବାରେ ଏବଂ ବିଦେଶୀ ପୁଞ୍ଜି ବିନିଯୋଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଶ୍ରୀବାସ୍ତବ ଆହୁରି ମଧ୍ୟ କହିଛନ୍ତି, ବଜାରରେ ସମ୍ପ୍ରତି ସଂଶୋଧନ ଦ୍ୱାରା ହୁଏତ କିଛି ନିବେଶ ବୃଦ୍ଧି ପାଇଁ ଏଫପିଆଇକୁ ପ୍ରେରଣା ଦେଇପାରେ। ଏହା ବ୍ୟତୀତ ଚାଇନା ଏବଂ ଅନ୍ୟାନ୍ୟ ଦେଶ ଉପରେ ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରସ୍ତାବିତ ଶୁଳ୍କ ହେତୁ ଚାଇନାର ଇକ୍ୱିଟି ଉପରେ ଅନିଶ୍ଚିତତା କାରଣରୁ ଏଫପିଆଇଗୁଡ଼ିକ ପୁନର୍ବାର ଭାରତୀୟ ଇକ୍ୱିଟି ଆଡ଼କୁ ମୁହାଁଇଥିବେ।

# ଗୁଣାତ୍ମକ ଯାତ୍ରୀସେବା ଯୋଗାଇଦେବ ଏପିଓସି

ନୂଆଦିଲ୍ଲୀ,୮।୧୨

ବର୍ତ୍ତମାନର ବ୍ୟବସ୍ଥା ଓ ବ୍ୟସ୍ତବହୁଳ ସମୟ ମଧ୍ୟରେ ଯାତ୍ରୀଙ୍କର ସମୟ ରକ୍ଷା ସହିତ ବିମାନବନ୍ଦର ପରିସରରେ ଗୁଣାତ୍ମକ ଯାତ୍ରୀସେବା ଯୋଗାଇ ଦେବା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳରେ ବିକଶିତ ଏୟାରପୋର୍ଟ ଅପରେଶନ୍ସ କମାଣ୍ଡ ସେଣ୍ଟର (ଏପିଓସି)ର ଶୁଭାରମ୍ଭ କରାଯାଇଥିବା ବିଷୟରେ ଆମାଜନ ୱେବ୍ ସର୍ଭିସେସ (ଏଡବ୍ଲୁଏସ୍) ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ଆମାଜନ ଡଟ୍‌ର ପ୍ରମୁଖ କମ୍ପାନୀ ଏଡବ୍ଲୁଏସ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଘୋଷଣା କରାଯାଇଛି, ଡବ୍ଲୁଏଆଇଏସ୍ଏଲ୍ ଲିମିଟେଡ୍ ବିଶ୍ୱର ଅଗ୍ରଣୀ କ୍ଲାଉଡ୍‌ରେ ଏକ ଡିଜିଟାଲ ଟ୍ୱିନ-ପାୱାର୍ଡ ଇଣ୍ଟିଗ୍ରେଟେଡ୍ ଏୟାରପୋର୍ଟ ଅପରେଶନ୍ସ କମାଣ୍ଡ ସେଣ୍ଟର (ଏପିଓସି)ର ବିକଶିତ କରିଛି। ଏପରି କି ଡବ୍ଲୁଏଆଇଏସ୍ଏଲ୍ ଏୟାରପୋର୍ଟଗୁଡ଼ିକ ପାଇଁ ପରିଚାଳନା ଦକ୍ଷତାକୁ ବହୁମାତ୍ରାରେ ଉନ୍ନତ କରିବା ଏବଂ ଡିଜିଟାଲ ଟ୍ୱିନ୍ସ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ମେଶିନ ଲର୍ନିଂ, ଭିଡିଓ ଓ ଡାଟା ଆନାଲିଟିକ୍ସ ଏବଂ କମ୍ପ୍ୟୁଟର ଭିଜନ ବ୍ୟବହାର କରି ଯାତ୍ରୀମାନଙ୍କ ଅନୁଭୂତିକୁ ଉତ୍ତମ କରିବା ପାଇଁ ଏଡବ୍ଲୁଏସ୍‌ରେ ଏହି ସମାଧାନର ନିର୍ମାଣ ହୋଇଛି। ଡବ୍ଲୁଏଆଇଏସ୍ଏଲ୍ ଆସନ୍ତା କିଛି ସପ୍ତାହ ମଧ୍ୟରେ ଏକ ଅଗ୍ରଣୀ ବୃହତ୍ ଭାରତୀୟ ଏୟାରପୋର୍ଟରେ ଏହି ସମାଧାନ ସହ ଲାଇଭ୍ ଆସିବା ଏବଂ ଏହା ପରବର୍ତ୍ତୀ ସମୟ (୨୦୨୫ ମଧ୍ୟରେ)ରେ ଅନ୍ତର୍ଜାତୀୟସ୍ତରରେ ଏହାକୁ ଲଞ୍ଚ କରିବା ପାଇଁ ଯୋଜନା ରଖିଛି। ଏକ ସେଣ୍ଟ୍ରାଲ ନର୍ଭସ ସିଷ୍ଟମ ଭଳି କାର୍ଯ୍ୟ କରୁଥିବା ଏହି ସଲ୍ୟୁଶନ ରିଅଲ-ଟାଇମ ମନିଟରିଂ, ସହଭାଗିତା ଓ ଏୟାରପୋର୍ଟ ପରିଚାଳନାଗୁଡ଼ିକର ନିୟନ୍ତ୍ରଣ, ଚେକ୍-ଇନ୍, ସିକ୍ୟୁରିଟି ଏବଂ ଯାତ୍ରୀ, ଯାନ ଓ ଏୟାରକ୍ରାଫ୍ଟଗୁଡ଼ିକ ପାଇଁ ଟ୍ରାଫିକ ନିୟନ୍ତ୍ରଣ ସମେତ ବିଭିନ୍ନ ଗତିବିଧିଗୁଡ଼ିକୁ କଭର କରିବା ପାଇଁ ଏକ ସେଣ୍ଟ୍ରାଲ ହବ୍ ଭାବେ କାର୍ଯ୍ୟ କରିବ। ବିଶେଷକରି ଏହା ଫ୍ଲାଇଟ୍ ବିବରଣୀ, ଅପେକ୍ଷା ସମୟ, ଗେଟ୍ ପରିବର୍ତ୍ତନ, ବ୍ୟାଗେଜ ସ୍ଥିତି ଉପରେ ରିଅଲ୍-ଟାଇମ ଅପ୍‌ଡେଟ ଏବଂ ନିକଟସ୍ଥ ରେଷ୍ଟୁରାଣ୍ଟ ଓ ଡ୍ୟୁଟି-ଫ୍ରି ଅଫରଗୁଡ଼ିକ ଉପରେ ଯାତ୍ରୀମାନଙ୍କୁ ବ୍ୟକ୍ତିଗତ ପରାମର୍ଶ ମଧ୍ୟ ପ୍ରଦାନ କରିବ।

# ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍‌ରେ ନିବେଶକୁ ଗୁରୁତ୍ୱ

ନୂଆଦିଲ୍ଲୀ,୮।୧୨ (ଅଭୟ ଦାଶ)


ଗୌରବ ପରିଜା

ବର୍ତ୍ତମାନ ସମୟରେ ଏକ ଉନ୍ନତ ଅବସର ପାଣ୍ଠି ଗଠନ କରିବା ପାଇଁ ଆଗ୍ରହୀ ପ୍ରସ୍ତୁତି ହେବା ସହିତ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ, ଡେବ୍ଟ ମ୍ୟୁଚୁଆଲ ଫଣ୍ଡ ଓ ହାଇବ୍ରିଡ ଫଣ୍ଡଗୁଡ଼ିକୁ ରିସ୍କ ଓ ରିଟର୍ନ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ପାଇଁ ରଣନୈତିକ ଭାବେ ଚୟନ କରାଯାଇପାରିବ, ଯାହା ଅବସରକାଳୀନ ସଞ୍ଚୟର ନିରନ୍ତର ବୃଦ୍ଧି ସୁନିଶ୍ଚିତ କରିଥାଏ। ଏଭଳି ଅନେକ ଅବସର ପାଣ୍ଠି ନିବେଶ ଉତ୍ପାଦ ରହିଛି, ଯାହା ଖୁବ୍ ଉପଯୋଗୀ ହୋଇପାରେ ବୋଲି ବନ୍ଧନ ଏଏମ୍‌ସିର ସେଲ୍ସ ଓ ମାର୍କେଟିଂ ବିଭାଗର ମୁଖ୍ୟ ଗୌରବ ପରିଜା କହିଛନ୍ତି। ଅପରପକ୍ଷରେ ମ୍ୟୁଚୁଆଲ ଫଣ୍ଡଗୁଡ଼ିକ ନିବେଶକମାନେ ପସନ୍ଦ କରୁଥିବା ବହୁତ ସୁବିଧା ଓ ନିବେଶ ଅବଧିକୁ ସୃଷ୍ଟି ହେଉଥିବା ବିବିଧତା ସହିତ ଆସିଥାଏ। ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ, ଡେବ୍ଟ ମ୍ୟୁଚୁଆଲ ଫଣ୍ଡ ଓ ହାଇବ୍ରିଡ ଫଣ୍ଡଗୁଡ଼ିକୁ ରିସ୍କ ଓ ରିଟର୍ନ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ପାଇଁ ରଣନୈତିକ ଭାବେ ଚୟନ କରାଯାଇପାରିବ, ଯାହା ଅବସରକାଳୀନ ସଞ୍ଚୟର ନିରନ୍ତର ବୃଦ୍ଧି ସୁନିଶ୍ଚିତ କରିଥାଏ। ସେହିପରି ସିଷ୍ଟେମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି)ରେ ନିବେଶ କରି ଶୃଙ୍ଖଳିତ ଓ ନିୟମିତ ନିବେଶ କରାଯାଇପାରିବ; ଯାହା ଦୀର୍ଘାବଧିରେ ସମ୍ପତ୍ତି ସୃଷ୍ଟିକୁ ସୁଗମ କରିଥାଏ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଜଣେ ପିଲା ବୃଦ୍ଧାବସ୍ଥାରେ ମାତାପିତାଙ୍କ ପାଇଁ ଆର୍ଥିକ ସହଯୋଗ ପ୍ରଦାନ କରିବା ଉଚିତ ବୋଲି ରହିଥିବା ପ୍ରଚଳିତ ଧାରା ବର୍ତ୍ତମାନ ଧୀରେ ଧୀରେ ଅବସନ୍ନ ହୋଇଛି। ଅପରପକ୍ଷରେ ବଢ଼ୁଥିବା ପାରିବାରିକ ଖର୍ଚ୍ଚ, ଶିକ୍ଷା ଖର୍ଚ୍ଚ ଓ ନିଜର ଭବିଷ୍ୟତ ପାଇଁ ସଞ୍ଚୟ କରିବାର ଆବଶ୍ୟକତା ସହିତ ଯୁବପିଢ଼ିଙ୍କ ଉପରେ ଆର୍ଥିକ ଚାପ ବୃଦ୍ଧି ପାଉଛି। ତେଣୁ ପିଲାମାନଙ୍କ ଉପରେ ନିର୍ଭର କରିବା ପରିବର୍ତ୍ତେ ଲୋକମାନେ ଅବସର ପରେ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ମ୍ୟୁଚୁଆଲ ଫଣ୍ଡ ଓ ବୃତ୍ତିଗତ ସମ୍ପତ୍ତି ପରିଚାଳନା ସେବା (ପ୍ରଫେସନାଲ ଆସେଟ୍ ମ୍ୟାନେଜମେଣ୍ଟ ସର୍ଭିସ) ଭଳି ବିଭିନ୍ନ ନିବେଶ ବିକଳ୍ପଗୁଡ଼ିକୁ ଅନ୍ୱେଷଣ କରି ନିଜର ଆର୍ଥିକ ଭବିଷ୍ୟତର ଦାୟିତ୍ୱ ନିଜେ ବହନ କରିବା ଉଚିତ ବୋଲି ପରିଜା କହିଛନ୍ତି। ଏହି ପରିବର୍ତ୍ତିତ ସ୍ଥିତିଗୁଡ଼ିକୁ ଦୃଷ୍ଟିରେ ରଖି ଲୋକମାନେ ନିଜର ଅବସର ପରବର୍ତ୍ତୀ ଜୀବନ ପାଇଁ ଆର୍ଥିକ ଯୋଜନା କ୍ଷେତ୍ରରେ ସମୟ ଓ ସମ୍ବଳର ନିବେଶ ଆରମ୍ଭ କରିବାର ଆବଶ୍ୟକତା ରହିଛି। ଶୀଘ୍ର ଯୋଜନା କରିବା ଦ୍ୱାରା ପର୍ଯ୍ୟାପ୍ତ ଅବସରକାଳୀନ ପାଣ୍ଠି ସଂଗ୍ରହ ହୋଇଥାଏ, ଯାହା ବୃଦ୍ଧାବସ୍ଥାରେ ଆର୍ଥିକ ସ୍ୱାଧୀନତା ସୁନିଶ୍ଚିତ କରିଥାଏ। ଶୀଘ୍ର ନିବେଶ ଯୌଗିକ ବୃଦ୍ଧିର ଲାଭ ମଧ୍ୟ ଦେଇଥାଏ, ଯେଉଁଠାରେ ସମୟ ସହିତ ନିବେଶ ଉପରେ ରିଟର୍ନ ବୃଦ୍ଧି ପାଇଥାଏ। ଏହି ଆଭିମୁଖ୍ୟ କେବଳ ଜଣେ ବ୍ୟକ୍ତିର ଭବିଷ୍ୟତକୁ ସୁରକ୍ଷିତ ରଖେ ନାହିଁ ବରଂ ପିଲାମାନଙ୍କ ଉପରୁ ଚାପ ହଟାଇଥାଏ ଏବଂ ସେମାନଙ୍କୁ ନିଜର ସ୍ୱପ୍ନକୁ ପୂରଣ କରିବା ପାଇଁ ସକ୍ଷମ କରିଥାଏ ବୋଲି ପରିଜା ବ୍ୟାଖ୍ୟା କରିଛନ୍ତି। ଲୋକମାନଙ୍କ ପାଇଁ ପ୍ରଫେସନାଲ ଆସେଟ୍ ମ୍ୟାନେଜମେଣ୍ଟ ସର୍ଭିସଗୁଡ଼ିକର ସେବା ବେଶ୍ ସହାୟକ ହୋଇଥାଏ। ଏହା ସମ୍ଭାବ୍ୟ ବିପଦ ପରିଚାଳନା ଓ ନିବେଶ ପୋର୍ଟଫୋଲିଓଗୁଡ଼ିକର ବିବିଧକରଣ ସହ ଜଡ଼ିତ ବୃତ୍ତିଗତ ପରାମର୍ଶ ପ୍ରଦାନ କରିଥାଏ।

# ମାସିକ ବିକ୍ରିରେ ୧୦% ଅଭିବୃଦ୍ଧି

ନୂଆଦିଲ୍ଲୀ,୮।୧୨

ଆମାଜନ୍ ପେ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ବା ଆମାଜନ୍ ପେ'ର ବାର୍ଷିକ ଉତ୍ସବ ଉପଲକ୍ଷେ ପାଳିତ ହୋଇଥାଉଛି। ଏଥିରେ ଉପହାର ଦେବାର ସୁବିଧା ଏବଂ ବହୁମୁଖୀତା ସହିତ ପ୍ଲାଟଫର୍ମ ଗ୍ରାହକମାନଙ୍କ ଆନନ୍ଦିତ କରିବାର ଏକ ଦଶନ୍ଧି ପୂରଣ କରିଛି। ଏହି ଅବସରରେ ପ୍ଲାଟଫର୍ମ ଭାରତୀୟ ଗ୍ରାହକମାନଙ୍କୁ ସଫଳତାର ସହ ବିଲିୟନରୁ ଅଧିକ ଗିଫ୍ଟ କାର୍ଡ ପ୍ରଦାନ କରିଛି, ଯାହା ବ୍ୟାପକ ଭାରତୀୟ ଗିଫ୍ଟ କାର୍ଡ ବଜାରରେ ଏହି କାର୍ଡଗୁଡ଼ିକର ବଢୁଥିବା ଲୋକପ୍ରିୟତାକୁ ପ୍ରତିଫଳିତ କରୁଛି। ଉଲ୍ଲେଖଯୋଗ୍ୟ, କୁଇକ୍‌କ୍ଲିଭର/କ୍ୱିକ୍ସିଲଭର ବ୍ରାଣ୍ଡ ନାମରେ ପାଇନ୍ ଲ୍ୟାବ୍ସ ଦ୍ୱାରା ଜାରି କରାଯାଇଥିବା ଏବଂ ୨୦୧୪ରେ ଆମାଜନ୍ ପେ ସହିତ ବ୍ରାଣ୍ଡେଡ୍ ଆମାଜନ୍ ପେ ଗିଫ୍ଟ କାର୍ଡର ଶୁଭାରମ୍ଭ କରାଯାଇଥିଲା। ଏହାର ଶୁଭାରମ୍ଭଠାରୁ କ୍ରମାଗତ ଭାବେ ଆମେ ଗ୍ରାହକଙ୍କୁ ମୂଲ୍ୟ ପ୍ରଦାନ କରି ଆସୁଛୁ, ଯାହା ବାର୍ଷିକ ଦୁଇ ଅଙ୍କବିଶିଷ୍ଟ ଅଭିବୃଦ୍ଧିକୁ ଦର୍ଶାଉଛି। ବର୍ତ୍ତମାନ ପ୍ଲାଟଫର୍ମ ଆମାଜନ୍ ଶପିଂ ଭାଉଚର, ଫ୍ରେସ୍ ଭାଉଚର, ପ୍ରାଇମ୍ ଭାଉଚର ଏବଂ ଗୋଲ୍ଡ ଭାଉଚର ସମେତ ଅନେକ ଗିଫ୍ଟ କାର୍ଡର ବିକଳ୍ପ ପ୍ରଦାନ କରୁଛି। ସେହିଭଳି ଦ୍ରୁତଗତିରେ ବୃଦ୍ଧି ପାଉଥିବା ଗେମିଂ କମ୍ୟୁନିଟିର ଆବଶ୍ୟକତା ପୂରଣ କରିବା ପାଇଁ ଆମାଜନ୍ ପେ ଆପଲ ଆପ୍ ଷ୍ଟୋର, ଭାଲୋରାଣ୍ଟ, ୟୁନିପିନ୍, ଷ୍ଟିମ୍ ଏବଂ ପ୍ଲେ ଷ୍ଟେଶନ୍ ଭଳି ପ୍ଲାଟଫର୍ମ ପାଇଁ ଗେମିଂ ଗିଫ୍ଟ କାର୍ଡ ଆରମ୍ଭ କରିଛି। ଏହି ନୂତନ ଗିଫ୍ଟ କାର୍ଡଗୁଡ଼ିକ ଶୀଘ୍ର ଲୋକପ୍ରିୟତା ହାସଲ କରିଛି, ଯାହା ଆମାଜନ୍ ପେ'ର ବର୍ତ୍ତମାନର ଉପହାର କାର୍ଡ ଆଧାର ତୁଳନାରେ ମାସିକ ବିକ୍ରିରେ ୧୦% ବୃଦ୍ଧି କରିଛି।

ଏ ସମ୍ପର୍କରେ ଆମାଜନ୍ ପେ'ର ନିର୍ଦ୍ଦେଶକ (ଷ୍ଟୋର୍ଡ ଭାଲ୍ୟୁ ଆଣ୍ଡ ଗିଫ୍ଟିଙ୍ଗ) ନେହା ଗୁପ୍ତା ମହାମ୍ଭେ କହିଛନ୍ତି, ଗତ ଏକ ଦଶନ୍ଧି ମଧ୍ୟରେ ଆମାଜନ୍ ପେ ଗିଫ୍ଟ କାର୍ଡକୁ ଏକ ବିଶ୍ୱସନୀୟ ଏବଂ ପସନ୍ଦଯୋଗ୍ୟ କରିଥିବାରୁ ଆମେ ଆମର ଗ୍ରାହକମାନଙ୍କ ପ୍ରତି କୃତଜ୍ଞ ରହିଛୁ। ଏପରି କି ବହୁ କୋଟିରୁ ଅଧିକ ଗିଫ୍ଟ କାର୍ଡ ପଠାଇବା ସହ ବହୁ ଲକ୍ଷ ଗ୍ରାହକ ସରଳ ଓ ଅର୍ଥପୂର୍ଣ୍ଣ ଉପାୟରେ ଉପହାର ଦେବାର ଆନନ୍ଦ ବାଣ୍ଟିଛନ୍ତି। ୨୦୨୪ ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ୍‌ରେ ଗିଫ୍ଟ କାର୍ଡ କ୍ରୟରେ ୪୦% ବୃଦ୍ଧି ଆମ ଗ୍ରାହକଙ୍କ ବଢୁଥିବା ବିଶ୍ୱାସ ଏବଂ ଭଲ ପାଇବାକୁ ପ୍ରତିଫଳିତ କରିଥାଏ।


## OFFICE OF THE SUPERINTENDING ENGINEER, P.H. DIVISION, BHUBANESWAR, SAHID NAGAR, ODISHA

Phone / FAX :- 0674-2540578 (O) / e-Mail: eephiiibbsr@ori.nic.in

**Office Order No. 12137/Dt.06.12.24**

**Bid Identification No. EEPHBBSR-06 / 2024-25 Dt. 11.07.2024**

No. C-1208:- **1)** The **Tender ID : - 2024_PHEO_103663_1** for the work "**Procurement, installation, testing & commissioning of V.T Pumps at Intake well Kuanria, Dasapalla in connection with the work "Improvement of Water Supply to Dasapalla NAC". (2 Nos.)**" is hereby cancelled due to 2nd time single bidder quoting abnormally high rates, even after 3rd negotiation offer over estimated cost put to tender as per recommendation of the Chief Engineer, P.H. Circle, Bhubaneswar vide his letter No. 1851 dated. 22.11.2024.

Sd./- ADDITIONAL CHIEF ENGINEER
P.H. DIVISION, BHUBANESWAR

OIPR-13205/11/0022/2425

## GOVERNMENT OF ODISHA
No. C-1207

## OFFICE OF THE SUPERINTENDING ENGINEER, P.H. DIVISION, BALANGIR

Email ID: eephbgr@yahoo.co.in, Ph. No.: (06652-234647)

### NOTICE INVITING TENDERS
### NATIONAL COMPETITIVE BIDDING
### THROUGH e-Procurement

**Bid Identification No. SE PH BGR 29 2024-25 Dt.07.12.2024**

| | | |
|---|---|---|
| 01. Number of the Works | : | 01 No. |
| 02. Estimated Cost | : | Rs.250.47 Lakhs |
| 03. Period of Completion | : | 02 (Two) Calendar Months |
| 04. Date & time of availability of bid document in the portal | : | From 11.00 A.M. of Dt.13.12.2024 to 5.00 P.M. of Dt.27.12.2024 |
| 05. Last date/time of receipt of bids in the portal | : | 5 P.M. of Dt.27.12.2024 |
| 06. Date & time of opening of bids | : | At 11.30 A.M. of Dt.30.12.2024 |
| 07. Name and address of the Officer Inviting Bid | : | Superintending Engineer, P.H. Division, Balangir, At: Tulsinagar, Dist.: Balangir - 767001 |

Further details can be seen from the website **http://tenders.ori.nic.in or www.tendersorissa.gov.in**.

Sd./- Superintending Engineer
P.H. Division, Balangir

OIPR-13005/11/0023/2425

## ନିୟନ୍ତ୍ରିତ ବଜାର କମିଟି, ବଲାଙ୍ଗିର
## ଜିଲ୍ଲା - ବଲାଙ୍ଗିର

No. H-64

ଏତଦ୍ ଦ୍ୱାରା ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ବଲାଙ୍ଗିର ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତା. ୦୨.୧୨.୨୦୨୪ ରିଖରୁ ଧାନ କ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି । ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଖରିଫ୍ ଋତୁ (୨୦୨୪-୨୫ ବର୍ଷ ପାଇଁ ସରକାର ନିମ୍ନ ମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି । ତେଣୁ ଚାଷୀ ଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ମହିଳା ସ୍ୱୟଂ-ସହାୟିକା ଗୋଷ୍ଠୀ (WSHG) ଜରିଆରେ ନିର୍ଦ୍ଧାରିତ ଦିବସରେ ବିକ୍ରୀ କରିବା ପାଇଁ ଅନୁରୋଧ ।

*"ଚାଷୀ ଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ । ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ ଓ ବିଷ ମୁକ୍ତ ହୋଇଥିବ ।"*

ଧାନ କ୍ରୟ ଦିବସ - ସୋମ, ମଙ୍ଗଳ, ବୁଧ, ଗୁରୁ ଶୁକ୍ର, ଶନି, ସମୟ - ସକାଳ ୭ ଘଣ୍ଟାରୁ ମଧ୍ୟାହ୍ନ ୧୨ ଘଣ୍ଟା ମଧ୍ୟରେ ଧାନ ବିକ୍ରୟ କରି ପାରିବେ ।

### ଧାନର ଗୁଣାତ୍ମକ ମାନ

| କ୍ର.ନଂ | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍ . ଏ. କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବୀକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି) | ୧.୦ % |
| ୨. | ଜୈବୀକ ବାହ୍ୟ ପଦାର୍ଥ (କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲା ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪% ରୁ ଅଧିକ ହୋଇନଥିବ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା – ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦ % |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ "ଏ" ଧାନ ନିମନ୍ତେ) | ୬.୦ % |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

- : ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟଦର ନିମ୍ନରେ ଦିଆଗଲା : -

| କ୍ର.ନଂ. | FAQ ଧାନର ମାନ | କ୍ୱିଣ୍ଟାଲ ପ୍ରତି ଧାନର ସହାୟକ ମୂଲ୍ୟ | କ୍ୱିଣ୍ଟାଲ ପ୍ରତି ଧାନର ଇନ୍‌ପୁଟ ସହାୟତା | କ୍ୱିଣ୍ଟାଲ ପ୍ରତି ଧାନର ମୋଟ ମୂଲ୍ୟ |
|---|---|---|---|---|
| ୧. | ସାଧାରଣ ମାନ (Common FAQ) | ୨୩୦୦/- | ୮୦୦/- | ୩୧୦୦/- |

*ଚଳିତ ବର୍ଷ ଧାନକ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ଚାଷୀମାନଙ୍କର ମୋବାଇଲ ନମ୍ବରକୁ (SMS) ଜରିଆରେ ଚାଷୀମାନଙ୍କୁ ସେମାନଙ୍କର ବିକ୍ରିଯୋଗ୍ୟ ଧାନ ସହ ମଣ୍ଡିରେ ଉପସ୍ଥିତ ହେବାପାଇଁ ବାର୍ତ୍ତା (ଅଗ୍ରୀମ ଟୋକନ) ପ୍ରେରଣ କରାଯିବ ଯାହାକି ୩୦ ଦିନ ବୈଧ ରହିବ । ଅଗ୍ରୀମ ଟୋକନ ପାଇଲା ପରେ ସଂପୃକ୍ତ କ୍ରୟକାରୀ ପ୍ରାଥମିକ କୃଷି ସମବାୟ ସମିତି (PACS) ବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ । ଚଳିତ ବର୍ଷ ଟୋକନ୍‌ରେ ଦିଆଯାଇଥିବା ଦିନ ଓ ପରିମାଣର ଧାନ ନେଇ ଆସିଥିବା ଚାଷୀମାନଙ୍କ ଠାରୁ କ୍ରମାନ୍ୱୟ (FIFO) ରେ ଧାନ କ୍ରୟ କରାଯିବ । ବିନା ଟୋକନ୍‌ରେ ମଣ୍ଡିକୁ ଧାନ ନ ଆଣିବା ପାଇଁ ଚାଷୀ ଭାଇମାନଙ୍କୁ ଅନୁରୋଧ ।*

ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିଜର ନାମ ପଞ୍ଜିକରଣ ସମୟରେ ଦେଇଥିବା ଆଧାର ପରିଚୟପତ୍ର ଏବଂ ପ୍ରାପ୍ତହୋଇଥିବା ଟୋକନ୍ ଆଣିବେ । ରେଜିଷ୍ଟ୍ରିକୃତ ଚାଷୀ ଭାଇଭଉଣୀମାନେ ତାଙ୍କର ପଞ୍ଜିକୃତ ହୋଇଥିବା ମୋ. ନଂ ରୁ ଟୋଲ୍ ଫ୍ରି ନଂ 1967 ଡାଏଲ କରି ତାଙ୍କର ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ, ଟୋକନ୍‌ର ସ୍ଥିତି ଏବଂ ଦେୟର ସ୍ଥିତି ପରିମାଣ ଜାଣିପାରିବେ ।

I.V.R.S ପଦ୍ଧତିରେ -

୫ ନମ୍ବର ଚୟନ କଲେ ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ ଜାଣିପାରିବେ ।
୬ ନମ୍ବର ଚୟନ କଲେ ଟୋକନ୍ ର ସ୍ଥିତି ଜାଣିପରିବେ ।
୭ ନମ୍ବର ଚୟନ କଲେ ସର୍ବନିମ୍ନ ସହାୟକ ମୁଲ୍ୟ (MSP) ଦେୟର ସ୍ଥିତି ଜାଣିପାରିବେ ।

ସ୍ୱା - ସଂପାଦକ
ନିୟନ୍ତ୍ରିତ ବଜାର କମିଟି, ବଲାଙ୍ଗିର

ସ୍ୱା - ଉପଜିଲ୍ଲାପାଳ ବଲାଙ୍ଗିର ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ବଲାଙ୍ଗିର

OIPR-07054/11/0003/2425

## ODISHA PUBLIC SERVICE COMMISSION, CUTTACK

### NOTICE

**No. 7080/P.S.C., Dt. 07.12.2024**

**(1E-01-2024-25) (DR-II)**

Website - http://www.opsc.gov.in

**No.D-** : It is for information of all concerned that the document verification and interview of 71(40-w) provisionally qualified candidates for recruitment to the posts of Assistant Horticulture Officer, pursuant to Advt. No. 17 of 2023-24 will be held on 19.12.2024 and 20.12.2024 in the Office of the Commission, at 19, Dr. P.K. Parija Road, Cuttack - 753001, as per the following programme :

### PROGRAMME OF DOCUMENT VERIFICATION & INTERVIEW

| Date | Time of verification | Time of Interview | Roll Numbers of candidates | Team |
|---|---|---|---|---|
| 19.12.2024 | 8.30 A.M. | 10.30 A.M. | 300006, 300029, 300062, 300082, 300133, 300167, 300198, 300216, 300219 & 300246 = **10 candidates** | Team - I |
| | | | 300318, 300376, 300380, 300388, 300404, 300498, 300579, 300627, 300748 & 300816 = **10 candidates** | Team - II |
| | 12.30 P.M. | 2.30 P.M. | 300873, 300929, 301057, 301067, 301068, 301112, 301193 & 301200 = **08 candidates** | Team - I |
| | | | 301222, 301247, 301249, 301290, 301355, 301372, 301381 & 301512 = **08 candidates** | Team - II |
| 20.12.2024 | 8.30 A.M. | 10.30 A.M. | 301523, 301552, 301601, 301627, 301651, 301659, 301737, 301754, 301797 & 301819 = **10 candidates** | Team - I |
| | | | 301883, 301946, 301959, 301966, 302000, 302025, 302027, 302093, 302125 & 302134 = **10 candidates** | Team - II |
| | 12.30 P.M. | 2.30 P.M. | 302172, 302239, 302258, 302268, 302347, 302424, 302571 & 302575 = **08 candidates** | Team - I |
| | | | 302579, 302586, 302641, 302648, 302703, 302733 & 302734 = **07 candidates** | Team - II |

**N.B. - The candidates are advised to report at the office of the Commission half an hour before the commencement of verification of original certificates & documents on their scheduled dates & time mentioned against each.**

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy / deficiency found at any stage before or after the verification of original certificate / documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Interview.** The candidates shall be allowed to the viva voce test on the scheduled date & time mentioned below subject to fulfillment of their eligibility in all respect as per verification of original certificate / documents. The decision of the Commission thereon shall be final.

**THE CANDIDATE IS REQUIRED TO SUBMIT FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPIES AT THE TIME OF VERIFICATION**

1. Hard copy of online application form mentioning Roll No. at the Top Right Hand Corner. Application forms are available in the website of the commission. The candidates are required to down load the same using their respective USERNAME and PASSWORD/OTP etc through OPSC e-Chayan portal vis www.opscechayan.in.
2. Four (04) passport size photographs.
3. H.S.C. or equivalent certificate in support of declaration of age issued by the concerned Board/Council.
4. Required Odia Test Pass Certificate issued within 15.12.2023.
5. H.S.C mark sheet.
6. Intermediate/+2 Examination certificate issued by the concerned Board/Council.
7. Intermediate/+2 Examination mark sheet.
8. Bachelor of Science degree in Horticulture/Agriculture Certificate issued by the recognized Universities or Institutions.
9. Bachelor of Science degree in Horticulture/Agriculture mark sheets of all semesters.
10. The Conversion Certificate from the concerned University indicating the actual equivalent percentage of marks and the conversion formula, wherever applicable.
11. Caste Certificate by birth in support of claim as SC / ST, wherever applicable.
12. Disability Certificate (indicating percentage of permanent disability) issued by the concerned Medical Board, wherever applicable.
13. No Objection Certificate issued by the competent authority, if applicable.
14. Discharge Certificates of Ex-Serviceman issued by the Commanding Officer of the Unit last served. Ex-Servicemen should submit an affidavit undertaking that he has not been appointed against any civil post after retirement from military service, wherever applicable.
15. Any proof of identity.
16. **Attestation form** duly filled-in by the candidate and signed by a Gazetted Officer with seal (to be downloaded from the website of the Commission).
17. **Bio-data Form (CIF)** (to be downloaded and pasted /affixed with passport size photograph) duly filled in.
18. **Any other relevant documents as per Para-10 of the advertisement.**

**OIPR-12002/11/0105/2425** **Sd./- Secretary**

## OFFICE OF THE SUPERINTENDING ENGINEER, RWS & S DIVISION, BARGARH

Email : eerwss_bgh@.nic.in, Ph (O) : 06646 233220, Fax : 06646 234626

No. 5869 / Dt. 05.12.2024

GOVERNMENT OF ODISHA "e" PROCUREMENT NOTICE

Bid Identification No. 02 Dt. 05.12.2024 of 2024-25

**No.O-816** : The Executive Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class **'C'** or **'B'** registered with any department of State Government or equivalent class of Central Govt. etc. to be eventually drawn up in F2 Contract Form for the below work as per terms and condition noted below.

| | | | |
|---|---|---|---|
| 1 | Name of the work | : | Construction of Twin E Type Quarter at RWSS Colony Bargarh in the District Bargarh |
| 2 | Approx. Estimated cost | : | **Rs. 38.91 lakh** |
| 3 | Date and time of availability of document in the portal | : | Dt. **10.12.2024** to Dt. **23.12.2024** up to **5.00** P.M. |
| 4 | Last date/time for receipt of bids in the portal | : | Dt. **23.12.24** up to **5.00** P.M. |
| 5 | Date & time of Opening of Tender | : | Dt. **24.12.24** at **11.00** A.M. |
| 6 | Name and address of the Officer Inviting Bid | : | Executive Engineer, RWS&S Division, Bargarh, District : Bargarh |

Further details can be seen from the e-procurement portal "http//tendersorissa.gov.in". The authority reserves the right ro reject any or all the tenders without assigning any reason thereof.

Sd./- Executive Engineer,
RWS&S Division, Bargarh

OIPR-25157/11/0002/2425

## OFFICE OF THE DIVISIONAL FOREST OFFICER ATHMALLIK FOREST DIVISION

At/P.O.: Athmallik, Dist.: Angul - 759125
E-mail: dfoathmallikt@gmail.com, Mob.: 9437004236

**Tender Notice No. 6311/1F/2024** **Date: 06.12.2024**

**Short Tender Notice for Construction of Staff Barrack at Kiakata under Madhapur Range & Charkhaman under Handapa Range of Athmallik Forest Division**

No. MM-310: Sealed tender is hereby invited by the undersigned on behalf of the Governor of Odisha, invites tender for following works from the eligible contractor as detail below.

1. Name of the Work: Construction of Staff Barrack at Kiakata under Madhapur Range & Charkhaman under Handapa Range of Athmallik Forest Division.

| Sl. No. | Name of Work | Tender Notice No. | Estimated Cost |
|---|---|---|---|
| 1 | 1. Construction of Staff Barrack at Kiakata under Madhapur Range of Athmallik Forest Division | | 13.75 Lakh |
| 2 | 2. Construction of Staff Barrack at Charkhaman under Handapa Range of Athmallik Forest Division | | 13.75 Lakh |

2. Place of Work: Athmallik Forest Division
3. Period of Completion: 90 Days
4. Commencement of download RFP document on website: **www.odishaforest.in** Dt.08.12.2024, Time: 11.00 A.M.
5. Last date of bid submission (by Messanger/Courier/Post): Dt.23.12.2024 Time: 01.00 P.M. Office of the Divisional Forest Officer, Athmallik Division, P.O./P.S.: Athmallik, PIN - 759125, Dist.: Angul.
6. Date of General & Technical and Financial Bid Opening: Dt.23.12.2024 Time: 04.00 P.M. Office of the Divisional Forest Officer, Athmallik Division, P.O./P.S.: Athmallik, PIN - 759125, Dist.: Angul
7. RFP document cost (Non-refundable): Rs.6,000/- by DD issued by Nationalized Bank in favour of the Divisional Forest Officer, Athmallik Division, Payable at Athmallik for each work.
8. Address for Bid submission: Office of the Divisional Forest Officer, Athmallik Division, At: Athmallik, Angul, PIN - 759125
9. EMD (Refundable): Rs.20,000/- by DD issued by Nationalized Bank in favour of the Divisional Forest Officer, Athmallik Division, Payable at Athmallik for each work.
10. Bid validity period: 3 Months from the last date of submission of Bid.
11. Latest tender document and addendum/corrigendum, if any, will be published at the websites: **www.odishaforest.in**.
12. The site of construction may change (within the Athmallik Forest Division) depending on administrative needs.
13. Disclaimer: Notwithstanding anything else contained to the contrary in this tender document, DFO Athmallik reserves the right to cancel/ withdraw/modify fully or partially the "Invitation of Bids" or to reject one or more of the bids without assigning any reason and shall bear no liability whatsoever consequent upon such a decision.

Sd./- Divisional Forest Officer
Athmallik Division

OIPR-08125/11/0010/2425

See Career Appointment on every Wednesday & Saturday

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

## DISTRICT PROJECT OFFICE, SAMAGRA SHIKSHA, PURI
### (ODISHA SCHOOL EDUCATION PROGRAMME AUTHORITY (OSEPA))
### (Department of School & Mass Education, Odisha)

E-mail: dpcpurissa.opepa@nic.in, prgpurissa.opepa@nic.in

**Letter No. 6086** **Date: 07.12.24**

### NOTICE INVITING TENDER

Sealed tenders are invited from the reputed & credible printers/firms/agencies for upgradation of IT equipment at CRC point in two bid systems (Technical & Commercial Bid) as detailed below as per specification given in the tender paper.

| Name of the Tender | Bid Processing Fees | Amount of EMD | Last Date & Time of receipt of Bid | Date & time of opening of Technical Bid |
|---|---|---|---|---|
| Sine Wave Inverter | 5000/- | 150000/- | | |
| SSD Drive, RAM and provision of External HDDs for Desktop | 5000/- | 40000/- | | |
| Web Camera with Microphone and Speaker for Desktop | 5000/- | 40000/- | | |

The detailed BID document is available in the website i.e. **www.puri.odisha.gov.in** & **www.osepa.odisha.gov.in**. Interested and eligibility agency/firm may download BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above websites. Hence, potential bidders are requested to be in continuous touch with the above websites.

The Tender Inviting Authority (TIA) reserves the right to accept/reject any, full or part / all BID/ Cancel the entire selection process at any stage without assigning any reason thereof.

The sealed tender papers will be received at the District Project Office, Samagra Shiksha, Puri on any working day till **24.12.2024** through Speed Post/Registeed Post only. The same will be opened on the **Dated 27.12.2024 at 11 A.M.** in **District Project Office, Samagra Shiksha, Puri** in presence of the bidders/their authorized representatives & office functionaries. The office will not be held responsible for any kind of postal delay.

**Sd./- DEO-cum-District Project Coordinator, SS**

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................



ପି. ପ୍ରଜ୍ୱଳ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ବିବାହ ଶୁଭେଚ୍ଛା



ମନୋଜ ସହିତ ଲିଜା
-:ପାଟସୁନ୍ଦରପୁର, କାକଟପୁର, ପୁରୀ:-
ଆଜି ଚୀର ବିବାହ ବନ୍ଧନରେ ବାନ୍ଧିହେବେ...
ଉଭୟଙ୍କ ଚଲାପଥ କୁସୁମିତ ହେଉ, ଏହାହିଁ ମା' ମଙ୍ଗଳାଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୁଭେଚ୍ଛା ସହ- (ଜିମ୍ ସାଥୀ): ଆଶିଷ, ଫିନୁ, ରଞ୍ଜନ, ସରୋଜ, ଲିକୁନ୍, ଗାନ୍ଧୀ ଏବଂ ପ୍ରଦୀପ
ଧ-୨୧୯୮

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ଅଭିଯୁକ୍ତ ସ୍ତ୍ରୀଙ୍କୁ ନେଇ ସିନ୍ ରିକ୍ରିଏଶନ କଲା ପୋଲିସ

## ପାରିବାରିକ ହିଂସାରୁ ସ୍ୱାମୀଙ୍କୁ ହତ୍ୟା ଘଟଣା

ପାରଳାଖେମୁଣ୍ଡି,୮।୧୨(ଗିରିଧାରୀ ପରିଛା)

ପାରିବାରିକ ହିଂସାକୁ କେନ୍ଦ୍ର କରି ସ୍ୱାମୀଙ୍କୁ ସ୍ତ୍ରୀ ହତ୍ୟା କରିବା ଘଟଣାରେ ଅଭିଯୁକ୍ତାଙ୍କୁ ନେଇ ପାରଳାଖେମୁଣ୍ଡି ପୋଲିସ ରବିବାର ସିନ୍ ରିକ୍ରିଏଶନ କରିଛି। ଅଭିଯୁକ୍ତା ସାରଦା ସ୍ୱାମୀ ବିଜୟ କୁମାରଙ୍କୁ କିଭଳି ଓ କେଉଁ କାରଣରୁ ମାରିଲେ ତାହା ଜାଣିବା ପାଇଁ ତାଙ୍କୁ ପୋଲଇସ ଘଟଣାସ୍ଥଳକୁ ଆଣି ତଦନ୍ତ କରିଛି । ସାରଦା ସ୍ୱାମୀଙ୍କ ହତ୍ୟା ପାଇଁ ଗୋଟିଏ ପଥର, ଖଣ୍ଡେ କାଠଫାଳିଆ, ଟାୱେଲ, ଇଞ୍ଜେକ୍ସନ ସିରିଞ୍ଜ, କିଛି ଔଷଧ ବ୍ୟବହାର କରିଥିଲେ। ବିଜୟଙ୍କୁ ପ୍ରଥମେ ନିଦ ଔଷଧ ଦେଇ ଶୁଆଇ ଦେଇଥିଲେ। ପରେ ନିଦ ଇଞ୍ଜେକ୍ସନ ଦେଇ ପଥର ଓ କାଠଫାଳିଆରେ ବିଜୟଙ୍କୁ ପିଟି ଚାଲିଲେ। ଏହାପରେ ଟାୱେଲ ଭିଡି ତଣ୍ଟି ଚିପିବା ସହ ସିରିଞ୍ଜ ନିଡଲ ଦ୍ୱାରା ଛାତିକୁ ବାରମ୍ବାର ଭୁସିଥିବା ସାରଦା ପୋଲିସ ଆଗରେ କହିଛନ୍ତି। ପୋଲିସ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧାନ କରିବା ସହ ବିଜୟଙ୍କ ଘର ଲୋକ ଏବଂ ପଡ଼ୋଶୀଙ୍କ ବୟାନ ରେକର୍ଡ କରି ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ପାରଳାଖେମୁଣ୍ଡି ଜଙ୍ଗମସାହିର ବିଜୟ ଓ ତାଙ୍କ ସ୍ତ୍ରୀ ସାରଦାଙ୍କ ମଧ୍ୟରେ ଶୁକ୍ରବାର ବିଳମ୍ବିତ ରାତିରେ କୌଣସି କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଘରେ ମା' ବାପା ଅନୁପସ୍ଥିତ ଥିବାରୁ ଗଣ୍ଡଗୋଳ ଉଗ୍ରରୂପ ନେଇଥିଲା। ଉତ୍କ୍ଷିପ୍ତ ହୋଇ ବିଜୟଙ୍କୁ ସାରଦା ହତ୍ୟା କରିଥିଲେ। ଶନିବାର ସକାଳେ ମା' ବାପା ଆସିବାରେ ପୁଅର ମୃତ୍ୟୁ ଘଟିଥିବା ଜାଣିଥିଲେ। ବିଜୟଙ୍କ ଶେଷକୃତ୍ୟ ନିମନ୍ତେ ପ୍ରସ୍ତୁତି ଚାଲିଥିବା ବେଳେ ମୃତଶରୀରର ବିଭିନ୍ନ ସ୍ଥାନରେ କଟାଦାଗ ଥିବା ଦେଖି ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ସାରଦାଙ୍କୁ ଅଟକ ରଖିଥିବା ବେଳେ ସେ ସ୍ୱାମୀଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ସେମାନଙ୍କ ୨ଟି ଛୋଟ ପିଲା ଥିବା ଜଣାପଡ଼ିଛି।



ଅଭିଯୁକ୍ତାଙ୍କୁ ପୋଲିସ ଘଟଣାସ୍ଥଳକୁ ନେଇ ତଦନ୍ତ କରୁଛି।

# ସାଲିଆସାହିରେ ସାଙ୍ଗଙ୍କୁ ହତ୍ୟା

## ଅଭିଯୁକ୍ତ ରଙ୍ଗମିସ୍ତ୍ରି ଗିରଫ

ଭୁବନେଶ୍ୱର,୮।୧୨(ସତ୍ୟଜିତ୍ ରାଉତ)

ଡକାଡକି ହୋଇ ମଦ ପିଇଲେ। ପରେ ଝଗଡ଼ା କରି ସାଙ୍ଗଙ୍କ ମୁହଁକୁ ଗାମୁଛାରେ ଚିପି ମାରିଦେଲେ। ମୃତ ସାଙ୍ଗ ହେଲେ ରୁଦ୍ରମଣି ଡାକୁଆ। ଭୁବନେଶ୍ୱର ସାଲିଆ ସାହିରେ ଘଟିଥିବା ଏହି ହତ୍ୟା ମାମଲାରେ ମୈତ୍ରୀବିହାର ଥାନା ପୋଲିସ ଅଭିଯୁକ୍ତ ସାଙ୍ଗଙ୍କୁ ରବିବାର ଗିରଫ କରିଛି। ସେ ହେଲେ ସାଲିଆ ସାହିସ୍ଥିତ ସ୍ୱାଧୀନ ନଗରରେ ରହୁଥିବା ଗଞ୍ଜାମ ଜିଲା ତାରାସିଂ ଥାନା ଅଞ୍ଚଳର ସ୍ୱରାଜ୍ୟ ନାୟକ (୨୨)। କୋର୍ଟଚାଲାଣ ପରେ ସ୍ୱରାଜ୍ୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ସ୍ୱରାଜ୍ୟ ରଙ୍ଗ ମିସ୍ତ୍ରି ଭାବେ କାମ କରୁଥିବା ବେଳେ ସାଲିଆସାହିସ୍ଥିତ ସ୍ୱାଧୀନ ନଗରରେ ଘରଭଡା ନେଇ ରୁହନ୍ତି। ମୃତ ରୁଦ୍ରମଣି ଡାକୁଆ ଡ୍ରାଇଭର ଭାବେ କାମ କରୁଥିବାବେଳେ ପରିବାର ସହ ସାଲିଆ ସାହିରେ ରହୁଥିଲେ। ଉଭୟଙ୍କ ମଧ୍ୟେ ଭଲସମ୍ପର୍କ ଥିଲା। ଏକ ଘଟଣାକୁ ନେଇ ୬ମାସ ତଳେ ମାଷ୍ଟରକାଣ୍ଟିନ୍‌ରେ ରୁଦ୍ରମଣି ଗୁଣ୍ଡା ଲଗାଇ ସ୍ୱରାଜ୍ୟଙ୍କୁ ମାଡ଼ ମରାଇଥିଲେ। ଏଥିରେ ସ୍ୱରାଜ୍ୟ ଆହତ ହୋଇଥିଲେ। ହେଲେ ଏହି ଆକ୍ରମଣ ପଛରେ ରୁଦ୍ରମଣିଙ୍କ ଷଡ଼ଯନ୍ତ୍ର ଥିଲା ବୋଲି ସ୍ୱରାଜ୍ୟ ଜାଣି ନ ଥିଲେ। ଶୁକ୍ରବାର ରାତିରେ ସୌରାଜ୍ୟଙ୍କ ଭଡ଼ା ଘରକୁ ରୁଦ୍ରମଣି ବୁଲିବାକୁ ଯାଇଥିଲେ। ଉଭୟ ସେଠାରେ ମଦ୍ୟପାନ କରିଥିଲେ। ସେଠାରେ ବହୁ କଥାକୁ ନେଇ ଉଭୟଙ୍କ ମଧ୍ୟରେ ଚର୍ଚ୍ଚା ହୋଇଥିଲା। ନିଶାଗ୍ରସ୍ତ ଅବସ୍ଥାରେ ରୁଦ୍ରମଣି ସେଠାରେ ସତ କହିଦେଇଥିଲେ। ମାଷ୍ଟରକ୍ୟାଣ୍ଟିନ୍ ନିକଟରେ ସ୍ୱରାଜ୍ୟଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ସେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିଲେ ବୋଲି ରୁଦ୍ରମଣି କହିଦେଇଥିଲେ। ଏହାପରେ ସ୍ୱରାଜ୍ୟ ଉତ୍ତେଜିତ ହୋଇପଡ଼ିଥିଲେ। ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ସମୟରେ ଗାମୁଛାରେ ଚିପି ରୁଦ୍ରମଣିଙ୍କୁ ସ୍ୱରାଜ୍ୟ ହତ୍ୟା କରିଥିଲେ। ରୁଦ୍ରମଣି ଅଚେତ ଅବସ୍ଥାରେ ପଡ଼ିରହିଥିବା ତାଙ୍କ ପରିବାର ଲୋକଙ୍କୁ ସ୍ୱରାଜ୍ୟ ଜଣାଇଥିଲେ। ହେଲେ ରୁଦ୍ରମଣିଙ୍କ ମା' ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା (ନଂ.୫୩୯/୨୦୨୪) ରୁଜୁ କରି ତଦନ୍ତ କରିବା ସହ ସ୍ୱରାଜ୍ୟଙ୍କୁ ଅଟକ ରଖି ପଚରାଉଚରା କରିବାରୁ ସେ ସବୁକଥା କହିଥିଲେ।


# Classified Everyday
0674-2580101, 2549949



## REAL ESTATE

### SALE

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990. D-2200

ଭୁବନେଶ୍ୱର ଜଟଣୀ ଗେଟ୍ ପାଖରେ sqft.- 350/- ପ୍ଲଟ୍ 1200sqft.- 4,20,000/- ବିକ୍ରିହେବ। 9776974912. D-76214

Bhubaneswar BDA approved apartment adjacent Times Gurukul near Kalinganagar DAV, KV, Sum Hospital. 7008459987. D-76220

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧାଥାଇ 2BHK @ 4500000/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75583

4 BHK luxurious flat for sale at Unit-3, Kharavelanagar, back side of Ram Mandir handover within 2 months. Please contact: 9438362399. D-2127

Investment plot @ 2.5Lakh- 3.5Lakhs, Bhubaneswar, Khurda, Angul, Dhenkanal. 8917622925. D-2173

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313. D-2199

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Newly open full body massage relax with new lady therapist. M-7205354089. D-76035

Newly open full body massage relax with new lady therapist. 7750040475. D-76176

## BUSINESS

ଓଡ଼ିଶା ପରିବହନର ସୀକୃତିପ୍ରାପ୍ତ VLTD (GPS) DEVICE ର ଜିଲ୍ଲା ସ୍ତରରେ Fitment Center ପାଇଁ ଯୋଗାଯୋଗ କରନ୍ତୁ। Mob- 7008533430. D-2166

## LOST

I, Abhijeet Mohanty have lost my LIC Policy Bond (Policy No.-857869905). If found please contact us at 7381041111 or email: abhijeetmohanty00@gmail.com. D-71079

## AFFIDAVIT

By virtue of an affidavit sworn before the Notary, Jharsuguda, I CHANCHALA MAITRY, W/o- TIKESWAR SING GANDHARBA, R/o- At/P.O./P.S.- Hemgir, Dist.- Sundargarh, Odisha-770013 declare that before marriage I was known as Doleshwari Maitry, D/o- Galaw Prasad Maitry. That both name is one and same person, that now onwards I shall be known as CHANCHALA MAITRY for all future purposes. D-2197

I Manmohan Mahapatra (69), S/o- Late Baranidhi Mahapatra, resident of G1/G2, Jail Street, A/P Lanjipalli, P/S B.N.Pur, Berhampur, Ganjam, Odisha declared by this affidavit No.-1234 dt.26.10.24 that now on words I shall be known as Manamohan Mahapatra for all future purposes. D-66673

## LEGAL NOTICE

IN THE COURT OF THE CIVIL JUDGE (JR. DIVISION), BHUBANESWAR
C.S. No. 1503 of 2023
IN THE MATTER OF:
SMT. KAMALA BADAJENA, ....Plaintiff
VERSUS
GREEN INDIA INFRAPROJECTS LTD. ....Defendant
MEMO

That, the plaintiff in compliance of the Order passed by this Hon'ble Court Under Order 5 Rule 20 submits the Contents to be published in the above mentioned case, which is hereunder:

To,
GREEN INDIA INFRAPROJECTS LTD.
Being Represented By Its Director Sri Debashis Padhi, Age About 45 Years, S/o- Bijay Chandra Padhi, At: Plot No. N6/452, IRC Village, Jaydev Vihar, Bhubaneswar-751015

Take notice that a civil suit vide C.S. No. 1503 of 2023, by the plaintiff Smt. Kamala Badajena is pending before the Hon'ble Court of Civil Judge, Junior Division, Bhubaneswar. Further take notice that the notice of appearance issued by the Hon'ble against you to appear before the Hon'ble Court have failed. You are therefore hereby notified through Public notice and directed to appear on dated 23.12.24 Before this Hon,ble Court at 11 AM. If no Appearance is made by yourself in the civil suit, it will be heard and decided Ex-partee in your absence in accordance of law.

Signed and sealed by order of the Hon'ble Court on this 05th day of November 2024.

By order of the Civil Judge, Junior Division, Bhubaneswar
By the Plaintiff
D-2180

Letter No.-2210/dt. 07.12.2024
ମାନ୍ୟବର ଅତିରିକ୍ତ କମିସନର, ରିଭିଜନ କୋର୍ଟ ନଂ-୪, ଚତୁର୍ଥ ମହଲା, ଏଚ୍.ଓ.ଡି. ବିଲ୍ଡିଂ, ୟୁନିଟ-୫, ଭୁବନେଶ୍ୱର
ଓ. ଏସ୍. ଏସ୍. କେସ୍ ନଂ.- ୪୫୫/୨୦୨୩
ଧାରା ୧୫(ବି) ଓଡ଼ିଶା ଭୂବନ୍ଦୋବସ୍ତ ଆଇନ ୧୯୫୮ ମୁତାବକ ।
ଶ୍ରୀମତୀ ପ୍ରିୟମ୍ବଦା ରଥ .....ଦରଖାସ୍ତକାରୀ
ବନାମ
ଉମାମଣୀ ଦେବୀ ଏବଂ ଅନ୍ୟମାନେ ....ପ୍ରତିବାଦୀମାନେ

(ଇସ୍ତାହାର ତରଫ ଦରଖାସ୍ତକାରୀ ଆଦେଶ ନଂ.-୫ ନିୟମ-୨୦, ଉପନିୟମ ୧(ଏ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ନିମ୍ନଲିଖିତ ପ୍ରତିବାଦୀ କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର ମନୋନୀତ ପ୍ରାର୍ଥୀ ମାନ୍ୟବର କୋର୍ଟଙ୍କର ଧାର୍ଯ୍ୟ ତାରିଖରେ ଉପସ୍ଥିତ ରହି ଉକ୍ତ ମକଦ୍ଦମାକୁ ସେମାନଙ୍କ ପକ୍ଷ ତରଫରୁ ପରିଚାଳନା କରିବା ପାଇଁ ଖବରକାଗଜ ଦ୍ୱାରା ବିଜ୍ଞପ୍ତି)

ପ୍ରତିବାଦୀମାନଙ୍କ ନାମ ଓ ଧାମ -
ପ୍ରତିବାଦୀ ନଂ-୧ ଉମାମଣୀ ଦେବୀ, ବୟସ ବ୮୧ର୍ଷ, ସ୍ୱା- ସ୍ୱର୍ଗତ ଗୋପୀନାଥ ବେହେରା, ଠିକଣା-କ୍ୱାର୍ଟର ନଂ.-୨୯/୪, ଟାଇପ୍-୨, ୟୁନିଟ-୩, ଥାନା- ଖାରବେଳନଗର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

ଆପଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି ମାନ୍ୟବର କୋର୍ଟରେ ତଫସିଲ ସମ୍ପତ୍ତି ଭୁବନେଶ୍ୱର ତହସିଲଦାରଙ୍କ ଅଧୀନସ୍ଥ ଶଙ୍କରପୁର ମୌଜା ସାବକ ଖାତା ନଂ.-୮୪, ସାବକ ପ୍ଲଟ ନଂ.-୩୪୬, ରକବା- ଏ୦.୧୪୩ଡିସିମିଲ ; ଯାହାର କରେକ୍ସନ ଖାତା ନଂ.-୩୬୫/୮୩୦, ପ୍ଲଟ୍ ନଂ.-୩୪୬/୨୩୮୦, ରକବା- ଏ୦.୦୩୫ଡିସିମିଲ, ଯାହାର ହାଲ୍ ବନ୍ଦୋବସ୍ତ ଖାତା ନଂ.-୧୬୯, ହାଲ୍ ପ୍ଲଟ୍ ନଂ.-୧୩୩୩, ରକବା ଏ. ୦.୦୭୯ ଡିସିମିଲ ସ୍ୱଧରୁ ରକବା ଏ୦.୦୩୫ଡିସିମିଲକୁ ଦରଖାସ୍ତକାରୀଙ୍କ ନାମରେ ରେକର୍ଡ ଦରଜ କରିବା ପାଇଁ ମାନ୍ୟବର କୋର୍ଟରେ ରିଭିଜନ ମକଦ୍ଦମା କରିଅଛନ୍ତି; ଯାହାର ଧାର୍ଯ୍ୟ ତାରିଖ ଆସନ୍ତା ତା ୨୭।୦୧।୨୫ରିଖ ଦିବା ୧୧:୩୦ ଘଟିକାକୁ ସ୍ଥିରୀକୃତ ହୋଇଅଛି। ଏଣୁ ଅଦ୍ୟ ବିଜ୍ଞପ୍ତି ଦ୍ୱାରା ଆପଣମାନଙ୍କୁ ଜଣାଇଦିଆଯାଉଛି କି ଉପର ଲିଖିତ ଧାର୍ଯ୍ୟ ତାରିଖ ଦିନ ପ୍ରତିବାଦୀମାନେ ତଥା ତାଙ୍କର ଉତ୍ତରାଧିକାରୀ କିମ୍ବା ମନୋନୀତ ପ୍ରାର୍ଥୀ କିମ୍ବା ଅଧିବକ୍ତାଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଉକ୍ତ ମକଦ୍ଦମାରେ ତାଙ୍କ ପକ୍ଷ ରଖିବେ। ନଚେତ୍ ଆଇନ ଅନୁଯାୟୀ ମାନ୍ୟବର କୋର୍ଟ ଚୂଡାନ୍ତ ନିଷ୍ପତ୍ତି ନେବେ।

ସ୍ଥାନ-ଭୁବନେଶ୍ୱର
ତାରିଖ- ୦୭।୧୨।୨୦୨୪

ମାନ୍ୟବର ଅତିରିକ୍ତ ରିଭିଜନ କୋର୍ଟ ନଂ.-୪ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୨୧୯୫


# ମହିଳାଙ୍କୁ ନିର୍ଯାତନା ଅଭିଯୋଗରେ ପ୍ରେମିକ ଗିରଫ

ଧର୍ମଶାଳା,୮।୧୨(ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲା ଧର୍ମଶାଳା ଥାନା କାଏମା ଅଞ୍ଚଳର ଜଣେ ମହିଳାଙ୍କୁ ତାଙ୍କ ପ୍ରେମିକ ନିର୍ଯାତନା ଦେବାସହ ଜୀବନରୁ ମାରି ଦେବାକୁ ଉଦ୍ୟମ କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ପ୍ରେମିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କଟକ ଜିଲା ଟାଙ୍ଗି ଅଞ୍ଚଳର ବବୁଲ ନାୟକ।

ମହିଳା ଜଣକ ୨୦୧୬ ଜୁନ୍‌ରେ ଯାଜପୁର ସଦର ଥାନା ଅନ୍ତର୍ଗତ ସାହାସପୁର ଗ୍ରାମରେ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ତାଙ୍କର ଏକ ପୁଅ ଜନ୍ମ ହୋଇଥିଲା। ନିଜ ସଂସାରକୁ ନେଇ ବେଶ ସେ ଖୁସିରେ ଚଳୁଥିଲେ। ଏହାପରେ ମହିଳାଙ୍କ ପ୍ରେମିକ ବବୁଲ ହଠାତ ମହିଳାଙ୍କ ସହ ଥିବା ଏକ ଫଟୋକୁ ତାଙ୍କ ସ୍ୱାମୀଙ୍କୁ ଦେଖାଇ ନିଜର ପ୍ରେମ ସମ୍ପର୍କରେ ଅବଗତ କରିଥିଲେ। ଏହାପରେ ମହିଳାଙ୍କୁ ତାଙ୍କ ସ୍ୱାମୀ ଘରୁ ବିଦା କରିଦେଇଥିଲେ। ବବୁଲଙ୍କ ଧମକ ପରେ ମହିଳା ଜଣକ ନିଜର ୪ ବର୍ଷର ପୁଅକୁ ନେଇ ତାଙ୍କ ପାଖରେ ରହିଥିଲେ। ଏହି ସମୟରେ ବବୁଲ ତାଙ୍କୁ ମାରଧର କରିଥିଲେ। ଫଳରେ ସେଠାରେ ମହିଳା ଜଣକ ମାତ୍ର ୧୩ ଦିନ ରହିବା ପରେ ବାପଘରକୁ ପଳାଇ ଆସିଥିଲେ। ଏହାପରେ ବବୁଲ ସେଠାରେ ପହଞ୍ଚି ମହିଳାଙ୍କୁ ସାଙ୍ଗରେ ନେବା ପାଇଁ କହିଥିଲେ। ଏଥିରେ ମହିଳା ରାଜି ନ ହେବାରୁ ବବୁଲ ତାଙ୍କୁ ପୁଣି ମାରଧର କରିଥିଲେ। ପରିବାର ଲୋକେ ମହିଳାଙ୍କୁ ବବୁଲଙ୍କ କବଳରୁ ଉଦ୍ଧାର କରିବା ପରେ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୮୫୬/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧ ବାର୍ଷିକୀ
ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ
ପୁରୁଣାବସ୍ତି, ଝାରସୁଗୁଡ଼ା

ଚାହୁଁ ଚାହୁଁ ବର୍ଷେ ଅତିକ୍ରମ ହୋଇଗଲା । ତୁମର ଅନୁପସ୍ଥିତିକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆକସ୍ମିକ ଭାବେ ତୁମେ ଚାଲିଯିବା ପରେ ଆମେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛୁ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା, ସାହିତ୍ୟ ସାଧନା, ଇତିହାସ ଗବେଷଣା ଓ କାଳଜୟୀ ଲେଖାଗୁଡିକ ପାଇଁ ତୁମେ ଚିରସ୍ମରଣୀୟ ହୋଇ ରହିବ । ଆଜି ତୁମର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଓ ପ୍ରଣାମ ଜଣାଇ ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛୁ। ତୁମର ଆଶୀର୍ବାଦ ଆମକୁ ସଦା ଦିଗ୍‌ଦର୍ଶନ ଦେଉଥାଉ ।

ଶୋକସନ୍ତପ୍ତ: ପତ୍ନୀ ଶାନ୍ତିଲତା, ବଡ଼ଝିଅ-ଜ୍ୱାଇଁ: ଶାଶ୍ୱତୀ, ସତ୍ୟଜିତ, ସାନଝିଅ: ସ୍ୱାତୀ, ନାତୁଣୀ: ଶ୍ରଦ୍ଧା ଓ ଶ୍ରେୟା ଏବଂ ତ୍ରିପାଠୀ ପରିବାରବର୍ଗ ।
ଧ-୨୧୯୬


# ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀଙ୍କୁ ଛାଡ଼ିଲେ ମାଓବାଦୀ

ମାଲକାନଗିରି,୮।୧୨(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁରରେ ମାଓବାଦୀମାନେ ରବିବାର ଜଣେ ମହିଳାଙ୍କୁ ହତ୍ୟା କରିଛନ୍ତି। ସେ ହେଲେ ସୁକରା ୟାଲାମ। ବିଜାପୁରର ଲୋଦେଡ ଗ୍ରାମର ଏକ ଦମ୍ପତିଙ୍କୁ ଘରୁ କେତେଜଣ ମାଓବାଦୀ ଶନିବାର ଅପହରଣକରି ଗାଁଠାରୁ ୩ କି.ମି.ଦୂରରେ ଥିବା ଜଙ୍ଗଲକୁ ନେଇଯାଇଥିଲେ। ଦମ୍ପତିଙ୍କ ମଧ୍ୟରୁ ସ୍ୱାମୀ ରାମାୟା ୟାଲମଙ୍କୁ ମାଡ଼ମାରି ଛାଡି ଦେଇଥିବା ବେଳେ ବିଳମ୍ବିତ ରାତିରେ ସ୍ତ୍ରୀ ସୁକରା ୟାଲାମଙ୍କୁ ହତ୍ୟା କରିଛନ୍ତି। ତେଲଙ୍ଗାନା ପୋଲିସର ସୂଚନାଦାତା ଅଭିଯୋଗରେ ସୁକରାଙ୍କୁ ହତ୍ୟା କରାଯାଇଥିବା ନେଇ ଏକ ହାତଲେଖା ଚିଠିରେ ମାଓବାଦୀ ଉଲ୍ଲେଖ କରିଛନ୍ତି। ରବିବାର ଘଟଣାସ୍ଥଳରେ ପୋଲିସ ଟିମ୍ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ କରିଛି। ତେବେ ଗତ ୩ ଦିନ ମଧ୍ୟରେ ଦୁଇଜଣ ପୂର୍ବତନ ସରପଞ୍ଚଙ୍କ ସମେତ ଦୁଇ ମହିଳାଙ୍କୁ ହତ୍ୟା ଯୋଗୁ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ପୋଲିସ ପକ୍ଷରୁ ଅଞ୍ଚଳରେ କୋମ୍ବିଂକୁ ଜୋରଦାର କରାଯାଇଛି।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା

ଭାପୁର, ୮।୧୨ (ରାଜକୁମାର ପ୍ରଧାନ)

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଅଧୀନ କୃଷ୍ଣପ୍ରସାଦ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେହି ଗ୍ରାମର ଚତୁର୍ଭୁଜ ଜେନା (୫୫)ଙ୍କୁ ରବିବାର ତାଙ୍କ ଚାଷଜମିରେ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯାଇଛି। ପ୍ରତିବାଦ କରିବାରୁ ତାଙ୍କ ପୁଅ ଓମ୍‌ପ୍ରକାଶ ଜେନା (୧୮)ଙ୍କୁ ମଧ୍ୟ ମାଡ଼ ମାରି ହାତ ଭାଙ୍ଗି ଦିଆଯାଇଛି। ସେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଚତୁର୍ଭୁଜଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ରଖାଯାଇଛି। ପ୍ରକାଶ ଯେ, ରେଙ୍ଗାଳି ଦକ୍ଷିଣ କେନାଲର ହୁଡ଼ା ଉପରେ ଧୀରପାଟଣା ନିକଟରେ ଏକ କୁକୁଡ଼ା ଦୋକାନ କରିବା ପାଇଁ ଚତୁର୍ଭୁଜ ଘର ତିଆରି କରୁଥିବାବେଳେ ସେହି ଗ୍ରାମର କେତେଜଣ ବ୍ୟକ୍ତି ବିରୋଧ କରିଥିଲେ। ଏହି ଘଟଣାକୁ ନେଇ ରବିବାର ସକାଳେ ଉଭୟଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ପୋଲିସ ହସ୍ତକ୍ଷେପ କରି ସମସ୍ୟାର ସମାଧାନ ପାଇଁ ଦୁଇ ଦିନ ମଧ୍ୟରେ ଫାଣ୍ଡିକୁ ଯିବାକୁ ତାଗିଦ କରିଯାଇଥିଲା। କିନ୍ତୁ ଅପରାହ୍ନରେ କୃଷ୍ଣପ୍ରସାଦ ଓ ଚନ୍ଦ୍ରଶେଖର ପ୍ରସାଦର ୯ଜଣ ବ୍ୟକ୍ତି ସଂଘବଦ୍ଧ ଭାବେ ଭୁଜାଲି ଓ କାଠଫାଳିଆରେ ଚତୁର୍ଭୁଜଙ୍କୁ ଅତର୍କିତ ଆକ୍ରମଣ କରି ହତ୍ୟା କରିଥିଲେ। ପରେ ସେମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଭାପୁର ଫାଣ୍ଡି ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ କହିଛନ୍ତି, ଖୁବ୍‌ଶୀଘ୍ର ଏହି ଘଟଣାର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

# ୫ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୮।୧୨(ଦୁର୍ଯ୍ୟୋଧନ ପାତ୍ର)- ଛତିଶଗଡ ମାଓବାଦୀ ସଂଗଠନରେ ସକ୍ରିୟ ଥିବା ୫ ମାଓବାଦୀ ରବିବାର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ମାଡ଼ବି ରାଜୁ, ଦେବା ମାଡ଼ବି, ସୁନମ ଭେଙ୍କଟେଶ୍, କୱାସୀ ହିଡ଼ମା ଓ ସୋଡି ଗଙ୍ଗା। ସୂଚନା ଅନୁଯାୟୀ, ଛତିଶଗଡ ସୁକ୍‌ମା ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ସର୍ଚ୍ଚ ଏବଂ ସୁରକ୍ଷାକର୍ମୀଙ୍କ କ୍ୟାମ୍ପ ସ୍ଥାପନ ହେବା ଯୋଗୁ ସଂଗଠନରେ ସକ୍ରିୟ ଥିବା ମାଓବାଦୀମାନେ ପୋଲିସ ନିକଟରେ ଆତ୍ମସମର୍ପଣ କରିବାରେ ଲାଗିଛନ୍ତି। ସେହିଭଳି ୫ ମାଓବାଦୀ ବିନା ଅସ୍ତ୍ରଶସ୍ତ୍ରରେ ଗ୍ରାମବାସୀଙ୍କ ବେଶଭୂଷାରେ ସୁକ୍‌ମା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ଏକ ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଇଛି। ଏମାନେ ସଂଗଠନର ଅମାନବୀୟ, ଭିତ୍ତିହୀନ ଚିନ୍ତାଧାରା ସହ ବଡ଼ ମାଓବାଦୀ ନେତାଙ୍କ ଶୋଷଣ, ଅତ୍ୟାଚାରରେ ଅତିଷ୍ଠ ହୋଇ ଆତ୍ମସମର୍ପଣ କରିଛନ୍ତି ବୋଲି ସୁକ୍‌ମା ଜିଲା ଇନ୍ସପେକ୍ଟର ସେଲ୍‌ର ରୋଶନ ସିଂ ରାଜପୁତ କହିଛନ୍ତି।

# ୨ କି.ଗ୍ରା. ବ୍ରାଉନ୍‌ସୁଗାର ଜବତ

## ବଡ଼ଭାଇ ଗିରଫ, ସାନଭାଇ ଚମ୍ପଟ

ବାଲେଶ୍ୱର, ୮।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅଧୀନ ଅରଡ଼ବଜାରରେ ଅବକାରୀ ବିଭାଗ ପକ୍ଷରୁ ଜଣେ ବ୍ୟକ୍ତିଙ୍କ ଘରେ ଚଢାଉ କରାଯାଇ ୨ କି.ଗ୍ରା. ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଅଭିଯୁକ୍ତ ବଡ଼ଭାଇ ଅମଜେତ୍ ଖାନ୍‌ଙ୍କୁ ଗିରଫ କରାଯାଇଥିବା ବେଳେ ସାନଭାଇ ସବିର ଖାନ୍ ଚମ୍ପଟ ମାରିଛନ୍ତି। ଅରଡ଼ବଜାରସ୍ଥିତ ଅମଜେତ ଖାନ୍‌ଙ୍କ ଘରେ ବ୍ରାଉନ୍‌ସୁଗାର ଥିବା ଅବକାରୀ ବିଭାଗ ଖବର ପାଇଥିଲା। ଅଭିଯୁକ୍ତ ମଧ୍ୟପ୍ରଦେଶରୁ ତାହାକୁ ଆଣି ବାଲେଶ୍ୱର ସହର ସମେତ ବିଭିନ୍ନ ସ୍ଥାନକୁ ଚୋରାଚାଲାଣ କରିଥାନ୍ତେ। ଖବରପାଇ ଅବକାରୀ କମିଶନର ଓ ଅବକାରୀ ଏସ୍‌ପି ସୁଶାନ୍ତ ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ଏକ ୧୫ଜଣିଆ ଟିମ୍ ଗଠନ କରାଯାଇ ବ୍ରାଉନସୁଗାର ବେପାରୀଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ଯୋଜନା ମୁତାବକ ଅବକାରୀ ମୋବାଇଲ ଆଇଆଇସି ହରିହର ସିଂହ, ମୋବାଇଲ ଓଆଇସି ଭକ୍ତଚରଣ ସ୍ୱାଇଁ, ସଦର ଆଇଆଇସି ଦୀପ୍ତିମୟୀ ସାହୁ ଏବଂ ଓଆଇସି ପ୍ରଜ୍ଞା ପାରମିତା ନାୟକ ପ୍ରମୁଖ ସହଦେବଖୁଣ୍ଟା ଥାନା ପୋଲିସ ସହାୟତାରେ ଶନିବାର ରାତିତମାମ୍ ବେପାରୀଙ୍କ ଘର ଚାରିପଟେ ଜଗି ରହିଥିଲେ। ରବିବାର ସକାଳେ ଚଢ଼ାଉ କରି ତାଙ୍କ ବାସଭବନରୁ ୨କି.ଗ୍ରା. ବ୍ରାଉନ୍‌ସୁଗାର, ନଗଦ ୫ହଜାର ୭ଶହ ଟଙ୍କା ସହ ମୋବାଇଲ ଜବତ କରିଥିଲେ। ବଡ଼ଭାଇ ଅମଜେତ ଖାନ୍‌ଙ୍କୁ ଗିରଫ କରାଯାଇଥିବା ବେଳେ ସାନଭାଇ ସାବିର ଖାନ୍ କୌଶଳକ୍ରମେ ଖସି ପଳାଇଥିଲେ। ଏ ସମ୍ପର୍କରେ ଅବକାରୀ ଥାନାରେ ୨୧ସି ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ. ୨୮୮/୨୪-୨୫) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି।

# ଖାଦ୍ୟରେ ଗ୍ଲାଇସିମିକ୍ ଇଣ୍ଡେକ୍ସ ଓ ଡାଇବେଟିସ୍ ନିୟନ୍ତ୍ରଣ



ଡା. ନିତ୍ୟାନନ୍ଦ ସ୍ୱାଇଁ

"କେତେକ ଖାଦ୍ୟର କାର୍ବୋହାଇଡ୍ରେଟ୍ ଚଞ୍ଚଳ ହଜମ ହୋଇଥାଏ, କେତେକ ଖାଦ୍ୟରେ ଏହା ହଜମ ହେବାରେ ଡେରି ଲାଗେ। କାର୍ବୋହାଇଡ୍ରେଟ୍‌ର ଗ୍ଲୁକୋଜ୍ ଶୀଘ୍ର ଅନ୍ତନଳୀରୁ ରକ୍ତ ଭିତରକୁ ଅବଶୋଷିତ ହୋଇ ଶୀଘ୍ର ରକ୍ତରେ ଗ୍ଲୁକୋଜ ମାତ୍ରା ବଢ଼ାଇଦିଏ। ଏପରି ଖାଦ୍ୟ ହେଲା ଉଚ୍ଚ ଗ୍ଲାଇସିମିକ ଇଣ୍ଡେକ୍ସ ବିଶିଷ୍ଟ ଖାଦ୍ୟ। କିନ୍ତୁ ଯେଉଁ ଖାଦ୍ୟର କାର୍ବୋହାଇଡ୍ରେଟ୍ ଧୀରେ ଧୀରେ ହଜମ ହୁଏ, ସେପରି ଖାଦ୍ୟରୁ ଗ୍ଲୁକୋଜ ଧୀରେ ଧୀରେ ଅବଶୋଷିତ ହୋଇ ରକ୍ତରେ ଗ୍ଲୁକୋଜର ମାତ୍ରାକୁ ଧୀରେ ଧୀରେ ବଢ଼ାଇଥାଏ। ତେଣୁ ଏହି ଶେଷୋକ୍ତ ପ୍ରକାର ଖାଦ୍ୟର ଗ୍ଲାଇସିମିକ୍ ଇଣ୍ଡେକ୍ସ କମ୍। ଗ୍ଲାଇସିମିକ୍ ଇଣ୍ଡେକ୍ସକୁ ସଂକ୍ଷେପରେ ଜି.ଆଇ. ବୋଲି ଲେଖାଯାଏ ଏବଂ କୁହାଯାଏ।"



ରକ୍ତରେ ଗ୍ଲୁକୋଜର ଉପସ୍ଥିତିକୁ ଡାକ୍ତରୀ ଭାଷାରେ କୁହାଯାଏ 'ଗ୍ଲାଇସିମିଆ'। ରକ୍ତରେ ଗ୍ଲୁକୋଜ ସ୍ୱାଭାବିକ ମାତ୍ରାଠାରୁ ବଢ଼ିଗଲେ ତାହା 'ହାଇପରଗ୍ଲାଇସିମିଆ' ଏବଂ ସ୍ୱାଭାବିକ ମାତ୍ରାଠାରୁ କମିଗଲେ ତାହା 'ହାଇପୋଗ୍ଲାଇସିମିଆ'। ଅଧିକାଂଶ ଖାଦ୍ୟଦ୍ରବ୍ୟରେ ଊଣାଅଧିକେ ଶ୍ୱେତସାର ବା କାର୍ବୋହାଇଡ୍ରେଟ୍ ରହିଥାଏ। ଏହି କାର୍ବୋହାଇଡ୍ରେଟ୍ ରକ୍ତରେ ଗ୍ଲୁକୋଜର ମାତ୍ରାକୁ ପ୍ରଭାବିତ କରିଥାଆନ୍ତି। ଖାଦ୍ୟରେ ଥିବା କାର୍ବୋହାଇଡ୍ରେଟ୍ ରକ୍ତ ଗ୍ଲୁକୋଜର ମାତ୍ରାକୁ ବୃଦ୍ଧି କରିବାର ପ୍ରବଣତା ମାପିବା ପାଇଁ ଏକ ପରିମାପକ ଭାବରେ ବ୍ୟବହୃତ ହୋଇଥାଏ। ସେହି ପରିମାପକର ବୈଜ୍ଞାନିକ ନାମ ହେଉଛି 'ଗ୍ଲାଇସିମିକ୍ ଇଣ୍ଡେକ୍ସ'।

କେତେକ ଖାଦ୍ୟର କାର୍ବୋହାଇଡ୍ରେଟ୍ ଚଞ୍ଚଳ ହଜମ ହୋଇଥାଏ, କେତେକ ଖାଦ୍ୟରେ ଏହା ହଜମ ହେବାରେ ଡେରି ଲାଗେ। କାର୍ବୋହାଇଡ୍ରେଟ୍‌ର ଗ୍ଲୁକୋଜ୍ ଶୀଘ୍ର ଅନ୍ତନଳୀରୁ ରକ୍ତ ଭିତରକୁ ଅବଶୋଷିତ ହୋଇ ଶୀଘ୍ର ରକ୍ତରେ ଗ୍ଲୁକୋଜ ମାତ୍ରା ବଢ଼ାଇଦିଏ। ଏପରି ଖାଦ୍ୟ ହେଲା ଉଚ୍ଚ ଗ୍ଲାଇସିମିକ ଇଣ୍ଡେକ୍ସ ବିଶିଷ୍ଟ ଖାଦ୍ୟ। କିନ୍ତୁ ଯେଉଁ ଖାଦ୍ୟର କାର୍ବୋହାଇଡ୍ରେଟ୍ ଧୀରେ ଧୀରେ ହଜମ ହୁଏ, ସେପରି ଖାଦ୍ୟରୁ ଗ୍ଲୁକୋଜ ଧୀରେ ଧୀରେ ଅବଶୋଷିତ ହୋଇ ରକ୍ତରେ ଗ୍ଲୁକୋଜର ମାତ୍ରାକୁ ଧୀରେ ଧୀରେ ବଢ଼ାଇଥାଏ। ତେଣୁ ଏହି ଶେଷୋକ୍ତ ପ୍ରକାର ଖାଦ୍ୟର ଗ୍ଲାଇସିମିକ୍ ଇଣ୍ଡେକ୍ସ କମ୍। ଗ୍ଲାଇସିମିକ୍ ଇଣ୍ଡେକ୍ସକୁ ସଂକ୍ଷେପରେ ଜି.ଆଇ. ବୋଲି ଲେଖାଯାଏ ଏବଂ କୁହାଯାଏ।

ଜାଣିରଖନ୍ତୁ ଯେ ଗ୍ଲାଇସିମିକ୍ ଇଣ୍ଡେକ୍ସ ଖାଦ୍ୟରେ ଥିବା କାର୍ବୋହାଇଡ୍ରେଟ୍‌ର ପରିମାଣକୁ ବୁଝାଏ ନାହିଁ କି କାର୍ବୋହାଇଡ୍ରେଟ୍‌ର ପ୍ରକାରକୁ ବୁଝାଏ ନାହିଁ। ଏହା କେବଳ ବୁଝାଇଥାଏ ଖାଦ୍ୟରେ ଥିବା କାର୍ବୋହାଇଡ୍ରେଟ୍‌ର ରକ୍ତଗ୍ଲୁକୋଜ୍ ବୃଦ୍ଧି କରାଇପାରିବାର ପ୍ରଭାବକୁ। ତେଣୁ ଏହା ଡାଇବେଟିସ୍ ରୋଗୀଙ୍କୁ ଖାଦ୍ୟ ସଂକ୍ରାନ୍ତ ପରାମର୍ଶ ଦେବାରେ ସହାୟକ ହୋଇଥାଏ। ସାଧାରଣତଃ କେବଳ ଉଦ୍ଭିଦଜାତ ଖାଦ୍ୟ ଓ ପ୍ରାଣୀଜ ଖାଦ୍ୟ ମଧ୍ୟରୁ କ୍ଷୀର ଓ କ୍ଷୀରଜାତ ଦ୍ରବ୍ୟର ଜି.ଆଇ. ଉଲ୍ଲେଖ କରାଯାଏ। ମାଛ, ମାଂସ ଏବଂ ଅଣ୍ଡାରେ ଖୁବ୍ କମ୍ ପରିମାଣର କାର୍ବୋହାଇଡ୍ରେଟ୍ ଥିବାରୁ ସେଗୁଡିକର ଜି.ଆଇ. ବିଚାର କରାଯାଏ ନାହିଁ।

ଶହେ (୧୦୦)କୁ ସବୁଠାରୁ ବେଶି ଜି.ଆଇ. ବୋଲି ଧରାଯାଏ। ଗ୍ଲୁକୋଜ ଓ ମଇଦା ରୁଟିର ଜି.ଆଇ. ହେଉଛି ୧୦୦। ଅନ୍ୟ ସବୁ ଖାଦ୍ୟର ଜି.ଆଇ. ୧୦୦ରୁ ତଳେ। ଗ୍ଲାଇସିମିକ୍ ଇଣ୍ଡେକ୍ସ ଅନୁସାରେ ଖାଦ୍ୟକୁ ତିନି ଭାଗରେ ବିଭକ୍ତ କରାଯାଇଛି। ସେଗୁଡିକ ହେଲା- (୧) ନିମ୍ନ ଗ୍ଲାଇସିମିକ୍ ଖାଦ୍ୟ ବା ଲୋ ଗ୍ଲାଇସିମିକ୍ ଫୁଡ୍, (୨) ମଧ୍ୟ ଗ୍ଲାଇସିମିକ୍ ଖାଦ୍ୟ ବା ମିଡିୟମ ଗ୍ଲାଇସିମିକ୍ ଫୁଡ୍ ଏବଂ (୩) ଉଚ୍ଚ ଗ୍ଲାଇସିମିକ୍ ଖାଦ୍ୟ ବା ହାଇ ଗ୍ଲାଇସିମିକ୍ ଫୁଡ୍।

ନିମ୍ନ ଗ୍ଲାଇସିମିକ୍ ଖାଦ୍ୟଗୁଡ଼ିକର ଗ୍ଲାଇସିମିକ୍ ଇଣ୍ଡେକ୍ସ ମୂଲ୍ୟ ୫୫ କିମ୍ବା ୫୫ରୁ କମ୍। ଷ୍ଟାର୍ଚ ନ ଥିବା ଫଳ, ପ୍ରକ୍ରିୟାକୃତ ହୋଇ ନ ଥିବା ଶସ୍ୟଦାନା, ସବୁ ପ୍ରକାରର ଡାଲି, ପନିପରିବା ଇତ୍ୟାଦି ଏହି ଗୋଷ୍ଠୀର ଅନ୍ତର୍ଭୁକ୍ତ। ଶାଗ, ଚିନାବାଦାମ, ଅମୃତଭଣ୍ଡା, ସେଓ, ନାସପାତି, ପିଜୁଳି, କମଳା, ପାଳଙ୍ଗ, ବାଇଗଣ, ବ୍ରୋକୋଲି, ଟମାଟୋ, ସିମେଇ, ସୋୟା, ଓଟ୍‌ସ ଭଳି ଖାଦ୍ୟ ତନ୍ତୁବିହୀନ କିମ୍ବା କମ୍ ଖାଦ୍ୟତନ୍ତୁ ଥିବା ଖାଦ୍ୟ ନିମ୍ନ ଜି.ଆଇ. ବିଶିଷ୍ଟ। ଏହିସବୁ ଖାଦ୍ୟ ଖାଇଲେ ସେଥିରେ ଥିବା କାର୍ବୋହାଇଡ୍ରେଟ୍ ଧୀରେ ଧୀରେ ହଜମ ହୋଇ ଅନ୍ତନଳୀରୁ ଗ୍ଲୁକୋଜ୍ ଧୀରେ ଧୀରେ ଅବଶୋଷିତ ହୋଇଯାଏ। ଫଳରେ ରକ୍ତରେ ଗ୍ଲୁକୋଜର ମାତ୍ରା ମନ୍ଥର ହାରରେ ବୃଦ୍ଧି ପାଏ। ଏହିସବୁ ଖାଦ୍ୟ ଡାଇବେଟିସ୍ ନିୟନ୍ତ୍ରଣ ଏବଂ ଓଜନ ନିୟନ୍ତ୍ରଣ ପାଇଁ ବେଶି ଉପଯୋଗୀ।

ମଧ୍ୟ ଗ୍ଲାଇସିମିକ୍ ଖାଦ୍ୟଗୁଡ଼ିକର ଗ୍ଲାଇସିମିକ୍ ଇଣ୍ଡେକ୍ସ ୫୫-୬୯। ବୋଳ ଚାଉଳ, ବାସମତି ଚାଉଳ, ମକା, ପାଚିଲା କଦଳୀ ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ।

ଉଚ୍ଚ ଗ୍ଲାଇସିମିକ୍ ଖାଦ୍ୟଗୁଡ଼ିକର ଗ୍ଲାଇସିମିକ୍ ଇଣ୍ଡେକ୍ସ ୭୦ରୁ ବେଶି। ଏଭଳି ଖାଦ୍ୟ ଅତି କମ୍ ସମୟ ଭିତରେ ରକ୍ତଗ୍ଲୁକୋଜର ମାତ୍ରା ବୃଦ୍ଧି କରିପକାଏ। ଏହି ପ୍ରକାର ଖାଦ୍ୟକୁ ପ୍ରତିଦିନ ନିୟମିତ ଭାବରେ ଖାଇ ଚାଲିଲେ ଏହାର ମୁକାବିଲା କରିବାକୁ ଅଗ୍ନ୍ୟାଶୟ ବା ପାନ୍‌କ୍ରିଆସରୁ ବେଶି ବେଶି ଇନ୍‌ସୁଲିନ୍ କ୍ଷରିତ ହୁଏ ଏବଂ ଏହାର ପରିମାଣରେ କ୍ରମେ ଜାତ ହୋଇପାରେ ପୃଥୁଳତା, ଇନ୍‌ସୁଲିନ୍ ପ୍ରତି ବିରୋଧତା ଏବଂ ଡାଇବେଟିସ୍। ଉଚ୍ଚ ଗ୍ଲାଇସିମିକ୍ ଖାଦ୍ୟ ସହଜରେ ହଜମ ହୋଇଥାଏ। ଆଳୁ, ସଫା ଚାଉଳ ଭାତ, ଚୋକଡ ନ ଥିବା ଅଟା, ମଇଦାରେ ପ୍ରସ୍ତୁତ ରୁଟି, ମିଶ୍ରି, ଚିନି, ଗୁଡ, ମହୁ, ସବୁପ୍ରକାର ମିଷ୍ଟାନ, ମିଠା ସରବତ, କର୍ନଫ୍ଲେକ୍ସ, କୁକିଜ୍, କେକ୍, ପାଉଁରୁଟି, ବିସ୍କୁଟ, ଭଜା, ଛଣା ଖାଦ୍ୟ, ସପୁରି, ଫଳରସ (ଗାଜର ଓ ବିଟ୍‌ର ରସ) ଇତ୍ୟାଦି ଉଚ୍ଚ ଗ୍ଲାଇସିମିକ୍ ଇଣ୍ଡେକ୍ସ ବିଶିଷ୍ଟ।

### ଗ୍ଲାଇସିମିକ୍ ଇଣ୍ଡେକ୍ସକୁ ପ୍ରଭାବିତ କରୁଥିବା କାରକ

-ଖାଦ୍ୟର ଶକ୍ତିମୂଲ୍ୟ ବା କ୍ୟାଲୋରି ଭାଲ୍ୟୁ ସମାନ ରହିଥିଲେ ମଧ୍ୟ ଗ୍ଲାଇସିମିକ୍ ଇଣ୍ଡେକ୍ସର ମୂଲ୍ୟ ଅଲଗା ଅଲଗା ହୋଇପାରେ। କାରଣ ସେଥିରେ ଥିବା କାର୍ବୋହାଇଡ୍ରେଟ୍‌ର ପ୍ରକାର ଓ ପରିମାଣ, ହଜମ ହେବାର ହାର, ରକ୍ତ ଗ୍ଲୁକୋଜ୍ ଉପରେ ପ୍ରଭାବ, ଖାଦ୍ୟତନ୍ତୁ, ପ୍ରୋଟିନ ଓ ଫ୍ୟାଟ୍‌ର ପରିମାଣ ଭିନ୍ନ ଭିନ୍ନ।

-ଖାଦ୍ୟର ପ୍ରକ୍ରିୟାକରଣ ମଧ୍ୟ ଜି.ଆଇ.କୁ ପ୍ରଭାବିତ କରିଥାଏ। ଢିଙ୍କି କୁଟା ବୋଳ ଚାଉଳ ଏବଂ ଚୋକଡ଼ ମିଶା ଅଟାର ଜି.ଆଇ. କମ୍। କଳ କୁଟା ସଫା ଚାଉଳ ଓ ମଇଦାର ଜି.ଆଇ. ବେଶି। ଗୋଟା ଫଳରେ ଜି.ଆଇ. କମ୍ ଏବଂ ଫଳରସରେ ଜି.ଆଇ. ବେଶି ରହିଥାଏ।

-ଖାଦ୍ୟରେ ବେଶି ପ୍ରୋଟିନ, ଫ୍ୟାଟ୍ ଓ ଖାଦ୍ୟତନ୍ତୁ ଥିଲେ ତାହାର ଜି.ଆଇ. କମ୍।

-ଦରପାଚିଲା ଫଳରେ ଜି.ଆଇ. କମ୍। ପାଚିଲା ଫଳରେ ଜି.ଆଇ. ବେଶି।

-ନୂଆ ଆଳୁ ତୁଳନାରେ ପୁରୁଣା ଆଳୁରେ ଜି.ଆଇ. ବେଶି।

-ରୋଷେଇବାସ ମଧ୍ୟ ଜି.ଆଇ.କୁ ପ୍ରଭାବିତ କରିଥାଏ। ବେଶି ସମୟ ଧରି ସିଝେଇଲେ ଜି.ଆଇ. ବଢ଼ିଯାଏ।

-ସେକା ଓ ପୋଡ଼ା ଆଳୁ ତୁଳନାରେ ଆଳୁ ଭଜାରେ ଜି.ଆଇ. ମାତ୍ରା ଅଧିକ।

-ଛୋଟ ଚାଉଳରେ ଜି.ଆଇ. କମ୍, ଲମ୍ବା ଚାଉଳରେ ଜି.ଆଇ. ବେଶି। ବାସମତି ଚାଉଳରେ ଜି.ଆଇ. କମ୍। (କ୍ରମଶଃ..)

-'ଅଭୀପ୍‌ସା', ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡାନାସୀ, କଟକ-୧୪
ମୋ : ୮୩୨୮୯୭୫୧୧୮

# ଥାଲାସିମିଆ: କିଛି କଥା



ଥାଲାସିମିଆକୁ ସାଧାରଣତଃ ତିନି ଭାଗରେ (ଥାଲାସିମିଆ ମେଜର, ଥାଲାସିମିଆ ମାଇନର ଏବଂ ଥାଲାସିମିଆ ଇଣ୍ଟରମେଡିଆ) ବିଭକ୍ତ କରାଯାଇଛି। ଥାଲାସିମିଆ ମେଜରକୁ ମଧ୍ୟ 'ବିଟା ଥାଲାସିମିଆ' ବୋଲି କହନ୍ତି। ଏହି ପ୍ରକାରଟି ସବୁଠାରୁ ବେଶି ସାଧାରଣ। ସାଧାରଣ ଭାବରେ ଦେଖିଲେ ଭୂମିଷ୍ଠ ହେବା ସମୟରେ ଶିଶୁଟି ଶେତାଳିଆ ଦେଖାଯାଏ। ପରେ ପରେ ଯକୃତ ଓ ପ୍ଲୀହା ଆସ୍ତେ ଆସ୍ତେ ବଢ଼ିବାକୁ ଆରମ୍ଭ କରେ। ଯେଉଁ ରୋଗାକ୍ରାନ୍ତ ଶିଶୁମାନେ ବର୍ଷେ କି ଦୁଇ ବର୍ଷ ଭିତରେ ମୃତ୍ୟୁବରଣ ନ କରି ବଞ୍ଚିରହନ୍ତି, ସେମାନଙ୍କର ମୁଖମଣ୍ଡଳ ଗୋଲାକାର ଦେଖାଯାଏ। କପାଳ ଓ ମସ୍ତିଷ୍କର ଦୁଇ ପାଖ ହାଡ ଫୁଲିଯାଏ। ଥାଲାସିମିଆ ରୋଗୀର ହେମୋଗ୍ଲୋବିନ୍‌ର ମାତ୍ରା ଓ ଲୋହିତ ରକ୍ତକୋଷିକାଗୁଡିକର ସଂଖ୍ୟା କମିଯାଏ। ଲୋହିତ ରକ୍ତକୋଷିକାଗୁଡିକ ଛୋଟଛୋଟ ହୋଇଯାଆନ୍ତି। ଥାଲାସିମିଆ ମେଜର ବା ବିଟା ଥାଲାସିମିଆ ରୋଗୀଙ୍କୁ ବାରମ୍ବାର ରକ୍ତ ଦେବାକୁ ପଡ଼େ। ବାରମ୍ବାର ରକ୍ତ ନେବା ଫଳରେ ରୋଗୀଙ୍କ ରକ୍ତରେ ଲୌହର ପରିମାଣ ବଢ଼ିଯାଇ ତାହା ଯକୃତ୍, ହୃତ୍‌ପିଣ୍ଡ, ଅଗ୍ନ୍ୟାଶୟ ଇତ୍ୟାଦି ଅଙ୍ଗରେ ଜମିଯାଏ। ହୃଦ୍‌ରୋଗ ଓ ଡାଇବେଟିସ୍ ଇତ୍ୟାଦି ଦେଖାଦେଇପାରେ। ରକ୍ତରେ ଲୌହର ପରିମାଣ ସନ୍ତୁଳିତ ରଖିବା ପାଇଁ ଏବେ ବିଭିନ୍ନ ପ୍ରକାର ଔଷଧ ବଜାରରେ ଉପଲବ୍ଧ।

# ସନ୍ତୁଳିତ ଜୀବନଶୈଳୀ ଓ ବିଚାରଧାରା




ସବୁବେଳେ ଖୁସିରେ ରହିବାକୁ କିଏ ବା ନ ଚାହେଁ ? କିନ୍ତୁ ସବୁବେଳେ ଏହା ସମ୍ଭବ ହୋଇ ନ ଥାଏ। ଅନେକ ସମୟରେ ଆମେ ନକାରାତ୍ମକ ଚିନ୍ତାର ସମ୍ମୁଖୀନ ହୋଇଥାଉ। ସମୟେ ସମୟେ ପାରିପାର୍ଶ୍ୱିକ କାରଣରୁ ଚିନ୍ତାଗ୍ରସ୍ତ ହେବା କିଛି ନୂଆ କଥା ନୁହେଁ। ତେଣୁ ଖୁସିରେ ରହିବାକୁ ହେଲେ ନିଜ ବିଚାରଧାରାରେ ପରିବର୍ତ୍ତନ ଆଣିବାକୁ ପଡିବ। ଆପଣ ସାମ୍ନା କରୁଥିବା ନକାରାତ୍ମକ ଜିନିଷଗୁଡ଼ିକୁ ଭଲ ଭାବରେ ବିଶ୍ଳେଷଣ କରନ୍ତୁ। ଭଲ ପରିବେଶରେ ରହିବାକୁ ଚେଷ୍ଟା କରନ୍ତୁ। ଭଲ ଲୋକଙ୍କ ସହ ମିଶନ୍ତୁ। ନିଜେ ହସନ୍ତୁ ଓ ଅନ୍ୟମାନଙ୍କୁ ବି ହସାନ୍ତୁ। ଏଭଳି ପରିବେଶରେ ରହିଲେ ଆମର ମାନସିକତା ସକାରାତ୍ମକ ରହିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏକ ସନ୍ତୁଳିତ ଜୀବନଶୈଳୀ ଆପଣେଇବାକୁ ଚେଷ୍ଟା କରନ୍ତୁ। ସେଥିପାଇଁ ଏକ ରୁଟିନ୍ ଜୀବନଶୈଳୀ ଅନୁସରଣ କରନ୍ତୁ। ନିଜର ବିଚାରଧାରାକୁ ସବୁବେଳେ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଦେଖିବେ, ଏହାଦ୍ୱାରା ଆପଣ ଏକ ଖୁସିର ମାହୋଲ ଭିତରେ ରହିପାରିବେ। କୌଣସି ସମସ୍ୟାକୁ ବୋଝ ବୋଲି ନ ଭାବି ତାହାକୁ ଠିକ୍ ଉପାୟରେ ସମାଧାନ କରନ୍ତୁ।

## ଚକ୍ଷୁଦାନ କରିବା ପୂର୍ବରୁ...

ଚକ୍ଷୁଦାନ ମହତଦାନ। ଚକ୍ଷୁଦାନ କରିବା ପୂର୍ବରୁ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବା ନିହାତି ଦରକାର। ପ୍ରଥମେ ଚକ୍ଷୁ ବ୍ୟାଙ୍କ କିମ୍ବା ଚକ୍ଷୁ ଡାକ୍ତରଖାନା ସହ ଯୋଗାଯୋଗ କରି ନିଜର ନାମକୁ ପଞ୍ଜୀକୃତ କରିନିଅନ୍ତୁ। ମନରେ ସୃଷ୍ଟି ହେଉଥିବା ସନ୍ଦେହଗୁଡକୁ ପ୍ରଥମେ ଭଲ ଭାବରେ ଦୂର କରନ୍ତୁ। ଆପଣ ଯେଉଁଠି ଚକ୍ଷୁଦାନ କରିବାକୁ ନିଜର ନାମ ପଞ୍ଜୀକୃତ କରାଇଛନ୍ତି ସେଠାରୁ ଏକ ଡାକ୍ତର ଟିମ୍ ଆପଣଙ୍କ ନିକଟକୁ ଯାଇ ଚକ୍ଷୁ ସଂଗ୍ରହ କରିବେ। ନ ହେଲେ ଆପଣ ଉକ୍ତ ସଂସ୍ଥାକୁ ଆସି ଚକ୍ଷୁଦାନ କରିପାରନ୍ତି। କିନ୍ତୁ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିବାର ଛଅ ଘଣ୍ଟା ମଧ୍ୟରେ ଚକ୍ଷୁଦାନ କାମ ଶେଷ ହେବା ଦରକାର। ମୃତ ଶରୀରକୁ ଛାଇରେ କିମ୍ବା ଏସି ରୁମ୍‌ରେ ରଖନ୍ତୁ। ଫ୍ୟାନ୍ ବନ୍ଦ କରି ଦିଅନ୍ତୁ। ଚକ୍ଷୁ ସଂଗ୍ରହ ଟିମ୍ ଆସିବା ପର୍ଯ୍ୟନ୍ତ ଆଖିପତା ଦୁଇଟିକୁ ବନ୍ଦ କରି ଓଦା ତୁଳା କିମ୍ବା ରୁମାଲ୍‌ରେ ଘୋଡେଇ ରଖନ୍ତୁ।

# ବୟସ ୫୦ ଟପିଲେ...



ଆଲଜିମର୍ସ ରୋଗ ପ୍ରାୟ ୫୦ ବର୍ଷ ବୟସ ପରେ ପ୍ରକାଶପାଏ। ରୋଗ ହେଲେ ମସ୍ତିଷ୍କର ସ୍ନାୟୁ କୋଷଗୁଡ଼ିକରେ ବିଟା-ଆମିଲଏଡ୍ ନାମକ ଏକ ପ୍ରୋଟିନ୍ ଖଣ୍ଡମାନ ଜମିଯାଏ। ଏହି ବିଟା-ଆମିଲଏଡ୍ ଜମିବା ଫଳରେ ସ୍ମୃତିହାନି ଜାତ ହେବା ସ୍ୱାଭାବିକ। ରୋଗୀ ମସ୍ତିଷ୍କରେ ସ୍ନାୟୁକୋଷମାନ ମରିଯାଆନ୍ତି। ସ୍ନାୟୁକୋଷ-ସ୍ନାୟୁକୋଷ ମଧ୍ୟରେ ଥିବା ସଂଯୋଗ ଛିନ୍ନ ହୋଇଯାଏ। ଏହାଦ୍ୱାରା ସ୍ନାୟୁକୋଷ ଏବଂ ସ୍ନାୟୁ ସଂଯୋଗ କାର୍ଯ୍ୟରହିତ ହୋଇପଡ଼ନ୍ତି। ତେବେ ମସ୍ତିଷ୍କର ସବୁ ଅଞ୍ଚଳରେ ଏଭଳି ପରିବର୍ତ୍ତନ ପରିଲକ୍ଷିତ ନ ହୋଇ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ନାୟୁକୋଷରେ ପରିବର୍ତ୍ତନ ପରିଲକ୍ଷିତ ହୁଏ। ପରିବର୍ତ୍ତିତ ହେଉ ନ ଥିବା ମସ୍ତିଷ୍କ ଅଞ୍ଚଳ ସୁସ୍ଥତାର ସହ କାର୍ଯ୍ୟ କରିଚାଲିବା ସତରେ ଏକ ବୈଜ୍ଞାନିକ ବିସ୍ମୟ। ହେଲେ ସ୍ନାୟୁକୋଷଗୁଡ଼ିକରେ ଜାତ ଅସ୍ୱାଭାବିକତାକୁ ପ୍ରଭାବିତ କରିଥାଏ ରୋଗୀର ଜିନ୍, ପରିବେଶ ଓ ତାହାର ଜୀବନଶୈଳୀ। ପୁଣି ରୋଗୀଭେଦରେ ଏହି ପ୍ରଭାବରେ ପରିଲକ୍ଷିତ ହୋଇଥାଏ ଭିନ୍ନତା। ଜାଣି ରଖିବା କଥା ଯେ, ଆଲଜିମର୍ସର ଲକ୍ଷଣ ପ୍ରକାଶ ପାଇବା ପୂର୍ବରୁ ମସ୍ତିଷ୍କରେ ରୋଗଟିର ମୂଳଦୁଆ ପଡ଼ିସାରିଥାଏ। ରୋଗୀ ଅନେକ କଥା ସହଜରେ ମନେପକେଇ ପାରେନି। ବୟସ ୬୫ରୁ ଉର୍ଦ୍ଧ୍ୱ ହୋଇଗଲେ ଆଲଜିମର୍ସ ବାହାରିବା ଆଶଙ୍କା ବେଶି।

## ବ୍ରଶ କରିବା ସମୟରେ...



ଦିନକୁ ଅତିକମ୍‌ରେ ଦୁଇ ଥର ବ୍ରଶ୍ କରିବା ନିହାତି ଆବଶ୍ୟକ। ଅଧିକାଂଶ ଲୋକ ରାତିରେ ଶୋଇବା ପୂର୍ବରୁ ବ୍ରଶ୍ କରନ୍ତି ନାହିଁ। ଏହାଦ୍ୱାରା ଆମେ ଦିନଯାକ ଖାଉଥିବା ଖାଦ୍ୟର କେତେକ ଅଂଶ ଦାନ୍ତ ସନ୍ଧିରେ ଲାଗିଯାଏ, ଯାହା ପରବର୍ତ୍ତୀ ସମୟରେ ଦାନ୍ତଜନିତ ସମସ୍ୟା ସୃଷ୍ଟି କରିଥାଏ। ରାତିରେ ବେଡ୍‌କୁ ଯିବା ପୂର୍ବରୁ ବ୍ରଶ୍ କରିବାକୁ ଭୁଲନ୍ତୁ ନାହିଁ। ବ୍ରଶ୍ କରିବା ସମୟରେ ଆଦୌ ତରତର ହୁଅନ୍ତୁ ନାହିଁ। ଧୀରେ ଧୀରେ ବ୍ରଶ୍ କରନ୍ତୁ। ଅତିକମ୍‌ରେ ଜଣେ ବ୍ୟକ୍ତି ଦୁଇ ମିନିଟ୍ ବ୍ରଶ୍ କରିବା ଦରକାର। ଏହି ସମୟରେ ଦାନ୍ତ କିମ୍ବା ମାଢ଼ି ଉପରେ ଯେପରି ପ୍ରେସର ନ ପଡେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଏଭଳି ବ୍ରଶ୍ କରନ୍ତୁ ଯେମିତି ବ୍ରଶ୍ ଦାନ୍ତର ସବୁ ଭାଗକୁ ଛୁଉଁଥିବ। ଫଳରେ ଖାଇଥିବା ଖାଦ୍ୟର ବଳକାଂଶଗୁଡ଼ିକ ସହଜରେ ବାହାରି ଯାଇପାରିବ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଟୁଥ୍ ବ୍ରଶ୍ ବଦଳାଇବାକୁ ଭୁଲନ୍ତୁ ନାହିଁ। ସବୁବେଳେ ଭଲ କ୍ୱାଲିଟିର ବ୍ରଶ୍ ବ୍ୟବହାର କରନ୍ତୁ। ବ୍ରଶ୍ କରିବା ପରେ ବ୍ରଶ୍‌ର ଉପରିଭାଗରେ କ୍ୟାପ୍ ଲଗାନ୍ତୁ। ସବୁବେଳେ ଫ୍ଲୋରାଇଡ୍ ଯୁକ୍ତ ଟୁଥ୍‌ପେଷ୍ଟକୁ ବ୍ୟବହାର କରିବା ନିହାତି ଦରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଟୁଥବ୍ରଶ୍ ଚେଞ୍ଜ୍ କରନ୍ତୁ। ଅତିକମ୍‌ରେ ୩-୪ ମାସ ଭିତରେ ନୂଆ ଟୁଥ୍‌ବ୍ରଶ ବ୍ୟବହାର କରନ୍ତୁ। ବ୍ରଶ୍ କରିବା, ଜିଭକୁ ପରିଷ୍କାର ରଖିବା ସହ ପାଟିକୁ କୁଳି କରି ସଫା ରଖିବା ମଧ୍ୟ ନିହାତି ଜରୁରୀ।

## ସ୍ୱାସ୍ଥ୍ୟ ସୂଚନା

➤ପ୍ରତିଦିନ ଶିଡ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ ଆପଣଙ୍କର ଯଦି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ସେତେ ଭଲ।

➤ଶାରୀରିକ ବ୍ୟାୟାମ ସହ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ଅନେକାଂଶରେ ମାନସିକ ଶାନ୍ତି ମିଳିଥାଏ।

➤ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ଟଟକା ଫଳମୂଳ ସହ ଏଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ, ଯାହା ଶରୀର ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଥାଏ।

➤ଦୈନନ୍ଦିନ ଖାଦ୍ୟ ତାଲିକାରେ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ।

➤କେତେକ ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ ରାତ୍ରଭୋଜନର ଏକ ଠିକ୍ ସମୟ ସ୍ଥିର କରନ୍ତୁ।

➤ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ଏହା ବ୍ଲଡ଼ ପ୍ରେସର, ହୃଦ୍‌ଜନିତ ସମସ୍ୟା ଆଶଙ୍କାକୁ ବଢ଼ାଇ ଦେଇଥାଏ। ତେଣୁ ଏହାକୁ ଯେତେ କମ୍ ଖାଇବେ ତାହା ସେତେ ଭଲ।

➤ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। ଖାଇବାର ଅଧ ଘଣ୍ଟାଏ ପରେ କିମ୍ବା ଘଣ୍ଟାଏ ପରେ ପାଣି ପିଅନ୍ତୁ।



## ଜାଣି ରଖନ୍ତୁ

ଗାଜରରେ କାରୋଟିନ୍ ନାମକ ଏକ ଉପାଦାନ ଥିବାରୁ ଏହା ଆମ ଆଖି ପାଇଁ ବେଶ୍ ଉପଯୋଗୀ। ଏହା ସୂର୍ଯ୍ୟକିରଣଠାରୁ ଆଖିକୁ ରକ୍ଷା କରିବା ସହ ଆଖିରେ କାଟାରାକ୍ଟ ହେବାର ସୁଯୋଗକୁ କମାଇଦିଏ। ଏଥିରେ ଭିଟାମିନ୍ ସି ଥିବାରୁ, ଏହା ଶରୀରରେ ଆଣ୍ଟିବଡ଼ି ଗଠନ କରି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ଏହାର ଆଣ୍ଟି ଅକ୍ସିଡ଼ାଣ୍ଟ ଗୁଣ ପାଇଁ ଡାଇବେଟିସ, କ୍ୟାନ୍‌ସର ଆଦି ଆଶଙ୍କା କେତେକାଂଶରେ ଦୂର କରିଥାଏ। ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳନ ରଖିବା ସହ ଉଚ୍ଚ ରକ୍ତଚାପ ହେବାକୁ ମଧ୍ୟ ଏହା ଦିଏ ନାହିଁ। ପଟାସିୟମ୍ ଓ କ୍ୟାଲ୍‌ସିୟମ୍‌ର ମାତ୍ରା ଏଥିରେ ଅଧିକ ଥିବାରୁ ଏହା ଅସ୍ଥି, ମଜ୍ଜା ଓ ଅସ୍ଥିକୁ ମଜଭୁତ କରିବା ସହ ହାର୍ଟ ଉପରେ କୌଣସି ଚାପ ପଡ଼ିବାକୁ ଦିଏ ନାହିଁ। ଫଳରେ ହାର୍ଟ ଆଟାକ୍ ହେବାର ଆଶଙ୍କା ବହୁତ କମ୍ ଥାଏ। ଗାଜର ଶରୀରର ଓଜନକୁ ସନ୍ତୁଳିତ ରଖେ। ତା'ସହ ଏଥିରେ ଫାଇବର୍ ପ୍ରଚୁର ପରିମାଣରେ ରହିଛି। କଞ୍ଚା ଗାଜର ଖାଇବା ଦ୍ୱାରା ଆମ ଶରୀରକୁ ଅନେକ ଉପକାର ମିଳିଥାଏ। ଗାଜର ସୁପ୍ ଆମ ପାଇଁ ବେଶ୍ ଉପକାରୀ। ତେଣୁ ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଗାଜରରେ ଅନେକ ପ୍ରକାର ଭିଟାମିନ୍ ମଧ୍ୟ ଭରି ରହିଛି।




# ସୁନୀତା ଉଇଲିୟମ୍ସଙ୍କ ପୃଥିବୀ ପ୍ରତ୍ୟାବର୍ତ୍ତନ: ଆଶା ଓ ଆଶଙ୍କା

(ଶେଷ ଭାଗ)

ସୁତରାଂ ଯାହା ଥିଲା ମାତ୍ର ୮ ଦିନ କାଳର ଏକ ସଂକ୍ଷିପ୍ତ ଅଭିଯାନ ତାହା ଏବେ ପ୍ରଯୁକ୍ତିଗତ ତ୍ରୁଟି ଜନିତ କାରଣରୁ କିଛି ମାସ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବାକୁ ଯାଉଛି। ତେବେ ପ୍ରଶ୍ନ ହେଉଛି, ଅଟକି ରହିଥିବା ମହାକାଶଚାରୀଙ୍କ ରହଣିସ୍ଥଳୀ ସ୍ପେସ୍ ଷ୍ଟେଶନରେ ଏତେ ଦିନ ପାଇଁ ଖାଦ୍ୟ, ପାନୀୟ ଜଳ, ଔଷଧ ଆଦି ଅତ୍ୟାବଶ୍ୟକ ପଦାର୍ଥ ମହଜୁଦ ଅଛି କି? ଉତ୍ତର 'ଅଛି' ବୋଲି ଧରାଯିବ; କାରଣ ନିୟମିତ ସମୟ ବ୍ୟବଧାନରେ ଉଭୟ ରୁଷିଆ ଓ ଆମେରିକାର ମହାକାଶଯାନଗୁଡ଼ିକ ପୃଥିବୀରୁ ବିଭିନ୍ନ ଯୋଗାଣ ସାମଗ୍ରୀ ନେଇ ସ୍ପେସ ଷ୍ଟେଶନ ସହିତ ସଂଲଗ୍ନ ହୋଇଥାନ୍ତି। ନିକଟରେ ରୁଷିଆର ଏକ ମାଲବାହୀ ଯାନ 'ପ୍ରୋଗ୍ରେସ-୨୮' ବୈକାନୁର କେନ୍ଦ୍ରରୁ ଉତ୍କ୍ଷେପଣ ହୋଇ ପ୍ରାୟ ୩ ଟନ୍ ଓଜନର ଖାଦ୍ୟସାମଗ୍ରୀ ଓ ଯନ୍ତ୍ରପାତି ନେଇ ସ୍ପେସ ଷ୍ଟେଶନରେ ପହଞ୍ଚିଛି। ସେହିପରି ସ୍ପେସ-ଏକ୍ସ କମ୍ପାନୀର ଅନ୍ୟ ଏକ ଯାନ 'ସିଗ୍ନସ' ନିଜର ଫାଲକନ୍-୯ ରକେଟ ଜରିଆରେ ଫ୍ଲୋରିଡାର କାନାଭେରାଲ କେନ୍ଦ୍ରରୁ ଜାନୁଆରୀ ୩୦ ତାରିଖରେ ଉତ୍କ୍ଷେପଣ ହୋଇ ପ୍ରାୟ ୮୨୦୦ ପାଉଣ୍ଡ ଓଜନର ଖାଦ୍ୟସାମଗ୍ରୀ, ପାନୀୟ ଜଳ, ଔଷଧ ଓ ଯନ୍ତ୍ରପାତି ନେଇ ସ୍ପେସ ଷ୍ଟେଶନରେ ସଂଲଗ୍ନ ହୋଇଛି। ସେଗୁଡ଼ିକ ଫେରିଲା ପଥରେ ସ୍ପେସ ଷ୍ଟେଶନରୁ ସଂଗୃହୀତ ଯାତ୍ରୀମାନଙ୍କ ବର୍ଜ୍ୟବସ୍ତୁ ଓ ଆବର୍ଜନା ସାଙ୍ଗରେ ଧରି ପୃଥିବୀକୁ ଫେରିବେ। ଫେରନ୍ତା ଯାତ୍ରାବେଳେ ଏହି ଆବର୍ଜନାସବୁକୁ ପୃଥିବୀକୁ ନଆଣି ମହାକାଶରେ ନିରାପଦ ଭାବେ ଫିଙ୍ଗି ଦିଆଯିବ ଯାହା ସମୟକ୍ରମେ ପୃଥିବୀ ଆଡ଼କୁ ଗତିକରି ପୃଥିବୀର ବାୟୁମଣ୍ଡଳ ଜନିତ ଘର୍ଷଣରେ ସମ୍ପୂର୍ଣ୍ଣ ଜଳିଯିବ। ମହାକାଶଚାରୀମାନଙ୍କ ସୁଖଦ ରହଣି ନିମନ୍ତେ ସ୍ପେସ ଷ୍ଟେଶନରେ ଜିମ୍ ସମେତ ଅନେକ ସୁବିଧା ଉପଲବ୍ଧ ଅଛି। ଏହି ଜିମ୍‌ରେ ସେମାନେ ନିୟମିତ ବ୍ୟାୟାମ କରି ନିଜ ଶରୀରକୁ ସକ୍ରିୟ ରଖିପାରିବେ। ସ୍ପେସ୍ ଷ୍ଟେଶନ୍‌ରେ ମଧ୍ୟ ଟେଲିଭିଜନର ସୁବିଧା ରହିଛି, ଯେଉଁଥିରେ ସେମାନେ ନିଜ ମନମୁତାବକ ଚଳଚ୍ଚିତ୍ର ଦେଖି ପାରିବେ। ଏହାଛଡ଼ା ସେଠାରେ ମଧ୍ୟ ମ୍ୟୁଜିକ ସିଷ୍ଟମ, ଡିଭିଡି ପ୍ଲେୟର୍, ୱାଇଫାଇ ଜରିଆରେ ଇଣ୍ଟରନେଟ ସେବା ଯୋଗାଣ ତଥା ଡିଜିଟାଲ ଲାଇବ୍ରେରିର ମଧ୍ୟ ସୁବିଧା ଅଛି ଯାହାର ଉପଯୋଗ ଦ୍ୱାରା ମହାକାଶଯାତ୍ରୀମାନେ ମହାକାଶରେ ଦୀର୍ଘ ଦିନ ରହଣିକାଳ ମଧ୍ୟରେ ନିଃସଙ୍ଗତା ଭୁଲି ନିଜର ମାନସିକ ସ୍ୱାସ୍ଥ୍ୟ ବଜାୟ ରଖିପାରିବେ।

ସୁନୀତା ଓ ୱିଲମୋର୍ ମହାକାଶରେ ନିଜର ସମ୍ପ୍ରସାରିତ ରହଣିକାଳ ମଧ୍ୟରେ ଫାଙ୍କା ନ ବସି ମହାକାଶରେ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ନିରୀକ୍ଷା କରିବା ସହିତ ସ୍ପେସ୍ ଷ୍ଟେଶନର ରକ୍ଷଣାବେକ୍ଷଣ କାର୍ଯ୍ୟରେ ସହାୟତା ପ୍ରଦାନ କରିବେ। ଏ ପରୀକ୍ଷାଗୁଡ଼ିକ ମଧ୍ୟରେ ମହାକାଶର ଭାରଶୂନ୍ୟ ପରିସ୍ଥିତି ଶରୀରର ସହନଶୀଳତା ତଥା ମହାକାଶରେ ଦୀର୍ଘଦିନ ରହଣିର ଜୀବନ ଉପରେ ପ୍ରଭାବ ଇତ୍ୟାଦି ଅନୁଧ୍ୟାନ ସାମିଲ ହେବ, ଯାହା ପରବର୍ତ୍ତୀ ସମୟରେ ମହାକାଶରେ ମଣିଷର ସ୍ଥାୟୀ ବସତି ସ୍ଥାପନର ଯୋଜନାରେ ସହାୟକ ହେବ। ପୂର୍ବରୁ ସୁନୀତାଙ୍କର ମହାକାଶରେ ୩୦୦ରୁ ଉର୍ଦ୍ଧ୍ୱ ଦିନ ଅବସ୍ଥାନ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଭିଯାନରେ ଅଂଶଗ୍ରହଣ କରିବାର ଦୀର୍ଘ ଅନୁଭୂତି ରହିଛି।




-ନିକୁଞ୍ଜ ବିହାରୀ ସାହୁ, ଏଜୁକେସନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୯୭୪

# ଶାମିଙ୍କ ପ୍ରତ୍ୟାବର୍ତ୍ତନ ନେଇ ସନ୍ଦେହ

**ଆଡିଲେଡ୍, ୮।୧୨ (ପି.ଟି.):** ଟେଷ୍ଟ କ୍ରିକେଟକୁ ମହମ୍ମଦ ଶାମିଙ୍କ ପ୍ରତ୍ୟାବର୍ତ୍ତନରେ ପୁଣି ବିଳମ୍ବ ଘଟିପାରେ। ସାତୋଟି ସୟଦ ମୁସ୍ତାକ ଅଲି ଟ୍ରଫି ଗେମ୍ ଖେଳିବା ପରେ ସିନିୟର ସ୍ୱିଙ୍ଗ୍‌ଷ୍ଟରଙ୍କ ଆଣ୍ଠୁ ସାମାନ୍ୟ ଫୁଲିଯାଇଛି ବୋଲି ଭାରତ ଅଧିନାୟକ ରୋହିତ ଶର୍ମା ସୂଚନା ଦେଇଛନ୍ତି। ଶାମିଙ୍କ କ୍ରିକେଟ କିଟ୍ ଓ ଅଷ୍ଟ୍ରେଲୀୟ ଭିଜା ପ୍ରସ୍ତୁତ ହୋଇସାରିଛି। ତେଣୁ ସେ ଯଥାଶୀଘ୍ର ଅଷ୍ଟ୍ରେଲିଆ ଯାଇ ଦଳ ସହିତ ଯୋଗଦେଇପାରନ୍ତି ବୋଲି ରିପୋର୍ଟରେ ପ୍ରକାଶ ପାଇଥିଲା। ମାତ୍ର ମ୍ୟାଚ ପରେ ଏକ ଖବରଦାତା ସମ୍ମିଳନୀରେ ରୋହିତଙ୍କ ବକ୍ତବ୍ୟ ଶାମିଙ୍କ ଅଷ୍ଟ୍ରେଲିଆ ଗସ୍ତକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଶାମିଙ୍କ ପ୍ରତ୍ୟାବର୍ତ୍ତନ ସମ୍ଭାବନାକୁ ନେଇ ଖବରଦାତାମାନେ ଭାରତୀୟ ଅଧିନାୟକଙ୍କୁ ପ୍ରଶ୍ନ କରିବାରୁ ସେ ସତର୍କତାର ସହ ଉତ୍ତର ଦେଇଛନ୍ତି ଏହି ସ୍ୱିଡଷ୍ଟରଙ୍କ ପାଇଁ ପଥ ଉନ୍ମୁକ୍ତ ରହିଛି। ସୟଦ ମୁସ୍ତାକ ଅଲି ଟି୨୦ ଖେଳୁଥିବା ବେଳେ ଆମେ ଏହି ସ୍ୱିଡଷ୍ଟରଙ୍କ ଉପରେ ନଜର ରଖିଥିଲୁ। ତାଙ୍କ ଆଣ୍ଠୁ କିଛି ପରିମାଣରେ ଫୁଲିଯାଇଛି। ଫଳତଃ ସେ ଏକ ଟେଷ୍ଟ ମ୍ୟାଚ ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ ନାହିଁ। ସେ ଯଥେଷ୍ଟ ଯତ୍ନଶୀଳ ହେବା ଉଚିତ ବୋଲି ଭାରତୀୟ ଅଧିନାୟକ ମ୍ୟାଚ ପରେ କହିଛନ୍ତି।

# ଓଡ଼ିଶା ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଲେ ଜୟରାମ

**ଜାତୀୟ ଜୁନିୟର ଆଥଲେଟିକ୍ସ**

**ଭୁବନେଶ୍ୱର, ୮।୧୨ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୩୯ତମ ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶା ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଦଣ୍ଡପତି ଏମ୍. ଜୟରାମ। ରବିବାର ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ପୁରୁଷ ୧୦୦ ମିଟର ଇଭେଣ୍ଟରେ ଜୟରାମ ୧୦.୫୦ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ମହାରାଷ୍ଟ୍ରର ଲୌକିକ୍ ମେଲଗେ ୧୦.୫୨ ସେକେଣ୍ଡ ସହ ରୌପ୍ୟ ଓ ହର୍ଷ ରାଉତ ୧୦.୭୫ ସେକେଣ୍ଡ ସହିତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଓ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ୨୦ ବର୍ଷରୁ କମ୍ ପୁରୁଷ ୪x୧୦୦ ମିଟର ପୁରୁଷ ରିଲେ ରେସ୍‌ର ଫାଇନାଲରେ ଓଡ଼ିଶା ପ୍ରବେଶ କରିଛି। ମହେନ୍ଦ୍ର ଶାନ୍ତା, ଡି. ଜୟରାମ, ଆସ୍ତିକ ପ୍ରଧାନ ଓ ରାଜେନ୍ଦ୍ର ସାହୁଙ୍କୁ ନେଇ ଗଠିତ ଓଡ଼ିଶା ଦଳ ହିଟ୍-୨ରେ ୪୧.୩୪ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହିବାସହ ଫାଇନାଲ ପାଇଁ ଯୋଗ୍ୟତା ପାଇଛି। ସ୍ୱର୍ଣ୍ଣପଦକ ବିଜୟୀ ଜୟରାମଙ୍କୁ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅଭିନନ୍ଦନ ଜଣାଇଛନ୍ତି।



ପୋଡିୟମ ଉପରେ ପଦକ ସହ ଡି. ଜୟରାମ (ବାମରୁ ତୃତୀୟ)।

ଅନ୍ୟ ଇଭେଣ୍ଟ ଗୁଡ଼ିକ ମଧ୍ୟରେ ୨୦ ବର୍ଷରୁ କମ୍ ଜୁନିୟର ମହିଳା ୧୦୦୦୦ ମିଟର ରେସ୍ ୱାକ୍‌ରେ ହରିୟାଣାର ଆରତୀ (୪୭:୨୧.୬୮ ସେକେଣ୍ଡ), ୧୮ ବର୍ଷରୁ କମ୍ ପୁରୁଷ ୫୦୦୦ ମିଟର ରେସ୍ ୱାକ୍‌ରେ ଉତ୍ତର ପ୍ରଦେଶର ନୀତୀନ ଗୁପ୍ତା (୨୦:୦୧.୬୪), ୧୬ ବର୍ଷରୁ କମ୍ ବାଳିକା ଶଟ୍‌ପୁଟ୍ ୩ କେଜି ଷ୍ଟାଣ୍ଡିଂରେ ପଞ୍ଜାବର ଜସମିନ କୌର (୧୩.୦୦ ମିଟର), ୨୦ ବର୍ଷରୁ କମ୍ ମହିଳା ହାମର ଥ୍ରୋରେ ଉତ୍ତର ପ୍ରଦେଶର ଆଂଶିକା ସିଂ (୫୨.୭୨), ୨୦ ବର୍ଷରୁ କମ୍ ପୁରୁଷ ହାମର ଥ୍ରୋରେ ପଞ୍ଜାବର ପରମବୀର ସିଂ (୬୮.୦୩), ୨୦ ବର୍ଷରୁ କମ୍ ମହିଳା ପୋଲଭଲ୍ଟରେ ବଂଶିକା ଘାଙ୍ଗ (୩.୭୬), ୧୮ ବର୍ଷରୁ କମ୍ ମହିଳା ହାଇଜମ୍ପରେ ହରିୟାଣାର ପୂଜା (୧.୮୨), ୧୮ ବର୍ଷରୁ କମ୍ ପୁରୁଷ ଡିସ୍କସ୍ ଥ୍ରୋରେ ମଧ୍ୟପ୍ରଦେଶର ହେମନ୍ତ ରଘୁବଂଶୀ (୫୭.୯୮ ମିଟର), ୨୦ ବର୍ଷରୁ କମ୍ ମହିଳା ୧୦୦ ମିଟର ରେସ୍‌ରେ ଗୁଜରାଟର ସାକ୍ଷୀ ଚଭନ (୧୧.୮୬ ମିନିଟ), ୧୮ ବର୍ଷରୁ କମ୍ ମହିଳା ୧୦୦ ମିଟରରେ ତାମିଲନାଡୁର ଅବିନୟା ରାଜାରାଜନ (୧୧.୬୬) ଓ ପୁରୁଷରେ ମହାରାଷ୍ଟ୍ରର ଆଦି ପୂଜାରି (୧୦.୭୪ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

**ବିଶ୍ୱ ଚେସ୍ ଚାମ୍ପିୟନଶିପ୍**

# ଗୁକେଶ ଟାଇଟଲର ନିକଟତର

**ସିଙ୍ଗାପୁର, ୮।୧୨ (ପି.ଟି.)**

ଏଠାରେ ଚାଲିଥିବା ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ରେ ଟାଇଟଲର ନିକଟତର ହୋଇଛନ୍ତି ଭାରତର ଡି. ଗୁକେଶ। ରବିବାର ଅନୁଷ୍ଠିତ ୧୧ଶ ରାଉଣ୍ଡ ମ୍ୟାଚରେ ସେ ଡିଫେଣ୍ଡିଂ ଚାମ୍ପିୟନ ଚାଇନାର ଡିଙ୍ଗ ଲିରେନଙ୍କୁ ହରାଇ ଏ ଦିଗରେ ଗୋଟିଏ ପାଦ ଆଗକୁ ବଢ଼ିଛନ୍ତି। ୧୧ ରାଉଣ୍ଡ ଶେଷସୁଦ୍ଧା ଗୁକେଶ ୬-୫ରେ ଅଗ୍ରଣୀ ହାସଲ କରିଛନ୍ତି। ପ୍ରତିଯୋଗିତାରେ ମୋଟ ୧୪ ରାଉଣ୍ଡ ଖେଳ ଅନୁଷ୍ଠିତ ହେବ। ଏହି କ୍ଲାସିକାଲ ଫର୍ମାଟ ମୁକାବିଲାରେ ଯେଉଁ ପ୍ରତିଯୋଗୀ ପ୍ରଥମେ ୭.୫ ପଏଣ୍ଟରେ ପହଞ୍ଚିବେ ସେ ଚାମ୍ପିୟନ ହେବେ। ୧୦ମ ରାଉଣ୍ଡ ଶେଷସୁଦ୍ଧା ଉଭୟ ଖେଳାଳିଙ୍କ ପଏଣ୍ଟ ୫-୫ ସ୍ଥିତିରେ ରହିଥିଲା। ଲିରେନ ପ୍ରଥମ ରାଉଣ୍ଡ ଜିତିଥିବାବେଳେ ଗୁକେଶ ତୃତୀୟ ରାଉଣ୍ଡରେ ବିଜୟ ହାସଲ କରିଥିଲେ। ଏହାପରେ ସମସ୍ତ ରାଉଣ୍ଡ ଖେଳ କ୍ରମାଗତ ଡ୍ର ରହି ଆସୁଥିଲା। ପ୍ରତିଯୋଗିତାରେ ଆଉ ୩ ରାଉଣ୍ଡ ଖେଳ ବାକି ରହିଛି।

# ନିପୁନ, ଧୋବଣୀ, ଅମିତ, ଅର୍ଚ୍ଚିତା ଚାମ୍ପିୟନ

**ରାଜ୍ୟ ବଧିର ଚେସ୍**

**ଭୁବନେଶ୍ୱର, ୮।୧୨ (ତପନ ସ୍ୱାଇଁ)**

ତୁଳସୀପୁରସ୍ଥିତ କଟକ ଜିଲା ବଧିର ସଂଘ କାର୍ଯ୍ୟାଳୟରେ ରବିବାର ୨୪ତମ ରାଜ୍ୟ ବଧିର ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାର ପୁରୁଷ ବିଭାଗରେ ନିପୁନ ଆଦିତ୍ୟ ମହାନ୍ତି, ମହିଳାରେ ଧୋବଣୀ ପାତ୍ର, ବାଳକରେ ଅବିତ ବାଗ୍ ଓ ବାଳିକାରେ ଅର୍ଚ୍ଚିତା ଦେହୁରି ଚାମ୍ପିୟନ ହୋଇଛନ୍ତି। ଖୋର୍ଦ୍ଧା ଦଳଗତ ଚାମ୍ପିୟନ ହୋଇଥିବାବେଳେ ବଲାଙ୍ଗୀର ରନରଅପ୍ ଓ କଟକ ଦଳ ତୃତୀୟ ସ୍ଥାନ ଅଧିକାର କରିଛି। ରାଜ୍ୟ ବଧିର ସଂଘ ଓ କଟକ ଜିଲା ବଧିର ସଂଘ ଆନୁକୂଲ୍ୟରେ ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାର ପୁରୁଷ ବିଭାଗରେ ବବ୍‌ଲୁ କୁମାର ପଟେଲ, ସଞ୍ଜୟ ମହାପାତ୍ର, ପଲୁରି ଯର୍କତ ରାଓ, ସୁଶାନ୍ତ ସାହୁ ଓ ସଫୁର ରେହେମାନ ଆଜାଦ ଯଥାକ୍ରମେ ଦ୍ୱିତୀୟରୁ ୬ଷ୍ଠ ସ୍ଥାନ ପାଇଥିବାବେଳେ ମହିଳାରେ ବନାନୀ ମୁଖାର୍ଜୀ ୨ୟ, ରତନୀ ସାହୁ ୩ୟ, ବାଳକରେ ଅଭିମନ୍ୟୁ ସାମଲ ୨ୟ, ଆଦିତ୍ୟ କୁମାର ଜେନା ୩ୟ ଏବଂ ବାଳିକାରେ ରୀନାରାଣୀ ସାହୁ ୨ୟ ଓ ଲକ୍ଷ୍ମୀ ଟାଙ୍ଗୀ ୩ୟସ୍ଥାନ ଅଧିକାର କରିଥିଲେ। ଏହି ସମସ୍ତ ପ୍ରତିଯୋଗୀ ୨୦୨୫ ଜାନୁଆରୀ ୫ରୁ ୯ ପର୍ଯ୍ୟନ୍ତ କର୍ଣାଟକର ମହୀଶୂରଠାରେ ହେବାକୁଥିବା ୨୫ତମ ଜାତୀୟ ବଧିର ଚେସ୍‌ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ ବୋଲି କଟକ ଜିଲା ସଂଘ ସମ୍ପାଦକ ଜୀତେନ୍ଦ୍ର ନନ୍ଦ ପ୍ରକାଶ କରିଛନ୍ତି। ଓଡ଼ିଶା ବଧିର କ୍ରୀଡ଼ା ପରିଷଦ ସଭାପତି ଅସିତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କଟକ ଜିଲା ବଧିର ସଂଘ ଚେୟାରମ୍ୟାନ ସଞ୍ଜୟ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ଚେସ୍ ପ୍ରଶିକ୍ଷକ ତଥା ଏସ୍‌ଆର ଚେସ୍ ସେଣ୍ଟର ସମ୍ପାଦକ ସତ୍ୟ ରଞ୍ଜନ ପଟ୍ଟନାୟକ, ରାଜ୍ୟ ବଧିର ସଂଘ ସଭାପତି ଏସ.ଏନ. ବହିଦାର, ସାଧାରଣ ସମ୍ପାଦକ ନିରଞ୍ଜନ ଜୋଶୀ, ଖୋର୍ଦ୍ଧା ଜିଲା ସମ୍ପାଦକ ପ୍ରଦୀପ୍ତ ହୋତା ଓ ଦିଲୀପ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାକୁ ସତ୍ୟ ରଞ୍ଜନ ପଟ୍ଟନାୟକ ଓ ବରିଷ୍ଠ କୋଚ୍ ଅବିନାଶ ଦାସ ପରିଚାଳନା କରିଥିଲେ।


କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ଫାଇନାଲରେ ଭାରତ ପରାସ୍ତ

**ଦୁବାଇ ୮।୧୨ (ପି.ଟି.):** ବ୍ୟାଟିଂ ବିଫଳତା ପାଇଁ ୧୯ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଭାରତ ୫୯ ରନରେ ବାଂଲାଦେଶଠାରୁ ହାରିଯାଇଛି। ବୋଲରମାନଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ବାଂଲାଦେଶର ସ୍କୋରକୁ ୧୯୮ରନରେ ସୀମିତ କରିପାରିଥିଲା ଭାରତ। ଟୁର୍ନାମେଣ୍ଟ ଓପନରରେ ପାକିସ୍ତାନଠାରୁ ପରାଜିତ ହେବା ପରେ ଭାରତ ଫାଇନାଲ ପର୍ଯ୍ୟନ୍ତ ଅନ୍ୟ ସମସ୍ତ ମ୍ୟାଚ ବ୍ୟାଟରମାନଙ୍କ ପ୍ରଭାବୀ ପ୍ରଦର୍ଶନରେ ବିଜୟୀ ହୋଇଥିଲା। ବାଂଲାଦେଶ ଦ୍ୱାରା ଧାର୍ଯ୍ୟ ବିଜୟ ଲକ୍ଷ୍ୟ ହାସଲ କରିବା ଭାରତ ପାଇଁ ସହଜ ମନେ ହୋଇଥିଲା। ମାତ୍ର ଗୁରୁତ୍ୱପୂର୍ଣ୍ଣ ଫାଇନାଲରେ ତାହା ଦେଖିବାକୁ ମିଳିନ ଥିଲା। ବାଂଲାଦେଶ ବୋଲର ଓ ଫିଲ୍ଡରମାନେ ଉଚ୍ଚକୋଟୀର ପ୍ରଦର୍ଶନ କରି ଚାପ ସୃଷ୍ଟି କରିବାରେ ସଫଳ ହୋଇଥିଲେ। ୧୯୯ ରନ ବିଜୟ ଲକ୍ଷ୍ୟର ପିଛା କରି ଭାରତ ୩୫.୨ ଓଭରରେ ୧୩୯ ରନ କରି ଅଲଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ଅଧିନାୟକ ଅହମ୍ମଦ ଅମନ ୨୬ ଓ ହାର୍ଦ୍ଦିକ ରାଜ ୨୪ ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ଇନିଂସ: ୪୯.୧ ଓଭରରେ ୧୯୮ (ରିଜାନ ହୋସାନ-୪୭, ମହମ୍ମଦ ସିହାବ୍ ଜେମ୍ସ-୪୦, ଫରିଦ ହସନ-୩୯ ; ଯୁଦ୍ଧଜିତ୍ ଗୁହା-୨/୨୯, ହାର୍ଦ୍ଦିକ ରାଜ୍-୨/୪୧, ଚେତନ ଶର୍ମା-୨/୪୮)। ଭାରତ ଇନିଂସ: ୩୫.୨ ଓଭରରେ ୧୩୯ (ମହମଦ ଅମନ-୨୬, ହାର୍ଦ୍ଦିକ ରାଜ-୨୪, କେ.ପି. କାର୍ତ୍ତିକେୟ-୨୧ ; ଅଜିଜୁଲ ହାକିମ-୩/୮, ଇକ୍‌ବଲ ହୋସେନ ଅମନ-୩/୨୪, ଅଲ୍ ଫାହାଦ-୨/୨୪)।

# ଆର୍ଯ୍ୟମ, ଇରାମଦ, ସାଇ, ଆୟୁଷ୍ମାନ ବିଜେତା


ବିଭିନ୍ନ ବର୍ଗରେ ପୁରସ୍କାରପ୍ରାପ୍ତ କୃତୀ ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୮।୧୨ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ୩ୟ ପ୍ରସନ୍ନ କୁମାର ମଲିକ ସ୍ମାରକୀ ଚିଲ୍‌ଡ୍ରେନ୍ସ ଓପନ ଚେସ୍ ଅନୁଷ୍ଠିତ ହୋଇଯାଇଛି। ଏହାର ବିଭିନ୍ନ ବର୍ଗରେ ଯଥାକ୍ରମେ ଆର୍ଯ୍ୟମ ପ୍ରଧାନ, ଇରାମଦ ରାଉତ, ସାଇ ରଞ୍ଜନ ମିଶ୍ର ଓ ଆୟୁଷ୍ମାନ ବେହେରା ଚାମ୍ପିୟନ ହୋଇଛନ୍ତି। ୭ ବର୍ଷରୁ କମ୍ ବର୍ଗରେ ଆର୍ଯ୍ୟମଙ୍କ ବ୍ୟତୀତ ଅନନ୍ୟା ଅନ୍ୱେଷା ମିଶ୍ର, ଆଦି ଆୟୁଷ୍ମାନ ମହାପାତ୍ର, ସାଇ ଆୟାନକ ସାହୁ, ରିୟାଂଶ ରାଜ ଏବଂ ୯ ବର୍ଷରୁ କମ୍‌ରେ ଇରାମଦଙ୍କ ପଛକୁ ରହି ଯଶଶ୍ରୀ ସ୍ୱାଇଁ, ଆରାଧ୍ୟା ପ୍ରଧାନ, ଆଦ୍ୟବୀର ସାହୁ ଓ ସିଦ୍ଧାର୍ଥ ଆଚାର୍ଯ୍ୟ ପୁରସ୍କୃତ ହୋଇଛନ୍ତି। ସେହିପରି ୧୧ ବର୍ଷରୁ କମ୍‌ରେ ସାଇଙ୍କ ସହିତ ଆୟାଂଶ ମିଶ୍ର, ସାଇ ଅକ୍ଷିତ ସାହୁ, ସାଇ କ୍ରିଷ୍ଣା ସାମଲ, ଶ୍ରୀୟାଂଶ ମହାପାତ୍ର ଏବଂ ୧୩ ବର୍ଷରୁ କମ୍‌ରେ ଆୟୁଷ୍ମାନଙ୍କ ସହ ସାତ୍ତ୍ୱିକ ତ୍ରିପାଠୀ, ସନ୍ନିଧି ଦାସ, ସ୍ୱୟଂ ସ୍ୱରୂପ ମହାନ୍ତି ଓ ଅନିଶ ପଣ୍ଡା ଟପ୍-୫ ଫିନିଶ୍ କରିଛନ୍ତି। ପ୍ରଦର୍ଶନଭିତ୍ତିରେ ଚେସ୍ ପ୍ରତିଭାଙ୍କୁ ଏଜ୍ ଗ୍ରୁପ୍ ଏବଂ ସ୍ୱତନ୍ତ୍ର ପୁରସ୍କାରରେ ମଧ୍ୟ ସମ୍ମାନିତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବାବେଳେ ଆଇଓସିଏଲ୍ ମ୍ୟାନେଜର (ଇଞ୍ଜିନିୟରିଂ) ଦେବକାନ୍ତ ମଲିକ, ରାଜ୍ୟ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ରାଜ୍ୟ ଅର୍ଥ ବିଭାଗର ଅଡିଟର ଦେବାଶିଷ ମଲିକ ଓ ସ୍ୱର୍ଗତ ପ୍ରସନ୍ନ କୁମାର ମଲିକଙ୍କ ଝିଅ ମନସ୍ୱିନୀ ରାଜ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଅଷ୍ଟ୍ରେଲିଆ ୧୦ ଉଇକେଟରେ ବିଜୟୀ

**ଦିବାରାତ୍ର ଟେଷ୍ଟ**

**ଆଡିଲେଡ୍, ୮।୧୨**

ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଭାରତ-ଅଷ୍ଟ୍ରେଲିଆ ଦିବାରାତ୍ର କ୍ରିକେଟ ଟେଷ୍ଟ ଅଢ଼େଇ ଦିନରେ ଶେଷ ହୋଇଛି। ଉଭୟ ବୋଲିଂ ଓ ବ୍ୟାଟିଂରେ ପ୍ରଭାବୀ ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ୧୦ ଉଇକେଟରେ ବିଜୟୀ ହୋଇଛି। ଫଳରେ ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଚାଲିଥିବା ୫ ମ୍ୟାଚ ବିଶିଷ୍ଟ ସିରିଜ ୧-୧ ସ୍ଥିତିରେ ରହିଛି। ଅଷ୍ଟ୍ରେଲିଆର ପ୍ରଥମ ଇନିଂସରେ ଶତକ (୧୪୦) ହାସଲ କରିଥିବା ଟ୍ରାଭିସ ହେଡ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଏଥିସହ ଦିବାରାତ୍ର କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲିଆର ଆଧିପତ୍ୟ ଅବ୍ୟାହତ ରହିଛି। ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ଖେଳିଥିବା ୧୩ଟି ପିଙ୍କ୍‌ବଲ୍ ଟେଷ୍ଟ ମଧ୍ୟରୁ ମାତ୍ର ଗୋଟିଏ ହାରିଛି ଏବଂ ୧୨ଟିରେ ବିଜୟ ହାସଲ କରିଛି। ବିଶେଷକରି ଆଡିଲେଡ୍‌ରେ ଏପର୍ଯ୍ୟନ୍ତ ଯେତେ ଦିବାରାତ୍ର ଟେଷ୍ଟ ହୋଇଛି ସବୁଥିରେ ଜିତିଛି। ଏହା ମଧ୍ୟରୁ ଗୋଟିଏରେ ଇନିଂସ ବିଜୟୀ ହୋଇଥିବାବେଳେ ୩ଟିରେ ୧୦୦ରୁ ଊର୍ଦ୍ଧ୍ୱ ରନରେ ଏବଂ ଅନ୍ୟ ୩ଟିରେ ୭ ଉଇକେଟରୁ ଊର୍ଦ୍ଧ୍ୱରେ ବିଜୟୀ ହୋଇଛି।

ରବିବାର ତୃତୀୟ ଦିବସରେ ମାତ୍ର ୧୬.୧ ଓଭର ଖେଳ ଅନୁଷ୍ଠିତ ହୋଇଥିଲା। ପୂର୍ବ ଦିନର ଅସମାପ୍ତ ସ୍କୋର ୧୨୮/୫ରୁ ଖେଳ ଆରମ୍ଭ କରିଥିବା ଭାରତ ତୃତୀୟ ଦିବସରେ ମାତ୍ର ୧୨.୫ ଓଭର ଖେଳି ଅବଶିଷ୍ଟ ୫ ଉଇକେଟ ହରାଇଥିଲା। ନୀତୀଶ କୁମାର ରେଡ୍ଡୀ ସର୍ବାଧିକ ୪୨ ରନ ସ୍କୋର କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଅଧିନାୟକ ପ୍ୟାଟ୍ କମିନ୍ସ ୫ ଉଇକେଟ ସଫଳତା ପାଇଥିବାବେଳେ ସ୍କଟ ବୋଲାଣ୍ଡ ୩ଟି ଓ ମିଚେଲ ଷ୍ଟାର୍କ ୨ଟି ଉଇକେଟ ନେଇଥିଲେ। ଭାରତ ଦ୍ୱିତୀୟ ଇନିଂସରେ ୧୭୫ ରନକରି ଅଲ୍‌ଆଉଟ ହୋଇଥିବାବେଳେ ୧୯ ରନର ବିଜୟ ଲକ୍ଷ୍ୟକୁ ଅଷ୍ଟ୍ରେଲିଆ କୌଣସି ଉଇକେଟ ନ ହରାଇ ୩.୨ ଓଭରରେ ସଂଗ୍ରହ କରି ନେଇଥିଲା। ନାଥାନ ମ୍ୟାକସ୍ୱିନି ୧୦ ଓ ଉସମାନ ଖ୍ୱାଜା ୯ ରନରେ ଅପରାଜିତ ରହିଥିଲେ।

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ଏହି ଟେଷ୍ଟ ୧୦୩୪ ବଲ୍ ବୋଲିଂ ସହ ଶେଷ ହୋଇଥିଲା। ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟେଷ୍ଟ ମଧ୍ୟରେ ଏହା ୪ର୍ଥ ଅଳ୍ପ ବଲ୍ ବୋଲିଂ ବିଶିଷ୍ଟ ମ୍ୟାଚ ଥିଲା। ୧୯୩୨ରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମେଲବୋର୍ନରେ ଅନୁଷ୍ଠିତ ଟେଷ୍ଟ ୬୫୬, ୨୦୨୨ରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବ୍ରିସବେନ୍‌ରେ ଅନୁଷ୍ଠିତ ଟେଷ୍ଟ ୮୬୬ ଓ ୧୮୯୫ରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ସିଡ୍‌ନୀରେ ଅନୁଷ୍ଠିତ ଟେଷ୍ଟ ୯୧୧ ବଲ୍ ବୋଲିଂ ହୋଇ ଶେଷ ହୋଇଯାଇଥିଲା। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତର ଏହାଥିଲା କ୍ରମାଗତ ୪ର୍ଥ ଟେଷ୍ଟ ପରାଜୟ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୧୮୦। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୩୭। ଭାରତ ଦ୍ୱିତୀୟ ଇନିଂସ: ୧୭୫/ଅଲ୍‌ଆଉଟ (ନୀତୀଶ କୁମାର ରେଡ୍ଡୀ-୪୨, ରିଷଭ ପନ୍ତ-୨୮, ଶୁବମନ ଗିଲ୍-୨୮, ପ୍ୟାଟ୍ କମିନ୍ସ-୫/୫୭, ସ୍କଟ ବୋଲାଣ୍ଡ-୩/୫୧, ମିଚେଲ ଷ୍ଟାର୍କ-୨/୬୦)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୯/୦।



ଅଷ୍ଟ୍ରେଲିଆ ଦଳର ସାଥୀ ଖେଳାଳିଙ୍କ ସହ ୫ ଉଇକେଟ ହାସଲକାରୀ ଅଧିନାୟକ ପ୍ୟାଟ୍ କମିନ୍ସ (ଡାହାଣ)।

# ମହିଳା କ୍ରିକେଟ: ଭାରତକୁ ହରାଇଲା ଅଷ୍ଟ୍ରେଲିଆ

**ବ୍ରିସବେନ୍, ୮।୧୨ (ପି.ଟି.)**

ଓପନର ଜର୍ଜିଆ ଭୋଲ (୧୦୧) ଓ ଏଲିସ୍ ପେରୀ (୧୦୫)ଙ୍କ ଚମତ୍କାର ଶତକ ସହାୟତାରେ ଅଷ୍ଟ୍ରେଲିଆ ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ମହିଳା କ୍ରିକେଟ ମ୍ୟାଚରେ ଭାରତକୁ ୧୨୨ ରନରେ ପରାସ୍ତ କରିଛି। ରବିବାର ଏହି ବିଜୟ ଦ୍ୱାରା ଅଷ୍ଟ୍ରେଲିଆ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ ଅଗ୍ରଣୀ ସହ ଆଗୁଆ ସିରିଜ କବ୍‌ଜା କରି ନେଇଛି। ଦୁଇ ଦଳ ମଧ୍ୟରେ ତୃତୀୟ ଦିନିକିଆ ବୁଧବାର ଖେଳାଯିବ। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ବିନିମୟରେ ବିଶାଳ ୩୭୧ ରନ କରିଥିଲା। ଆୟୋଜକ ଦଳ ପରେ ଭାରତକୁ ୪୪.୫ ଓଭରରେ ୨୪୯ ସ୍କୋରରେ ଅଲଆଉଟ କରି ଦେଇଥିଲା। ମ୍ୟାଚରେ ଭାରତର ପ୍ରଭାବହୀନ ବୋଲିଂରୁ ଅଷ୍ଟ୍ରେଲିଆ ଦଳ ପୂରା ଫାଇଦା ଉଠାଇଥିଲା। ଫୋଏବ୍ ଲିଚ୍‌ଫିଲ୍ଡ (୬୦) ଓ ଭୋଲ୍ ଓପନିଂ ପାର୍ଟନରଶିପ୍‌ରେ ୧୩୦ ରନ ଯୋଗ କରିଥିଲେ। ଭୋଲ୍ ପରେ ପେରୀଙ୍କ ସହ ଯୋଗ ଦେଇ ପାର୍ଟନରଶିପ୍‌ରେ ୯୨ରନ ଯୋଗ ଥିଲେ। ପେରୀ ଓ ବେଥ୍ ମୁନି (୫୬)ଙ୍କ ମଧ୍ୟରେ ୯୮ରନର ପାର୍ଟନରଶିପ୍ ହୋଇଥିଲା। ଭୋଲଙ୍କର ଏହା ଥିଲା ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ। ସେ ତାଙ୍କ ଶତକୀୟ ଇନିଂସରେ ୮୭ ବଲ୍ ସାମ୍ନା କରିବା ସହ ୧୨ ଚୌକା ଲଗାଇଥିବାବେଳେ ପେରୀ ତାଙ୍କ ୭୫ ବଲ୍‌ର ଇନିଂସରେ ୭ ଚୌକା ଓ ୬ ଛକା ଲଗାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ମହିଳା ଦଳ: ୫୦ ଓଭରରେ ୩୭୧/୮ (ଏଲିସ ପେରୀ-୧୦୫, ଜର୍ଜିଆ ଭୋଲ୍-୧୦୧, ଫୋବ୍ ଲିଚ୍‌ଫିଲ୍ଡ-୬୦, ବେଥ୍ ମୁନି-୫୬ ; ସାଇମା ଠାକୁର-୩/୬୨, ମିନୁ ମାନି-୨/୭୧)। ଭାରତ ମହିଳା ଦଳ: ୪୪.୫ ଓଭରରେ ୨୪୯ (ରିଚା ଘୋଷ-୫୪, ମିନୁମାନି-୪୬*, ଜେମିମା ରୋଡ୍ରିଗ୍ସ-୪୩ ; ଆନାବେଲ ସଦରଲାଣ୍ଡ-୪/୩୯)।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ